# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୮/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, January 28/ 2019 | ★★★★★★

୪୫ଶ ଭାଗ ୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**'ରାମ ଲଖନ୍' ପାଇଁ ନାଚିଲେ ମାଧୁରୀ**

ଲୋକପ୍ରିୟ ସିନେମା 'ରାମ ଲଖନ୍'ର ୩୦ବର୍ଷ ପୂର୍ତ୍ତି ପାଳନ ଅବସରରେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ପୂର୍ବ ସ୍ମୃତି ମନେପକାଇ ନୃତ୍ୟ କରିଛନ୍ତି।

୦୭

୧୯

**ଜୋକୋଭିଚ୍‌ଙ୍କୁ ରେକର୍ଡ ଟାଇଟଲ**

ସର୍ବିୟାର ନୋଭାକ ଜୋକୋଭିଚ୍ ୭ଥର ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଟେନିସ ଟାଇଟଲ ଜିତି ରେକର୍ଡ ପ୍ରତିଷ୍ଠା କରିଛନ୍ତି।



# ଗଞ୍ଜାମ ଭାଗଚାଷୀଙ୍କୁ 'କାଳିଆ' ଟଙ୍କା

- ୧୪,୫୩୧ ହିତାଧିକାରୀ ଉପକୃତ
- ୧୦୧୧ କୋଟି ଟଙ୍କା ପ୍ରକଳ୍ପର ଭୂମିପୂଜା, ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର ଅଫିସ୍,୨୭।୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ଆୟୋଜିତ ବିଶାଳ କୃଷକ ସମାବେଶରେ ଯୋଗଦେଇଥିଲେ। ଏହି ଅବସରରେ ସେ 'କାଳିଆ' ଯୋଜନାରେ ଭାଗଚାଷୀଙ୍କୁ ସହାୟତା ଟଙ୍କା ବଣ୍ଟନ କରିଥିଲେ। ଓଡ଼ିଶାର ମୋଟ ୫୭୬୧୪ ଜଣ ଭାଗଚାଷୀଙ୍କ ମଧ୍ୟରୁ ଗଞ୍ଜାମ ଜିଲାର ୧୪ ହଜାର ୫୩୧ଚାଷୀ ଏହାଦ୍ୱାରା ଉପକୃତ ହେବେ। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୫ହଜାର ଟଙ୍କା ଲେଖାଏ ପ୍ରେରଣ କରାଯାଇଛି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସୁଇଚ୍ ଟିପି ଟଙ୍କା ପ୍ରେରଣ କରିଥିଲେ। ଏଥିସହ ୭୧୬କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ୪୮ ପ୍ରକଳ୍ପର ଭୂମିପୂଜା ଏବଂ ୨୯୫କୋଟି ଟଙ୍କାରେ ନିର୍ମିତ ୨୩୧ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ।

ଉପସ୍ଥିତ ଚାଷୀଙ୍କୁ ଏକ ଭିଡ଼ିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ, ୧୯୯୯ ମହାବାତ୍ୟା ଓଡ଼ିଶାର ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଚାଷବାସ ସବୁ ନଷ୍ଟ ହୋଇଯାଇଥିଲା। ୨୦୦୦ରେ ମୁଖ୍ୟମନ୍ତ୍ରୀ ହେବା ପରେ ଆଗରେ ଥିଲା ଅନେକ ଆହ୍ୱାନ। ସେହି ସମୟରେ ରିଲିଫ୍ ଦେବାକୁ ମଧ୍ୟ ଚାଉଳ ନ ଥିଲା। କେନ୍ଦ୍ରକୁ ଫୋନ୍ କରିବାକୁ ପଡୁଥିଲା। ଚାଉଳ ଆଣିବା ପାଇଁ ରେଳ ୱାଗନ୍ ମାଗିବାକୁ ପଡୁଥିଲା। ଅନ୍ୟ ରାଜ୍ୟର ବଳକା ଚାଉଳ ଆସିଲେ ଓଡ଼ିଶାରେ ରିଲିଫ୍ ବଣ୍ଟନ ହେଉଥିଲା। ଖାଦ୍ୟ ସୁରକ୍ଷାରେ ବଣ୍ଟନ ପାଇଁ ମଧ୍ୟ ଚାଉଳ ନ ଥିଲା। ଏଭଳି ସ୍ଥିତିରେ ସଂକଳ୍ପ ନେଇଥିଲି। କାହା ଆଗରେ ହାତ ନ ପତେଇ ଯଥେଷ୍ଟ ଫସଲ ଅମଳ କରିବା। ୨୦୦୭ରୁ ସ୍ଥିତି ବଦଳିଲା। ଜଳସେଚନର ଉନ୍ନତି, ବୈଜ୍ଞାନିକ ଉପାୟରେ ଚାଷ ଏବଂ ସହଜରେ ଋଣ ମିଳିବା ଯୋଗୁ କୃଷି କ୍ଷେତ୍ରରେ ପରିବର୍ତ୍ତନ ଆସିଲା। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଚାଷୀଙ୍କ କଠିନ ପରିଶ୍ରମ ଯୋଗୁ ଖାଦ୍ୟ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହୋଇପାରିଛି। ଏପରିକି ଅନ୍ୟ ରାଜ୍ୟକୁ ଆମେ ଖାଦ୍ୟ ଯୋଗାଉଛୁ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଓଡ଼ିଶାର ଅଧିକ ଯୋଗଦାନ ରହିଛି। ଓଡ଼ିଶା ପାଞ୍ଚ ପାଞ୍ଚ ଥର କୃଷି କର୍ମଣ ପୁରସ୍କାର ଜିତିଛି। ଗତ ୪ବର୍ଷରେ ଜଳସେଚନ ପାଇଁ ୩୦ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୮ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଯାଇଛି। ସ୍ୱତନ୍ତ୍ର କୃଷି ବଜେଟ୍ ଏବଂ କୃଷି କ୍ୟାବିନେଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୦୧୪ରେ ୧୦ଲକ୍ଷ ହେକ୍ଟରରୁ ଅଧିକ ଚାଷଜମିକୁ ଜଳସେଚନ ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ☞ପୃଷ୍ଠା-୪



ମଞ୍ଚ ଉପରେ ଚାଷୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

■ ଗୁଣିଗାରେଡ଼ି ସନ୍ଦେହର କରୁଣ ପରିଣତି

# ପରିବାରର ୫ଜଣଙ୍କୁ ହତ୍ୟା

- ମା', ୪ ପିଲାଙ୍କ ମୃତଦେହ କୂଅରୁ ଉଦ୍ଧାର
- ୬ଜଣଙ୍କୁ ଅଟକ ରଖି ପୋଲିସର ପଚରାଉଚରା
- ହତ୍ୟାରେ ବ୍ୟବହୃତ ଶାବଳ, ଫାଉଡ଼ା ଜବତ

ଟେନ୍‌ସା, ୨୭।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ କୋଇଡା ଥାନା ଅନ୍ତର୍ଗତ ଇନ୍ଦୁପୁର ଗ୍ରାମ କନ୍ଦାସାହିରେ ଗୁଣିଗାରେଡି ସନ୍ଦେହର କରୁଣପରିଣତି ଦେଖିବାକୁ ମିଳିଛି। ଶୁକ୍ରବାର ରାତିରେ ଶୋଇଥିବାବେଳେ ଗୋଟିଏ ପରିବାରର ୫ଜଣଙ୍କୁ ହତ୍ୟା କରାଯାଇଛି। ଶନିବାର ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। କୂଅରୁ ମା'ଓ ୪ ସନ୍ତାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। କୋଇଡ଼ା ପୋଲିସ ଏହି ଘଟଣାରେ ରବିବାର ୬ଜଣଙ୍କୁ ଅଟକରଖି ପଚରାଉଚରା କରୁଛି। କୂଅ ଭିତରୁ ହତ୍ୟାରେ ବ୍ୟବହୃତ ଶାବଳ, ଫାଉଡ଼ା ଆଦି ଉଦ୍ଧାର ପରେ ଜବତ ହୋଇଛି। ମୃତଦେହଗୁଡ଼ିକ ବ୍ୟବଚ୍ଛେଦ ପାଇଁ କୋଇଡ଼ା ଡ଼ାକ୍ତରଖାନା ପଠାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ମାଙ୍ଗିରି ମୁଣ୍ଡା (୩୦), ତାଙ୍କ ବଡ଼ଝିଅ ମାର ମୁଣ୍ଡା (୧୦), ପୁଅ ଟେକଲା ମୁଣ୍ଡା (୭), ଚାମରା ମୁଣ୍ଡା (୪) ଓ ବର୍ଷକର ଝିଅ। ମାଙ୍ଗିରିଙ୍କ ସ୍ୱାମୀ ସୁଦାମ ଡମ୍ପର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ତେଣୁ ସେ ବେଳେ ବେଳେ ଘରକୁ ଆସିପାରନ୍ତି ନାହିଁ। ଶନିବାର ସକାଳେ ସେ ଘରକୁ ଫେରିଥିଲେ। ଘର କବାଟ ଭଙ୍ଗା ହୋଇଥିବା ଏବଂ ଭିତରେ ରକ୍ତର ଛିଟାଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସ୍ତ୍ରୀ ପିଲାମାନଙ୍କୁ ଦେଖି ନ ପାରି ଚାରିଆଡେ ଖୋଜାଖୋଜି କରିଥିଲେ। କିଛି ସନ୍ଧାନ ନ ପାଇବାରୁ ସେ କୋଇଡା ଥାନାରେ ଅଭିଯୋଗ କରିଥିଲେ। କୋଇଡା ଥାନା ଅଧିକାରୀ ସୁଶାନ୍ତ ଦାସ ସଦଳବଳ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରକ୍ତଛିଟା ପଡ଼ିଥିବା କୂଅ ପାଖକୁ ସନ୍ଧାନୀ କୁକୁର ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ କୂଅ ଭିତର ଜଳ ନିଷ୍କାସନ କରିବା ପରେ ଶନିବାର ବିଳମ୍ବିତ ରାତିରେ ୩ଟି ଓ ରବିବାର ସକାଳେ ୨ଟି ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ବଣାଇ ଏସ୍‌ଡିପିଓ ଅବକାଶ ରାଉତରାୟ, ରାଉରକେଲା ଏସ୍‌ପି ଉମାଶଙ୍କର ଦାଶ, ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ସୁଦାମଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ଗୁଣିଗାରେଡି ସନ୍ଦେହରେ ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ହତ୍ୟା କରାଯାଇଛି ବୋଲି ସୁଦାମ କହିଛନ୍ତି। ପୋଲିସ ମଧ୍ୟ ଗୁଣିଗାରେଡିସନ୍ଦେହରେ ଏଭଳିଘଟିଥିବା କହିଛି। ତେବେ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କୋଇଡା ଥାନା ଅଧିକାରୀ ସୁଶାନ୍ତ ଦାସ କହିଛନ୍ତି।


କୂଅରୁ ମୃତଦେହ ଉଦ୍ଧାର କରାଯାଉଛି।

ରାମଚନ୍ଦ୍ର ପ୍ରତିହାରୀଙ୍କ ପରଲୋକ | ଚୋକ୍‌ସିଙ୍କୁ ଭାରତ ପଠାଇବାକୁ ମନାକଲା ଆଣ୍ଟିଗୁଆ
ପୃଷ୍ଠା-୧୪

# ଆରପାରିରେ କଣ୍ଠଶିଳ୍ପୀ ଅର୍ଜୁନ ସାମଲ

ଭୁବନେଶ୍ୱର,୨୭।୧(ବ୍ୟୁରୋ)

ଲୋକପ୍ରିୟ ଓଡ଼ିଆ କଣ୍ଠଶିଳ୍ପୀ ତଥା ଜଣାଶୁଣା ସଙ୍ଗୀତଜ୍ଞ ଅର୍ଜୁନ ଚରଣ ସାମଲଙ୍କ ଶନିବାର ପରଲୋକ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ଭଜନ, ଛାନ୍ଦ ଓ ଜଣାଣ ଗାଇବାରେ ପ୍ରସିଦ୍ଧି ଅର୍ଜନ କରିଥିବା ଅର୍ଜୁନ କିଛିଦିନ ତଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ରାତି ପ୍ରାୟ ୮ଟା ୩୦ରେ ସେ ଚିରଦିନ ପାଇଁ ଆଖି ବୁଜିଦେଇଥିଲେ।


ଅର୍ଜୁନ ସାମଲ

ଯାଜପୁର ଜିଲା ଚିକଣା ପଞ୍ଚାୟତ ବ୍ରାହ୍ମଣୀ ଗାଁରେ ଜନ୍ମଗ୍ରହଣ କରିଥିବା ଅର୍ଜୁନ ଚରଣ ଲୋକପ୍ରିୟ କଣ୍ଠଶିଳ୍ପୀ ସାଙ୍ଗକୁ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଅଧିକାରୀ ଥିଲେ। ଅବସର ପରେ ମଧ ସେ ସଙ୍ଗୀତ ସାଧନା ଜାରି ରଖିଥିଲେ। ୧୯୭୮ରେ ରିଲିଜ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ସୁନା ସଂସାର'ର 'ମିଛ ମାୟା ଭରା ଏ ସାରା ଦୁନିଆ କେହି ନୁହେଁ ଆପଣାର' ଗୀତରେ କଣ୍ଠଦାନ କରି ଓଡ଼ିଶାର ଘରେ ଘରେ ପରିଚିତ ☞ପୃଷ୍ଠା-୪

■ ଆତଙ୍କବାଦୀଙ୍କ ସହ ଲଢ଼େଇ

# ଓଡ଼ିଆ ଯବାନ ଶହୀଦ


ହେମନ୍ତ କୁମାର ପଣ୍ଡା

ବେଗୁନିଆ,୨୭।୧ (ଡି.ଏନ.ଏ.)

ଏପଟେ ଦେଶବାସୀ ପାଳନ କରୁଥିଲେ ୭୦ତମ ସାଧାରଣତନ୍ତ୍ର ଦିବସ। ସେପଟେ ଦେଶର ସୁରକ୍ଷା ପାଇଁ ଆତଙ୍କବାଦୀଙ୍କ ସହ ଲଢୁଥିଲେ ଭାରତୀୟ ଯବାନ। ଶେଷରେ ଶନିବାର ଅପରାହ୍ନରେ ଆତଙ୍କବାଦୀଙ୍କ ଗୁଳିରେ ଶହୀଦ ହୋଇଥିଲେ ଓଡ଼ିଆ ଯବାନ ହେମନ୍ତ କୁମାର ପଣ୍ଡା (୨୫)। ହେମନ୍ତଙ୍କ ଘର ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ବୋତଲମା ପଞ୍ଚାୟତର ଅଠରାଙ୍ଗ ଗ୍ରାମରେ। ହେମନ୍ତ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ର ପାଇଁ ଶହୀଦ ହୋଇଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମ୍ମାନରେ ଅସମ୍ମାନିତ**

**ଆଜିର ମନ୍ତବ୍ୟ**

" ଯୁବପିଢ଼ି ଭୋଟ ଦେଇ ନ ପାରିଲେ ଦୁଃଖିତ ହେବା ଉଚିତ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ





SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com


NECC NATIONAL EGG CO-ORDINATION COMMITTEE | 27.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 81 | 133 | 143 |
| CTC | 82 | 135 | 145 |
| DKL | 81 | 133 | 143 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 82 | 135 | 145 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers






ଜଣେ ଉତ୍ତମ ପ୍ରଧାନମନ୍ତ୍ରୀ ହେବା ଲାଗି ସମସ୍ତ ଗୁଣ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କଠାରେ ରହିଛି। ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ପାଇଁ ଭାଜପା ପ୍ରଚାରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି।
-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା






# ଆଲୋଚନା ଟେବୁଲରେ ଆମେରିକା, ତାଲିବାନ

କାବୁଲ,୨୭।୧(ଏଏଫପି)

ଆଫଗାନିସ୍ତାନ ଉପରେ ଆମେରିକା ଆକ୍ରମଣର ୧୭ ବର୍ଷ ପରେ ୱାଶିଂଟନ ଏବଂ ତାଲିବାନ ନେତା ପରସ୍ପରର ନିକଟତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଶାନ୍ତି ଆଲୋଚନା ଲାଗି ଉଦ୍ୟମ ଆରମ୍ଭ ହୋଇଥିବାରୁ ଦେଶର ଭବିଷ୍ୟତକୁ ନେଇ ଆଶା ସଞ୍ଚାର ହୋଇଛି। କାତାର ଆଲୋଚନାରେ ଯଥେଷ୍ଟ ଅଗ୍ରଗତି ହୋଇଥିବା ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜାଲ୍‌ମେ ଖଲିଲଜାଦ୍ ଟୁଇଟ୍ କରିଛନ୍ତି। କାବୁଲ ଯାଇ ସେ ଆଫଗାନ ସରକାରୀ ଅଧିକାରୀଙ୍କ ସହ ପରାମର୍ଶ କରିବେ ବୋଲି କହିଛନ୍ତି। ଆଲୋଚନା ସଫଳ ହୋଇଥିବା ତାଲିବାନ ମଧ୍ୟ ସ୍ୱୀକାର କରିଛି। ତେବେ ସମାଧାନ ହୋଇପାରି ନ ଥିବା କେତେକ ପ୍ରସଙ୍ଗ ଉପରେ ଆଲୋଚନା ଜାରି ରହିବ ବୋଲି ତାଲିବାନ ମୁଖପାତ୍ର କହିଛନ୍ତି।

ଉଭୟଙ୍କ ମଧ୍ୟରେ ହେବାକୁ ଥିବା ବୁଝାମଣାରେ ଆଫଗାନିସ୍ତାନରୁ ଆମେରିକା ନେତୃତ୍ୱାଧୀନ ସେନା ପ୍ରତ୍ୟାହାର ପ୍ରସଙ୍ଗ ରହିଛି। ଆମେରିକା ସେନା ପ୍ରତ୍ୟାହାର ପରବର୍ତ୍ତୀ ପରିସ୍ଥିତି କ'ଣ ହେବ ତାକୁ ନେଇ ଆଶଙ୍କା ବଢ଼ିଚାଲିଥିଲା। ପୁଣିଥରେ ଦେଶରେ ରକ୍ତପାତ ହେବା ସହ ନିର୍ବାଚିତ ସରକାରରେ ପରିବର୍ତ୍ତନ ସମ୍ଭାବନା ସୃଷ୍ଟି ହୋଇଥିଲା।



ଆଫଗାନିସ୍ଥାନରେ ଆମେରିକା ନେତୃତ୍ୱାଧୀନ ସେନା।

ଗତ କିଛି ଦିନରେ ଆମେରିକା ଏବଂ ତାଲିବାନ ପ୍ରତିନିଧିଙ୍କ ମଧ୍ୟରେ ଏକାଧିକ ଆଲୋଚନା ହେଲାଣି। କାତାରରେ ୬ ଦିନ ଧରି ଚାଲିଥିବା ବୁଝାମଣା ବୈଠକ ଶନିବାର ଶେଷ ହୋଇଛି। ଆଲୋଚନାରେ ସାଉଦି ଆରବ, ୟୁଏଇ ଏବଂ ପାକିସ୍ତାନ ସାମିଲ ହୋଇଥିବାବେଳେ ଆଫଗାନ ସରକାର ସେମାନଙ୍କ ଉପସ୍ଥିତିକୁ ବିରୋଧ କରୁଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ଚାହୁଁଥିବାରୁ ଏହାକୁ ଆଲୋଚନାରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପ୍ରସ୍ତାବିତ ବୁଝାମଣା ଅନୁଯାୟୀ ଡିଲ୍ ସ୍ୱାକ୍ଷର ହେବାର ୧୮ ମାସ ମଧ୍ୟରେ ଆଫଗାନିସ୍ତାନରୁ ବିଦେଶୀ ସେନା ପ୍ରତ୍ୟାହୃତ ହେବେ। ଏଥିସହିତ ଅଲ୍-କାଏଦା ଏବଂ ଇସ୍‌ଲାମିକ ଷ୍ଟେଟ (ଆଇଏସ୍) ସଂଗଠନକୁ

- ୧୮ ମାସରେ ଫେରିଯିବେ ବିଦେଶୀ ସେନା
- ଅଲ୍‌କାଏଦା, ଆଇଏସ୍ ଆତଙ୍କବାଦୀଙ୍କୁ ଆଫଗାନ୍ ମାଟି ବ୍ୟବହାର କରିବାକୁ ଦିଆଯିବନି

ଆମେରିକା ବିରୋଧୀ କାର୍ଯ୍ୟରେ ଆଫଗାନିସ୍ତାନ ମାଟିକୁ ବ୍ୟବହାର କରିବାକୁ ଦିଆଯିବ ନାହିଁ। ୨୦୧୪ରୁ ଆଫଗାନିସ୍ତାନରୁ ବିଦେଶୀ ସେନା ପ୍ରତ୍ୟାହାର ଆରମ୍ଭ ହୋଇଥିଲା। ସେବେଠାରୁ ତାଲିବାନ ପୁଣି ଶକ୍ତିଶାଳୀ ହୋଇଛି। ଗତ ୪ ବର୍ଷ ମଧ୍ୟରେ ଆଫଗାନିସ୍ତାନର ୪୫ ହଜାର ସୈନ୍ୟ ତାଲିବାନ ଆକ୍ରମଣରେ ନିହତ ହୋଇଛନ୍ତି। ୧୫ ନିୟୁତ ବସବାସ କରୁଥିବା ଅଞ୍ଚଳ ତାଲିବାନ ନିୟନ୍ତ୍ରଣରେ ରହିଛି କିମ୍ବା ଉକ୍ତ ସଂଗଠନର ଆତଙ୍କବାଦୀମାନେ ସେଠାରେ ବିଭିନ୍ନ ସମୟରେ ଆକ୍ରମଣ ଜାରି ରଖିଛନ୍ତି। ତେଣୁ ବିଦେଶୀ ସେନା ସମ୍ପୂର୍ଣ୍ଣ ପ୍ରତ୍ୟାହୃତ ହେଲେ ଆଫଗାନ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡିବା ଆଶଙ୍କା କରାଯାଉଛି।

# ୨୯ରେ ହେବନି ଅଯୋଧ୍ୟା ଶୁଣାଣି

ନୂଆଦିଲ୍ଲୀ,୨୭।୧

ଆସନ୍ତା ୨୯ ତାରିଖରେ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଅଯୋଧ୍ୟା ଜମି ବିବାଦ ମାମଲାର ଶୁଣାଣି କରିବେ ନାହିଁ। ଜଷ୍ଟିସ୍ ଏସ.ଏ. ବୋବ୍‌ଡେଙ୍କ ଅନୁପସ୍ଥିତି ଯୋଗୁ ଜାନୁୟାରୀ ୨୯ରୁ ଆରମ୍ଭ ହେବାକୁ ଥିବା ଏହି ଶୁଣାଣିକୁ ବାତିଲ କରିଦିଆଯାଇଛି। ପରବର୍ତ୍ତୀ ଶୁଣାଣି କେବେ ହେବ ତାହା ସ୍ଥିର ହୋଇନାହିଁ। ଅଯୋଧ୍ୟା ମାମଲାର ଶୁଣାଣି ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଦୁଇ ଦିନ ତଳେ ସାମ୍ବିଧାନିକ ଖଣ୍ଡପୀଠ ଗଠନ କରିଥିଲେ। ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଖଣ୍ଡପୀଠରେ ଜଷ୍ଟିସ ବୋବ୍‌ଡେଙ୍କ ସମେତ ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ, ଅଶୋକ ଭୂଷଣ, ଏସ.ଏ. ନାଜିର ଏବଂ ଜଷ୍ଟିସ ଏନ.ଭି. ରମାନା ରହିଛନ୍ତି। ପୂର୍ବ ଖଣ୍ଡପୀଠରୁ ଜଷ୍ଟିସ ୟୁ.ୟୁ. ଲଳିତ ଓହରିଯିବାରୁ ଜାନୁୟାରୀ ୧୦ରେ ହେବାକୁ ଥିବା ରାମ ଜନ୍ମଭୂମି-ବାବ୍‌ରୀ ମସ୍‌ଜିଦ ଜମି ବିବାଦର ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା।

## ୩୧ରୁ ବଜେଟ ଅଧିବେଶନ
# ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି

ନୂଆଦିଲ୍ଲୀ,୨୭।୧(ପି.ଟି.)

ଆସନ୍ତା ୩୧ ତାରିଖରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆରମ୍ଭ ହେଉଥିବାବେଳେ ରାଜ୍ୟ ସଭା ଅଧ୍ୟକ୍ଷ ଏମ. ଭେଙ୍କାୟା ନାଇଡୁ ଏବଂ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ଅଲଗା ଅଲଗା ସର୍ବଦଳୀୟ ବୈଠକ ଡାକିଛନ୍ତି। ବାଚସ୍ପତି ବୁଧବାର ବୈଠକ ଡାକିଥିବାବେଳେ ନାଇଡୁ ଗୁରୁବାର ସକାଳେ ସବୁଦଳର ରାଜ୍ୟ ସଭା ନେତାଙ୍କ ବୈଠକ ଆହ୍ୱାନ କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରର ଏହା ଶେଷ ପାର୍ଲାମେଣ୍ଟ ଅଧିବେଶନ ହୋଇଥିବାରୁ ଗୃହକାର୍ଯ୍ୟ ପରିଚାଳନାରେ ସହଯୋଗ ଲାଗି ଏହି ବୈଠକ ଡକାଯାଇଛି। ଏହା ବ୍ୟତୀତ ସରକାରଙ୍କ ପକ୍ଷରୁ ୩୦ ତାରିଖରେ ଉଭୟ ଗୃହର ସର୍ବଦଳୀୟ ନେତାଙ୍କ ବୈଠକ ଅନୁଷ୍ଠିତ ହେବା ଆଶା କରାଯାଉଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଉପସ୍ଥିତ ରହିପାରନ୍ତି। ଏହି ଅଧିବେଶନ ଫେବୃଆରୀ ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ୧ ତାରିଖରେ ବଜେଟ ଉପସ୍ଥାପନ କରାଯିବ।

# କୁମ୍ଭରେ ବୁଡ଼ ପକାଇ ଦାୟିତ୍ୱ ନେବେ ପ୍ରିୟଙ୍କା

ନୂଆଦିଲ୍ଲୀ,୨୭।୧

ଫେବୃୟାରୀ ୪ ତାରିଖରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆନୁଷ୍ଠାନିକ ଭାବେ କଂଗ୍ରେସ ସାଧାରଣ ସମ୍ପାଦକ ତଥା ପୂର୍ବ ଉତ୍ତରପ୍ରଦେଶର ପ୍ରଭାରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡିଛି। ଦୀର୍ଘ ବର୍ଷର କଳ୍ପନା ଜଳ୍ପନାର ଅନ୍ତ ଘଟାଇ ପ୍ରିୟଙ୍କା ସକ୍ରିୟ ରାଜନୀତିରେ ପଦାର୍ପଣ କରିଛନ୍ତି।



କୁମ୍ଭମେଳା ଅବସରରେ ୪ ତାରିଖ ମୌନୀ ଅମାବାସ୍ୟାରେ ଶାହିସ୍ନାନ ପଡୁଥିବାରୁ ପ୍ରିୟଙ୍କା ଓ ରାହୁଲ ଗାନ୍ଧୀ ସଙ୍ଗମରେ ବୁଡ଼ ପକାଇବେ। ଏହା ପରେ ସେମାନେ ଲକ୍ଷ୍ନୌରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେବେ। ତେବେ ଯଦି ସେମାନେ ୪ରେ ବୁଡ଼ ପକାଇବା ସୁଯୋଗ ନ ପାଆନ୍ତି ତେବେ ୧୦ ତାରିଖ ବସନ୍ତ ପଞ୍ଚମୀ ତୃତୀୟ ଶାହିସ୍ନାନରେ ବୁଡ଼ ପକାଇବେ ବୋଲି ଜଣାପଡିଛି।

# ସାଂସ୍କୃତିକ ବିବିଧତା ଦେଖିଲେ ରାମାଫୋସା

ନୂଆଦିଲ୍ଲୀ,୨୭।୧(ପି.ଟି.)

ଦିଲ୍ଲୀର ଐତିହାସିକ ରାଜପଥଠାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିତ୍ତାକର୍ଷକ ପରେଡ୍‌ର ଅଭିବାଦନ ଗ୍ରହଣ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ସୀଥାରାମନ ଏବଂ ୩ ସେନା ମୁଖ୍ୟଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦି ଅମର ଜୱାନ ଜ୍ୟୋତିରେ ଶ୍ରଦ୍ଧାଞ୍ଜଳି ଦେବା ପରେ ପରେଡ୍ ଆରମ୍ଭ ହୋଇଥିଲା। ଇଣ୍ଡିଆନ ନ୍ୟାଶନାଲ ଆର୍ମି (ଆଇଏନ୍‌ଏ)ର ୯୦ ବର୍ଷୀୟ ୪ ଭେଟେରାନ୍ ଏଥିରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ



ରାଜନାଥ ସିଂ, ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଦେବଗୌଡ଼, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଗୁଲାମ ନବୀ ଆଜାଦ୍ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ନେଲସନ ମଣ୍ଡେଲାଙ୍କ ପରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ରାଷ୍ଟ୍ରପତି ଭାବେ ରାମାଫୋସା ସମୃଦ୍ଧ ଭାରତର ସାଂସ୍କୃତିକ ବିବିଧତା ଓ ସାମରିକ ଶକ୍ତି ସହ ପରିଚିତ ହୋଇଛନ୍ତି। ଚଳିତବର୍ଷ ସାଧାରଣତନ୍ତ୍ର ଦିବସରେ ଅହିଂସାର ପୂଜାରୀ, ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନର ନାୟକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଗୁରୁତ୍ୱ ବହନ କରିଥିଲା। ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ଼ରେ ଏହି ବିଷୟବସ୍ତୁ ପ୍ରତିଫଳିତ ହୋଇଥିଲା। ଭାରତର ସାମରିକ ସମରସଜ୍ଜାରେ ସାମିଲ୍ ହୋଇଥିବା ଆମେରିକାର ଅଲ୍‌ଟ୍ରା ଲାଇଟ୍ ଏମ୍୭୭୭ ଲାଇଟ୍ ହାୱିଜର ତୋପ, ସ୍ୱୟଂଚାଳିତ କେ୯ ବଜ୍ର ପ୍ରଥମଥର ରାଜପଥରେ ପ୍ରଦର୍ଶିତ ହୋଇଥିଲା। ଏଥିସହ ଟି-୯୦ ଟ୍ୟାଙ୍କ, ସରଫେସ୍ ମାଇନ୍ କ୍ଲିୟରିଂ ସିଷ୍ଟମ, ଟ୍ରାନ୍ସପୋର୍ଟେବଲ ସାଟେଲାଇଟ୍ ଟର୍ମିନାଲ, ଟ୍ରୁପ୍ ଲେଭଲ ରାଡାର ସୋ' ଏବଂ ପ୍ରଥମଥର ଆସାମ ରାଇଫଲ୍ସ ମହିଳା ଦଳଙ୍କ ନାରୀଶକ୍ତି ଏଥର ଇତିହାସ ସୃଷ୍ଟି କରିଥିବା କୁହାଯାଇଛି।



ପଟିଦାର ସଂରକ୍ଷଣ ଆନ୍ଦୋଳନ ନେତା ହାର୍ଦ୍ଦିକ ପଟେଲ ରବିବାର ଗୁଜରାଟର ସୁରେନ୍ଦ୍ରନଗର ଜିଲା ଦିଗସର ଗ୍ରାମରେ ତାଙ୍କର ବାଲ୍ୟବାନ୍ଧବୀ କିଞ୍ଜଲ୍ ପାରିଖଙ୍କୁ ବିବାହ କରିଛନ୍ତି।

# କନ୍‌ଷ୍ଟେବଲ ନିଯୁକ୍ତି ଦୁର୍ନୀତି: ୨୪ ଗିରଫ

ଲକ୍ଷ୍ନୌ,୨୭।୧(ପି.ଟି.)

ପୋଲିସ କନ୍‌ଷ୍ଟେବଲ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାରେ ରବିବାର ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରୁ ୨୪ ଜଣଙ୍କୁ ଗିରଫ କରାଯାଇଛି। ରାଜ୍ୟ ସ୍ୱତନ୍ତ୍ର ଟାସ୍କଫୋର୍ସ ୯ ଜଣଙ୍କୁ ଓ ପୋଲିସ ୧୫ ଜଣଙ୍କୁ ଗିରଫ କରିଛି। ଏମାନେ ନିଯୁକ୍ତି ପରୀକ୍ଷାରେ ସାହାଯ୍ୟ କରିବା ବଦଳରେ ପ୍ରାର୍ଥୀଙ୍କଠାରୁ ୫ରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଇଥିଲେ। ଏହି ର୍‍ୟାକେଟ ବ୍ଲୁଟୁଥ୍ ଇୟରଫୋନ, ୱେବ କ୍ୟାମେରା ଭଳି ଉପକରଣ ବ୍ୟବହାର କରି ଏବଂ ଜାଲି ପ୍ରାର୍ଥୀଙ୍କୁ ନିୟୋଜିତ କରୁଥିଲା। ଏନେଇ ୧୧ଟି ମାମଲା ରୁଜୁ ହୋଇଥିଲା। ଉକ୍ତ ଗ୍ୟାଙ୍ଗ୍‌ର କିଙ୍ଗପିନ ପୱନ ସିଂ ଏବଂ ଅନ୍ୟ ଦୁଇଜଣଙ୍କୁ ନୋଇଡା ଏସଟିଏଫ ମଥୁରାରୁ ଗିରଫ କରିଛି।

# ପ୍ରତି ହାଇକୋର୍ଟ ବିଚାରପତିଙ୍କ ପାଖରେ ୪୫୦୦ ମାମଲା

ନୂଆଦିଲ୍ଲୀ,୨୭।୧(ପି.ଟି.)

ହାଇକୋର୍ଟର ପ୍ରତି ବିଚାରପତିଙ୍କ ପିଛା ପାଖାପାଖି ୪୫୦୦ ମାମଲା ବିଚାରାଧୀନ ରହିଥିବା ଆଇନ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡିଛି। ସେହିପରି ତଳ କୋର୍ଟର ଜଜ୍‌ମାନଙ୍କ ମୁଣ୍ଡପିଛା ବିଚାରାଧୀନ ମାମଲା ସଂଖ୍ୟା ପାଖାପାଖି ୧୩୦୦। ନ୍ୟାଶନାଲ୍ ଜୁଡିସିଆଲ୍ ଡାଟା ଗ୍ରୀଡର ତଥ୍ୟ ଅନୁଯାୟୀ ୨୦୧୮ ଶେଷ ସୁଦ୍ଧା ଜିଲା ଏବଂ ତଳକୋର୍ଟଗୁଡିକରେ ମୋଟ ୨.୯୧ କୋଟି ମାମଲା ପଡିରହିଛି। ସେହିପରି ୨୪ଟି ହାଇକୋର୍ଟରେ ମୋଟ ୪୭.୬୮ ଲକ୍ଷ ମାମଲା ବିଚାରାଧୀନ ରହିଛି। ଜାନୁୟାରୀ ୧ରୁ ତେଲେଙ୍ଗାନାର ନିଜସ୍ୱ ହାଇକୋର୍ଟ ହେବା ପରେ ଦେଶରେ ମୋଟ ଉଚ୍ଚ ଅଦାଲତ ସଂଖ୍ୟା ୨୫ରେ ପହଞ୍ଚିଛି। ତଳକୋର୍ଟ ଗୁଡିକର ଜଜ୍ ସଂଖ୍ୟା ୨୨,୬୪୪ ସ୍ଥାନରେ ରହିଛନ୍ତି ୧୭,୫୦୯ ଜଣ। ଆବଶ୍ୟକ ସଂଖ୍ୟାଠାରୁ ୫୧୩୫ ଜଣ ଜଜ୍ କମ୍ ରହିଛନ୍ତି। ସେହିପରି ହାଇକୋର୍ଟର ମୋଟ ବିଚାରପତି ସଂଖ୍ୟା ୧୦୭୯ ସ୍ଥାନରେ ରହିଛନ୍ତି ୬୯୫ ଜଣ।

# 'ଶିକ୍ଷକଙ୍କୁ ଅନ୍ୟ କାର୍ଯ୍ୟ ଲାଗି କୁହାଯାଇପାରିବ ନାହିଁ'

ନୂଆଦିଲ୍ଲୀ,୨୭।୧(ପି.ଟି.)

ସ୍କୁଲ ଶିକ୍ଷକମାନଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ କାର୍ଯ୍ୟ ପାଇଁ କୁହାଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଶିକ୍ଷା ଅଧିକାର ଆଇନ ବାହାରେ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକମାନଙ୍କୁ କୌଣସି କାର୍ଯ୍ୟ କରିବାକୁ କର୍ତ୍ତୃପକ୍ଷ କହିପାରିବେ ନାହିଁ। ପରିବାର ସର୍ଭେ ଏବଂ ୱାର୍ଡ ଶିକ୍ଷା ପଞ୍ଜିକା ପ୍ରସ୍ତୁତି କାର୍ଯ୍ୟରେ ଶିକ୍ଷକଙ୍କୁ ନିୟୋଜିତ କରିବା ଲାଗି ମ୍ୟୁନିସିପାଲ କର୍ପୋରେଶନ ପକ୍ଷରୁ ଜାରି ବିଜ୍ଞପ୍ତିକୁ କୋର୍ଟ ଖାରଜ କରିଦେଇଛନ୍ତି। ସ୍କୁଲ ପିଲାମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା କାର୍ଯ୍ୟରେ ଶିକ୍ଷକଙ୍କ ସହଯୋଗ ନିଆଯାଇପାରିବ, କିନ୍ତୁ ସେମାନଙ୍କୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି।

# ଡ୍ୟାମ୍ ଭୁଶୁଡ଼ି ୪୦ ମୃତ

ବ୍ରୁମାଡିନୋ (ବ୍ରାଜିଲ),୨୭।୧(ଏଏଫପି)

ବ୍ରାଜିଲ୍‌ର ଲୁହାପଥର ଖଣି ନିକଟରେ ଏକ ଡ୍ୟାମ୍ ଭୁଶୁଡିବାରୁ ୪୦ଜଣଙ୍କର ମୃତ୍ୟୁ ଘଟିବା ସହ ୩୦୦ରୁ ଉର୍ଦ୍ଧ୍ୱ ନିଖୋଜ ହୋଇଯାଇଛନ୍ତି। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଡ୍ୟାମ୍ ଭୁଶୁଡିବା ପରେ ପାଖାପାଖି ୧୫୦ ମିଟର ଓସାରରେ ପଙ୍କ କାଦୁଅ ମାଡ଼ିଆସିବାରୁ ଅନେକ ଘର ଏବଂ ଗାଡି ପୋତିହୋଇପଡିଥିଲା। ୧୭୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ୧୦୦୦ ସୈନ୍ୟ, ଅଗ୍ନିଶମ କର୍ମଚାରୀଙ୍କ ସମେତ ବହୁସଂଖ୍ୟାରେ ହେଲିକପ୍ଟରକୁ



ନିୟୋଜିତ କରାଯାଇଛି। ଇସ୍ରାଏଲରୁ ମଧ୍ୟ ସେଲ୍ୟୁଲାର ଲୋକେଶନ୍ ଉପକରଣ ଏବଂ ଡ୍ରୋନ ସହ ୧୩୦ ଜଣିଆ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ବ୍ରାଜିଲ ରାଷ୍ଟ୍ରପତି ଜାଏର ବୋଲସୋନାରୋ ଘଟଣାସ୍ଥଳ ପରିଦର୍ଶନ କରି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଏହା ଏକ ଭୟାବହ ଦୁର୍ବିପାକ ବୋଲି ସେ କହିଛନ୍ତି।

# ଫିଲିପାଇନ୍ସ ଚର୍ଚ୍ଚରେ ବିସ୍ଫୋରଣ: ୨୭ ନିହତ

ମାନିଲା,୨୭।୧(ପି.ଟି.)

ଫିଲିପାଇନ୍ସର ସୁଲୁ ପ୍ରଦେଶରେ ଥିବା ଏକ ଚର୍ଚ୍ଚରେ ରବିବାର ଦୁଇଟି ବିସ୍ଫୋରଣରେ ୨୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୧୧ ଆହତ ହୋଇଛନ୍ତି। ମିନ୍ଦାନାଓ ଦ୍ୱୀପସ୍ଥିତ ରୋମାନ୍ କାଥୋଲିକ୍ ଚର୍ଚ୍ଚରେ ସମୂହ ପ୍ରାର୍ଥନା ବେଳେ ଏହି ବିସ୍ଫୋରଣ ହୋଇଥିଲା। ପ୍ରଥମ ବିସ୍ଫୋରଣ ଜୋଲୋ କ୍ୟାଥେଡ୍ରାଲର ମୁଖ୍ୟ ଫାଟକରେ ହୋଇଥିଲା। ବିସ୍ଫୋରଣ ଏତେଟା ଶକ୍ତିଶାଳୀ ନ ଥିଲେ ବି ଆତଙ୍କିତ ଲୋକେ ଚର୍ଚ୍ଚରୁ ବାହାରିବାକୁ ଧାଁଦଉଡ କରିବାରୁ ଦଳାଚକଟାରେ କେତେଜଣ ଶ୍ରଦ୍ଧାଳୁ ଆହତ ହୋଇଥିଲେ। ଏହାର ଗୋଟିଏ ମିନିଟ ପରେ ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ଶକ୍ତିଶାଳୀ ଆଇଇଡି ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ୫ ସୁରକ୍ଷା କର୍ମୀଙ୍କ ସମେତ ୨୭ ଜଣ ନିହତ ହୋଇଥିଲେ। ଆହତଙ୍କ ମଧ୍ୟରେ ୧୭ ସୁରକ୍ଷା କର୍ମୀ, ୨ ପୋଲିସ, ୨ ତଟସୁରକ୍ଷା ବାହିନୀ କର୍ମଚାରୀ ଏବଂ ୯୦ ସାଧାରଣ ନାଗରିକ ରହିଛନ୍ତି। ବିସ୍ଫୋରଣ ପ୍ରଭାବରେ କେତେଜଣଙ୍କ ଖଣ୍ଡବିଖଣ୍ଡିତ ମୃତଦେହ କିଛି ଦୂର ପର୍ଯ୍ୟନ୍ତ ଛିଟିକି ପଡିଥିଲା। ପାର୍କିଂସ୍ଥଳରେ ଥିବା ଏକ ମୋଟରସାଇକେଲରେ ଉକ୍ତ ଆଇଇଡି ଖଞ୍ଜା ହୋଇଥିବା କୁହାଯାଉଛି।



ରୋମାନ୍ କାଥୋଲିକ୍ ଚର୍ଚ୍ଚରେ ବିସ୍ଫୋରଣ ପରବର୍ତ୍ତୀ ଦୃଶ୍ୟ।

ପୋଲିସ ଘଟଣାର ତଦନ୍ତ ଚଳାଇଛି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଗୁରୁତରଙ୍କୁ ହେଲିକପ୍ଟର ଯୋଗେ ଜମ୍ବୋଙ୍ଗା ସହରକୁ ସ୍ଥାନାନ୍ତର କରାଯାଇଛି। ବିସ୍ଫୋରଣ ଲାଗି କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ମୁସଲିମ୍ ଆତଙ୍କବାଦୀ ଏଠାରେ ସକ୍ରିୟ ଥିବାରୁ ଆକ୍ରମଣରେ ଉକ୍ତ ସଂଗଠନ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଆକ୍ରମଣକାରୀଙ୍କୁ ଆଇନ କେବେ କ୍ଷମା ଦେବନାହିଁ ବୋଲି ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ କହିଛନ୍ତି। ସରକାରଙ୍କ ସାମର୍ଥ୍ୟକୁ ଚ୍ୟାଲେଞ୍ଜ କରିଥିବା ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସେ ସଶସ୍ତ୍ର ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ତାମିଲନାଡୁରେ ଲୋକ ସଭା ନିର୍ବାଚନ ପ୍ରଚାର ସଭାରେ ଆର୍ଥିକ ଦୁର୍ବଳ ବର୍ଗଙ୍କ ଲାଗି ୧୦ ପ୍ରତିଶତ କୋଟାକୁ ବିରୋଧ କରିଆସୁଥିବା ବିରୋଧୀ ଦଳର ନେତାଙ୍କ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ଷିଛନ୍ତି। ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିବା ସାଧାରଣବର୍ଗଙ୍କ ଲାଗି କାର୍ଯ୍ୟକାରୀ ହୋଇଥିବା କୋଟା ପୂର୍ବରୁ ସ୍ଥିତ ସଂରକ୍ଷଣ ବ୍ୟବସ୍ଥାକୁ ପ୍ରଭାବିତ କରିବ ନାହିଁ ବୋଲି ସେ ସୂଚାଇଛନ୍ତି।

### ବିଜେଡି କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତୋଳନ ସମୟରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




# ନିର୍ବାଚନ ନ ଲଢ଼ି ପ୍ରଚାର କରିବେ ଶ୍ରୀକାନ୍ତ



- ୩୧ରେ କେଜ୍‌ରିୱାଲଙ୍କ ସହ ମିଶି ଲୋୟର ପିଏମ୍‌ଜିରେ ଦେବେ ଉଦ୍‌ବୋଧନ
- ସାମାଜିକ ନ୍ୟାୟ୍ ଅଭିଯାନକୁ ବିଏସ୍‌ପି, ଏସ୍‌ପି, ଏଏପିର ସମର୍ଥନ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ୨୦୧୯ ସାଧାରଣ ନିର୍ବାଚନ ଲଢ଼ିବେ ନାହିଁ କି କୌଣସି ରାଜନୈତିକ ଦଳରେ ଯୋଗଦେବେ ନାହିଁ। ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ସାରା ରାଜ୍ୟର ବିଭିନ୍ନ ଆଡ଼େ ସଭା କରିବେ। ମାଫିଆଙ୍କ କବଳରୁ ରାଜ୍ୟ ରାଜନୀତିକୁ ବଞ୍ଚାଇବା ପାଇଁ ଜନଗଣଙ୍କୁ ସଚେତନ କରାଇବେ। ରାଜ୍ୟକୁ ଲୁଟ୍ କରୁଥିବା ଦୁଇ ପଟ୍ଟନାୟକ ପରିବାରର ମୁଖା ଖୋଲିବେ ବୋଲି ସେ ଘୋଷଣା କରିଛନ୍ତି। ସେ ନିର୍ବାଚନ ନ ଲଢ଼ିବା ନେଇ ଶ୍ରୀକାନ୍ତ ରବିବାର ସ୍ପଷ୍ଟ କରିଛନ୍ତି। ସେହିପରି ଚଳିତ ମାସ ୩୧ରେ ସାମାଜିକ ନ୍ୟାୟ ସଙ୍ଗଠନ ପକ୍ଷରୁ ରାଜଧାନୀସ୍ଥିତ ଲୋୟର ପିଏମ୍‌ଜିରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେବେ। ଏହି ସଭାକୁ ମୁଖ୍ୟଅତିଥି ଭାବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଆସୁଛନ୍ତି। ବିଏସ୍‌ପିରେ ଯୋଗଦେବାକୁ ଥିବା ପୂର୍ବତନ ବିଧାୟକ କୃଷ୍ଣ ଶଗରିଆ ମଧ୍ୟ ଉକ୍ତ ଦିନ ଉପସ୍ଥିତ ରହିବେ। ତେଣୁ ଶ୍ରୀକାନ୍ତ, ଅରବିନ୍ଦ ଏବଂ ଶଗରିଆଙ୍କ ବକ୍ତବ୍ୟ କ'ଣ ରହିବ, ତାହାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି।

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଦ୍ଧିଜୀବୀ ସମ୍ମିଳନୀରେ ଶ୍ରୀକାନ୍ତଙ୍କ ମତ ଏବଂ ଉପସ୍ଥାପନ କରାଯାଇଥିବା ପ୍ରସଙ୍ଗକୁ ସମର୍ଥନ କରୁଥିବା ସ୍ୱୀକାର କରିଛନ୍ତି। ହେଲେ ବର୍ତ୍ତମାନ ପରିସ୍ଥିତିରେ ତାଙ୍କର କିଛି ବାଧ୍ୟବାଧକତା ରହିଥିବା ସ୍ୱୀକାର କରିଛନ୍ତି, ଏହାକୁ ନେଇ ଶ୍ରୀକାନ୍ତ ରାହୁଲ ଗାନ୍ଧୀଙ୍କୁ ରବିବାର ଏକ ପତ୍ର ଲେଖିଛନ୍ତି। ପତ୍ର ମାଧ୍ୟମରେ ଶ୍ରୀକାନ୍ତ କହିଛନ୍ତି ଯେ, ତାଙ୍କ ମତକୁ ରାହୁଲ ସମ୍ମାନ ଦେଇଥିବାରୁ ଧନ୍ୟବାଦ। ରାହୁଲଙ୍କ ବାଧ୍ୟବାଧକତା ସେ ବୁଝିପାରିଛନ୍ତି। ତେଣୁ ତାଙ୍କ ଦ୍ୱାରା ଉଠାଯାଇଥିବା ବହୁକୋଟି ଟଙ୍କାର ଖଣି ଲୁଟ୍ ଏବଂ ସାମାଜିକ ନ୍ୟାୟ ପ୍ରସଙ୍ଗ ସମ୍ପର୍କରେ ରାହୁଲ ସାଧାରଣ ସଭାରେ ଉଠାଇ ନ ଥିବା ଶ୍ରୀକାନ୍ତ କହିଛନ୍ତି। ଓଡ଼ିଶା ଅର୍ଥନୀତି ଭୁଶୁଡ଼ିବାର ମୂଳ କାରଣ ଖଣି ଲୁଟ୍। ହେଲେ ଆପଣ ଖଣି ଲୁଟ୍‌ର ମୁଖ୍ୟଙ୍କ ସହ ମଞ୍ଚରେ ବସିଥିବାରୁ, ସେ ସମ୍ପର୍କରେ କିଛି କହିଲେ ନାହିଁ। ତେଣୁ ଓଡ଼ିଶାରେ ଲୁଟେରାଙ୍କ ସହ ମଞ୍ଚାସୀନ ହୋଇ ସାରା ଭାରତରେ 'ଚୌକିଦାର ଚୋର ହେଁ' କିପରି କହୁଛନ୍ତି। ଓଡ଼ିଶା କ'ଣ ଭାରତର ଅଂଶ ନୁହେଁ କି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। ସେହିଭଳି କଂଗ୍ରେସ ଦଳ ଉପରେ ସେ ରାଗିନାହାନ୍ତି। ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସିବା ସହ ଯୁବାବସ୍ଥାରୁ ୧୯୬୯ରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସରେ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ଗୋପବନ୍ଧୁ ଦାସଙ୍କ ଆଦର୍ଶ ହିଁ କଂଗ୍ରେସର ପରିଚୟ। ସାଧାରଣ ନାଗରିକ ଭାବେ ସେହି ଆଦର୍ଶକୁ ନେଇ କାର୍ଯ୍ୟ କରିବେ। ତେଣୁ ତାଙ୍କ ଦ୍ୱାରା ଉପସ୍ଥାପିତ ପ୍ରସଙ୍ଗ ଉପରେ ରାହୁଲ ପ୍ରତିକ୍ରିୟା ରଖିବେ ବୋଲି ଶ୍ରୀକାନ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।

ସାମାଜିକ ନ୍ୟାୟ ସଙ୍ଗଠନ ଅଭିଯାନରେ ବିଏସ୍‌ପି, ଏସ୍‌ପି ଏବଂ ଏଏପି ଯୋଡ଼ିହୋଇଛି। ଆଗାମୀ ଦିନରେ ଅନ୍ୟ କେତେକ ଜାତୀୟ ଦଳ ଏହି ଅଭିଯାନରେ ସାମିଲ ହୋଇପାରନ୍ତି ବୋଲି ସୂଚନା ମିଳିଛି। ଖଣି ଲୁଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସାମାଜିକ ନ୍ୟାୟ ପ୍ରତିଷ୍ଠା, ମଣ୍ଡଳ କମିଶନ ସୁପାରିସ ଲାଗୁ ଏବଂ ପଛୁଆ ବର୍ଗର ରାଜନୈତିକ ଅଧିକାରକୁ ଯେଉଁ ଦଳ କିମ୍ବା ପ୍ରାର୍ଥୀ ସମର୍ଥନ କରିବ, ତାଙ୍କ ପାଇଁ ସେ ପ୍ରଚାର କରିବେ ବୋଲି ଶ୍ରୀକାନ୍ତ କହିଛନ୍ତି। ତେଣୁ ଆସନ୍ତା ୩୧ରେ ଲୋୟର ପିଏମ୍‌ଜିରେ ହେବାକୁ ଥିବା ସଭାରେ ଅରବିନ୍ଦ ଏବଂ ଶ୍ରୀକାନ୍ତଙ୍କ ବକ୍ତବ୍ୟ କ'ଣ ରହୁଛି, ରାଜ୍ୟରେ ଉଭୟଙ୍କ ରାଜନୈତିକ ଭବିଷ୍ୟତ ଏବଂ କାର୍ଯ୍ୟପନ୍ଥୀକୁ ନେଇ କି ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।

# ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ବିମାନ ଯୋଗେ ଦିଲ୍ଲୀ ଯାଇଥିବାବେଳେ ଓଡ଼ିଶା ଭବନରେ ସେ ରାତ୍ରିଯାପନ କରିବେ। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପସ୍ଥାପନ କରିବେ। ସୋମବାର ଓଡ଼ିଶା ଭବନଠାରେ କେନ୍ଦ୍ରର ବିଭିନ୍ନ ମନ୍ତ୍ରଣାଳୟରେ ରାଜ୍ୟର ଯେଉଁସବୁ କାର୍ଯ୍ୟ ପଡି ରହିଛି ସେନେଇ ଆଲୋଚନା କରିବେ। ୨୦୧୯ ସାଧାରଣ ନିର୍ବାଚନକୁ ଖୁବ୍ ସମୟ ରହିଛି। ତେଣୁ ଏହି ସମୟ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକୁ ଶେଷ କରିବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହାସହ ଚଳିତ ଆର୍ଥିକବର୍ଷ ପାଇଁ କେନ୍ଦ୍ର ବକେୟା ରଖିଥିବା ଅର୍ଥକୁ ତୁରନ୍ତ ମଞ୍ଜୁର କରିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ବିଶେଷତଃ ଆଲୋଚନା କରିବେ।








ତ୍ରିରଙ୍ଗା ପତାକା ମୁଦ୍ରିତ ଟି-ଶାର୍ଟ ବିକ୍ରି ନେଇ ମହାରାଷ୍ଟ୍ର ପୋଲିସ ପକ୍ଷରୁ ଧରପଗଡ଼ ହୋଇଛି। ହିନ୍ଦୁ ଜନଜାଗୃତି ସମିତିର ଅଭିଯୋଗ କ୍ରମେ ପୋଲିସ ଡୋମ୍ବିବାଲି ଅଞ୍ଚଳର ଜଲିନ୍ଦର କାର୍ଲିକର, ଅମର ଆଦାର୍ଗୀଙ୍କୁ ଗିରଫ କରିଛି। ଜାତୀୟ ପତାକାର ପ୍ରତୀକ ଓ ନାମର ଅସଦ୍ ବ୍ୟବହାର ନିରୋଧୀ ୧୯୫୦ ଆକ୍ଟ ଓ ଏହାର ସମ୍ମାନ ହାନି (୧୯୭୦ ଆକ୍ଟ) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଡୋମ୍ବିବାଲି ଥାନାଅଧିକାରୀ ଜଣାଇଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ରୋଜାଲିନ୍
ପରିବାରବର୍ଗ



ପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



## SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-65528

Developed residential plots at Hanspal, Atala, Nakhara, Aiginia, Rangabazar. 9438620034. D-65343

70,000/- booking ଦେଇ Xavier University ପାଖରେ plotର ମାଲିକ ହୁଅନ୍ତୁ। 6371481421. D-65455

Patia Bigbazarରୁ 5km ଦୂରତାରେ ରାସ୍ତାଥାଇ ବାସୋପଯୋଗୀ ପ୍ଲଟ sqft.-600/- 9937686826, 9583430150. D-65345

Tamando ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା plot ମିଳୁଅଛି। 9439864322. D-65346

ORERA registered 1BHK studio flats @ Narendrakona Puri construction in full swing. Mobile: 9238356740, 9437030740. D-65532

Bhubaneswar Patia Patharagadia 200ft. road ପାଖରେ ଘରବାଡି ପ୍ଲଟ boundary electrification ଥାଇ immediate registree ନିଅନ୍ତୁ। 8249693292, 7008524523. D-10755

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

Plots area 1200/ 2300 sqft. approximately are for sale near Gokul/ Avantika Residency on GGP Pandara Road, Bhubaneswar at Rs. 3000/- per sqft. approximately Contact immediately: 9437396718, 8280066916. D-64572

Investment plot in BDA commercial zone Pitapali Chaka, sqft.-199/-, 9348048204. D-65348

Residential boundary plot Rs. 450/- blacktop road side Gudiapokhari, Bhubaneswar. 7978632259. D-59847

New style ploting project Bhubaneswar Puri NH Gudiapokhari Chhakରୁ 300 mtrs. distanceରେ ସବୁ plot boundarywall, electric, water, plantation ସୁବିଧାଦେଇ sqft. 450/-ରେ ମିଳୁଅଛି: 9437421096, 9337288910. D-58033

BDA approved duplex 1km. from Hanspal Square and simplex/ duplex at Atala, Bhubaneswar. 9438419823, 9437286655. D-65456

5000 sqft. BDA residential plot sale at K-9 Kalinga Vihar, Patrapada, Bhubaneswar 85lakhs. Contact: 9040013456, 9937097791. D-65347

ଭୁବନେଶ୍ୱରଠାରୁ 25km. ପୁରୀ ଯିବାରାସ୍ତା ମଙ୍ଗଳପୁର ପେଟ୍ରୋଲ୍‌ପମ୍ପ ପରେ Ranch Hotel ପୂର୍ବରୁ NHକୁ ଲାଗି 5000 sqft. 9ଗୋଟି ପ୍ଲଟ୍ ଘରବାରି ବାଉଣ୍ଡାରି କରି ଦିଆଯିବ, sqft. Rs. 500/-. 9938310085. D-59848

## GENERAL

## SALE

A small appliances shop for sale at prime location, CRP, Bhubaneswar: 9040033308. D-65457



Newly built GF 3BHK furnished flat in Bishal Enclave with garage at Garage Chhak Bhubaneswar- Puri road, ready for occupation. Contact: 7873726701, 9337651024. D-58032

Two rooms marble 1st floor 1181 Bomikhal Rs. 4500/-, 9437181633. D-10752



Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Ayurvedic full body massage ladies/ gents experts therapist. 8338097451. D-65802

Improving your health, skin care through expert therapist, excellent offer. 9668374480. D-65536

Pamper yourself this Mansoon professional massage. Contact Purple Orchid. 9776598988. D-65537

Herbal full body massage by smart/ expert therapist. Contact: 8338067247. D-65534

Newly opening ayurvedic massage smart therapist, Shree herbal. 7750020754. D-65535

Herbal fullbody massage with refreshment by well trained therapist. 7381239385. D-65524

Ayurvedic full body massage ladies/ gents smart experts therapist. 9114697517. D-65804

Experience full body massage with us by expert Enquiry: 06742597822, 7377048581. D-65533

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଦୁର୍ଘଟଣାରେ ୨ ଛାତ୍ରଙ୍କ ମୃତ୍ୟୁ

ରାଉରକେଲା ଅଫିସ,୨୭।୧: ଟାଙ୍ଗରପାଲି ଥାନା ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ଶନିବାର ଦୁର୍ଘଟଣାରେ ୨ ଛାତ୍ରଙ୍କ ମୃତ୍ୟୁ ହୋଇଛି। ଇସ୍ପାତ ଇଂଲିଶ ମିଡିୟମ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ସୌମ୍ୟରଞ୍ଜନ ପାତ୍ର ଓ ହରିଶ ମୁର୍ମୁ ପରେଡ୍ ପରେ ଚାଲି ଚାଲି ପାଖ ଫୁଡ୍ କୋର୍ଟକୁ ଯାଉଥିବାବେଳେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍‌ ଏମାନଙ୍କ ଉପରେ ମାଡ଼ିଯାଇଥିଲା।

## ଗଞ୍ଜାମ ଭାଗଚାଷୀଙ୍କୁ...

ତାହା ଆସନ୍ତା ଏପ୍ରିଲ୍ ସୁଦ୍ଧା ପୂରଣ ହେବ। ଦାରିଦ୍ର୍ୟ ଓଡ଼ିଶାର ଆଜି ପରିଚୟ ହୋଇରହିନାହିଁ। ଦାରିଦ୍ର୍ୟ ହଟାଇବାରେ ଓଡ଼ିଶା ସବୁଠୁ ଆଗରେ। ୨୦୦୪-୦୫ ରୁ ୨୦୧୧-୧୨ଭିତରେ ୮୦ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଅଣାଯାଇଛି। ଚାଷୀ ଭାଇ ଭଉଣୀଙ୍କ କଲ୍ୟାଣ ଏବଂ ଚାଷରେ ଉନ୍ନତି ପାଇଁ 'କାଳିଆ' ଯୋଜନା ଆରମ୍ଭ ହୋଇଛି। ଏହା କୃଷି ଶ୍ରମିକ, ଭୂମିହୀନ ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଚାଷ ପାଇଁ ସବୁ ସୁବିଧା ଯୋଗାଇ ଦେବା ସହିତ ଦାରିଦ୍ର୍ୟ ଦୂର କରିବାରେ ଏକ ଅମୋଘ ଅସ୍ତ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ଭିଡ଼ିଓ ବାର୍ତ୍ତାରେ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଉଷା ଦେବୀ ଏବଂ ବିକ୍ରମ କେଶରୀ ଆରୁଖଙ୍କ ସମେତ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଏବଂ ଆସିକା ଏମ୍‌ପି ଲଡ୍ଡୁକିଶୋର ସ୍ୱାଇଁ ଓ ଜିଲାର ସମସ୍ତ ବିଧାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ କମିଶନର୍ ତଥା ଶାସନସଚିବ କିଷନ୍ କୁମାର, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଜପତି ଜିଲାପାଳ ଅନୁପମ ଶାହା, ଗଞ୍ଜାମର ପୂର୍ବତନ ଜିଲାପାଳ ପ୍ରେମଚନ୍ଦ୍ର ଚୌଧୁରୀ, ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ ସିଂ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଏବଂ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଏହାକୁ ପରିଚାଳନା କରିଥିଲେ। ଅଭିନେତା ତଥା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ସମାବେଶରେ ପ୍ରାୟ ଦେଢ଼ ଲକ୍ଷ ଚାଷୀ ଯୋଗ ଦେଇଥିଲେ ବୋଲି ପ୍ରଶାସନ ତରଫରୁ କୁହାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ସହ ମଞ୍ଚରେ ବସିଲେ ଚାଷୀ

ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ମେଗା ଚାଷୀ ସମାବେଶକୁ ନେଇ ପ୍ରଶାସନ ପକ୍ଷରୁ ଦୀର୍ଘ ଦିନ ହେଲା ପ୍ରସ୍ତୁତି ଚାଲିଥିଲା। ସରକାରୀ ଅଧିକାରୀ ଏବଂ ଜିଲାର ନେତାମାନେ ଦିନରାତି ପରିଶ୍ରମ କରୁଥିଲେ। ହେଲେ ରବିବାର ମଞ୍ଚ ଉପରେ କୌଣସି ନେତା, ମନ୍ତ୍ରୀ କିମ୍ବା ସରକାରୀ ଅଧିକାରୀ ବସିନ ଥିଲେ। ବରଂ ମୁଖ୍ୟମନ୍ତ୍ରୀଙ୍କ ସହ ମଞ୍ଚରେ ବସିଥିଲେ ୧୪ ଚାଷୀ। ସେମାନେ ହେଲେ ଛତ୍ରପୁରର ସତ୍ୟ ବିଷୋୟୀ, ବେଗୁନିଆପଡ଼ାର ମହେଶ୍ୱର ବରଡ଼ା, ହିଞ୍ଜିଳିକାଟୁର ସଂଯୁକ୍ତା ବେହେରା ଏବଂ ସୁରେନ୍ଦ୍ର ନାୟକ, ପୁରୁଷୋତ୍ତମପୁରର ଗଙ୍ଗାଧର ନାହାକ, ପୋଲସରାର ସତ୍ୟବାଦୀ ସାହୁ, ରଙ୍ଗେଇଲୁଣ୍ଡାର ସୁବାସ ମଣ୍ଡଳ, ଚିକିଟିର ଜ୍ୟୋତ୍ସ୍ନା ପାଣିଗ୍ରାହୀ, ସାନଖେମୁଣ୍ଡିର ନୀଳାଞ୍ଚଳ ଗୌଡ଼, ଦିଗପହଣ୍ଡିର ଗଙ୍ଗାଧର ପଣ୍ଡା, ଆସିକାର ବସନ୍ତ ନାୟକ, ବେଲଗୁଣ୍ଠାର ସୁରେଶ କୁମାର ମହାନ୍ତି, ଭଞ୍ଜନଗରର ସୁବାସ ଚନ୍ଦ୍ର ସ୍ୱାଇଁ ଏବଂ ବେଗୁନିଆପଡ଼ାର ନିରଞ୍ଜନ ବେହେରା। ସେମାନଙ୍କୁ ମୁଖମନ୍ତ୍ରୀ ପଟ୍ଟନାୟକ 'କାଳିଆ' ସହାୟତା ମାନପତ୍ର ପ୍ରଦାନ କରିଥିଲେ।

## ଓଡ଼ିଆ ଯବାନ...

ଖବର ଗାଁରେ ପହଞ୍ଚିବା ପରେ ସମସ୍ତେ ହତବାକ ହୋଇଯାଇଥିଲେ। ପରିବାର କାନ୍ଦ ବୋବାଳିରେ ଫାଟି ପଡ଼ିଥିବାବେଳେ ପୂରା ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ମା', ଦୁଇ ଭଉଣୀ, ବାପା ହେମନ୍ତଙ୍କ ଫଟୋ ଧରି ବାହୁନି କାନ୍ଦୁଛନ୍ତି।

ଅଠରାଙ୍ଗ ଗ୍ରାମର ଅବସରପ୍ରାପ୍ତ ସୁବେଦାର ମେଜର ପବିତ୍ର ମୋହନ ପଣ୍ଡାଙ୍କ ଏକମାତ୍ର ପୁଅ ଥିଲେ ହେମନ୍ତ। ୨୦୧୫ ଜାନୁୟାରୀ ୫ରେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ୧୨୦ ଗାର୍ଡ, ୪୬ ରାଷ୍ଟ୍ରୀୟ ରାଇଫଲ

## ପ୍ରଥମ ପୃଷ୍ଠାରୁ...

ବାଟାଲିୟନର (ପ୍ୟାରେଣ୍ଟ ୟୁନିଟ୍) ମେକାନାଇଜ୍ ଗାର୍ଡ ଲାୟନ୍ସ ନାଏକ ଗନର ଭାବେ ସେ ପରିଚିତ ଥିଲେ। ଶନିବାର ଅପରାହ୍ନ ପ୍ରାୟ ୩ଟା ୩୩ରେ ଜମ୍ମୁ କଶ୍ମୀରର ଶ୍ରୀନଗର ବାରମୁଲା ସୀମାରେ ସର୍ଚ୍ଚ ଅପରେଶନ ଚାଲିଥିଲା। ଲୁଚି ରହିଥିବା ଆତଙ୍କବାଦୀମାନେ ଯବାନମାନଙ୍କ ଉପରକୁ ଆଖିବୁଜା ଗୁଳି ବର୍ଷଣ କରିଥିଲେ। ଯବାନମାନେ ମଧ୍ୟ ସେମାନଙ୍କୁ ଜବାବ ଦେଇଥିଲେ। ତେବେ ଆତଙ୍କବାଦୀଙ୍କ ଗୋଟିଏ ଗୁଳି ହେମନ୍ତଙ୍କ ଡାହାଣ କାନର ଉପର ମୁଣ୍ଡରେ ବାଜିଥିଲା। ଘଟଣାସ୍ଥଳରେ ହିଁ ହେମନ୍ତ ଟଳି ପଡିଥିଲେ। ସ୍ଥାନୀୟ ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମରଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦେଇ ନୂଆଦିଲ୍ଲୀରୁ ରବିବାର ବିମାନ ଯୋଗେ ଭୁବନେଶ୍ୱର ଅଣାଯାଇଥିଲା। ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଶହୀଦ ହେମନ୍ତଙ୍କ ମରଶରୀରକୁ ଜନ୍ମସ୍ଥାନ ଅଠରାଙ୍ଗକୁ ନିଆଯାଇଥିଲା। ରାତି ପ୍ରାୟ ସାଢ଼େ ୧୧ଟାରେ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୋମବାର ଗ୍ରାମ ପରିକ୍ରମା ପରେ ଗାର୍ଡ ଅଫ୍ ଅନର ଦିଆଯାଇ ଶବ ସଂସ୍କାର କରାଯିବ ବୋଲି ବେଗୁନିଆ ତହସିଲଦାର ବିବେକାନନ୍ଦ ପରିଡ଼ା ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଶହୀଦ ହେମନ୍ତଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

ପୁଅକୁ ହରାଇ ବାପା ପବିତ୍ର କହିଛନ୍ତି, ମୁଁ ୩୪ ବର୍ଷ ଧରି ସେନାରେ କାର୍ଯ୍ୟ କରିବା ଭିତରେ ଏପରି ସୁଯୋଗ ପାଇ ନ ଥିଲି। କିନ୍ତୁ ମୋର ଏକମାତ୍ର ପୁଅ ହେମନ୍ତ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବାରୁ ମୁଁ ଯେତିକି ଦୁଃଖିତ ତା'ଠୁ ଅଧିକ ଗର୍ବିତ। ଛୁଟି ସରିବା ପରେ ଗତ ୨୩ ତାରିଖରେ କାର୍ଯ୍ୟସ୍ଥଳକୁ ଯାଇଥିଲା। ସେ ଆସନ୍ତା ୮ ତାରିଖରେ ଘରକୁ ଫେରିବା ପାଇଁ ବିମାନ ଟିକେଟ କରିଥିଲା। ଘଟଣା ଦିନ ଅପରାହ୍ନ ପ୍ରାୟ ୩ଟା ୧୭ରେ ପୁଅ ସହ ମୋର ଶେଷ କଥାବାର୍ତ୍ତା ହୋଇଥିଲା। ୧୬ ମିନଟ ପରେ ମୋ ପାଖକୁ ଏହି ଦୁଃଖଦ ଖବର ଆସି ପହଞ୍ଚିଥିଲା।

## ଆରପାରିରେ...

ହୋଇଥିଲେ। ଏହି ଫିଲ୍ମରେ ସେ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଏହାସହ ଅନେକ ଲୋକଗୀତ ବି ଗାଇଥିଲେ। ଓଡ଼ିଆ ଭଜନ, ଛାନ୍ଦ ଓ ଜଣାଣ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରି ସେ ୮ଟି ଭଜନର ସମାହାରରେ ଏକ ମ୍ୟୁଜିକ୍ ସିଡୀ 'ଦୀନବାନ୍ଧବ' ପ୍ରସ୍ତୁତ କରିଥିଲେ। ଓଡ଼ିଆ ଭଜନର ଲୋକପ୍ରିୟତା ଦିନକୁ ଦିନ କମିଯାଉଥିବା ବେଳେ ଭଜନ ଓ ଜଣାଣର ସେହି ପୁରୁଣା ଗୌରବ ଫେରାଇ ଆଣିବାକୁ ସେ ଏହି ଭଜନ ସିଡୀ ନିଜ ଉଦ୍ୟମରେ ତିଆରି କରିଥିଲେ। ଦୂରଦର୍ଶନ ଓ ଆକାଶବାଣୀରେ ପ୍ରସାରିତ ଅର୍ଜୁନ ଚରଣଙ୍କ ବହୁ ଓଡ଼ିଆ ଗୀତ ଲୋକଙ୍କ ହୃଦୟକୁ ଛୁଇଁପାରିଥିଲା। ଆକାଶବାଣୀ ପାଇଁ ସେ ଗାଇଥିବା ଗୀତ ମଧ୍ୟରୁ 'ଯଶୋମତୀ ଜନନୀ ଗୋ ମାର ନାହିଁ ଆଉ' ସେ ସମୟର ଏକ ହିଟ୍ ଗୀତ ଥିଲା। ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପଦ ସହ ଜଣେ ପ୍ରଶାସନିକ ଅଧିକାରୀ ଭାବେ ସେ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ କେବଳ ସଙ୍ଗୀତ ଜଗତ ନୁହେଁ, ଓଡ଼ିଆ ସିନେ ଜଗତ ଏବଂ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।


## ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଡାକ୍ତର ବ୍ରହ୍ମାନନ୍ଦ ସାବତ**
ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ
ଆବିର୍ଭାବ: ୧୯୪୧ ଫେବୃୟାରୀ ୨୧ ତାରିଖ ଗୁରୁବାର
ତିରୋଧାନ: ୨୦୦୯ ଜାନୁୟାରୀ ୨୮ ତାରିଖ ବୁଧବାର
ତୁମର ଅତୁଟ ସ୍ନେହ, ପ୍ରେମ, ଧର୍ମନିଷ୍ଠା, ସେବା ପରାୟଣତା ଏବଂ କର୍ତ୍ତବ୍ୟନିଷ୍ଠା ଯୋଗୁଁ ତୁମେ ଚିରଦିନ ଆମ ପାଖରେ ଅମର ହୋଇ ରହିଅଛ ଓ ରହିଥିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାକୁ ଚିରଦିନ ସଦ୍‌ଗତି ଓ ଶାନ୍ତି ଦିଅନ୍ତୁ। ଏତିକି ତାଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
ଚିରଦୁଃଖୀ ତୁମର ସ୍ତ୍ରୀ ଓ ପିଲାମାନେ। ଧ-୬୫୮୦୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଡାକ୍ତର ମଞ୍ଜୁଲତା ପରିଡା**
ଆବିର୍ଭାବ: ୧୬।୪।୧୯୬୨
ତିରୋଧାନ- ମାଘଶୁକ୍ଳ ପକ୍ଷ ଅଷ୍ଟମୀ
କିଏ ସୁତ କିଏ ଦାରା ଭଉଣୀ ଓ ଭାଇ ଅଦୃଶ୍ୟ ଆତ୍ମାର ନାମକରଣ ବା କାହିଁ? ଏ ଜୀବଜଗତ ଡାକେ ତ୍ରାହିତ୍ରାହି ଶରଣାଗତରେ ପୁନର୍ଜନ୍ମ ଦିଅ ନାହିଁ। ମା' -ବର୍ଷେ ବିତିଗଲା, ତୁମର ଆଶିଷ ସଦା ବରଷୁ ଥାଉ।
ବଉଳଗଡ଼ ଛକ, ପୁରୁଣା ଭୁବନେଶ୍ୱର
ଧ-୧୦୭୭୫

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅଶୋକ କୁମାର ମିଶ୍ର**
ଆବିର୍ଭାବ: ୦୧।୦୯।୧୯୫୯
ତିରୋଧାନ: ୨୪।୦୧।୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଭାବପୁତ ବିନତି ଆପଣଙ୍କର ଆଶୀର୍ବାଦ ସବୁବେଳେ ଆମ ଉପରେ ଥାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ।
ଧ-୬୩୯୩୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।

**✓ ଚକ୍ରଧର ସାହୁ**
ପଥୁରିପଡ଼ା, ବାଙ୍କି, ଜିଲ୍ଲା-କଟକ
ଆବିର୍ଭାବ : ୧୮.୦୪.୧୯୨୭
ତିରୋଧାନ : ୧୮.୦୧.୨୦୧୯
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରକୁ ଆପଣାର କରିବାର ବ୍ୟକ୍ତିତ୍ୱ ଚିରସ୍ମରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ଅରବିନ୍ଦ, ମମତା, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀମାନେ ଏବଂ ପରିବାର ବର୍ଗ। ଶ୍ରୀ ମା ଅରବିନ୍ଦ ଜୁଏଲାରୀ, ଡ଼ମଣାଛକ, ଭୁବନେଶ୍ୱର, ମୋହିନୀ ଅଳଙ୍କାର, ଶୈଳେଶ୍ରୀ ବିହାର, ଭୁବନେଶ୍ୱର ଓ କର୍ମଚାରୀବୃନ୍ଦ।
ଧ-୧୦୭୮୩

### ଏକାଦଶାହ ଉପଲକ୍ଷେ



**✓ ପ୍ରିୟନାଥ ଦାସ (ଟୁଲୁ)**
ଆବିର୍ଭାବ - ୦୫.୦୫.୧୯୫୦
(ବାଲିସାହି, ବାଲିକୁଦା, ଜଗତସିଂହପୁର)
ତିରୋଧାନ - ୧୮.୦୧.୨୦୧୯
(ସିଆରପି ଛକ, ନୟାପଲ୍ଲୀ, ଭୁବନେଶ୍ୱର)
ଆପଣଙ୍କ ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆପଣଙ୍କ ଦେହାନ୍ତରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୬୫୫୩୯

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


## ଜାତୀୟ ସାହସିକତା ପୁରସ୍କାର ପାଇଲେ ସିତୁ



ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ସିତୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ରାଜନଗର, ୨୭।୧(ଡି.ଏନ୍.ଏ.)** ଜୀବନକୁ ବାଜି ଲଗାଇ ବଉଳା କୁମ୍ଭୀର ମୁହଁରୁ ଦାଦାଙ୍କୁ ରକ୍ଷା କରିଥିବା କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ଅନ୍ତର୍ଗତ କଣ୍ଡିରା ଗ୍ରାମର ସିତୁ ମଲ୍ଲିକ(୧୫)ଙ୍କୁ ଗଣତନ୍ତ୍ର ଦିବସ ଅବସରରେ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କୁ ନ୍ୟାଶନାଲ ଆୱାର୍ଡସ ଫର ବ୍ରେଭେରୀ ଫର୍ ଚିଲଡ୍ରେନ ୨୦୧୮ ପୁରସ୍କାର ଦିଆଯାଇଛି। ଜାନୁୟାରୀ ୨୫ରେ ନୂଆଦିଲ୍ଲୀର ଇଣ୍ଡିଆନ ହାବିଟାଟ୍ ସେଣ୍ଟରରେ ତାଙ୍କୁ ଏହି ପୁରସ୍କାର ମିଳିଛି। ଆଇସିସିଡବ୍ଲ୍ୟୁ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାରୁ ୪ଜଣ ଏହି ପୁରସ୍କାର ପାଇଛନ୍ତି। ଆଇସିସିଡବ୍ଲ୍ୟୁର ସଭାପତି ଗୀତା ସିଦ୍ଧାର୍ଥ ଯୋଗଦେଇ ପୁରସ୍କାର ବାବଦରେ ମାନପତ୍ର, ୨୪,୦୦୦ ଟଙ୍କା, ମେଡାଲ ଓ ଉପହାର ଦେଇଛନ୍ତି।

### କିଛି ତଥ୍ୟ

୨୦୧୮ ଡିସେମ୍ବରରେ କୋଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ଦେଶର ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣରେ ୧.୯% ବୃଦ୍ଧି ଘଟି ୪୨.୪ ନିୟୁତ ଟନ ରହିଛି।

– କୋଇଲା ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ରାହୁ ନକ୍ଷତ୍ରରେ ଅବସ୍ଥାନ କରି ଭୁଲ୍ ବୁଝାମଣାରୁ ପାରିବାରିକ କିମ୍ବା ବନ୍ଧୁମାନଙ୍କ ସହ ମନାନ୍ତର ସୃଷ୍ଟି କରିବ। ଟଙ୍କା,ପଇସାର ଅଭାବ ରହିବ ନାହିଁ, କିନ୍ତୁ ସମ୍ପର୍କୀୟମାନଙ୍କ ବେପରୁଆ ଓ ଖାପଛଡ଼ା କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** ମିତ୍ର ବୁଧଙ୍କ ନକ୍ଷତ୍ରସ୍ଥ ଶୁକ୍ର ଯାତ୍ରାରେ ଲକ୍ଷ୍ୟପୂରଣ କରିବା ସହ ବାଣିଜ୍ୟ,ବ୍ୟବସାୟରେ ସୁଫଳ ପ୍ରଦାନ କରିବେ। ସଭାସମିତିରେ ବନ୍ଧୁମିଳନ ଘଟିବ ଏବଂ ହାତକୁ ଦି'ପଇସା ମଧ୍ୟ ବିଭିନ୍ନ ବାଟରୁ ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। କୌଣସି ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**ମିଥୁନ** ବୁଧ ଧନାଧିପ ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ହୋଇ ବନ୍ଧୁଙ୍କ ଅନୁରୋଧରୁ କିମ୍ବା ସନ୍ତାନ ହେତୁକ ଅର୍ଥର ଆବଶ୍ୟକତାକୁ ପୂରଣ କରିପାରିବେ। ଖୋଜୁଥିବା ବ୍ୟକ୍ତି ହଠାତ୍ ପାଖକୁ ସ୍ୱତଃ ପ୍ରବୃତ୍ତଭାବରେ ଚାଲି ଆସିବ। ପାରିବାରିକ ସମସ୍ୟା ପୂର୍ବପରି ରହିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ଆଜିର ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟିହୀନତା କାରଣରୁ ପାରିବାରିକ ପ୍ରତିକୂଳତା ଆପଣଙ୍କ ଉପରେ କୌଣସି ପ୍ରଭାବ ପକାଇପାରିବ ନାହିଁ। କିନ୍ତୁ କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଟେନ୍‌ସନ ବୃଦ୍ଧି ପାଇବ। ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିବେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରି ଅପଦସ୍ଥ ହୋଇପାରନ୍ତି।

**ସିଂହ** ରବି ଚନ୍ଦ୍ରଙ୍କ କେନ୍ଦ୍ରରେ ବୁଧଗ୍ରହ କେତୁଯୁକ୍ତ କାରଣରୁ ଅର୍ଥପ୍ରାପ୍ତିରେ କୌଣସି ସମସ୍ୟା ଉପୁଜିବା ଆଶଙ୍କା ରହିଛି। ସାମାନ୍ୟ ଅବହେଳାରୁ ବଡ଼ ସୁଯୋଗଟିଏ ହାତଛଡ଼ା ହେବା ଅନୁଭବ କରିପାରନ୍ତି। ସଭାସମିତିରେ ଆଲୋଚନା, ଚୁକ୍ତିପତ୍ର, ଶିକ୍ଷା, ଯାତ୍ରା, ବ୍ୟବସାୟ, ବାଣିଜ୍ୟରେ ଝଟକା ଲାଗିପାରେ।

**କନ୍ୟା** ରାଶି ଓ ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ଭାଇ,ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ କଳହର କାରଣ ହୋଇପାରେ। ଯାହା ଆଶା କରୁଛନ୍ତି ତାହା ପାଇବା ସହଜସାଧ୍ୟ ହେବନି। ପରିବାରର ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। କଳା,ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ କୌଣସି ଶୁଭଖବର ପାଇ ଉତ୍‌ଫୁଲ୍ଲିତ ହୋଇପାରନ୍ତି।

**ତୁଳା** ରାଜଯୋଗକାରକ ଶନିଙ୍କ ଦୃଷ୍ଟି ରାଶି କିମ୍ବା ରାଶ୍ୟାଧିପତିଙ୍କ ଉପରେ ପଡୁ ନ ଥିବାରୁ ସବୁ ସୁଯୋଗ ହାତକୁ ଆସି ବାଏଁ ବାଏଁ ଚାଲିଯାଇପାରେ। ସକାଳୁ ସକାଳୁ ଜଣେ ନୂତନ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ସବୁ ଅଭାବ, ଅସୁବିଧାକୁ ପଛରେ ପକାଇ କୌଣସି ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଗ୍ରାଧିକାର ଦେଇପାରନ୍ତି।

**ବିଛା** ରାଶିରେ ଦୁଇ ଶୁଭ ଗ୍ରହ ଥିଲେ ମଧ୍ୟ ବଳବାନ୍ ରାହୁଙ୍କ ନବମଦୃଷ୍ଟି ପ୍ରତ୍ୟେକ ପରିସ୍ଥିତିକୁ ବିଗାଡ଼ିଦେବାରେ ସମର୍ଥ ହେବ। ଯାତ୍ରା, ଯୋଗାଯୋଗ, ସତ୍‌ସଙ୍ଗ, ଆଲୋଚନା, ଜାରି ରଖିଲେ କେତେକାଂଶରେ ଧନିଷ୍ଠା ନକ୍ଷତ୍ର ଉପକୃତ ହୋଇପାରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ କ୍ଷେତ୍ରରେ ତତ୍ପର ରହିବେ।

**ଧନୁ** ଆଜି ଯାହା ଚିନ୍ତା କରୁଛନ୍ତି ତାହା କାମ ସମୟକୁ ଓଲଟା ହୋଇଯିବା ଆଶଙ୍କା ରହିଛି। ଦୃଢ଼ ମନୋବଳ ନେଇ କାମ କରିବାର ସୁଯୋଗ ପାଇବେ, ଯଦ୍ୱାରା ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ପରିବାର, କର୍ମକ୍ଷେତ୍ର, ବନ୍ଧୁବର୍ଗ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବପରି ରହିବ।

**ମକର** ନିଜର ବିଚାର ବୁଦ୍ଧିକୁ ଜଳାଞ୍ଜଳି ଦେଇ ଅନ୍ୟର କାନକୁହା କଥାରେ ପରିଚାଳିତ ହେଲେ ପଶ୍ଚାତ୍ତେ ମନସ୍ତାପ କରିବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ମନ କଥା ମନରେ ରଖି ବିନୟଭାବ ପୋଷଣ କରିପାରିଲେ ସୁବିଧାରେ କାମ ହାସଲ କରପାରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଲୋଚନା ଓ ରାଜନୀତି କ୍ଷେତ୍ର ପ୍ରାୟତଃ ଭଲ ରହିବ।

**କୁମ୍ଭ** ଧୈର୍ଯ୍ୟ,ସାହସ ପୂର୍ଣ୍ଣମାତ୍ରାରେ ରହିଥିଲେ ମଧ୍ୟ ମଙ୍ଗଳଙ୍କ ପ୍ରଭାବରୁ ରୋକ୍‌ଠୋକ୍ କଥା ଅନ୍ୟମାନଙ୍କ ଗାତ୍ରଦାହ ସୃଷ୍ଟିକରିବ। ଆପଣଙ୍କ କାର୍ଯ୍ୟକୁ ନିଜ ଲୋକମାନେ ନିନ୍ଦାକରିପାରନ୍ତି। ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟିହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଦରକାର ପଡୁଥିବା ସମୟରେ ଅର୍ଥାଭାବ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ** ନୂତନ କର୍ମାରମ୍ଭ ସାଙ୍ଗକୁ ସହକର୍ମୀଙ୍କ ସାହାଯ୍ୟକାରୀ ପରାମର୍ଶ ଓ ପ୍ରେରଣା କାମକୁ ଆସିବ। ପରିବାରରେ ମତାନ୍ତର ଜନିତ ଅଶାନ୍ତିର ଝଲକ ଦେଖିବାକୁ ମିଳିପାରେ। କଳା,ସାହିତ୍ୟ,ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ତଥା କୃତି ଓ କୃତିତ୍ୱରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ପ୍ରତିପ୍ରଦ ରହିବ।

ଆଜି ମାଘ କୃଷ୍ଣ ଅଷ୍ଟମୀ ସୋମବାର,ଜାନୁୟାରୀ ୨୮ ତାରିଖ,ଲାଲା ଲାଜପତ୍ ରାୟଙ୍କ ଜୟନ୍ତୀ,ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ୭।୫୨ମି. ମଧ୍ୟେ ଘ୧।୨୫ମି. ଗତେ, ଘ୨।୪୮ମି. ମଧ୍ୟେ ଘ୪।୧୧ମି. ଗତେ, ଘ୫।୩୫ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୫୦ମି. ଗତେ ଘ୯।୧୩ମି. ମଧ୍ୟେ ରାହୁକାଳ।



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ 'ଦ ପ୍ରେସ୍ କ୍ଲବ୍ ଓଡ଼ିଶା'ରେ ରବିବାର ପୁରସ୍କୃତ ହୋଇଥିବା 'ଧରିତ୍ରୀ'ର ଡିସେମ୍ବର ମାସର ସେଲ୍‌ଫି କର୍ନର ବିଜେତାମାନେ

# ସ୍ମାର୍ଟଫୋନ୍ ପାଇଲେ ବିଜେତା

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ଧରିତ୍ରୀ ପକ୍ଷରୁ ଏହାର 'ସେଲ୍‌ଫି କର୍ନର' ବିଜେତାଙ୍କ ପାଇଁ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିସେମ୍ବର ମାସର ୩୧ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ବାବଦରେ ପ୍ରତି ବିଜେତାଙ୍କୁ 'ଟେକ୍ ଆଡ୍ଡା' ପକ୍ଷରୁ ଏକ ସ୍ମାର୍ଟ ଫୋନ୍ ପ୍ରଦାନ କରାଯାଇଥିଲା। ଏହା ସହ ଏୟାରଟେଲ ପକ୍ଷରୁ ଏକ ମାସର ଅନ୍‌ଲିମିଟେଡ୍ ଡାଟା ଓ ଅନ୍‌ଲିମିଟେଡ୍ କଲ୍ ଥିବା ଏକ ସିମ୍‌କାର୍ଡ ଦିଆଯାଇଥିଲା। ମଞ୍ଚରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, 'ଟେକ୍ ଆଡ୍ଡା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ, ଓଡ଼ିଶା-ବିହାର-ଝାଡ଼ଖଣ୍ଡ ବିଜନେସ୍ ହେଡ୍ ସୁମିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଥିଲେ ଯେ, ପ୍ରତିଦିନ ଆମ ପାଖକୁ ବହୁ ସଂଖ୍ୟାରେ ସେଲ୍‌ଫି ଆସୁଛି। ସେଥିମଧ୍ୟରୁ କିଛି ସେଲ୍‌ଫି ଚୟନ କରାଯାଇ ପ୍ରକାଶ ପାଉଛି ଓ ସେଗୁଡ଼ିକ ମଧ୍ୟରୁ ଗୋଟିଏକୁ ବାଛି ବିଜେତା କରାଯାଉଛି। ତେଣୁ ଯେଉଁମାନେ ବିଜେତା ହୋଇଛନ୍ତି ସେମାନେ ଭାଗ୍ୟବାନ। 'ଧରିତ୍ରୀ' ପଢୁଥିବାରୁ ଧନ୍ୟବାଦ। ଏହିଭଳି ଆମ ସହିତ ଯୋଡ଼ି ହୋଇ ରହିଥାନ୍ତୁ ଏବଂ ଆମ ସହିତ ସମ୍ପର୍କ ବଢୁ ବୋଲି ସେ କହିଥିଲେ।

'ଟେକ୍ ଆଡ୍ଡା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ କହିଥିଲେ, ଧରିତ୍ରୀ ସହ ଆମେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହୋଇଥିବାରୁ ଗର୍ବ ଅନୁଭବ କରୁଛୁ। ଯୁବପିଢ଼ିଙ୍କ ନିକଟରେ ପହଞ୍ଚିବା ଲାଗି ଏହା ଏକ ଭଲ ମାଧ୍ୟମ ହୋଇପାରିଛି। ସେଲ୍‌ଫି କର୍ନର ଦ୍ୱାରା ଆମକୁ ଭଲ ରେସ୍‌ପନ୍ସ ମିଳୁଛି। 'ଟେକ୍ ଆଡ୍ଡା'ର ବିଜନେସ୍ ହେଡ୍ ସୁମିତ ପଟ୍ଟନାୟକ କହିଥିଲେ, ରାଜ୍ୟରେ ବର୍ତ୍ତମାନ କଟକ, ପୁରୀ ଏବଂ ଭୁବନେଶ୍ୱରରେ ଟେକ୍ ଆଡ୍ଡାର ୩ଟି ଷ୍ଟୋର ରହିଛି। ଏ ସମସ୍ତ ଜାଗାରେ ଆଉ ୨ଟି ଲେଖାଏ ଷ୍ଟୋର ଖୋଲିବାକୁ ଯୋଜନା କରୁଛୁ। ଅନ୍ୟମାନଙ୍କ ମଧ୍ୟରେ 'ଟେକ୍ ଆଡ୍ଡା'ର ଏରିଆ ସେଲ୍‌ସ ମ୍ୟାନେଜର ସଞ୍ଜୟ ବେହେରା, ରିଜିଓନାଲ ମାର୍କେଟିଂ ହେଡ୍ ଭରତ ଦାସ, ଏୟାରଟେଲ୍ ଓଡ଼ିଶାର ଏଓ ରିଷିକାନ୍ତ ବିଶ୍ୱାଳ, ଟିଏଲ୍ ଦେବକାନ୍ତ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍ସବକୁ ମନୋରଞ୍ଜନଧର୍ମୀ କରିବା ପାଇଁ ସ୍ୱତନ୍ତ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ କାଜୋଲ ଓ ବିଭୁ ମନଛୁଆଁ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ। ଉପସ୍ଥିତ ଶ୍ରୋତାମାନେ ଗୀତର ତାଳେ ତାଳେ ନାଚିବା ସହ ଭରପୂର ଉପଭୋଗ କରିଥିଲେ। ତେବେ ଏଥର କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ର୍‍ୟାମ୍ପ ଶୋ' ଆୟୋଜନ କରାଯାଇଥିଲା। ଏଥିରେ ମଡେଲ ଗୋଲ୍ଡି, ରଶ୍ମିତା, ଜସ୍ମିନ, ସନ୍ଧ୍ୟା, ସୌମ୍ୟା ମଞ୍ଚରେ ସେମାନଙ୍କ କମାଲ ଦେଖାଇଥିଲେ। ଡିଜେ ମ୍ୟୁଜିକ୍ ସହ ମଡେଲଙ୍କ କ୍ୟାଟ୍ ୱାକ୍ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା। କାର୍ଯ୍ୟକ୍ରମରେ ଶୋଭନା ମିଶ୍ର ମଞ୍ଚ ସଂଯୋଜନା କରିଥିଲେ।



ଜଣେ ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଧରିତ୍ରୀ' ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି 'ଟେକ୍ ଆଡ୍ଡା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ ଓ 'ଧରିତ୍ରୀ' ସମ୍ପାଦକ ତଥାଗତ ସତପଥୀ




ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଟେକ୍ ଆଡ୍ଡା'ର ପ୍ରଶାସନିକ ମୁଖ୍ୟ ଅରିଜିତ୍ ବୋଷ



କାର୍ଯ୍ୟକ୍ରମରେ 'ଏକ ନିଃଶ୍ୱାସରେ ସେଲ୍‌ଫି ସେଲ୍‌ଫି କହିବା ପ୍ରତିଯୋଗିତା' ବେଳର ଦୃଶ୍ୟ।




କଣ୍ଠଶିଳ୍ପୀ କାଜୋଲ ଓ ବିଭୁ





ଜଣେ ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଟେକ୍ ଆଡ୍ଡା'ର ବିଜନେସ୍ ହେଡ୍ ସୁମିତ ପଟ୍ଟନାୟକ



ହୃଦୟଛୁଆଁ ଗୀତର ତାଳେ ତାଳେ ନୃତ୍ୟରତ ସେଲ୍‌ଫି କର୍ନର ବିଜେତା ଓ ସେମାନଙ୍କ ସମ୍ପର୍କୀୟ



କାର୍ଯ୍ୟକ୍ରମରେ ଆୟୋଜିତ ର୍‍ୟାମ୍ପ ଶୋ'ରେ ରଶ୍ମିତା, ସୌମ୍ୟା, ଜସ୍ମିନ, ସନ୍ଧ୍ୟା ଓ ଗୋଲ୍ଡି

# ସମ୍ମାନରେ ଅସମ୍ମାନିତ

ତିନି ବର୍ଷର ବ୍ୟବଧାନ ପରେ ୩ ଜଣଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନ ଦେବା ଲାଗି ଘୋଷଣା କରାଯାଇଛି। ସେମାନେ ହେଲେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସଙ୍ଗୀତଜ୍ଞ ଭୂପେନ ହଜାରିକା ଏବଂ ଆର୍‌ଏସ୍‌ଏସ୍ ଆଦର୍ଶର ପ୍ରବୀଣ ପ୍ରଚାରକ ନାନାଜୀ ଦେଶମୁଖ। ଏମାନଙ୍କ ବ୍ୟତୀତ ୪ ପଦ୍ମବିଭୂଷଣ, ୧୪ ପଦ୍ମଭୂଷଣ ଏବଂ ୯୪ ଜଣ ପଦ୍ମଶ୍ରୀ ପାଇବେ। ତେବେ ସାଧାରଣ ନିର୍ବାଚନ ଥିବାରୁ ଏମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଉଦ୍ଦେଶ୍ୟଭିତ୍ତିକ ଚୟନ କରାଯାଇଛି ବୋଲି କୁହାଗଲାଣି। ପ୍ରଣବ ମୁଖାର୍ଜୀଙ୍କୁ ଚୟନ କରାଯିବା ପଛରେ ପଶ୍ଚିମବଙ୍ଗ ରାଜନୀତି ରହିଥିବା କୁହାଯାଉଛି। ଅବଶ୍ୟ ଏହି ସମ୍ମାନ ଲାଗି ବଛାଯିବା ପୂର୍ବରୁ ରାଷ୍ଟ୍ରପତିତ୍ୱ ସମୟରେ ଏକାଧିକ ଅପରାଧୀଙ୍କୁ ଫାଶୀ ଦେବା ଲାଗି ପ୍ରଣବ ଅନୁମତି ଦେଇଛନ୍ତି। କିନ୍ତୁ ରାଷ୍ଟ୍ରପତି ଭବନରୁ ଯିବା ପରେ ଆର୍‌ଏସ୍‌ଏସ୍ ମୁଖ୍ୟାଳୟରେ ମୋହନ ଭାଗବତଙ୍କ ସହ ନିବିଡ଼ ଆଲୋଚନା କରିବା ଏବଂ ସର୍ବୋଚ୍ଚରେ ରିଲାଏନ୍ସ ସଂସ୍ଥାର ପୁରୋଧାଙ୍କୁ ଦୀର୍ଘକାଳ ପ୍ରୋତ୍ସାହନ ଦେବାକୁ ଯାଇ ସେ ଦେଶର ଅଭୂତପୂର୍ବ କ୍ଷତି କରାଇବା ଆଦି ସମ୍ମାନ ପାଇଁ ଅନ୍ୟତମ ଯୋଗ୍ୟତା ଭାବେ ବିବେଚିତ ହୋଇଛନ୍ତି। ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ଏବେ ଉତ୍ତର ପୂର୍ବାଞ୍ଚଳ ବିଶେଷକରି ଆସାମରେ ଉଠିଥିବା ବିବାଦକୁ ପ୍ରଶମିତ କରିବା ଲାଗି ଭୂପେନ ହଜାରିକାଙ୍କୁ ଚୟନ କରାଯାଇଛି ବୋଲି ଆଲୋଚନା ଚାଲିଛି। ଦେଶମୁଖଙ୍କ କଥା ଉଠିଲେ ଭାଜପାର ମୂଳ ଆଦର୍ଶ ଆର୍‌ଏସ୍‌ଏସ୍‌ର ଅନ୍ୟତମ ଜଣାଶୁଣା ବ୍ୟକ୍ତି ହୋଇଥିବାରୁ କେନ୍ଦ୍ର ସରକାର ତାଙ୍କୁ ସମ୍ମାନ ଦେବାକୁ ଆଗେଇ ଆସିଛନ୍ତି।

ଭାରତରତ୍ନ ଲାଗି ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ବ୍ୟକ୍ତିବିଶେଷଙ୍କ ନାମ ସୁପାରିସ କରିଥାଆନ୍ତି। ସେହି ଅନୁଯାୟୀ ମନୋନୀତ ବ୍ୟକ୍ତିଙ୍କ ନିକଟକୁ ସରକାରଙ୍କ ପକ୍ଷରୁ ଚିଠି ପଠାଯାଇ ସେମାନଙ୍କ ସମ୍ମତି ଲୋଡ଼ାଯାଇଥାଏ। ସମ୍ମତି ମିଳିବା ପରେ ସେମାନଙ୍କ ନାମ ଘୋଷଣା କରାଯାଏ। ଓଡ଼ିଶାରେ ୩ ଜଣ ଯଥା କୋରାପୁଟର ଆଦିବାସୀ ମହିଳା କମଳା ପୂଜାରୀଙ୍କୁ କୃଷି, କେନ୍ଦୁଝରର ଦୈତାରୀ ନାୟକ ଓ କଟକର ଡି. ପ୍ରକାଶ ରାଓଙ୍କୁ ସମାଜସେବା ଏବଂ ଆମେରିକାରେ ରହୁଥିବା ଗୀତା ମେହେଟାଙ୍କୁ ସାହିତ୍ୟ କ୍ଷେତ୍ରରେ ପଦ୍ମଶ୍ରୀ ମିଳିବ ବୋଲି ଘୋଷଣା କରାଯାଇଛି। ଇତିମଧ୍ୟରେ ଗୀତା ଏହି ସମ୍ମାନକୁ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି। ପ୍ରତ୍ୟାଖ୍ୟାନର କାରଣ ଦର୍ଶାଇବାକୁ ଯାଇ ସେ ବର୍ତ୍ତମାନର ସମୟକୁ ଇଙ୍ଗିତ କରିଛନ୍ତି। ଏହିଭଳି 'ସମୟ'କୁ ଇଙ୍ଗିତ କରିବା ବିଷୟ ସେ ସ୍ପଷ୍ଟ କରିନାହାନ୍ତି।

ବାସ୍ତବରେ ଭାରତର ବେସାମରିକ ସମ୍ମାନ ବିଭିନ୍ନ କ୍ଷେତ୍ରରେ ବିରଳ ଓ ସମାଜରେ ପରିବର୍ତ୍ତନ ଆଣିପାରୁଥିବା ଭଳି କାର୍ଯ୍ୟ ଦିଗରେ ନିରନ୍ତର ଯୋଡ଼ି ହୋଇଥିବା ବ୍ୟକ୍ତିଙ୍କୁ ମିଳିଥାଏ। ଏହାର ଅସଂଖ୍ୟ ଉଦାହରଣ ବିଗତ ବର୍ଷଗୁଡ଼ିକରେ ଦେଖିବାକୁ ମିଳିଛି। ୨୦୧୯ ଜାନୁୟାରୀ ୨୬ରେ ଘୋଷିତ ଅନେକ ବ୍ୟକ୍ତି ଏକାକୀ ଏକଲବ୍ୟଙ୍କ ଭଳି କାହାଣୀ ସୃଷ୍ଟି କରିଛନ୍ତି। କମଳା ପୂଜାରୀ ଜୈବିକ ଉପାୟରେ ୧୦୦ କିସମର ଧାନ ସଂରକ୍ଷିତ ରଖିବା, ପାହାଡ଼ କାଟି ବୈତରଣୀ ପାଣି ଆଣି ଚାଷ ଜମିକୁ ଯୋଗାଇଥିବ ଦୈତାରୀ ନାୟକ ଏବଂ ଚା' ଦୋକାନରୁ ଅର୍ଜିତ ଅର୍ଥରେ ବସ୍ତି ଅଞ୍ଚଳରେ ସ୍କୁଲ ଚଳାଇବା ସହ ରୋଗୀସେବା କରୁଥିବା ସାମାଜିକ କର୍ମୀ ଡି. ପ୍ରକାଶ ରାଓ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ସେହିପରି ଭାରତ ବିଭାଜନ ପରେ ପାକିସ୍ତାନର ସିଆଲ୍‌କୋଟରେ ଜନ୍ମିତ ଧରମ୍ ପାଲ ଗୁଲାଟୀଙ୍କ କାହାଣୀ ପ୍ରେରଣାଦାୟକ ହୋଇପାରିଛି। ସେତେବେଳେ ସେ ପରିବାର ସହ ଭାରତ ଚାଲିଆସିଥିଲେ। ଆସିବା ବେଳେ ପାଖରେ ସମ୍ବଳ ଥିଲା ମାତ୍ର ୧୫୦୦ ଟଙ୍କା। ପ୍ରାରମ୍ଭିକ ଅବସ୍ଥାରେ ଗୁଲାଟୀ ଘୋଡ଼ାଗାଡ଼ି ଚାଳକ ହୋଇଥିଲେ। ଅର୍ଥ ସଞ୍ଚୟ କରିବା ପରେ ସେ ନୂଆଦିଲ୍ଲୀର କରୋଲ୍‌ବାଗ୍‌ରେ ଏକ ମସଲା ଦୋକାନ କରି ଆଜି ମହାଶୟ ଦି ହାଟି (ଏମ୍‌ଡିଏଚ୍)କୁ ଦୁନିଆ ଆଗରେ ମେଲେଇ ଦେଇଛନ୍ତି। ଏଥିସହିତ ସେ ଫାଷ୍ଟ ମୁଭିଂ କନ୍‌ଜ୍ୟୁମର ଗୁଡ୍‌ସ (ଏଫ୍‌ଏମ୍‌ସିଜି) କ୍ଷେତ୍ରରେ ସର୍ବାଧିକ ଦରମା (୨୦୧୮ରେ ୨୫ କୋଟି ଟଙ୍କା) ନେଉଥିବା ସିଇଓ ହୋଇପାରିଛନ୍ତି। କେବଳ ସେତିକି ନୁହେଁ, ଟେଲିଭିଜନ୍ ବିଜ୍ଞାପନରେ 'ଦାଦାଜୀ' ଭାବେ ଘରେ ଘରେ ପରିଚିତ ଗୁଲାଟୀ ଔଦ୍ୟୋଗିକ ବିକାଶ ଦିଗରେ ଯେଉଁ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ତାହା ଆଜିର ଯୁବପିଢ଼ି ପାଇଁ ଅନୁକରଣୀୟ ହୋଇଛି।

ବର୍ତ୍ତମାନ ପରିସ୍ଥିତିରେ ଭାରତରେ ଏହିଭଳି ରତ୍ନ ଓ ପଦ୍ମ ସମ୍ମାନକୁ ରାଜନୈତିକ ଚାପରେ ଦିଆଯାଉଥିବାରୁ ସେଗୁଡ଼ିକର ମାନ ହ୍ରାସ ପାଇଲାଣି। ବୈଜ୍ଞାନିକ, କୌଣସି ଆବିଷ୍କାର କରିଥିବା ବ୍ୟକ୍ତି କିମ୍ବା ମଣିଷ ଜୀବନରେ ଦୁଃସାହସିକତାର ଦିଗ ଦେଖାଇଥିବା ବ୍ୟକ୍ତିବିଶେଷଙ୍କୁ ଭାରତରତ୍ନ ଦେବାର ଚେଷ୍ଟା ହେବା ଉଚିତ। ଯଦି ସଚିନ ତେନ୍ଦୁଲକରଙ୍କୁ ଭାରତରତ୍ନ ଦିଆଯିବାକୁ ନେଇ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା, ତେବେ ପ୍ରଣବ ମୁଖାର୍ଜୀ ଓ ନାନାଜୀ ଦେଶମୁଖଙ୍କୁ ସେହି ସମ୍ମାନ ଦିଆଯିବା ମଧ୍ୟ ଭାରତରତ୍ନକୁ ପ୍ରଶ୍ନବାଣରେ ରଖିଦେଇଛି। ଦେଖିବାକୁ ଗଲେ, ଗତ କିଛି ଦଶନ୍ଧି ଧରି ଆମେ ଭାରତୀୟମାନେ ଦେଶର ସବୁ ସଂସ୍ଥା ଏବଂ ସମ୍ମାନକୁ ନ୍ୟୂନ କରିବାରେ ଲାଗିପଡ଼ିଛୁ। ଧରାଧରି, ସଲାସୁତୁରା ଏବଂ ମସୁଧା କରିବାରେ ସହାୟକ ହେଉଥିବା ବ୍ୟକ୍ତିବିଶେଷଙ୍କୁ ପଦ୍ମ ସମ୍ମାନ ମିଳିବା ଏକ ସାଧାରଣ ବିଷୟ ହୋଇପଡ଼ିଲାଣି। ଏହି ସମ୍ମାନ ଏବେ ଆଉ ସମ୍ମାନ ଆଣିଦେଉ ନାହିଁ। ଏହାର ପ୍ରଦାନ କେବଳ ଦର୍ଶାଉଛି ଯେ ବିଜେତାମାନେ ଆଜିର ସରକାରଙ୍କ ସହିତ ମଧୁର ସମ୍ପର୍କ ଗଢ଼ିପାରିଛନ୍ତି ଏବଂ ଚାହିଦା ମୁତାବକ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି। ଏବେ ଯେଉଁମାନଙ୍କ ନାମ ପ୍ରକାଶ ପାଇଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତର ଜନସାଧାରଣଙ୍କ ସାମ୍ନାରେ ଉଲଗ୍ନ ହୋଇ ନିଜର ଚରିତ୍ରକୁ ପଦାରେ ପକାଇଥିବାରୁ ଅସମ୍ମାନିତ ହୋଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | 5 | A | | | | | | | | | 6 | | |
| 9 | | | | 0 | 1 | | 3 | A | D | | 8 | | | |
| | | 7 | | D | 8 | | | | | 0 | 3 | 9 | A | |
| | | | C | | | 2 | | | E | 7 | | | | |
| | | C | | | | E | 6 | 7 | | | | | | |
| 2 | | | | | | | | 3 | 9 | | | 7 | 0 | |
| | | 4 | | | | | | | | | | C | 8 | |
| 8 | | | | | | 6 | | C | 3 | | | 1 | 9 | |
| | | B | | | | | | 8 | A | 5 | 4 | E | | |
| | A | | | | D | 4 | | | 1 | 2 | E | | | |
| | | | 2 | | | | | B | | | 7 | | E | |
| | | E | | | | | 7 | | | | | A | | |
| C | | | D | | E | A | 5 | | | 9 | | | | 1 |
| 6 | | 1 | | 8 | | | | | 2 | | | 4 | 5 | 7 |
| | | 0 | | | | 9 | 4 | 6 | 8 | | A | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 0 | 9 | 2 | 4 | E | B | 1 | D | C | 8 | 5 | A | 6 | 7 |
| D | 6 | E | 5 | 7 | 1 | 0 | 2 | 3 | 9 | B | A | 4 | 8 | C |
| 1 | 5 | 8 | 0 | 3 | A | E | C | 4 | 2 | 6 | 7 | B | D | 9 |
| B | 4 | C | 9 | 8 | D | 6 | 7 | A | 0 | 1 | 3 | 5 | E | 2 |
| 7 | 2 | A | B | C | 6 | 8 | 5 | 9 | D | E | 4 | 3 | 1 | 0 |
| C | 9 | B | 4 | E | 0 | D | 8 | 5 | A | 2 | 1 | 6 | 7 | 3 |
| 4 | 3 | 7 | A | 1 | 5 | C | B | 2 | 8 | D | 6 | 9 | 0 | E |
| E | A | D | 8 | 2 | 9 | 3 | 6 | 7 | 4 | 0 | B | C | 5 | 1 |
| 2 | 8 | 0 | 3 | 6 | C | A | E | 1 | 5 | 7 | 9 | D | B | 4 |
| 6 | 1 | 5 | 7 | D | B | 9 | 4 | 0 | E | 3 | C | 8 | 2 | A |
| A | B | 4 | E | 5 | 8 | 1 | 9 | 6 | 7 | C | 2 | 0 | 3 | D |
| 0 | D | 1 | C | 9 | 2 | 7 | A | B | 3 | 5 | 8 | E | 4 | 6 |
| 5 | 7 | 6 | D | 0 | 4 | 2 | 3 | C | B | 9 | E | 1 | A | 8 |
| 8 | C | 3 | 6 | A | 7 | 5 | D | E | 1 | 4 | 0 | 2 | 9 | B |
| 9 | E | 2 | 1 | B | 3 | 4 | 0 | 8 | 6 | A | D | 7 | C | 5 |

ଶନିବାର ପ୍ରକାଶିତ ଉତ୍ତର

# ଦାଦନ ଶ୍ରମିକ



ପ୍ରଦୀପ୍ତ ନାୟକ

ଓଡ଼ିଶା ହେଉଛି ଦାଦନ ଶ୍ରମିକର ଘର- ଏହା ସମଗ୍ର ବିଶ୍ୱବାସୀ ଜାଣିଛନ୍ତି। ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଶ୍ରମକୁ ଜୀବିକା କରିବା କିଛି ଖରାପ କଥା ନୁହେଁ, ମାତ୍ର ମଧ୍ୟସ୍ଥ ଦ୍ୱାରା ଆଗତୁରା ବହିନା ନେଇ ପିଲାଛୁଆ ପରିବାର ଧରି ଘରଦ୍ୱାର ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟ କିମ୍ବା ଦେଶକୁ ଯାଇ କାମ କରିବାକୁ ନିଜକୁ ବନ୍ଧା ପକାଇବା ହେଉଛି ଅତ୍ୟନ୍ତ ଅପମାନଜନକ। କାର୍ଯ୍ୟକ୍ଷେତ୍ରରେ ଜଣେ ଦାଦନ ଶ୍ରମିକର କୌଣସି ସମୟ ନିର୍ଘଣ୍ଟ ନ ଥାଏ। ସେଠାରେ ତା'ର ଛୋଟ ପିଲାଠାରୁ ସ୍ତ୍ରୀ ଓ ବଢ଼ିଲା ଯୁବତୀ ଝିଅ ସମସ୍ତେ ଦିନରାତି କାମ କରନ୍ତି। ଅକଥନୀୟ ଅତ୍ୟାଚାରକୁ ବିନା ବାଧାରେ ସହ୍ୟ କରନ୍ତି। ମାଲିକ ଓ ତା'ର କର୍ମଚାରୀମାନେ ଦାଦନ ଶ୍ରମିକର ଯୁବତୀ ସ୍ତ୍ରୀ ଓ କନ୍ୟାଙ୍କୁ ଯୌନ ଶୋଷଣ କରନ୍ତି। ପ୍ରତିବାଦ କଲେ ମାଡ଼ଗାଳି ଖାଇବାକୁ ପଡ଼େ। ଅସ୍ୱାସ୍ଥ୍ୟକର ପରିବେଶରେ ଚଳିବାକୁ ପଡ଼େ। ପେଟପୂରା ଖାଦ୍ୟ ମିଳେନାହିଁ। ରୋଗ ହେଲେ ଚିକିତ୍ସା ସାତସପନ। ପିଲାଙ୍କ ପାଠପଢ଼ା କଥା ପଚାରେ କିଏ ? ଆଗତୁରା ନେଇଥିବା ବହିନା ଶୁଝିବା ପରେ ଯଦି ଅବଶିଷ୍ଟ ମୂଲ ମାଗେ ଅଧିକାଂଶ ଜାଗାରେ ନିରାଶ ହେବାକୁ ପଡ଼େ। ଏତଦ୍‌ବ୍ୟତୀତ ଦେଖାଯାଉଛି ବିଚରା ନିରୀହ ମଣିଷଟି ଅକଥନୀୟ ଅତ୍ୟାଚାର ସହି କେଉଁଠି କିଛି ପ୍ରମାଣ ନ ଥାଇ ମୃତ୍ୟୁମୁଖରେ ପଡ଼ିଛି ତ କେଉଁଠି ଅଙ୍ଗପ୍ରତ୍ୟଙ୍ଗ ହରାଇ ଘରକୁ ଫେରିଛି ତ କେଉଁ ଦୁରାରୋଗ୍ୟ ବ୍ୟାଧିରେ ପଡ଼ିଛି। ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାର ଦରିଦ୍ର ଶ୍ରମଜୀବୀମାନେ ଏହିପରି ଦୁର୍ଦ୍ଦଶା ଭୋଗୁଛନ୍ତି। ଓଡ଼ିଶାର ମାନସମ୍ମାନ ବିଶ୍ୱ ଦରବାରରେ ଭୂଲୁଣ୍ଠିତ ହେଉଛି। ଆଜିପର୍ଯ୍ୟନ୍ତ କୌଣସି ବି ସରକାର ଏ ଦିଗରେ ଠୋସ ପଦକ୍ଷେପ ନେଇନାହାନ୍ତି। ତେଣୁ ଧାରାବାହିକ ଭାବରେ ପ୍ରତିବର୍ଷ ଡିସେମ୍ବରରୁ ଲକ୍ଷ ଲକ୍ଷ ଲୋକ ଘରଦ୍ୱାର ଛାଡ଼ି ଯାଉଛନ୍ତି ଯେ ଜୁନ୍‌ରେ ଫେରୁଛନ୍ତି। ଓଡ଼ିଶା ସରକାରଙ୍କ ଶ୍ରମବିଭାଗ, ପଞ୍ଚାୟତିରାଜ ବିଭାଗ କିଛି କାର୍ଯ୍ୟ ଆରମ୍ଭ କରିଛନ୍ତି ଦାଦନ ଶ୍ରମିକଙ୍କୁ ନିୟନ୍ତ୍ରିତ କରିବାକୁ, ମାତ୍ର ସଫଳ ହୋଇପାରି ନାହାନ୍ତି। ଭିଟାମାଟି ଛାଡ଼ି ଯାଉଥିବା ସମସ୍ତ ଶ୍ରମିକର ଗ୍ରାମପଞ୍ଚାୟତ କିମ୍ବା ଶ୍ରମ ଦପ୍ତରରେ ପଞ୍ଜୀକରଣ ନିମନ୍ତେ କାର୍ଯ୍ୟବାହିକା ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ପ୍ରଚାରପତ୍ର ଛପାଯାଉଛି ମାତ୍ର ତା'ର ଠିକ୍ ଉପଯୋଗ ହେଉନାହିଁ। ଅଧିକାରୀ ଲୋକଦେଖାଣିଆ କ୍ଷେତ୍ରପରିଦର୍ଶନ କରୁଛନ୍ତି, ଆଲୋଚନା, ପର୍ଯ୍ୟାଲୋଚନା କରୁଛନ୍ତି ତା'ର କିଛି ବି ପ୍ରଭାବ ଶ୍ରମିକ ଚାଲାଣକାରୀ ମଧ୍ୟସ୍ଥ ଦଲାଲ କିମ୍ବା ମାଲିକମାନଙ୍କ ଉପରେ ପଡୁନାହିଁ।

ସରକାରୀ ହିସାବରେ ଦର୍ଶାଯାଉଛି ଯେ ୨୦୧୧ରୁ ୨୦୧୪ ମଧ୍ୟରେ ମାତ୍ର ୧,୩୫,୭୧୯ ଜଣ ଲୋକ ଘରଦ୍ୱାର ଛାଡ଼ି ବାହାର ରାଜ୍ୟକୁ ଦାଦନ ଶ୍ରମିକ ଖଟିବାକୁ ଯାଇଛନ୍ତି। ସେଥିରେ ଅତ୍ୟନ୍ତ ନିର୍ଲଜ୍ଜ ଭାବରେ ସ୍ୱୀକାର କରାଯାଇଛି ଯେ, ଏହି ସମୟ ମଧ୍ୟରେ ମାତ୍ର ୩,୧୧୩ ଜଣ ଶ୍ରମ ବିଭାଗ ନିକଟରେ ନାମ ପଞ୍ଜୀକରଣ କରିଛନ୍ତି। କିନ୍ତୁ ଦାଦନ ଶ୍ରମିକ ପ୍ରଥାର ନିରାକରଣ ଓ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅଧିକାର ପାଇଁ ଲଢ଼େଇ କରୁଥିବା ବେସରକାରୀ ଅନୁଷ୍ଠାନ ଏଡ୍ ଆଟ୍ ଆକ୍ସନ୍ ପ୍ରକାଶ କରିଛି ଯେ ପ୍ରତିବର୍ଷ ପ୍ରାୟ ୩ ଲକ୍ଷ ଶ୍ରମିକ ଦାଦନ ଖଟିବା ପାଇଁ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର, ଗୁଜରାଟ ଇତ୍ୟାଦି ରାଜ୍ୟକୁ ଯାଉଛନ୍ତି। ଏହା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାକର ବିଷୟ। ଏକ ଆକଳନରୁ ଜଣାଯାଇଛି ଯେ, ସେହି ସମୟ ମଧ୍ୟରେ ସମଗ୍ର ଭାରତରେ ପ୍ରାୟ ୩୦ ନିୟୁତ ଶ୍ରମିକ ଦାଦନ ଖଟିଛନ୍ତି, ଯେଉଁଥିରୁ ଓଡ଼ିଶାର ହେଉଛନ୍ତି ୨.୫ ନିୟୁତ। ରାଜ୍ୟ ସରକାର ବାସ୍ତବତାକୁ ଲୁଚାଉଛନ୍ତି। ଏ ଦିଗରେ ଆଉ ଚାରିପାଦ ଆଗେଇଯାଇ କେନ୍ଦ୍ର ସରକାରଙ୍କର 'ନୀତି ଆୟୋଗ' ତାଙ୍କର ସଦ୍ୟ ପ୍ରକାଶିତ ବିକାଶ ସୂଚକାଙ୍କ ତାଲିକାରେ ଓଡ଼ିଶାର ସବୁଠାରୁ ଦାଦନ ଶ୍ରମିକପ୍ରବଣ ରାଜ୍ୟ ନୂଆପଡ଼ାକୁ ଦେଶର ଦୁଇ ନମ୍ବର ପ୍ରଗତିଶୀଳ ରାଜ୍ୟ ତାଲିକାରେ ସ୍ଥାନ ଦେଇଛନ୍ତି। ଗତ କିଛିଦିନ ତଳେ ଏହା ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା। କେନ୍ଦ୍ର ସରକାରଙ୍କ ସଂଖ୍ୟା ଖେଳର ଏହା ଆଉ ଏକ ନମୁନା।

ଜାତିସଂଘ ବିକାଶ କାର୍ଯ୍ୟକ୍ରମ ମିଲେନିୟମ ଡେଭଲପମେଣ୍ଟ ଗୋଲ୍ (ଏମ୍‌ଡିଜି) ଅନୁଯାୟୀ ଲକ୍ଷ୍ୟ ଥିଲା ୨୦୧୫ ମସିହା ମଧ୍ୟରେ ସାରା ବିଶ୍ୱର କ୍ଷୁଧା ଓ ଦାରିଦ୍ର୍ୟରୁ ମୁକ୍ତି। ଏଥିନିମନ୍ତେ ୮ଟି ସୁଦୂରପ୍ରସାରୀ ଲକ୍ଷ୍ୟ ହାସଲ କରିବାର ଥିଲା। କ୍ଷୁଧା, ନିରାମୟ ଜୀବନ, ଲିଙ୍ଗଗତ ପ୍ରଭେଦ କମାଇବା, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ସାନିଟେସନ, ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ଏବଂ ଦାରିଦ୍ର୍ୟରୁ ମୁକ୍ତି ନିମନ୍ତେ ୨୦୦୦ ମସିହାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ତାହା ଭାରତବର୍ଷ ହାସଲ କରିପାରିଲା ନାହିଁ। ପରିବର୍ତ୍ତିତ ପରିସ୍ଥିତିରେ ପୁନଶ୍ଚ ୨୦୧୫ ମସିହାରେ ଜାତିସଂଘର ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ୍ ନିର୍ଦ୍ଧାରିତ ହେଲା। ଦେଶବାସୀଙ୍କୁ ଦାରିଦ୍ର୍ୟ, ବୈଷମ୍ୟ ଓ ଜଳବାୟୁ ପରିବର୍ତ୍ତନରୁ ସୁରକ୍ଷା ଦେବା ନିମନ୍ତେ ୨୦୩୦ ମସିହା ମଧ୍ୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଜାତିସଂଘ ତରଫରୁ ସ୍ଥିର କରାଯାଇଛି। ମାତ୍ର ଦେଖାଯାଉଛି ଭାରତ ସମଗ୍ର ବିଶ୍ୱରେ ଅନ୍ୟାନ୍ୟ ବିକାଶମୁଖୀ ଦେଶ ସହିତ ତାଳ ଦେଇ ଚାଲିପାରୁ ନାହିଁ। ଅନେକ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଯଥା: ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା, ଜଙ୍ଗଲ ଜମି ଅଧିକାର ଆଇନ, ବାର୍ଦ୍ଧକ୍ୟ ଭତ୍ତା ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା, ଖାଦ୍ୟ ନିରାପତ୍ତା ଯୋଜନା, ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଆଇନ, ଇନ୍ଦିରା ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା, କେନ୍ଦ୍ର ଖଦି କମିଶନ ଓ ରାଜ୍ୟ ଖଦିବୋର୍ଡର ବିଭିନ୍ନ ଯୋଜନା, ଜୀବିକା ମିଶନ୍, ମିଶନ୍ ଶକ୍ତି ଯୋଜନା ଇତ୍ୟାଦି ଦେଶରୁ ଦାରିଦ୍ର୍ୟ ଦୂର କରିବାରେ ସହାୟକ ହୋଇପାରୁ ନାହିଁ। କାରଣ ଏହି ଯୋଜନାଗୁଡ଼ିକର ବାସ୍ତବ ତଥା ଦୁର୍ନୀତିମୁକ୍ତ ରୂପାୟନ ହୋଇପାରୁ ନାହିଁ। ସରକାରୀ କଳର ଚରମ ଉଦାସୀନତା, ଗ୍ରାମ ପଞ୍ଚାୟତ, ବ୍ଲକସ୍ତରରେ ବ୍ୟାପକ ଦୁର୍ନୀତି ଓ ଜନପ୍ରତିନିଧିମାନଙ୍କର କର୍ମୀ/ଠିକାଦାରି ପୋଷଣ ନୀତି ଯୋଗୁ କୌଣସି ଯୋଜନା ସଫଳ ହୋଇପାରୁନି। ସାଧାରଣ ନିରୀହଟି ବିଚରା ରାହା ନ ପାଇ ଶେଷରେ ଦଲାଲମାନଙ୍କର ଶିକାର ହେଉଛି। ନିଜର ତେଲଲୁଣ ସଂସାରର ଗୁଜୁରାଣ ମେଣ୍ଟାଇବା ପାଇଁ ଦାଦନ ଖଟିବାକୁ ରାସ୍ତା ବାଛି ନେଉଛି। ଯେଉଁ ମଧ୍ୟସ୍ଥମାନେ ଲୋକଙ୍କୁ ଅଗତୁରା ଟଙ୍କା ଦେଇ ରାଜ୍ୟ ବାହାରର ମାଲିକମାନଙ୍କୁ ଶ୍ରମିକ ଯୋଗାଉଛନ୍ତି, ସେମାନଙ୍କୁ ଚିହ୍ନଟ କରାଯାଉନାହିଁ କାହିଁକି ? ସେମାନେ ସମସ୍ତେ ଶାସନରେ ଥିବା ନେତାମାନଙ୍କର କର୍ମୀ କିମ୍ବା ପାଣ୍ଠି ଯୋଗାଡ଼କାରୀ, ଯେଉଁଥିପାଇଁ ଆଇନକୁ ବେଖାତିର କରି ସରକାରୀ ଅଫିସରଙ୍କୁ ଚକ୍‌ମା ଦେଖାଇ ଶ୍ରମିକ ଚାଲାଣ କରୁଛନ୍ତି। ଦାଦନ ଶ୍ରମିକ ପ୍ରଥା ବନ୍ଦ କରିବାକୁ ହେଲେ ଏହି ଦଲାଲମାନଙ୍କୁ ଚିହ୍ନଟ କରି ଆଇନର କାଠଗଡ଼ାରେ ଛିଡ଼ା କରିବାର ଅଛି।

କେନ୍ଦ୍ର ଓ ରାଜ୍ୟ ସରକାର ମନରେଗା ଯୋଜନାକୁ କଡ଼ାକଡ଼ି ଲାଗୁ କରି ଘୋଷିତ ସର୍ବନିମ୍ନ ମଜୁରୀ ୩୭୦ ଟଙ୍କା ଦେବାକୁ ହେବ। କୃଷକଙ୍କୁ ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁଯାୟୀ ଫସଲର ନ୍ୟୁନତମ ଦାମ୍ ବିକ୍ରି ସ୍ଥାନରେ ଦେବାକୁ ହେବ। ପୂର୍ବର ସମସ୍ତ କୃଷିଋଣ ଛାଡ଼ କରି ନୂତନ କୃଷିଋଣ ସମେତ ସବ୍‌ସିଡ଼ି ଯୋଗାଇ ଦେବାକୁ ପଡ଼ିବ। କେରଳ ଭଳି ବିଭିନ୍ନ ଭତ୍ତାର ପରିମାଣ ବୃଦ୍ଧି କରିବାକୁ ପଡ଼ିବ। ଜଙ୍ଗଲ ଜମି ଅଧିକାର ଆଇନ୍ ବଳରେ ସମସ୍ତ ଭୂମିହୀନଙ୍କୁ ଚାଷଜମି ଓ ଘରଡ଼ିହର ପଟ୍ଟା ଯୋଗାଇ ଦେବାକୁ ପଡ଼ିବ। ଏ ଦିଗରେ ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ତଦ୍ରୂପ ନିର୍ଦ୍ଦେଶ ଓ ଟ୍ରେନିଂ ଦେବାକୁ ପଡ଼ିବ।

ଟିକରପଡ଼ା, କାକଟପୁର, ପୁରୀ,
ମୋ- ୯୪୩୭୦୫୩୩୨୯

# ବହୁଜନ ହିତାୟ ବହୁଜନ ସୁଖାୟ



ଡ. କିଶୋର ମହାନ୍ତି

ରେଡ଼ିଓ କେବଳ ପ୍ରତ୍ୟେକ ଶିକ୍ଷିତ ତଥା ବୁଦ୍ଧିଜୀବୀଙ୍କ ମହଲରେ ଆଦୃତ ହୋଇନାହିଁ, ଅଧିକନ୍ତୁ ଏହା ନିପଟ ମଫସଲରେ ଥିବା ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅପାଠୁଆ, ଚାଷୀ, ଶ୍ରମିକ, ଏପରି କି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଆକୃଷ୍ଟ କରିଛି। ଗ୍ରାମାଞ୍ଚଳରେ ଏହାର ଆଦର ଖୁବ୍ ବେଶି। ଏକଲା ଘରେ ବସି ମନୋରଞ୍ଜନ ଖୋଜୁଥିବା ମଣିଷଟିଏ ପାଇଁ, ତା'ର କ୍ଳାନ୍ତିକର ମନରେ ଆନନ୍ଦ ଆଣି ଦେବା ପାଇଁ ରେଡ଼ିଓ ଯେ ଏକମାତ୍ର ସାଥୀ ଏହା ଅନସ୍ୱୀକାର୍ଯ୍ୟ। ସମସ୍ତେ ଯେମିତି ତା' କିମିଆରେ ବାନ୍ଧିହୋଇ ଯାଇଛନ୍ତି। କହିବାକୁ ଗଲେ ଏକଦା ଭାରତର ପ୍ରତି ସମ୍ଭ୍ରାନ୍ତ ଘରେ ଶୋଭାବର୍ଦ୍ଧନର ସାମଗ୍ରୀ ଭାବେ ଏହା ପରିଗଣିତ ହେଉଥିଲା ଓ ଧନୀ ବ୍ୟକ୍ତିର ପରିଚୟ ଦେଉଥିଲା। କିନ୍ତୁ ଏବେ ଘରେ ଘରେ ରେଡ଼ିଓ। ହାତରେ, କାନ୍ଧରେ, ଦୋକାନରେ, ମଲ୍‌ରେ, ବସ୍‌ରେ, ସାଇକେଲ ହାଣ୍ଡେଲରେ ଓହଳାଇ ଚାଷୀଟିଏ ଚାଷଜମିକୁ ଯିବା ସମୟରେ ରେଡ଼ିଓ ଯେମିତି ତା'ର ବିଶ୍ୱସ୍ତ ସାଥୀ।

କ୍ରମେ କ୍ରମେ ଶ୍ରୋତାମାନଙ୍କର ମନ ଜାଣି ବେତାର କାର୍ଯ୍ୟକ୍ରମ ହେଲା ସରଳ, ସୁନ୍ଦର ଓ ରୁଚିକର। ଜୀବନଧର୍ମୀ କାର୍ଯ୍ୟକ୍ରମ ପ୍ରଚାରିତ ହେଲା ରେଡ଼ିଓରେ । କର୍ମକ୍ଳାନ୍ତ ଜୀବନରେ ରେଡ଼ିଓ ହେଲା ବଳିଷ୍ଠ ଗଣମାଧ୍ୟମ, ଏକମାତ୍ର ଅବସର ବିନୋଦନର ସାଧନ।

କଟକର ମଧୁପୁର କୋଠିରୁ ଆରମ୍ଭ ଆକାଶବାଣୀ କଟକର ଗୃହପ୍ରବେଶ ଓ ସେଇଠି ତା'ର ଷଠିଘର। ୧୯୪୮ ମସିହା ଜାନୁୟାରୀ ୨୮ ତାରିଖ ଭାରତର ବେତାର ପ୍ରସାରଣ ଇତିହାସରେ ଏକ ନୂଆ ରଙ୍ଗିନ୍ ଫର୍ଦ୍ଦ ଯୋଡ଼ି ଦେଲା। ଆରମ୍ଭ ହେଲା ଓଡ଼ିଆମାନଙ୍କ ପାଇଁ କଟକରେ ସ୍ୱତନ୍ତ୍ର ବେତାରକେନ୍ଦ୍ର। ଓଡ଼ିଶା ମାଟିରେ ସାଂସ୍କୃତିକ ପୀଠ, ପୁରୁଣା ରାଜଧାନୀ ତଥା ବ୍ୟାବସାୟିକ ପେଣ୍ଠ କଟକ ସହର ମଧୁପୁର କୋଠି ଧ୍ୱନିମୟ ହୋଇଉଠିଲା ଅପୂର୍ବ ରାଗରାଗିଣୀରେ। ଯେମିତି ରାଗରାଗିଣୀମାନେ ଆକାଶରୁ ଓହ୍ଲାଇଆସି ଏ ମାଟିରେ ପାଦଦେଲେ। ସେମାନଙ୍କର ମଧୁସ୍ରାବୀ ରାଗିଣୀ ସତରେ ମନ୍ତ୍ରମୁଗ୍ଧ କରିଦେଲା ସମସ୍ତଙ୍କୁ।

ଏହି ଭବ୍ୟ ଶୁଭ ମୁହୂର୍ତ୍ତର ଅତିଥି ଥିଲେ ଡ. ହରେକୃଷ୍ଣ ମହତାବ ଓ ତତ୍କାଳୀନ ଓଡ଼ିଶାର ରାଜ୍ୟପାଳ କୈଳାସ ନାଥ କାଟ୍‌ଜୁ। ସେ ହିଁ ଉଦ୍‌ଘାଟନ କଲେ ବେତାରକେନ୍ଦ୍ର। ଭାସିଆସିଲା ଉଦ୍‌ଘୋଷିକାଙ୍କ କଣ୍ଠରେ ଅମୃତମୟ ବାଣୀ 'ଆକାଶବାଣୀ କଟକ'। ଶ୍ରୋତା ମହଲରେ କି ଆବେଗ, କି ଆଲୋଡ଼ନ! ଅନେକ ରୋମାଞ୍ଚ ଭରିଦେଲା ମନରେ ସେଦିନର କାର୍ଯ୍ୟକ୍ରମ। ସେଦିନ ଆଉ ଆଜି ଭିତରେ ଅନେକ ତଫାତ୍। ସମୟ ଗତିଶୀଳ। ପରିବର୍ତ୍ତନର ଧାରା ସହ ନିଜକୁ ସାମିଲ କରିବାରେ ସମସ୍ତେ ବ୍ୟସ୍ତ। ସେଇ ପୁରୁଣା କାର୍ଯ୍ୟକ୍ରମର ଧାରା ଆକାଶବାଣୀ ଏ ଯାବତ୍ ଜାରି ରଖିଥିଲା ବେଳେ ଯୁଗ ରୁଚି ସହ ତାଳଦେଇ ଗତି କରିଚାଲିଛି ଆକାଶବାଣୀ। ଲୋକଜୀବନ, ଲୋକକଳା, ଲୋକସଙ୍ଗୀତକୁ ନେଇ ଆକାଶବାଣୀ ଚଳଚଞ୍ଚଳ। ଏହା ଗଣମାଧ୍ୟମ ହୋଇଥିବାରୁ ଗଣ ହିଁ ତା'ର ଶକ୍ତି। ଗଣର ଆଶା ଆକାଂକ୍ଷା ପୂରଣ କ୍ଷେତ୍ରରେ ଆକାଶବାଣୀ ଚିରଜାଗ୍ରତ ଓ କର୍ମତତ୍ପର।

ନାଟକ, ସଙ୍ଗୀତ ବ୍ୟତୀତ ଯୁବକମାନଙ୍କ ପାଇଁ ଯୁବବାଣୀ, ଶିଶୁମାନଙ୍କ ପାଇଁ ଶିଶୁ ସଂସାର, କ୍ରୀଡ଼ାଜଗତ, ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ, ବୟୋଜ୍ୟେଷ୍ଠଙ୍କ ପାଇଁ ମାନନୀୟେଷୁ କଥିକା, ସାହିତ୍ୟସଂସଦ ଇତ୍ୟାଦି ଯୋଡ଼ିହୋଇଯାଇଛି କାର୍ଯ୍ୟକ୍ରମ ସାରଣୀରେ। ଆକାଶବାଣୀର ସତରେ ବହୁବିଧ କାର୍ଯ୍ୟକ୍ରମ। ରେଡିଓ ଶୁଣାଏ କେବଳ। ଶୁଣିବାଠାରୁ ଅଧିକ ମନୋରଞ୍ଜନ କିଏ ବା ଦେଇପାରେ। ଶୁଣି ଶୁଣି ବେଦକୁ ମନେ ରଖାଯାଇ ପାରୁଥିଲା। ଗୀତକୁ ଆଖିରେ ଦେଖିବାରେ ଆଦୌ ଆନନ୍ଦ ନ ଥାଏ। ତେଣୁ ରେଡ଼ିଓରେ ସଙ୍ଗୀତ ପରିବେଷଣ ଅଧିକ ଆନନ୍ଦଦାୟକ ଓ ଶ୍ରୁତିମଧୁର। କିନ୍ତୁ ନାଟକଟିଏ ମଞ୍ଚସ୍ଥ ହେଲାବେଳେ ଉଭୟ ଚକ୍ଷୁ ଓ କର୍ଣ୍ଣ ମନ ଏକତ୍ର କାର୍ଯ୍ୟ କରେ ଓ ଆନନ୍ଦ ଉପଲବ୍ଧ କରାଏ।

ରେଡ଼ିଓ ମାଧ୍ୟମରେ ଏ ପ୍ରକାର ପରୀକ୍ଷା ନିରୀକ୍ଷାର ଦୁଃସାହସ ଯିଏ ପ୍ରଥମେ କଲେ, ସିଏ ସତରେ ଧନ୍ୟବାଦାର୍ହ। ଅଧିକାଂଶ ଶ୍ରୋତା ମଞ୍ଚକୁ ଖୋଜିନପାଇ ପହଞ୍ଚିଛନ୍ତି ରେଡ଼ିଓ ପାଖରେ। ବେତାର ନାଟକ ତାଙ୍କୁ ଅଧିକ ଉତ୍ସାହିତ କରିଛି। ରେଡିଓ ନାଟକଟିଏ ଶୁଣିଲା ବେଳେ ଦର୍ଶକ ପାଲଟିଯାଏ ଶ୍ରୋତା। ମନ ମଞ୍ଚରେ ଚରିତ୍ରମାନେ ଆତଯାତ ହୋଇଥାନ୍ତି ଓ ସେମାନଙ୍କର ସଂଳାପ ପରିବେଷଣ ମନରେ ଗଭୀର ରେଖାପାତ କରେ। ଅଭିନୟର ଭଙ୍ଗୀ ବାରି ହୋଇପଡେ ସଂଳାପ ଉଚ୍ଚାରଣରେ । ଶ୍ରୋତାମାନେ ଗୀତିନାଟ୍ୟ ପରିବେଷଣକୁ ଅଧିକ ପସନ୍ଦ କରିଥାନ୍ତି। ରେଡ଼ିଓକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନେଇହୁଏ। ରନ୍ଧନଶାଳାରେ ଗୃହିଣୀ ରଖି ସଙ୍ଗୀତର ଆନନ୍ଦ ଆସ୍ୱାଦନ କରିଥାନ୍ତି। ଏପରି କି ବ୍ୟଞ୍ଜନ ପ୍ରସ୍ତୁତି ସମ୍ପର୍କରେ ଜ୍ଞାନ ଆହରଣ ଛଡ଼ା ଘର ସଜେଇବା ବିଷୟ ଏବଂ ଏବେ ରେଡ଼ିଓ ପ୍ରସାରଣ ବ୍ୟାପକ ହେଲାଣି। କେବଳ ଆକାଶବାଣୀରେ ସୀମିତ ନ ରହି କମ୍ୟୁନିଟି ରେଡ଼ିଓ, ଏଫ୍.ଏମ୍. ରେଡ଼ିଓର ପ୍ରଚଳନ ହେଲାଣି। ଆଞ୍ଚଳିକ ଭିତ୍ତିରେ ମଧ୍ୟ ରେଡ଼ିଓଟିଏ ବ୍ୟକ୍ତିବିଶେଷ ଚଳାଇ ପାରିବେ। ଘର, ବାହାର, ଦୋକାନ, ହାଟବାଟ, ତୁଠ ଘାଟ ସବୁଠି ଏବେ ରେଡ଼ିଓର ଆଦର । ଜୀବନକୁ ସରସ ସୁନ୍ଦର, ମଧୁମୟ କରିବାରେ ରେଡ଼ିଓର ଭୂମିକାକୁ ଅସ୍ୱୀକାର କରିହେବନି।

ରେଡ଼ିଓ ସଂସ୍କୃତିକୁ ବଞ୍ଚାଇ ରଖିଛି। ଆଗାମୀ ଦିନରେ ବଞ୍ଚାଇ ରଖିବ ମଧ୍ୟ। ଆକାଶବାଣୀ କଟକ ଓଡ଼ିଶାରେ ଅନ୍ୟାନ୍ୟ ବେତାର କେନ୍ଦ୍ରଠାରୁ ପ୍ରାଚୀନ ଅନୁଷ୍ଠାନ। ରେଡ଼ିଓ ଆଗାମୀ ପିଢ଼ିକୁ ନବପ୍ରେରଣା, ନବୀନ ଉତ୍ସାହ ଦେବା ପାଇଁ ଓ ସୃଜନୀଶକ୍ତିର ଉତ୍ତରଣ ପାଇଁ ଯେଉଁ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରୁଛି, ତାହା ବେଶ୍ ଉତ୍ସାହପ୍ରଦ। ବେଦର ଅମୃତବାଣୀ- 'ବହୁଜନ ହିତାୟ, ବହୁଜନ ସୁଖାୟ'କୁ ସାକାର କରି ସମୂହ ଜନତାଙ୍କ ପାଇଁ ସମର୍ପିତ ରେଡ଼ିଓ। ପ୍ରସାରଣ ସେବା ତଥା ଆକାଶବାଣୀ କଟକ ପ୍ରତିଶ୍ରୁତିବଦ୍ଧ ଯେ ଆଗାମୀ ଦିନରେ ନୂଆ ନୂଆ କାର୍ଯ୍ୟକ୍ରମମାନ ପ୍ରସାରଣ କରି ଜନମାନସର ପ୍ରିୟଭାଜନ ହୋଇପାରିବ। (ଓଡ଼ିଶାର ପ୍ରଥମ ବେତାର କେନ୍ଦ୍ର ଆକାଶବାଣୀ କଟକର ପ୍ରତିଷ୍ଠା ଦିବସ ଉପଲକ୍ଷେ)

ମୋ-୯୪୩୭୭୨୮୪୭୫

## ଆମ ସମସ୍ୟା

### ଡାକଘରେ ପାସପୋର୍ଟ ସେବା

ମହାଶୟ,

ଆସ୍କା, ଭଦ୍ରକ, କଟକ ସମେତ ୬ଟି ଡାକଘରେ ପାସପୋର୍ଟ ସେବା ଯୋଗାଣ ସମ୍ପର୍କରେ ଘୋଷଣା ପ୍ରକାଶ ପାଇଛି। ତେବେ ପରିତାପର ବିଷୟ ପୁରୀ ମୁଖ୍ୟ ଡାକଘରକୁ ଏହି ସୁବିଧାରୁ ବଞ୍ଚିତ କରାଯାଇଛି। ପୁରୀର ପର୍ଯ୍ୟଟକ ଓ ଛାତ୍ରୀଛାତ୍ରଙ୍କୁ ପାସପୋର୍ଟ ପାଇଁ ଭୁବନେଶ୍ୱର ଯିବାକୁ ପଡୁଛି। ସେଠାରେ ଲମ୍ବା ଲାଇନରେ ଅପେକ୍ଷା କରିବାକୁ ହେଉଛି। କେତେଥର ଗଲେ କାମ ହେବ ତା'ର ଠିକଣା ନାହିଁ। ପୁରୀ ଏକ ପର୍ଯ୍ୟଟନସ୍ଥଳୀ ଓ ତୀର୍ଥସ୍ଥାନ ଯୋଗୁ ଏଠାରେ ବହୁ ଜନସମାଗମ ହୁଏ ଓ ଏଠିକାର ପିଲାମାନେ ବିଭିନ୍ନ କଲେଜରୁ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ନିମିତ୍ତ ବିଦେଶ ଯିବାକୁ ପାସପୋର୍ଟ ଦରକାର କରୁଛନ୍ତି। ଏଣୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ ୨୦୧୯ରେ ପୁରୀ ମୁଖ୍ୟ ଡାକଘରେ ପାସପୋର୍ଟ ସେବା ଯୋଗାଇବା ପାଇଁ ବିଧିବଦ୍ଧ ବ୍ୟବସ୍ଥା ହେଉ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଧାଡ଼ି ଦର୍ଶନରୁ ବୃଦ୍ଧଙ୍କୁ ବାଦ୍ ଦିଆଯାଉ

ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ରାଜକୋଷରୁ ବ୍ୟୟକରି ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ତୀର୍ଥଦର୍ଶନ କରାଉଛନ୍ତି। କାର୍ତ୍ତିକ ମାସରେ ହବିଷ୍ୟ କରୁଥିବା ମା'ମାନଙ୍କ ରହିବାର ବ୍ୟବସ୍ଥା କରିବା ସହ ସେମାନଙ୍କୁ ମାସକ ଯାକର ମହାପ୍ରସାଦ ସେବନ କରାଉଛନ୍ତି। ମାତ୍ର ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ବୟୋଜ୍ୟେଷ୍ଠଙ୍କୁ ଧାଡିରେ ଯିବାର ବ୍ୟବସ୍ଥା କରିଛନ୍ତି। ଏତେ ସମୟ ଲାଇନରେ ଠିଆହେବା ବୃଦ୍ଧମାନଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ। ଏଣୁ ମୋର ବିଶେଷ ଅନୁରୋଧ ବୃଦ୍ଧ ଲୋକ ଓ ତାଙ୍କ ସହିତ ଆସିଥିବା ଆଉ ଜଣେ ସାହାଯ୍ୟକାରୀ ଲୋକଙ୍କୁ ବିନା ଲାଇନରେ ଯିବାର ଅନୁମତି ଦିଅନ୍ତୁ।

ରବୀନ୍ଦ୍ରନାଥ ଚାଟାର୍ଜୀ, ଶୈଳଶ୍ରୀବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ବାହାଘର ପାଇଁ ଭିନ୍ନ ଭିନ୍ନ ପରମ୍ପରା ରହିଛି। ଆମ ଦେଶର ଛତିଶଗଡ଼ର ଜନଜାତି ଇଲାକାରେ ଏଭଳି ଏକ ପରମ୍ପରା ରହିଛି। ଏଠାରେ ବିବାହ ସମୟରେ କନ୍ୟା-ବର ପରସ୍ପରକୁ ମଦ୍ୟପାନ କରାଇବା ପ୍ରଥା ରହିଛି। ବରଯାତ୍ରୀରେ ଆସିଥିବା ମହିଳା, ପୁରୁଷ ଏବଂ ଛୋଟ ଛୋଟ ପିଲା ମଧ୍ୟ ମଦ ପିଇ ଉତ୍ସବ ପାଳନ କରିଥାଆନ୍ତି। ତେବେ ଏ ସବୁ ଖର୍ଚ୍ଚ ବରଘର ପକ୍ଷରୁ କରାଯାଇଥାଏ। ମଦନିଶାରେ ଚୁର ହୋଇ ସଭିଏଁ ମନଖୁସିରେ ନାଚଗୀତରେ ମାତିଯାଆନ୍ତି। ବିବାହ ପରି କୌଣସି ଲୋକର ମୃତ୍ୟୁ ଘଟିଲେ ମଧ୍ୟ ଏହି ଜନଜାତିର ଲୋକେ ମଦ୍ୟପାନ କରି ଅନ୍ତିମ ସଂସ୍କାର କାର୍ଯ୍ୟରେ ସାମିଲ ହୁଅନ୍ତି। ମୃତକର ଶେଷଯାତ୍ରାରେ ଯେପରି କୌଣସି ଜଣେ ବ୍ୟକ୍ତି ମନଦୁଃଖ ନ କରିବେ ସେଥିପାଇଁ ଏଭଳି ପରମ୍ପରା ଏହି ଜନଜାତିରେ ପ୍ରଚଳିତ। ଏପରି କରିବା ଦ୍ୱାରା ମୃତକର ଆତ୍ମା ପରବର୍ତ୍ତୀ ଜୀବନରେ ଖୁସି ହୋଇଥାଏ ବୋଲି ଏହି ଜନଜାତି ଲୋକଙ୍କର ବିଶ୍ୱାସ ରହିଛି।

### ଚିରନ୍ତନୀ

କୋଟି ଚନ୍ଦ୍ର ଗ୍ରହ ତାରା ଜଳିଉଠେ ଯେ ଆଲୋକ ଲାଗି
ଘନ ତମିସ୍ରାର କୋଳେ ଯେ ଆଲୋକଧାରା ଉଠେ ଜାଗି
ଜଳେ ପୁଣି ସିନ୍ଧୁ ବକ୍ଷେ ଗିରି ଚୂଳେ କାଳାନଳ ସମ !
ଜଡ଼ରୂପୀ ହେ ଅନଳ ଅଗ୍ନି ! ତବ ପଦେ ନମୋନମ !
ଯୁଗ ଯୁଗ ଧରି ଗଢ଼ା ସଭ୍ୟତାର ପ୍ରାସାଦ ମହତ
ମୁହୂର୍ତ୍ତେ ପାର ଯେ କରି ରେଣୁ ସଙ୍ଗେ ସବୁ ପରିଣତ।
ଧ୍ୱଂସର ଦୁନ୍ଦୁଭି ବାଇ କବଳିତ କରି କୋଟି ପ୍ରାଣ
ଝଞ୍ଜା ଯୁଦ୍ଧ ଭୂମିକମ୍ପ ରୂପେ କରି ଜିହ୍ୱା ଲେଲିହାନ।
(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୮ ଜାନୁୟାରୀ ୧୯୯୪

- ପଶ୍ଚିମବଙ୍ଗର ଜାମୁରିଆ ଅଞ୍ଚଳରେ ଥିବା ଇଷ୍ଟର୍ନ କୋଲଫିଲଡର ନ୍ୟୁକେଣ୍ଡା କୋଇଲା ଖଣିରେ ଅଗ୍ନିକାଣ୍ଡ ଘଟି ୫୫ ଜଣଙ୍କ ମୃତ୍ୟୁ।
- ରାଜନୈତିକ ସଂସ୍କାର ବିଲ୍‌କୁ କାର୍ଯ୍ୟକାରୀ କରିବାରେ ଯଦି ସେ ଅସଫଳ ହୁଅନ୍ତି ତେବେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ଜାପାନର ପ୍ରଧାନମନ୍ତ୍ରୀ ହୋସୋକାୱାଙ୍କ ଘୋଷଣା।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୨୦- ବଲିଭିଆର ଲାପାଜ ସହରରେ ଦୁଇଟି ବସ୍ ମଧ୍ୟରେ ଧକ୍କା ହୋଇ ୨୨ ଜଣଙ୍କ ମୃତ୍ୟୁ।

୨୧- ପ୍ରାୟ ୨୦୦ ଭାରତୀୟଙ୍କୁ ନେଇ କେରଳର ମୁନାମବାମ ପୋତାଶ୍ରୟରୁ ବାହାରି ନ୍ୟୁଜିଲାଣ୍ଡ ଯାଉଥିବା ଏକ ମାଛଧରା ବୋଟ୍ ସମୁଦ୍ର ମଝିରେ ନିଖୋଜ ହୋଇଯାଇଛି।

୨୨- ହିନ୍ଦୁ ମହିଳା ଓ ମୁସଲମାନ ପୁରୁଷଙ୍କ ବିବାହ ଅବୈଧ, କିନ୍ତୁ ସେମାନଙ୍କଠାରୁ ଜନ୍ମିତ ସନ୍ତାନ ବୈଧ ବୋଲି ସୁପ୍ରିମ୍‌କୋର୍ଟ ଏକ ରାୟରେ ପ୍ରକାଶ କରିଛନ୍ତି।

୨୩- ସୋନିଆ ଗାନ୍ଧୀଙ୍କ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶେଷରେ ସକ୍ରିୟ ରାଜନୀତିରେ ଯୋଗ ଦେଇଛନ୍ତି ଏବଂ ତାଙ୍କୁ ପୂର୍ବ ଉତ୍ତରପ୍ରଦେଶ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

୨୪- ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲାରେ ବଙ୍ଗଳା ଫିଲ୍ମ ନିର୍ମାଣକାରୀ ସଂସ୍ଥା ଶ୍ରୀଭେଙ୍କଟେଶ ଫିଲ୍ମସର ମୁଖ୍ୟ ଶ୍ରୀକାନ୍ତ ମୋହତା ଗିରଫ।



ସୁଯୋଗ ମିଳିଲେ ରିୟଲିଟି ଟିଭି ଶୋ'ରେ ଜଣେ ବିଚାରକ ଭାବରେ କାମ କରିବି ।
–ଦିବ୍ୟା ଦତ୍ତ,
ବଲିଉଡ୍ ଅଭିନେତ୍ରୀ।



# ପ୍ରଧାନମନ୍ତ୍ରୀଙ୍କ ଉପହାର ନିଲାମ

**ନୂଆଦିଲ୍ଲୀ:** ୨୦୧୪ଠାରୁ ପ୍ରଧାନମନ୍ତ୍ରୀଙ୍କୁ ଉପହାର ସ୍ୱରୂପ ମିଳିଥିବା ପାଖାପାଖି ୧,୮୦୦ ସ୍ମାରକୀ ରବିବାର ନିଲାମ ହୋଇଛି। ସେଗୁଡ଼ିକର ବିକ୍ରିଲବ୍ଧ ଅର୍ଥ 'ନମାମି ଗଙ୍ଗେ ପ୍ରକଳ୍ପ' ପାଇଁ ବ୍ୟୟ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହିସବୁ ସ୍ମାରକୀ ଓ ଉପହାର ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟରେ ସଂରକ୍ଷିତ କରି ରଖାଯାଇଥିଲା। ଦେଶର ବିଭିନ୍ନ କଳା ଓ ସଂସ୍କୃତିର ଛବି ରହିଥିବା ବିଭିନ୍ନ ଦ୍ରବ୍ୟ ମଧ୍ୟରେ ଖଣ୍ଡା, ବାଦ୍ୟଯନ୍ତ୍ର, ପଗଡ଼ି, ଶାଲ୍, ଅଙ୍ଗବସ୍ତ୍ର, ପାରମ୍ପରିକ ଜ୍ୟାକେଟ୍, ଧନୁତୀର, ମୁଖା, କାନ୍‌ଭାସ, ଐତିହାସିକ ଓ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଫଟୋଚିତ୍ର ଏବଂ ଧାତୁ, ପଥର, କାଠ ଓ ପ୍ଲାଷ୍ଟର ଅଫ୍ ପ୍ୟାରିସରେ ନିର୍ମିତ ବିଭିନ୍ନ କଳାକୃତି ଏଥିରେ ସ୍ଥାନ ପାଇଛି।

ନିଲାମ କାର୍ଯ୍ୟକ୍ରମରେ ଯୋଗଦେଇ ରେଳମନ୍ତ୍ରୀ ପୀୟୂଷ ଗୋୟଲ୍ କହିଲେ, ପ୍ରଧାନମନ୍ତ୍ରୀଙ୍କ ଉପହାର ବିକ୍ରିରୁ ମିଳିଥିବା ଅର୍ଥ ନମାମି ଗଙ୍ଗେ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବ। ଏଗୁଡ଼ିକୁ ନ୍ୟାଶନାଲ୍ ଗ୍ୟାଲେରିରେ ପ୍ରଦର୍ଶନ ପାଇଁ ଦୀର୍ଘ ୩ ମାସ ରଖାଯାଇଥିଲା। କେତେକ ଉପହାରକୁ ଘୂର୍ଣ୍ଣାୟମାନ ପ୍ରଦର୍ଶନ ସ୍ୱରୂପ ରଖାଯାଇଛି। ଦେଶର ବିଭିନ୍ନ ଭାଗରୁ ୬୦ଜଣ ନିଲାମ ଡକାଳି ସାମଗ୍ରୀ ନେବାପାଇଁ ଭିଡ ଜମାଇଥିଲେ। ୧୮୦୦ ସାମଗ୍ରୀ ମଧ୍ୟରୁ ନିଲାମର ପ୍ରଥମ ଅଧଘଣ୍ଟା ମଧ୍ୟରେ ୧୦୦ରୁ ଅଧିକ ସାମଗ୍ରୀ ବିକ୍ରି ହୋଇଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ପ୍ରତିମୂର୍ତ୍ତି ଏବଂ ଛବି ନେବା ପାଇଁ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିଲା। ଥାଙ୍‌କା ୱାଲ୍ ହ୍ୟାଙ୍ଗିଙ୍ଗ୍ ସର୍ବାଧିକ ୧୨,୫୦୦ଟଙ୍କାରେ ବିକ୍ରି ହୋଇଥିଲା। ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ମୋଦି ଶ୍ରଦ୍ଧାଞ୍ଜଳି ଦେଉଥିବାର ଏକ ଛୋଟ ପ୍ରତିମୂର୍ତ୍ତି ୧୧,୦୦୦ଟଙ୍କାରେ ଓ ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରତିମୂର୍ତ୍ତି ୯,୦୦୦ଟଙ୍କା ଲେଖାଁ ବିକ୍ରି ହୋଇଥିଲା।



# ନାଚିଲେ ମାଧୁରୀ, ଅନିଲ

**ମୁମ୍ବାଇ:** ଲୋକପ୍ରିୟ ଚଳଚ୍ଚିତ୍ର 'ରାମ ଲଖନ୍' ରିଲିଜ ହେବାର ୩୦ବର୍ଷ ପୂର୍ତ୍ତି ପାଳିତ ହୋଇଥିବା ବେଳେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଏବଂ ଅନିଲ କପୁର ପୂର୍ବସ୍ମୃତି ମନେପକାଇ ସେହି ସିନେମା ସଂଗୀତର ତାଳେ ତାଳେ ନୃତ୍ୟ କରିଛନ୍ତି। ଏହି ଫିଲ୍ମର ଗୀତ ଓ ନୃତ୍ୟ ୩୦ବର୍ଷ ତଳର ସୁନ୍ଦର ସ୍ମୃତିକୁ ମନେପକାଇ ଦିଏ। ରାମ ଲଖନ୍ ଟିମ୍‌ରେ କାର୍ଯ୍ୟକରିବା ଖୁବ୍ ମୁଗ୍ଧକର ଥିଲା ବୋଲି ମାଧୁରୀ ରବିବାର ଟୁଇଟ୍ କରିଛନ୍ତି। ୨୮ ସେକେଣ୍ଡର ଏହି ଭିଡିଓରେ ମାଧୁରୀ 'ବଡ ଦୁଃଖ ଦିନ୍ ଓ ରାମ୍‌ଜୀ' ଗୀତର ଅବତାରଣା କରିଥିବା ବେଳେ ଅନିଲ ମଧ୍ୟ 'ମାଇଁ ନେମ୍ ଇଜ୍ ଲଖନ୍' ଗୀତରେ ତାଙ୍କ ସହ ନୃତ୍ୟରେ ସାମିଲ ହୋଇଥିଲେ। ସୁଭାଷ ଘାଇଙ୍କ ନିର୍ଦ୍ଦେଶିତ ତଥା ଅପରାଧମୂଳକ କାହାଣୀ ଭିତ୍ତିକ ଏହି ଫିଲ୍ମ ୧୯୮୯ରେ ରିଲିଜ ହୋଇଥିଲା। ଏଥିରେ ଅନିଲ କପୁର, ଜ୍ୟାକି ଶ୍ରଫ୍, ମାଧୁରୀ, ଡିମ୍ପଲ କପାଡିଆ, ରାଖୀ ଏବଂ ଅନୁପମ ଖେର ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଫିଲ୍ମର କାହାଣୀ ଦୁଇଭାଇଙ୍କ ଚରିତ୍ରକୁ ନେଇ ଗଢ଼ିଉଠିଛି। ଉଭୟ ପୋଲିସ ଚାକିରି କରିଥିଲେ ବି ଜଣେ ସଚ୍ଚୋଟ ପୋଲିସ ଅଫିସର ହୋଇଥିବା ବେଳେ ଅନ୍ୟ ଜଣେ ନିଜର କ୍ଷମତାର ଅପପ୍ରୟୋଗ କରି କିପରି ଟଙ୍କା ପାଇଁ ସ୍ମଗ୍‌ଲରଙ୍କୁ ସାହାଯ୍ୟ କରୁଛି ତାହା ବର୍ଣ୍ଣନା କରାଯାଇଛି। ସୁଭାଷ ଘାଇ ମଧ୍ୟ ରାମ ଲଖନ୍‌ର ୩୦ବର୍ଷ ପୂର୍ତ୍ତିରେ ନିଜର ଅନୁଭୂତି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। କାହାଣୀକୁ ବାଦ୍ ଦେଲେ 'ମାଇଁ ନେମ୍ ଇଜ୍ ଲଖନ୍', 'ତେରା ନାମ୍ ଲିୟା' ଏବଂ 'ମେରେ ଦୋ ଅନମୋଲ୍ ରତନ' ଭଳି ହିଟ୍ ଗୀତ ଏବେ ବି ବହୁ ଶ୍ରୋତାଙ୍କୁ ବାନ୍ଧିରଖି ପାରିଛି।





ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୫ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୩.୦ | ୧୬.୦ |
| ଚାନ୍ଦବାଲି | ୨୬.୨ | ୧୬.୪ |
| କଟକ | ୨୩.୦ | ୧୬.୨ |
| ପାରାଦ୍ୱୀପ | ୨୫.୭ | ୧୭.୮ |
| ଭୁବନେଶ୍ୱର | ୨୫.୬ | ୧୭.୧ |
| ଗୋପାଳପୁର | ୨୭.୦ | ୧୮.୩ |
| ପୁରୀ | ୨୬.୪ | ୧୭.୮ |
| ଅନୁଗୋଳ | ୨୧.୧ | ୧୩.୬ |
| ବାରିପଦା | ୨୩.୮ | ୧୭.୨ |
| ଝାରସୁଗୁଡ଼ା | ୨୪.୨ | ୧୩.୬ |
| କେନ୍ଦୁଝର | ୧୯.୨ | ୧୪.୨ |
| ସମ୍ବଲପୁର | ୨୨.୮ | ୧୪.୫ |
| ସୁନ୍ଦରଗଡ଼ | ୨୬.୦ | ୧୦.୦ |
| ହୀରାକୁଦ | ୨୩.୬ | ୧୫.୫ |
| ତାଳଚେର | ୨୪.୬ | ୧୫.୦ |
| ଭବାନୀପାଟଣା | ୧୮.୨ | ୧୬.୦ |
| ବଲାଙ୍ଗୀର | --- | ୧୫.୫ |
| କୋରାପୁଟ | ୨୩.୬ | ୧୩.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୨୭.୦ | ୧୦.୮ |
| ସୋନପୁର | ୧୯.୪ | ୧୪.୪ |
| ଦାରିଙ୍ଗିବାଡ଼ି | ୧୬.୦ | ୧୪.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ
# ଜାନୁୟାରୀ ୨୮ର ପ୍ରମୁଖ ଘଟଣା

### ହେନେରୀଙ୍କ ପରଲୋକ

୧୫୪୭ ଜାନୁୟାରୀ ୨୮ରେ ହେନେରୀ ଅଷ୍ଟମଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ୯ବର୍ଷର ପୁତ୍ର ଏଡୱାର୍ଡ ଷଷ୍ଠଙ୍କୁ ରାଜଗାଦିରେ ଆସୀନ କରାଯାଇଥିଲା। ହେନେରୀ ଅଷ୍ଟମ ମୃତ୍ୟୁ ପର୍ଯ୍ୟନ୍ତ ଇଂଲଣ୍ଡର ରାଜା ଥିଲେ। ସେ ଥିଲେ ଦ୍ୱିତୀୟ ଟ୍ୟୁଡର ରାଜା। ତାଙ୍କ ପିତା ହେନେରୀ ସପ୍ତମଙ୍କର ସେ ଉତ୍ତରାଧିକାରୀ ଥିଲେ। ହେନେରୀ ଜୀବନକାଳ ମଧ୍ୟରେ ୬ଥର ବିବାହ କରି ଚର୍ଚ୍ଚାରେ ଥିଲେ।

### ଛାତ ଭୁଶୁଡ଼ି ୬୫ ମୃତ

୨୦୦୬ ଜାନୁୟାରୀ ୨୮ରେ ପୋଲାଣ୍ଡର କାଟୋୱାଇସ୍ ଇଣ୍ଟରନ୍ୟାଶନାଲ ଫେୟାର ଭବନର ଛାତ ଭୁଶୁଡ଼ି ପଡିବାରୁ ୬୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭୦ ବ୍ୟକ୍ତି ଆହତ ହୋଇଥିଲେ। ଛାତରେ ପ୍ରବଳ ବରଫପାତ ଯୋଗୁ ଏହା ଭୁଶୁଡ଼ି ପଡିଥିଲା। କାଟୋୱାଇସ୍ ଇଣ୍ଟରନ୍ୟାଶନାଲ ଫେୟାର ହେଉଛି ଏକ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଭବନ ଏବଂ ପୋଲାଣ୍ଡର ସର୍ବବୃହତ୍ ଅଟ୍ଟାଳିକା। ପ୍ରତିବର୍ଷ ଏଠାରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ।


**ଆଲ୍ଲାହାବାଦ ବ୍ୟାଙ୍କ**

ଭୁବନେଶ୍ୱର ମୁଖ୍ୟ ଶାଖା
୧୫୯, ବାପୁଜୀ ନଗର,
ଭୁବନେଶ୍ୱର-୭୫୧୦୦୯,
ଫୋନ୍: ୦୬୭୪-୨୫୯୮୦୪୪

**ଦଖଲ ନୋଟିସ୍**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍- ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସାଙ୍କେତିକ ଦଖଲକୁ ନେଇଛନ୍ତି । ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **"ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।"**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ପଞ୍ଚାନନ ପଟ୍ଟନାୟକ,** ପିତା: ୰ ଲୋକନାଥ ପଟ୍ଟନାୟକ, **ଠିକଣା-୧:** ଏମ୍‌ଆଇଜି-୨-୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, **ଠିକଣା-୨:** ବକ୍ସି ଷ୍ଟ୍ରିଟ୍, ଜୟପୁର, କୋରାପୁଟ / **ଗ୍ୟାରେଣ୍ଟିଦାତା: ଶ୍ରୀ ଦୁର୍ଗା ପ୍ରସାଦ ପଟ୍ଟନାୟକ,** ପିତା: ୰ ଲୋକନାଥ ପଟ୍ଟନାୟକ, ଏମ୍‌ଆଇଜି-୨-୩୬୨, ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦ | ୨୯.୦୭.୨୦୧୮ ସୁଦ୍ଧା ଟ.୫୩,୮୦,୭୧୬/- + ସେବାବଦ ସୁଧ | ୨୩.୧୧.୨୦୧୮ / ୨୪.୦୧.୨୦୧୯ | "ବସେରା ହାରମୋନୀ ଆପାର୍ଟମେଣ୍ଟ"ର ୪ର୍ଥ ମହଲାରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୪୦୮, ସୁପର ବିଲ୍ଟ ଅପ୍ ଏରିଆ: ୧୨୫୦ ବର୍ଗଫୁଟ, ଖାତା ନଂ.: ୧୦୮, ପ୍ଲଟ୍ ନଂ.: ୨୭୭, ମୌଜା: ଡମଣା, ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୦, ଥାନା: ନିଉ କ୍ୟାପିଟାଲ, ତହସିଲ/ଡିଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୫.୦୧.୨୦୧୯
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



DSPL-374

ଓଡ଼ିଶା ସରକାର

କଲ୍ୟାଣ ମଣ୍ଡପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ
ଝରିଗାଁ, ଜିଲ୍ଲା-ନବରଙ୍ଗପୁର
ତା.୨୮.୦୧.୨୦୧୯



**ମୁଖ୍ୟ ଅତିଥି:**

ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାଝୀ,
ମାନ୍ୟବର ମନ୍ତ୍ରୀ,
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ,
ପଂଚାୟତିରାଜ ଏବଂ ପାନୀୟ ଜଳ, ଓଡିଶା

**ସମ୍ମାନୀତ ଅତିଥି:**

ଶ୍ରୀଯୁକ୍ତ ବଳଭଦ୍ର ମାଝୀ,
ମାନ୍ୟବର ସାଂସଦ, ନବରଙ୍ଗପୁର

ଶ୍ରୀଯୁକ୍ତ ମୋହନ ନାୟକ,
ଜିଲ୍ଲାପରିଷଦ ସଭ୍ୟ, ଝରିଗାଁ

ଶ୍ରୀମତୀ ରମୁଳା ଗଣ୍ଡ,
ଅଧ୍ୟକ୍ଷା, ଝରିଗାଁ ପଂଚାୟତ ସମିତି

ଶ୍ରୀମତୀ ଅବନ୍ତୀ ପୁଜାରୀ,
ସରପଂଚ, ଝରିଗାଁ ଗ୍ରାମପଂଚାୟତ

କୁମାରୀ ମଂଜୁଲତା ପନକା,
ଉପାଧ୍ୟକ୍ଷା, ଝରିଗାଁ ପଂଚାୟତ ସମିତି

ଶ୍ରୀଯୁକ୍ତ ନିରଞ୍ଜନ ସାନ୍ତା,
ସମିତି ସଭ୍ୟ, ଝରିଗାଁ

ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା

19001/13/0037/1819



ଏହି ଶୀତଋତୁରେ ବଳିଷ୍ଠ ପୁରୁଷତ୍ୱର ଆନନ୍ଦ ନିଅନ୍ତୁ
ଜୋଶ୍, ଶକ୍ତି ଓ ସ୍ଫୂର୍ତ୍ତି ସହିତ



ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।

ଉଦ୍ଦୀପନ। ଅଭାବର ବଡ଼ କାରଣ ହେଉଛି ପୁରୁଷଙ୍କଠାରେ ଉତ୍ସାହର ଅଭାବ, ଶୀଘ୍ରପତନ, ଇନ୍ଦ୍ରିୟ ଦୁର୍ବଳତା, ଉତ୍ତେଜନାର ଅଭାବ, ନପୁଂସକତା ହୋଇଥାଏ, ଏପରି ସମସ୍ତ ସମସ୍ୟା ଦୂରକରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ବ୍ୟବହାର କରନ୍ତୁ ଓ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।




ତେଲ | କ୍ୟାପ୍‌ସୁଲ
ପ୍ଲେ-ୱିନ୍ କ୍ୟାପ୍‌ସୁଲ
SS : Mahendra Pharma / ODD
HELPLINE: 09323567844
www.playwincapsule.com
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଜୋଶ, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ !!



ଭାରତ-ପାକିସ୍ତାନ ସୀମାରେଖାରେ ଗୁଳି ବିନିମୟରେ ଶହୀଦ ହୋଇଥିବା କୌସ୍ତୁବ ରାଣେଙ୍କୁ ଶନିବାର ସ୍ୱାଧୀନତା ଦିବସ ପାଳନ ଅବସରରେ ମରଣୋତ୍ତର ଭାବେ ମହାରଣା ପ୍ରତାପ ଶୌର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଉତ୍ତର କଶ୍ମୀରର ବାନ୍ଦିପୁରା ଜିଲା ଗୁରେଜ ସୀମାନ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ମୁକାବିଲାରେ ମହାରାଷ୍ଟ୍ରର ଠାଣେ ଜିଲା ମୀରା ରୋଡ ନିବାସୀ ରାଣେ ପ୍ରାଣ ହରାଇଥିଲେ।

## ସଂକ୍ଷେପରେ

### ୨୦୧୯ ସାଧାରଣ ନିର୍ବାଚନ
### ଓଡ଼ିଶାରେ ପ୍ରାର୍ଥୀ ଦେବ ଟିଏମ୍‌ସି

**ଭୁବନେଶ୍ୱର, ୨୭।୧(ବ୍ୟୁରୋ):** ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ(ଏଆଇଟିଏମ୍‌ସି) ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାରେ ପ୍ରାର୍ଥୀ ଦେବ। ଟିଏମ୍‌ସିରୁ ଉଭୟ ଲୋକ ସଭା ଏବଂ ବିଧାନସଭା ଆସନରେ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଦଳ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଟିଏମ୍‌ସି ରାଜ୍ୟ ସଭା ସଦସ୍ୟ ଡେରେକ ଓ ବ୍ରିୟନ ଏହି ସୂଚନା ଦେଇଛନ୍ତି। କେଉଁ ଆସନରେ ଦଳ ପ୍ରାର୍ଥୀ ଦେବ, ସେ ନେଇ ଏକ ତାଲିକା ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଜଣାପଡିଛି। ୨୦୧୪ ସାଧାରଣ ନିର୍ବାଚନରେ ମଧ ଟିଏମ୍‌ସି ଓଡ଼ିଶାରେ ପ୍ରାର୍ଥୀ ଦେଇଥିଲା। ଦଳ ସେ ସମୟରେ ସାରା ରାଜ୍ୟରେ ମାତ୍ର ୨୫,୭୦୦ ଖଣ୍ଡ ଭୋଟ୍ ପାଇବାକୁ ସକ୍ଷମ ହୋଇଥିଲା। ଏହା ମୋଟ ଭୋଟ୍‌ର ମାତ୍ର ୦.୧୨ ପ୍ରତିଶତ ଥିଲା।

### ସମାଚାର ଉପସ୍ଥାପକ ସୁବୋଧଙ୍କ ପରଲୋକ



**କଟକ ଅଫିସ, ୨୭।୧:** କଟକ ଆକାଶବାଣୀ ଓ ଭୁବନେଶ୍ୱର ଦୂରଦର୍ଶନର ବରିଷ୍ଠ ସମାଚାର ଉପସ୍ଥାପକ ତଥା କବି ସୁବୋଧ ନାୟକଙ୍କର ରବିବାର ସକାଳେ କଟକ ବଡ଼ ଡାକ୍ତରଖାନରେ ପରଲୋକ ଘଟିଛି। ଦୂରଦର୍ଶନରେ ୧୯୮୯ରୁ ଓ ୧୯୯୨ରୁ କଟକ ଆକାଶବାଣୀରେ ସମାଚାର ଉପସ୍ଥାପନା କରିଆସୁଥିଲେ। ଉପସ୍ଥାପନାରେ ନୂତନ ଦିଗ ଉନ୍ମୋଚନ କରିବା ସହ ଅନନ୍ୟ ଶୈଳୀ ତାଙ୍କୁ ଦର୍ଶକ ଓ ଶ୍ରୋତାଙ୍କ ମହଲରେ ପରିଚିତ କରିଥିଲା। ଏପରି କି ସେ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ୧୯୬୪ ଜୁନ୍ ୨୨ରେ ସୁବୋଧ ପୁରୀ ଜିଲା କାକଟପୁର ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। କଟକସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ(କ୍ୟାଟ୍)ରେ ସେ କାର୍ଯ୍ୟ କରୁଥିଲେ। ତାଙ୍କ ପାର୍ଥିବ ଶରୀରକୁ ଆକାଶବାଣୀ କେନ୍ଦ୍ରକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଦିଆଯିବା ପରେ ସତୀଚଉରାଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ପଦ୍ମଶ୍ରୀ ଗ୍ରହଣ କରିବାକୁ ମନାକଲେ ଗୀତା

**ଭୁବନେଶ୍ୱର, ୨୭।୧(ପି.ଟି.)**



- ପୁରସ୍କାର ଗ୍ରହଣ ନ କରିବା ରାଷ୍ଟ୍ରପତିଙ୍କୁ ଅସମ୍ମାନ: ଭାଜପା
- ଭିତିରି ବୁଝାମଣା ପଦାରେ ପଡ଼ିବା ଭୟ: କଂଗ୍ରେସ
- ଏହା ଗୀତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି: ବିଜେଡି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ଭଉଣୀ ତଥା ବିଶିଷ୍ଟ ଲେଖିକା ଗୀତା ମେହେଟ୍ଟା ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିବାକୁ ବିନମ୍ରତାର ସହ ମନା କରିଦେଇଛନ୍ତି। ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିବାରୁ ସେ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ତେବେ ନିର୍ବାଚନ ବର୍ଷରେ ପୁରସ୍କାର ପ୍ରଦାନ ଭୁଲ୍ ଅର୍ଥ ସୃଷ୍ଟି କରିପାରେ ବୋଲି ସେ କହିଛନ୍ତି।

ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଗୀତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ନିମନ୍ତେ ଶୁକ୍ରବାର କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏହି ପୁରସ୍କାର ଲାଗି ସରକାର ତାଙ୍କୁ ଉପଯୁକ୍ତ ବିବେଚନା କରିଥିବାରୁ ସେ ଯଥେଷ୍ଟ ସମ୍ମାନିତ ଅନୁଭବ କରୁଛନ୍ତି। ତେବେ ଆଗକୁ ସାଧାରଣ ନିର୍ବାଚନ ଏବଂ ଓଡ଼ିଶା ବିଧାନସଭା ନିର୍ବାଚନ ଥିବାରୁ ପୁରସ୍କାର ପ୍ରଦାନର ସମୟ ଭୁଲ୍ ଅର୍ଥ ସୃଷ୍ଟି କରିପାରେ। ସେଥିପାଇଁ ଦୁଃଖର ସହ ଏହାକୁ ଗ୍ରହଣ କରିବାକୁ ମନା କରିଥିବା ସେ କହିଛନ୍ତି। ଗୀତା ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିବାକୁ ମନା କରିଦେବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଛି। ପୁରସ୍କାର ଗ୍ରହଣ ନ କରିବା ନିଷ୍ପତ୍ତି ଠିକ୍ ନୁହେଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ସମସ୍ତ ଘଟଣାରୁ ଭାଜପା ଏବଂ ବିଜୁ ଜନତା ଦଳ (ବିଜେଡି) ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଥିବା ସ୍ପଷ୍ଟ ହେଉଛି ବୋଲି କଂଗ୍ରେସ କହିଛି। ଏହା ସହ ବରିଷ୍ଠ ନେତା ଦିଲୀପ ରାୟ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଦିଆଯିବା ନେଇ ଦାବି କରିଛନ୍ତି। କିଛି ଦିନ ତଳେ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ସେ ଅନୁରୋଧ କରିଥିଲେ। ସରକାରଙ୍କ ପକ୍ଷରୁ ଭାରତରତ୍ନ ପ୍ରଦାନ ସମ୍ପର୍କିତ ତାଲିକା ପ୍ରକାଶ ପାଇଥିବାବେଳେ ଏଥିରେ ବିଜୁ ପଟ୍ଟନାୟକଙ୍କ ନାମ ନ ରହିବା ନେଇ ଦିଲୀପ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସରକାର ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ ନ କରିବା ଏକ ଜାତୀୟ ଧୋକା ବୋଲି ଦିଲୀପ କହିଛନ୍ତି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପୁରସ୍କାର ଗ୍ରହଣ କରିବା ନ କରିବା ଉକ୍ତ ବ୍ୟକ୍ତି ଉପରେ ନିର୍ଭର କରେ। ତେବେ ଏକ ଜାତୀୟ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିବା ଭାରତର ରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ। ଅନ୍ୟପକ୍ଷରେ ଭାଜପା-ବିଜେଡି ମଧ୍ୟରେ ଥିବା ଭିତିରି ବୁଝାମଣା ପଦାରେ ପଡିଯିବା ଭୟରେ ଗୀତା ପୁରସ୍କାର ଗ୍ରହଣ କରିନାହାନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି କହିଛନ୍ତି। ସୂଚନାଯୋଗ୍ୟ, ଗତ ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିଥିବାବେଳେ ନବୀନଙ୍କ ରିମୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରେ ବୋଲି ଅଭିଯୋଗ କରିଥିଲେ। ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି, ପୁରସ୍କାର ଗ୍ରହଣ କରିବାକୁ ମନାକରିବା ଗୀତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଏହି ପ୍ରସଙ୍ଗକୁ ନେଇ ଅଯଥା ବିତର୍କ କରିବା ଏବଂ ତାଙ୍କୁ ବିବାଦ ମଧ୍ୟକୁ ଟାଣିବା ଠିକ୍ ନୁହେଁ ବୋଲି ଦେବ କହିଛନ୍ତି।

ଖ୍ୟାତନାମା ଲେଖିକା ଗୀତା ହେଉଛନ୍ତି ଦିବଂଗତ ନେତା ବିଜୁ ପଟ୍ଟନାୟକଙ୍କ ସୁପୁତ୍ରୀ ଏବଂ ପ୍ରକାଶକ ସୋନି ମେହେଟ୍ଟାଙ୍କ ପତ୍ନୀ। ତାଙ୍କର ପ୍ରମୁଖ ପୁସ୍ତକ ମଧ୍ୟରେ ରହିଛି 'କର୍ମ ଚୋଲା', 'ଏ ରିଭର ସୂତ୍ର', 'ସ୍ନେକ୍ସ ଆଣ୍ଡ ଲ୍ୟାଡର୍ସ: ଗ୍ଲିମ୍ପସେସ୍ ଅଫ ମଡର୍ନ ଇଣ୍ଡିଆ' ଏବଂ 'ଏଟର୍ନାଲ ଗଣେଶ: ଫ୍ରମ ବାର୍ଥ ଟୁ ରିବାର୍ଥ'। ଏହା ବ୍ୟତୀତ ଗୀତା ୧୪ଟି ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ରର ନିର୍ମାତା ତଥା ନିର୍ଦ୍ଦେଶକ। ପଦ୍ମଶ୍ରୀ ପୁରସ୍କାର ପାଇଥିବା ଅନ୍ୟ ଓଡ଼ିଆମାନଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଗଛ ତିନି କେନା,**
**କୁଣିଆଁ ପଡ଼ିଲେ ବୋଲି ଏବେ କଲୁ**
**ଭାତ ଚାଉଳିଆ ସିନା ।**

ଲୋକ ସଂଖ୍ୟା ଦେଖି ଖାଦ୍ୟ ରନ୍ଧାଯାଇଥାଏ। ଅଳ୍ପ ବଦଳରେ ବେଶି କୁଣିଆଁ ଆସି ପହଞ୍ଚିଗଲେ ଖାଦ୍ୟ ନିଅଣ୍ଟ ପଡ଼ିବା ସମ୍ଭାବନା ବଢ଼ିଯାଏ। ଫଳରେ କୁଣିଆ ଚର୍ଚ୍ଚା କିପରି କରାଯିବ ସେନେଇ ବ୍ୟସ୍ତତା ବୃଦ୍ଧିପାଏ। ଏପରିସ୍ଥଳେ ଭାତ ଚାଉଳିଆ କରି ଗାଳିଲେ ବେଶି ଖାଇହେବନି। ମୁହଁ ଲାଜରେ ବି କହିବେନି ଓ ସେତିକି ଚାଉଳର ଭାତରେ କାମ ଚଳି ହୋଇଯିବ ବୋଲି ମନରେ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଲୋ ବୋଉ,**
**ଖୁଦ ଜାଉ ସଙ୍ଗେ ସିଝା ଓଉ ।**

ଗରିବ ଘରେ ସବୁବେଳେ ଅଭାବ ଅନଟନ ଲାଗିରହିଥାଏ। ଭଲରେ ଖାଇବା ପିଇବା ପିନ୍ଧିବା ତାଙ୍କ ପାଇଁ ସାତସପନ ପାଲଟି ଯାଇଥାଏ। କେବେ ଭାତ ତରକାରି ବଦଳରେ ଖୁଦ ଜାଉ ଓ ସିଝା ଓଉରେ ପେଟ ଭରିବାକୁ ପଡ଼ିଥାଏ ଓ କେବେ ପାଣି ପିଇ ଦିନ ବିତାଇବାକୁ ପଡ଼ିଥାଏ। ଗରିବ ଘରର ବୋହୂ ତା' ଶାଶୁଘରର ଦାରିଦ୍ର୍ୟ କଥା ଚିନ୍ତାକରି ନିଜ ବୋଉକୁ ମନେପକେଇ ମନ କଷ୍ଟ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପରିଶ୍ରମର ଫଳ ମିଳିଛି: ଦୈତାରି

## ପାହାଡ଼ କାଟି ଜମିକୁ ଆଣିଥିଲେ ପାଣି



ଗ୍ରାମବାସୀଙ୍କ ସହ ଦୈତାରି।

**କେନ୍ଦୁଝର, ୨୭।୧(ସ୍ୱ.ପ୍ର.)**

ପାହାଡ଼ କାଟି କେନାଲ ଖୋଳି ଚାଷ ଜମିକୁ ପାଣି ଆଣି ଦୃଷ୍ଟାନ୍ତ ସାଜିଥିବା ଚାଷୀ ଦୈତାରି ନାଏକ(୭୦)ଙ୍କୁ ମିଳିବ ପଦ୍ମଶ୍ରୀ ପୁରସ୍କାର। ଏହି ପୁରସ୍କାର ପ୍ରଦାନ ନେଇ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବ ସନ୍ଧ୍ୟା ଶୁକ୍ରବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏ ନେଇ ସମଗ୍ର କେନ୍ଦୁଝର ଜିଲାରେ ଖୁସିର ଲହରି ଖେଳି ଯାଇଛି। ଏହି ଖବର ପ୍ରଚାର ପରେ ଶୁଭେଚ୍ଛା ବାର୍ତ୍ତା ଓ ସମ୍ବର୍ଦ୍ଧନା ଜଣାଇବାକୁ ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ଉପରବୈତରଣୀ ଗ୍ରାମରେ ଥିବା ଦୈତାରୀଙ୍କ ଘରେ ରାଜନୈତିକ ନେତାଙ୍କ ସୁଅ ଛୁଟିଥିଲା। ଏହି ପୁରସ୍କାର ପାଇଁ ପୂର୍ବତନ କ୍ରିକେଟିୟର ଭିଭିଏସ୍ ଲକ୍ଷ୍ମଣ ଟୁଇଟ୍ କରି ପ୍ରଶଂସା କରିଥିବା ଜଣାଯାଇଛି। ଏ ନେଇ ଦୈତାରି କହିଛନ୍ତି ଯେ, ଏଭଳି ସର୍ବୋଚ୍ଚ ନାଗରିକ ପୁରସ୍କାର ମିଳୁଥିବାରୁ ସେ ଓ ତାଙ୍କ ପରିବାର ଲୋକେ ବେଶ୍ ଖୁସି ଅଛନ୍ତି। ଜଣେ ସାଧାରଣ ଲୋକକୁ ଏଭଳି ପୁରସ୍କାର ପ୍ରଦାନ କରାଯାଉଥିବାରୁ ସରକାରଙ୍କୁ ଧନ୍ୟବାଦ। ଗ୍ରାମ ଓ ଆଖପାଖ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ସୁଦୃଢ଼ ହୋଇ ପାରିଲେ ଅଧିକ ଖୁସି ଲାଗିବ।

ଦୈତାରୀ ଦୀର୍ଘ ୩ କି.ମି. କେନାଲ ଖୋଳି ଗ୍ରାମଠାରୁ ବହୁ ଦୂରରେ ବୋହି ଯାଉଥିବା ଝରଣା ପାଣିକୁ ଚାଷ ଜମିକୁ ଆଣିବାରେ ସକ୍ଷମ ହୋଇଥିଲେ। ଏଥିପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡିଥିଲା। ପରିବାର ସଦସ୍ୟଙ୍କ ସହ ମିଶି କେନାଲ ଖୋଳି ଜମିକୁ ପାଣି ମଡାଇ ଚାଷ କରି ଦୈତାରି ୨୦୧୮ରେ ଚର୍ଚ୍ଚାର ପରିଧିକୁ ଆସିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ସଂସ୍ଥା ଓ ସଙ୍ଗଠନରୁ ସେ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଛନ୍ତି। ଚାଷ ହେଉଛି ଆମର ଜୀବନଜୀବିକା। ଏଥିରେ ଘର ଓ ପରିବାର ଚଳୁଛି। ପାଣି ଅଭାବରୁ ଚାଷ କାର୍ଯ୍ୟ ହୋଇପାରୁନାହିଁ। ପାଣି ଆଣି ଚାଷ କଲେ ପରିବାର ଚଳିବ ବୋଲି ଭାବୁଥିଲି। ଗ୍ରାମଠାରୁ ବହୁ ଦୂରରେ ଝରଣା ଥିଲେ ହେଁ ଜମିକୁ ପାଣି ଆସିବାର ସୁବିଧା ନ ଥିଲା। ଜମିକୁ କିପରି ପାଣି ପହଞ୍ଚିବ ସେ ନେଇ ଉଦ୍ୟମ ଆରମ୍ଭ କରିଥିଲି। ଏ ନେଇ ଗ୍ରାମବାସୀଙ୍କ ସହାୟତା ଲୋଡିଥିଲି। ପାଣି ଆସିଲେ ବାଇଗଣ, କୋବି, ଶାଗ, ଆଳୁ, ଧାନ ଆଦି ଚାଷ କରିପାରିବା ବୋଲି ଗ୍ରାମବାସୀଙ୍କୁ କହିଥିଲି। ଏତେ ଦୂରରୁ କ'ଣ ପାଣି ଆଣିବା ଓ ଚାଷ କରି ଭାତ ଖାଇବା ବୋଲି ଓଲଟା ପ୍ରଶ୍ନ ଗ୍ରାମବାସୀ କରିଥିଲେ। ଛୁଆପିଲାଙ୍କ ପାଇଁ କିଛି କରିବାକୁ ପଡିବ ବୋଲି ଭାବି ନିରାଶ ନ ହୋଇ କେନାଲ ଖୋଳିବା ଆରମ୍ଭ କରିଥିଲି। ଶେଷରେ ପରିଶ୍ରମର ସୁଫଳ ମିଳିଛି। ପାଣି ଗାଁ ପାଖକୁ ଆସିଲାବେଳେ ଗ୍ରାମବାସୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ବୋଲି ଦୈତାରୀ କହିଛନ୍ତି। ପାହାଡିଆ ଅଞ୍ଚଳରେ ଜଳସେଚନ ଅଭାବରୁ ଚାଷ ହୋଇପାରୁନି। ପାଣି ସମସ୍ୟା ଲାଗି ରହିଛି। ଚାଷର ବିକାଶ କଲେ ଲୋକଙ୍କ ବିକାଶ ହୋଇପାରିବ। ଦୃଢ଼ ଇଚ୍ଛାଶକ୍ତି କେବେ ବୃଥା ହୁଏନି। ଦୈତାରିଙ୍କ ଉଦ୍ୟମ ସମସ୍ତଙ୍କ ପାଇଁ ଦୃଷ୍ଟାନ୍ତ ହେବ। ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାରଫାଟ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ପଦ୍ମଶ୍ରୀ କ'ଣ ଜାଣିନି: କମଳା



କମଳାଙ୍କୁ ହସ୍ପିଟାଲରେ ଭେଟୁଛନ୍ତି ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା।

**ଜୟପୁର, ୨୭।୧(ନି.ପ୍ର./ ଡି.ଏନ୍.ଏ.)**

- ଭେଟିଲେ ମନ୍ତ୍ରୀ, ପ୍ରଶାସକ, ବୁଦ୍ଧିଜୀବୀ
- ଅଧିକ ଚିକିତ୍ସା ପାଇଁ କୋରାପୁଟ ସ୍ଥାନାନ୍ତର

ପଦ୍ମଶ୍ରୀ ସମ୍ମାନ ଘୋଷଣା ବିଷୟରେ ମୁଁ ଶୁଣିଲି। ସେ ଉପାଧି କ'ଣ ମୁଁ ଜାଣିନାହିଁ। ବର୍ତ୍ତମାନ ମୋର ଦେହ ଅସୁସ୍ଥ ଅଛି। ସେଥିଯୋଗୁ ମୁଁ ଅଧିକ କିଛି କହିପାରିବି ନାହିଁ ବୋଲି ପଦ୍ମଶ୍ରୀ କମଳା ପୂଜାରୀ କହିଛନ୍ତି। ପଦ୍ମଶ୍ରୀ ପୁରସ୍କାର ଘୋଷଣା ପରେ ପାରମ୍ପରିକ ଚାଷ ଏବଂ ବିହନ ସଂରକ୍ଷଣକୁ ନେଇ ରାଜ୍ୟ ତଥା ଦେଶରେ ସୁନାମ ଅର୍ଜନ କରିଥିବା କମଳା ପୂଜାରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବାର୍ଦ୍ଧକ୍ୟ ହେତୁ ସ୍ୱାସ୍ଥ୍ୟାବସ୍ଥାରେ ସମସ୍ୟା ଥିବାରୁ ତାଙ୍କୁ ଶୁକ୍ରବାର ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଲଟ୍ରାସାଉଣ୍ଡ ଏବଂ ଅନ୍ୟାନ୍ୟ ପରୀକ୍ଷା ପରେ ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥାରେ ତାଙ୍କର ସମସ୍ୟା ନ ଥିବା ଡକ୍ତରୀଦଳ କହିଛନ୍ତି। ଅଧୀକ୍ଷକ ଡା. କାଳୀପ୍ରସାଦ ବେହେରାଙ୍କ ନେତୃତ୍ୱରେ ୫ଜଣିଆ ଡାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ କମଳାଙ୍କ ଚିକିତ୍ସା କରୁଛନ୍ତି। କିନ୍ତୁ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଶନିବାର ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଉପଜିଲାପାଳ ଲୋକନାଥ ଦଳ ବେହେରା, ଜିଲା କଂଗ୍ରେସ କମିଟି ସଦସ୍ୟ, ସହରର ବୁଦ୍ଧିଜୀବୀମାନେ ଭେଟି ଶୁଭେଚ୍ଛା ଜଣାଇବା ସହ ଜଗନ୍ନାଥଙ୍କ ନିକଟରେ ଆରୋଗ୍ୟ କାମନା କରିଥିଲେ। ରବିବାର ରାତିରେ ଅଧିକ ଚିକିତ୍ସା ପାଇଁ କମଳାଙ୍କୁ କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟା କମଳା ନାରୀ ସଶକ୍ତୀକରଣ ସହିତ ଜଙ୍ଗଲ ସୁରକ୍ଷା ନିମନ୍ତେ ନିରନ୍ତର ପ୍ରଚେଷ୍ଟା କରିଆସିଛନ୍ତି। ପ୍ରାରମ୍ଭିକ ଅବସ୍ଥାରେ ୨୧ ଜଣ ଉତ୍ସର୍ଗୀକୃତ ମହିଳାଙ୍କୁ ନେଇ ନିଜ ଗାଁରେ 'ତ୍ରିନାଥ ଠାକୁର ବନ ସୁରକ୍ଷା ସମିତି' ନାମକ ଏକ ସଂଘ ଗଠନ କରି ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କାମ କରିଥିଲେ କମଳା। ଲୋପ ପାଇଯାଉଥିବା ୧୦୦ରୁ ଅଧିକ ଦେଶୀ ବିହନ କିସମର ସଂରକ୍ଷଣ ତଥା ଜୈବିକ ପଦ୍ଧତିରେ ଚାଷକରି ସେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଉନ୍ନତ କିସମର ଦେଶୀ ଧାନ ବିହନ ସଂରକ୍ଷଣ କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ଦକ୍ଷିଣ ଆଫ୍ରିକାର ଜୋହନ୍ସବର୍ଗରେ ୨୦୦୨ ମସିହାରେ ତାଙ୍କୁ ସମ୍ମାନିତ କରାଯାଇଥିବାବେଳେ ୨୦୦୩ରେ ଭାରତ ସରକାର 'କୃଷି ବିଶାରଦ' ସମ୍ମାନ ସମ୍ମାନିତ କରିଥିଲେ। ଏପରିକି ଓଡ଼ିଶା ସରକାର ମଧ କମଳାଙ୍କ ସମ୍ମାନାର୍ଥେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମହିଳା ଛାତ୍ରୀ ନିବାସକୁ କମଳାଙ୍କ ନାମରେ ନାମିତ କରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**LOAN**
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

**SMS JOBS DHAMAKA (PART/FULL TIME)**
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

**LOAN**
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

**GET INSTANT CASH AGAINST GOLD**
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ ଜନତା ଫାଇନାନ୍ସ**
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422, 7626900260
Address C-281, Pratap Gali, Nanakchand Road, South Delhi - 110003

**ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍**
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ପରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**ଋଣ - ଋଣ - ଋଣ**
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**FINANCE**
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ। ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

**TARIFF — MORE SPACE • SAME PRICE**

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ**
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

## ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

**ଆର୍ଥିକ ଭାବେ ସ୍ୱାଧୀନ ହେବାର ଅର୍ଥ ହେଉଛି ନିଜର ଲକ୍ଷ୍ୟକୁ ପୂରଣ କରିବାରେ ସକ୍ଷମ ହେବା ଏବଂ ଆର୍ଥିକ ଅନିଶ୍ଚିତତା ପାଇଁ ପ୍ରସ୍ତୁତ ରହିବା। ଅନୁପଯୁକ୍ତ ଆର୍ଥିକ ଅଭ୍ୟାସ ଆମକୁ ଆମର ଆର୍ଥିକ ଲକ୍ଷ୍ୟରୁ ଦୂରକୁ ମଧ୍ୟ ନେଇଯାଇପାରେ । ଠିକ୍ ଆର୍ଥିକ ଆଚରଣକୁ ଅନୁସରଣ କଲେ ଆର୍ଥିକ ସୁରକ୍ଷା ଅଭିମୁଖୀ ଆପଣଙ୍କ ଯାତ୍ରା ସହଜ ହୋଇଯାଇଥାଏ। ଏହି ସାଧାରଣତନ୍ତ୍ର ଦିବସରେ, ଆସନ୍ତୁ ଆର୍ଥିକ ସ୍ୱାଧୀନତା ଅଭିମୁଖେ ଏକ ପାହୁଣ୍ଡ ଆଗେଇବା।**

### ୧ ଖର୍ଚ୍ଚ ଉପରେ ନଜର ନ ରଖିବା

**ମୋ ଦରମା ଟଙ୍କାସବୁ କୁଆଡ଼େ ଗଲା ?**

କ'ଣ କହିବା, ଯଦି ଆପଣ ନିଜ ଖର୍ଚ୍ଚଗୁଡ଼ିକର ରେକର୍ଡ ରଖିଥାନ୍ତେ ତେବେ ଉତ୍ତର ଆପଣଙ୍କ ପାଖରେ ଥାଆନ୍ତା। ଖର୍ଚ୍ଚଗୁଡ଼ିକୁ ଟ୍ରାକ୍ କରିବା ଦ୍ୱାରା ମଉଜିଆ କ୍ରୟକୁ ପ୍ରତିରୋଧ କରିବାରେ ଆପଣଙ୍କୁ ସହାୟତା ମିଳିଥାଏ।

**ଆପଣ କ'ଣ କରିପାରିବେ:** ଏକ ଡାଏରୀ ରଖନ୍ତୁ । ଆପଣ କରୁଥିବା ପ୍ରତ୍ୟେକ ଖର୍ଚ୍ଚକୁ ସେଥିରେ ରେକର୍ଡ କରି ରଖନ୍ତୁ। ପ୍ରତି ମାସ ଶେଷରେ, କେଉଁ ବର୍ଗରେ ଅତ୍ୟଧିକ ଖର୍ଚ୍ଚ ହୋଇଛି ତାହା ଜାଣନ୍ତୁ।

### ୨ ଆଗେ ଖର୍ଚ୍ଚ କରିବା-ପରେ ନିବେଶ କରିବା

**ନିବେଶ ପାଇଁ ମୋ ପାଖରେ ଟଙ୍କା ରହୁନାହିଁ କାହିଁକି ?**

ଏହି ଅଭ୍ୟାସକୁ ଓଲଟାଇବାର ଅଛି। ନିବେଶ କରିବା ପରେ ହିଁ ଖର୍ଚ୍ଚ କରନ୍ତୁ। ଦରମା ମିଳିବା ସଙ୍ଗେ ସଙ୍ଗେ ଯଦି ଆପଣ ନିବେଶ କରିଦିଅନ୍ତି, ତେବେ ନିବେଶ ପରେ ବଳିଥିବା ଟଙ୍କାରେ ନିଜ ଖର୍ଚ୍ଚକୁ ଚଳାଇବା ପାଇଁ ଆପଣ ବାଧ୍ୟ ହେବେ।

**ଆପଣ କ'ଣ କରିପାରିବେ:** ପ୍ରତିମାସ ଆରମ୍ଭରେ ଏସ୍ଆଇପି (ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍) ମାଧ୍ୟମରେ ନିବେଶ କରନ୍ତୁ।

### ୩ ଲକ୍ଷ୍ୟଭିତ୍ତିକ ଯୋଜନା ପ୍ରସ୍ତୁତ ନ କରିବା

**ମୋ ସ୍ୱପ୍ନକୁ ପୂରଣ କରିବା ବେଳେ ଟଙ୍କାର ଅଭାବ ବାଧକ କାହିଁକି ସାଜୁଛି ?**

ବିଜ୍ଞ ଲକ୍ଷ୍ୟ-ଭିତ୍ତିକ ଆର୍ଥିକ ଯୋଜନା ଦ୍ୱାରା କଷ୍ଟକର ହେଉପଛେ ଏହି ସମସ୍ୟାକୁ ଦୂର କରିହେବ। ଆପଣଙ୍କ ଲକ୍ଷ୍ୟ ଏକ ମାଇକ୍ରୋୱେଭ୍ ଓଭେନ୍ କିଣିବା ଭଳି ଛୋଟ ହୋଇପାରେ। ସେହିଭଳି, ତାହା ବିଶ୍ୱଭ୍ରମଣ ଭଳି ବଡ଼ ବି ହୋଇପାରେ। ଆପଣ ନିଜର ସମସ୍ତ ଲକ୍ଷ୍ୟ ପାଇଁ ମ୍ୟୁଚୁଆଲ ଫଣ୍ଡ ମାଧ୍ୟମରେ ନିବେଶ କରିପାରିବେ।

**ଆପଣ କ'ଣ କରିପାରିବେ:** ନିଜ ଲକ୍ଷ୍ୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ସେଗୁଡ଼ିକ ସ୍ୱଳ୍ପ-ମିଆଦୀ, ମଧ୍ୟମ-ମିଆଦୀ ଏବଂ ଦୀର୍ଘ-ମିଆଦୀ ଭାବେ ବିଭାଜିତ କରନ୍ତୁ। ପ୍ରତ୍ୟେକ ଲକ୍ଷ୍ୟ ପାଇଁ ପୃଥକ୍ ପୋର୍ଟଫୋଲିଓ ରଖନ୍ତୁ।



# ଆପଣ ଠିକ୍ ଆର୍ଥିକ ମାର୍ଗରେ ଅଛନ୍ତି କି?

ଆପଣ ଏବର୍ଷ ପାଇଁ ବୋଧହୁଏ ଆର୍ଥିକ ସୁରକ୍ଷା ଅଭିମୁଖେ ନିଜର ଯାତ୍ରା ଆରମ୍ଭ କରିବାର ସଂକଳ୍ପ ନେଇସାରିଥିବେ। ଆପଣ ହୁଏତ ଆର୍ଥିକ ଯୋଜନା ସମ୍ପର୍କରେ ଅଧିକ ଜାଣିବା ପାଇଁ ଚାହୁଁଥାଇପାରନ୍ତି। କିନ୍ତୁ, ଆସନ୍ତୁ ପ୍ରଥମେ ଜାଣିବା ଯେ ତ୍ରୁଟିପୂର୍ଣ୍ଣ ଆର୍ଥିକ ଅଭ୍ୟାସଗୁଡ଼ିକ କିପରି ଆପଣଙ୍କୁ ବାଟବଣା କରିଦେଇଥାଏ।

**୫ ଗୋଟି ଅଭ୍ୟାସ ଯାହା ଆପଣଙ୍କ ଆର୍ଥିକ ସ୍ୱାଧୀନତାର ସଂଗ୍ରାମରେ ବାଧକ ସାଜିଥାଏ:**

### ୪ ଟିକସ ଯୋଜନା ଶେଷ ମୁହୂର୍ତ୍ତରେ କରିବା

**ଟିକସ ସଞ୍ଚୟ ପାଇଁ ବଡ଼ ପରିମାଣର ଟଙ୍କା ଏକକାଳୀନ ନିବେଶ କରିବାରେ ମୋତେ ଏତେ ଷ୍ଟ୍ରଗଲ୍ କାହିଁକି କରିବାକୁ ପଡ଼ିଥାଏ ?**

ଆପଣ ନିଜର ଟିକସ ଯୋଜନା ପ୍ରକ୍ରିୟାକୁ ସଅଳ ଆରମ୍ଭ କରି ତାହାକୁ ସହଜ କରିପାରିବେ। ଆଦର୍ଶ ଭାବେ, ଆପଣ ଆର୍ଥିକବର୍ଷ ଆରମ୍ଭରୁ ହିଁ ନିଜର ଟିକସ ଯୋଜନା ଆରମ୍ଭ କରିବା ଉଚିତ। ଆପଣ ଏସ୍ଆଇପି ମାଧ୍ୟମରେ ନିଜ ଟିକସ ସଞ୍ଚୟ ନିବେଶକୁ ୧୨ ଭାଗରେ ବିଭାଜିତ କରିପାରିବେ।

**ଆପଣ କ'ଣ କରିପାରିବେ:** ଏପ୍ରିଲ ମାସରୁ ଇକ୍ୱିଟି ଲିଙ୍କଡ ସେଭିଂସ୍ ସ୍କିମ୍ (ଇଏଲ୍ଏସ୍ଏସ୍)ରେ ନିବେଶ ଆରମ୍ଭ କରନ୍ତୁ।

### ୫ ଜରୁରିକାଳୀନ ପରିସ୍ଥିତି ପାଇଁ ଯୋଜନା ନ କରିବା

**ଜରୁରିକାଳୀନ ପରିସ୍ଥିତିଗୁଡ଼ିକ ମୋତେ ମୋ ଲକ୍ଷ୍ୟରୁ ଏତେ ଦୂରକୁ ଠେଲିଦେଇଥାଏ କାହିଁକି ?**

ଆପଣ ଜରୁରିକାଳୀନ ପରିସ୍ଥିତି ପାଇଁ ନିବେଶ କରିଥିଲେ ଏହି ପ୍ରଶ୍ନର ସମ୍ମୁଖୀନ ହୋଇ ନ ଥାନ୍ତେ। ଜରୁରିକାଳୀନ ପାଣ୍ଠି ଥିଲେ ଆପଣ ମୁଦ୍ରାସ୍ଫୀତି, ଚିକିତ୍ସାଗତ ଜରୁରିକାଳ, ଚାକିରି ହରାଇବା ଓ ଅନ୍ୟାନ୍ୟ ଏପରି ଜରୁରିକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିପାରିବେ।

**ଆପଣ କ'ଣ କରିପାରିବେ:** ନିୟମିତ ଭାବେ ଲିକ୍ୱିଡ୍ ଫଣ୍ଡଗୁଡ଼ିକରେ ନିବେଶ କରନ୍ତୁ, ଆପଣଙ୍କ ଛଅମାସର ଖର୍ଚ୍ଚ ପାଇଁ ଯଥେଷ୍ଟ ଟଙ୍କା ସଞ୍ଚୟ ହେବା ପର୍ଯ୍ୟନ୍ତ। ଲିକ୍ୱିଡ୍ ଫଣ୍ଡରେ ଲକ୍-ଇନ୍ ଅବଧି ନ ଥାଏ। ଏହା ଆପଣଙ୍କ ସଞ୍ଚୟ ଖାତା କିମ୍ବା ସ୍ଥାୟୀ ଜମାର ବିକଳ୍ପ ହୋଇପାରିବ

**ଏହା ପରେ କ'ଣ ?** ନିଜର ଆର୍ଥିକ ସ୍ୱାଧୀନତା ସଂଗ୍ରାମର ରଣନୀତି ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି? ସ୍ମାର୍ଟ ଆର୍ଥିକ ଯୋଜନା କିପରି ଆପଣଙ୍କୁ ନିଜ ଲକ୍ଷ୍ୟର ନିକଟତର କରିବ ତାହା ପରବର୍ତ୍ତୀ ଭାଗରେ ଦର୍ଶାଯାଇଛି !

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ଏହି ସାଧାରଣତନ୍ତ୍ର ଦିବସରେ, ଏହି ୭ଟି ପଦକ୍ଷେପ ଅନୁସରଣ କରି ନିଜ ଆର୍ଥିକ ଜୀବନକୁ ସୁବ୍ୟବସ୍ଥିତ କରନ୍ତୁ

**ଆର୍ଥିକ ଲକ୍ଷ୍ୟ ସ୍ଥିର କରନ୍ତୁ**

ଯେକୌଣସି ଆର୍ଥିକ ଯୋଜନାର ପ୍ରାକ୍-ଆବଶ୍ୟକତା ହେଉଛି ଲକ୍ଷ୍ୟ ନିର୍ଦ୍ଧାରଣ କରିବା। ଯଦି ଆପଣଙ୍କ ଲକ୍ଷ୍ୟ ହେଉଛି ଏକ ନୂଆ ସ୍ମାର୍ଟ ଟେଲିଭିଜନ କିଣିବା, ତେବେ ନିଜ ମ୍ୟୁଚୁଆଲ ଫଣ୍ଡକୁ ''ମୋର ନୂଆ ସ୍ମାର୍ଟ ଟିଭି ଫଣ୍ଡ'' ଭାବେ ନାମିତ କରନ୍ତୁ। ଏହାଦ୍ୱାରା ଆପଣଙ୍କ ନିବେଶ ଦିଗହରା ନ ହେବାରେ ସହାୟତା ମିଳିବ।

**ମୁଦ୍ରାସ୍ଫୀତିକୁ ବିଚାରକୁ ନିଅନ୍ତୁ**

କିଛି ବର୍ଷ ତଳେ ପିଲାଙ୍କୁ ବିଦେଶରେ ପାଠ ପଢ଼ାଇବା ପାଇଁ ଖର୍ଚ୍ଚ ଲକ୍ଷରେ ସୀମିତ ରହୁଥିଲା। ଏବେ ଏହା କୋଟିରେ ପହଞ୍ଚିଯାଇଛି। ୧୯୪୭***ରେ ଦିଲ୍ଲୀରୁ ମୁମ୍ବାଇକୁ ବିମାନ ଭଡ଼ା ₹୧୪୦ ଥିଲା। ଏବେ, ଆପଣଙ୍କୁ ପାଖାପାଖି ₹୬,୭୮୮ ଦେବାକୁ ପଡୁଛି। ସେହିଭଳି ସମୟ ସହିତ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ମଧ୍ୟ ବଢ଼ିଚାଲିଛି। ମୁଦ୍ରାସ୍ଫୀତି ହେଉଛି ଆପଣଙ୍କର ଏକ ନମ୍ବର ଶତ୍ରୁ।

**ଆର୍ଥିକ ପରାମର୍ଶ ଲୋଡ଼ନ୍ତୁ**

ଆର୍ଥିକ ପରାମର୍ଶଦାତାମାନେ ହେଉଛନ୍ତି ପେସାଦାର, ଯେଉଁମାନେ ବଜାରର ଅଧ୍ୟୟନ କରିଥାନ୍ତି। ଭଲ ସ୍କିମ୍‌ଗୁଡ଼ିକ ସମ୍ପର୍କରେ ସେମାନେ ଆପଣଙ୍କୁ ମାର୍ଗଦର୍ଶନ ଦେଇପାରିବେ। ଏପରିକି, ସେମାନେ ଆପଣଙ୍କ ଫଣ୍ଡ ଉପରେ ମଧ୍ୟ ନଜର ରଖି ଆପଣଙ୍କୁ ସର୍ବାଧିକ ରିଟର୍ନ ପାଇବାରେ ସହାୟତା କରିପାରିବେ।

**ଜରୁରିକାଳୀନ ପରିସ୍ଥିତି ଓ ଅବସରକାଳ ପାଇଁ ନିବେଶ କରନ୍ତୁ**

ଅନିଶ୍ଚିତତା ଆପଣଙ୍କ ସଞ୍ଚୟକୁ ଖାଇଦେଇପାରେ ଏବଂ ଅବସରକାଳ ପାଇଁ ସଞ୍ଚୟ କରିବା ଏକ ଅନିବାର୍ଯ୍ୟ ଜୀବନ ଲକ୍ଷ୍ୟ। ଏହି ଲକ୍ଷ୍ୟଗୁଡ଼ିକ ଆପଣଙ୍କୁ ଅନ୍ୟାନ୍ୟ ଲକ୍ଷ୍ୟଭିତ୍ତିକ ନିବେଶକୁ ଠିକ୍ ମାର୍ଗରେ ରଖିବାରେ ସହାୟତା କରିପାରିବ। ନିଜର ସୁଦୃଢ଼ ଅବସରକାଳୀନ ପାଣ୍ଠି ଗଠନ କରି, ଆପଣ ସଅଳ ଅବସର ମଧ୍ୟ ନେଇପାରନ୍ତି।

**ନିଜର ପୋର୍ଟଫୋଲିଓକୁ ବିବିଧକୃତ କରନ୍ତୁ**

ଭିନ୍ନ ଆସେଟ୍‌ର ଭିନ୍ନ ରିସ୍କ-ରିଟର୍ନ ପ୍ରୋଫାଇଲ୍ ରହିଥାଏ। ଉଦାହରଣସ୍ୱରୂପ, ଇକ୍ୱିଟି-ଭିତ୍ତିକ ଫଣ୍ଡଗୁଡ଼ିକ ସ୍ୱଳ୍ପମିଆଦୀ ଅସ୍ଥିରତାର ସାମ୍ନା କରିଥାଏ କିନ୍ତୁ ଦୀର୍ଘମିଆଦରେ ତାହା ଆପଣଙ୍କୁ ଉଚ୍ଚ ରିଟର୍ନ ଦେଇପାରେ। ସେହିଭଳି, ଡେବ୍‌ଟ ଓ ଲିକ୍ୱିଡ୍ ଫଣ୍ଡ ହେଉଛି ଅପେକ୍ଷାକୃତ ସ୍ୱଳ୍ପ-ରିସ୍କ ବର୍ଗର ନିବେଶ। ନିଜର ରିସ୍କ ଓ ରିଟର୍ନର ସନ୍ତୁଳନ ରକ୍ଷା ପାଇଁ ଆପଣ ଏହିସବୁ ଆସେଟ୍‌କୁ ସନ୍ତୁଳିତ ରଖିବା ଉଚିତ।

**ଦୀର୍ଘ-ମିଆଦ ହେଉଛି ଗୁରୁତ୍ୱପୂର୍ଣ୍ଣ**

ଆପଣ ଯେତେଶୀଘ୍ର ଆରମ୍ଭ କରିବେ, କମ୍ପାଉଣ୍ଡିଂ କାରଣରୁ ଆପଣଙ୍କ ପାଣ୍ଠି ସେତେ ଭଲ ହେବ। ଦୀର୍ଘମିଆଦୀ ଆର୍ଥିକ ସ୍ୱାଧୀନତାର ରହସ୍ୟ ହେଉଛି ଦୀର୍ଘମିଆଦୀ, ନିୟମିତ ନିବେଶ।

**ନିଜର ପ୍ରସ୍ଥାନ ରଣନୀତିର ଯୋଜନା କରନ୍ତୁ**

ଆପଣ ନିଜର ଲକ୍ଷ୍ୟ ପାଇଁ ନିବେଶ ଯୋଜନା ତିଆରି କରିଥାନ୍ତି। ହେଲେ, ଆର୍ଥିକ ଲକ୍ଷ୍ୟରେ ପହଞ୍ଚିବା ପରେ, ଆପଣଙ୍କୁ ନିଜର ଫଣ୍ଡର ପ୍ରସ୍ଥାନ ରଣନୀତି ମଧ୍ୟ ପ୍ରସ୍ତୁତ କରିବା ଆବଶ୍ୟକ। । ଆପଣ ପ୍ରତ୍ୟେକ ଲକ୍ଷ୍ୟ ସହ ମେଳ ଖାଉଥିବା ପୃଥକ୍ ପ୍ରସ୍ଥାନ ରଣନୀତିର ଯୋଜନା କରିପାରନ୍ତି।

** ସୌଜନ୍ୟ: ଏଟ୍ରି ଅଭିଲେଖ, ଗଣମାଧ୍ୟମ ରିପୋର୍ଟ, ଆଉଟ୍‌ଲୁକ୍ ମାଗାଜିନ୍, ଇ-କମର୍ସ କମ୍ପାନୀ

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

# ସ୍ୱତନ୍ତ୍ର କୁମାର ବୁଝାନ୍ତି: ଏଣ୍ଡାଓମେଣ୍ଟ ଇଫେକ୍ଟ

**ଏଣ୍ଡାଓମେଣ୍ଟ ଇଫେକ୍ଟର ଅର୍ଥ ହେଉଛି ନିଜ ଦଖଲରେ ଥିବା ପରିସମ୍ପତ୍ତିକୁ ଉଚ୍ଚତର ମୂଲ୍ୟର ବୋଲି ବିବେଚନା କରିବାର ଲୋକମାନଙ୍କର ପ୍ରବୃତ୍ତି। ଆପଣ ଏକ ବସ୍ତୁକୁ କମ୍ ମୂଲ୍ୟରେ କିଣିବା ପାଇଁ ପ୍ରସ୍ତୁତ। କିନ୍ତୁ, ତାହାର ମାଲିକାନା ହାସଲ ହୋଇଯିବା ପରେ, ଆପଣ ତାହାର ମୂଲ୍ୟକୁ ଅଧିକ ବିବେଚନା କରନ୍ତି।**

**ବିଚାରକୁ ନିଅନ୍ତୁ:**

ଧରିନିଅନ୍ତୁ, ଆପଣ ଏକ ₹୨ କୋଟି ମୂଲ୍ୟର ଘରର ମାଲିକ। ଆପଣ ତାହାକୁ ₹୩ କୋଟିରେ ବିକ୍ରି କରିବାକୁ ଚାହୁଁଛନ୍ତି। ଘର ବିକ୍ରି ଦ୍ୱାରା ଲବ୍ଧ ଟଙ୍କାରେ ଆପଣ ସେହି ଅଞ୍ଚଳରେ ଏକ ବଡ଼ ଘର କିଣିବାକୁ ଚାହୁଁଛନ୍ତି। ତେଣୁ, ଆପଣଙ୍କ ସମ୍ପତ୍ତିର ମୂଲ୍ୟାୟନକୁ ଏଣ୍ଡାଓମେଣ୍ଟ ଇଫେକ୍ଟ ପ୍ରଭାବିତ କରିଥାଏ। ଆପଣ ଏକ ବସ୍ତୁକୁ ତାହାର ବଜାର ମୂଲ୍ୟ ନିର୍ବିଶେଷରେ ଅଧିମୂଲ୍ୟାୟନ କରିଥାନ୍ତି। ଏହା ଆପଣଙ୍କ ନିବେଶଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ। ଏଠାରେ, ଆପଣ ନୂଆ ନିବେଶ ଉତ୍ପାଦକୁ ସନ୍ଧାନ କିମ୍ବା ଗବେଷଣା କରିବା ପରିବର୍ତ୍ତେ ନିଜର ମାଲିକାନାରେ ପୂର୍ବରୁ ରହିଥିବା ନିବେଶରେ ନିଜ ଟଙ୍କା ଲଗାଇଥାନ୍ତି।



**ଏଣ୍ଡାଓମେଣ୍ଟ ଇଫେକ୍ଟକୁ ଏଡ଼ାଇବା ପାଇଁ, ଆପଣ ନିମ୍ନ ପରାମର୍ଶକୁ ଅନୁସରଣ କରିପାରିବେ:**

- ନିଜ ପୋର୍ଟଫୋଲିଓକୁ ଧ୍ୟାନର ସହ ଦେଖନ୍ତୁ। ଆସେଟଗୁଡ଼ିକୁ ଆପଣ ତାହାର ପ୍ରଚଳିତ ମୂଲ୍ୟରେ କ୍ରୟ କରିବା ପାଇଁ ଚାହୁଁଛନ୍ତି କି ନାହିଁ ନିଜକୁ ପଚାରନ୍ତୁ
- ଆସେଟ୍‌କୁ ପ୍ରଥମତଃ କାହିଁକି କିଣିଥିଲେ ତାହାର କାରଣକୁ ମନେପକାନ୍ତୁ
- ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ଟିକିନିଖି ଗବେଷଣା କରନ୍ତୁ

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ




**ଏକ ଆର୍ଥିକ ସ୍ୱାଧୀନ ଭବିଷ୍ୟତ ଅଭିମୁଖେ ଅଗ୍ରସର ହେବା ପାଇଁ ଏବେବି ବିଳମ୍ବ ହୋଇନାହିଁ; ଆଜି ହିଁ ଆରମ୍ଭ କରନ୍ତୁ!**

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:** ୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

**ନିବେଶ ଆପଣଙ୍କୁ କିପରି ଦୁଶ୍ଚିନ୍ତାରୁ ସ୍ୱାଧୀନତା ଦିଏ ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ।**

**ଆପଣଙ୍କ ଟିକସ ଉତ୍ତରଦାୟିତା ଏବଂ ଟିକସ ସଞ୍ଚୟ ପାଇଁ କେତେ ନିବେଶ କରିବେ ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ।**

## ବିଶେଷଜ୍ଞ କୁହନ୍ତି



ହରିହର ବେହେରା
ଆର୍ଥିକ ପରାମର୍ଶଦାତା

**ଜଣେ ପାଠକ ଆମକୁ ପଚାରିଛନ୍ତି: ଭିନ୍ନ ଲକ୍ଷ୍ୟ ପାଇଁ ମୁଁ ଭିନ୍ନ ନିବେଶ ଯୋଜନା କାହିଁକି କରିବା ଆବଶ୍ୟକ?**

**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

ପ୍ରତ୍ୟେକ ଲକ୍ଷ୍ୟ ପାଇଁ ଏକ ପୃଥକ୍ ପୋର୍ଟଫୋଲିଓ ତିଆରି କରିବାର ମୌଳିକ ବିଚାର ହେଉଛି ନିଜ ନିବେଶଗୁଡ଼ିକୁ ଦିଗର ଏକ ଭାବନା ପ୍ରଦାନ କରିବା। ଯେହେତୁ ଚୂଡ଼ାନ୍ତ ଉପଯୋଗ ପରିଭାଷିତ ଅଟେ, ତେଣୁ ଆପଣ ଜାଣନ୍ତି ଯେ ପ୍ରତ୍ୟେକ ଟଙ୍କା କେଉଁ ଉଦ୍ଦେଶ୍ୟରେ ନିବେଶ ହେଉଛି। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ କ୍ଷତିଗ୍ରସ୍ତ ହେବାର ଭୟ କାରଣରୁ ଆପଣ ନିଜ ସଞ୍ଚୟ ଦାୟିତ୍ୱକୁ ଫାଙ୍କିବାର ସମ୍ଭାବନା ମଧ୍ୟ କମିଯାଇଥାଏ। ଯେବେ ଆପଣ ନିଜ ଗୃହ ଋଣର ଇଏମ୍ଆଇ ପୈଠ ପାଇଁ ଟଙ୍କା ରଖୁଥାନ୍ତି, ତେବେ ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ତାହାକୁ କାଢ଼ିବାରୁ ନିବୃତ୍ତ ରହିଥାନ୍ତି। ସେହିଭଳି, ଯଦି ଆପଣ ଜାଣନ୍ତି ଯେ ଆପଣଙ୍କ ସଞ୍ଚୟର ଏକ ନିର୍ଦ୍ଦିଷ୍ଟ ଅଂଶ ଆପଣଙ୍କ ଶିଶୁର ଶିକ୍ଷା ପାଇଁ ଉଦ୍ଦିଷ୍ଟ, ଆପଣ ତାହା ସହିତ କୌଣସି ସାଲିସ କରିବେ ନାହିଁ । ଲକ୍ଷ୍ୟ-ଭିତ୍ତିକ ନିବେଶ ଶୃଙ୍ଖଳାର ଅଭାବ କ୍ଷେତ୍ରରେ, ଆପଣ ନିଜର ନିକଟତମ ଲକ୍ଷ୍ୟ ପାଇଁ ଅତିରିକ୍ତ ପାଣ୍ଠି ଖର୍ଚ୍ଚ କରିବାର ରିସ୍କ ରହିଥାଏ, ଯାହା ଫଳରେ ଭବିଷ୍ୟତର ଲକ୍ଷ୍ୟଗୁଡ଼ିକ ପାଇଁ ପାଣ୍ଠି କମିଯାଏ।

## ଗୁରୁ କୁହନ୍ତି



ସୀମାଦ୍ରି ଦାସ
ଆର୍ଥିକ ପରାମର୍ଶଦାତା, ଭୁବନେଶ୍ୱରୀ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ କନ୍‌ସଲ୍ଟାନ୍ସି

**ମୁଦ୍ରାସ୍ଫୀତି ସହ ଲଢ଼ିବାରେ ମ୍ୟୁଚୁଆଲ ଫଣ୍ଡ କିପରି ସହାୟକ ହୋଇଥାଏ ?**

ଆପଣଙ୍କ ଟଙ୍କା ସୁରକ୍ଷିତ ନୁହେଁ... ଏପରିକି ବ୍ୟାଙ୍କରେ ମଧ୍ୟ। ମୁଦ୍ରାସ୍ଫୀତି ପ୍ରତିଦିନ ଏହାର ମୂଲ୍ୟକୁ ହ୍ରାସ କରିଚାଲିଥାଏ। ଯାହା ଫଳରେ ଆପଣଙ୍କ ଧନର କ୍ରୟ ଶକ୍ତି କ୍ଷୟ ହୋଇଥାଏ। ଯଦି ନଗଦ ଟଙ୍କାକୁ ଆପଣ ଲକର୍‌ରେ ରଖନ୍ତି ତେବେ ମୂଲ୍ୟ କ୍ଷୟ ଆହୁରି ଅଧିକ ହୋଇଥାଏ, ହେଲେ ସଞ୍ଚୟ ଖାତାରେ ମଧ୍ୟ ଟଙ୍କା ନିଜର ମୂଲ୍ୟ ହ୍ରାସ କରିଥାଏ। ଏହାକୁ ଏଡ଼ାଇବାର ଏକମାତ୍ର ଉପାୟ ହେଉଛି ବିଜ୍ଞତାର ସହିତ ନିବେଶ କରିବା। ସର୍ବପ୍ରଥମ ନିୟମ ହେଉଛି ନିଜ ଟଙ୍କାକୁ ସଞ୍ଚୟ ବ୍ୟାଙ୍କ ଖାତାରେ ପଡ଼ି ରହିବାକୁ ନ ଦେବା। ପ୍ରାୟତଃ ଏହା କୁହାଯାଏ ଯେ ବିବିଧକୃତ ପୋର୍ଟଫୋଲିଓ ଅସ୍ଥିରତାର ମୁକାବିଲାର ଏକ ଉତ୍ତମ ଉପାୟ ଅଟେ, କିନ୍ତୁ ଏହା ମୁଦ୍ରାସ୍ଫୀତି ବିରୁଦ୍ଧରେ ଆପଣଙ୍କର ଏକ ଢାଲ ମଧ୍ୟ ହୋଇପାରିବ। ଉପଭୋକ୍ତା ଦରରୁ ଆଗକୁ ରହିବାକୁ ଚାହୁଁଥିଲେ ଷ୍ଟକ୍ ଭଳି ଅସ୍ଥିର ଆସେଟ୍‌ଗୁଡ଼ିକ ପ୍ରତି ବିମୁଖ ହୁଅନ୍ତୁ ନାହିଁ । ଏପରି କି ସବୁଠାରୁ ରିସ୍କ-ବିମୁଖ ନିବେଶକ ମଧ୍ୟ ଅତି କମ୍‌ରେ ୧୦-୧୫% ଇକ୍ୱିଟିରେ ନିବେଶ କରିବା ଉଚିତ। ଏକ ୧୦୦% ଡେବ୍‌ଟ ପୋର୍ଟଫୋଲିଓ ସର୍ବଦା ମୁଦ୍ରାସ୍ଫୀତି ଦରରୁ ପଛେଇ ରହିବ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: info@beswatantra.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

f LIVE

ଅବସରକାଳୀନ ଟଙ୍କା ଏବଂ ଏସ୍‌ଡବ୍ଲ୍ୟୁପି ସମ୍ପର୍କରେ ଅଧିକ ଜାଣିବା ପାଇଁ, ୩୦ ଜାନୁୟାରୀ ୨୦୧୯ ଦିନ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍‌ରେ ଟ୍ୟୁନ୍ କରନ୍ତୁ ଏବଂ 'ଏସ୍‌ଡବ୍ଲ୍ୟୁପି - ସୁଖୀ ୨ୟ ଇନିଂସ୍‌ର ଚାବିକାଠି' ଲାଇଭ୍ ଶୋ' ଦେଖନ୍ତୁ।

**ପରବର୍ତ୍ତୀ ସଂସ୍କରଣରେ:** ସ୍ମାର୍ଟ ଦୀର୍ଘମିଆଦୀ ଯୋଜନା ଦ୍ୱାରା ଆପଣ ବଡ଼ ଆକାରର ଅବସରକାଳୀନ ପାଣ୍ଠି ଗଢ଼ିପାରିଛନ୍ତି। ହେଲେ, ଯୋଜନା ସେଇଠି ସମାପ୍ତ ହୁଏନାହିଁ। ପରବର୍ତ୍ତୀ ପଦକ୍ଷେପ ହେଉଛି ନିଜର ଅବସର ପରବର୍ତ୍ତୀ ଜୀବନରେ ଏହି ପାଣ୍ଠିକୁ ବିନିଯୋଗ କରିବା। ପରବର୍ତ୍ତୀ ସଂସ୍କରଣରେ, ସିଷ୍ଟେମାଟିକ୍ ୱିଥ୍‌ଡ୍ରୟାଲ୍ ପ୍ଲାନ୍ (ଏସ୍‌ଡବ୍ଲ୍ୟୁପି) କିପରି ଆପଣଙ୍କ ବାର୍ଦ୍ଧକ୍ୟକାଳର ସାଥୀ ହୋଇପାରିବ ତାହା ଉପରେ ଆଲୋଚନା କରିବା।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।




MUTUALFUNDS Sahi Hai

UTI Mutual Fund
Haq, ek behtar zindagi ka.

# ମୋର ଉନ୍ନତିର ବେଗକୁ ମୁଁ ନିଜେ ସ୍ଥିର କରିବି।

ଏହା ଯେତେ ଅବାସ୍ତବ ମନେ ହେଲେ ବି ଆପଣଙ୍କ ବିତ୍ତୀୟ ସମାଧାନର ଅନ୍ୟତମ ମାର୍ଗ ଅଟେ । ଏସ୍ଆଇପି ଆପଣଙ୍କୁ ନିୟମିତ ଭାବରେ ମ୍ୟୁଚୁଆଲ ଫଣ୍ଡରେ ଏକ ନିର୍ଦ୍ଦିଷ୍ଟ (ଫିକ୍ସଡ) ରାଶିର ନିବେଶ ପାଇଁ ସୁବିଧା ଦେଇଥାଏ ଯାହା ଆପଣଙ୍କୁ ସମ୍ପତ୍ତି ସୃଷ୍ଟି କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିପାରେ । ଆଜି ହିଁ ଆପଣଙ୍କ ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍‌ରେ ନିବେଶ କରନ୍ତୁ !

ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା 8655097225 ରେ ଏକ ମିସ୍ କଲ୍ ଦିଅନ୍ତୁ।

## ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍

ଏସ୍ଆଇପି ବିଷୟରେ ଅଧିକ ଜାଣିବା ପାଇଁ ଭିଜିଟ୍: www.utiswatantra.com

Follow us on

ୟୁଟିଆଇ ସ୍ୱତନ୍ତ୍ର
ଏକ ନିବେଶକ ଶିକ୍ଷା ଯୋଜନା

SMS "UTISIP" to 5676756

ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ ।



ଜୀବନରେ ଯଦି ସଂଘର୍ଷ ନାହିଁ, ବିପଦକୁ ସମ୍ମୁଖୀନ ହେବାର ସୁଯୋଗ ନାହିଁ, ତେବେ ଜୀବନର ମୂଲ୍ୟ କିଛି ନ ଥାଏ ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।
- ମିନି ଫାର୍ମାସୀ ବିଲ୍ଡିଂ ଉଦ୍‌ଘାଟନ ଓ ଡ୍ରଗ୍ ଟେଷ୍ଟିଂ ଲାବୋରେଟୋରିର ଭିତ୍ତିପ୍ରସ୍ତର ସ୍ଥାପନ, ଡ. ଅଭିନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସର, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ସିଏସ୍‌ଆଇଆର୍- ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିନେରାଲ୍ସ ଆଣ୍ଡ ମାଟେରିଆଲ୍ସ ଟେକ୍ନୋଲୋଜି ପକ୍ଷରୁ କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଇନ୍‌ଷ୍ଟିଚ୍ୟୁଟ ପରିସର ମିଟିଂ ହଲ୍, ପୂର୍ବାହ୍ନ ୧୦ଟା।
- ଏକକ ଚିତ୍ରକଳା ପ୍ରଦର୍ଶନୀ 'କୁଣ୍ଡଳିନୀ ଜାଗରଣ'ର ଉଦ୍‌ଯାପନୀ ଦିବସ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦।
- ଓଡ଼ିଶା ରାଜ୍ୟ ଦର୍ଜୀ ମହାସଂଘ ପକ୍ଷରୁ ବିକ୍ଷୋଭ, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଏଲିଆନ୍ସ ଫର୍ ଚାଇଲ୍ଡ ରାଇଟ୍ସ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳ ସହ ଭାବମିନିମୟ କାର୍ଯ୍ୟକ୍ରମ, ହୋଟେଲ ଏକ୍ସିଲେନ୍ସି, ମାଷ୍ଟର କ୍ୟାଣ୍ଟିନ୍ ନିକଟ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ବ୍ଲକ ଗ୍ରାଣ୍ଟ ସେକେଣ୍ଡାରୀ ସ୍କୁଲ ଟିଚର୍ସ ଆଣ୍ଡ ଏମ୍ପ୍ଲୋଇଜ୍ ଆସୋସିଏଶନ ପକ୍ଷରୁ ସମାବେଶ, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଏକକ ଚିତ୍ରକଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦।
- ବି.ଏଡ୍. ଶିକ୍ଷା ସହାୟକ ସଂଘ, ଓଡ଼ିଶା ପକ୍ଷରୁ ଶୋଭାଯାତ୍ରା ଓ ମହାସମାବେଶ, ରେଲୱେ ଷ୍ଟେଶନରୁ ଲୋୟର୍ ପିଏମ୍‌ଜି, ଅପରାହ୍ନ ୧୨ଟା ୩୦।
- 'ଆଦିବାସୀ ମେଳା-୨୦୧୯', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟାରୁ ରାତି ୯ଟା।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଓଡ଼ିଶା ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ଅପରାହ୍ନ ୩ଟାରୁ ରାତି ୯ଟା।
- ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୧୯ର ଉଦ୍‌ଘାଟନୀ ଉତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ଏବଂ ମନ୍ଦିର ପ୍ରବେଶ, ଶିବ ନଗର, ଅପରାହ୍ନ ୫ଟା।
- ଜୟକିରଣ ସମ୍ମାନ-୨୦୧୯, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚ ପକ୍ଷରୁ 'ଭୋଟ ରାଜନୀତି: ଅସ୍ଥିର ଅର୍ଥନୀତି' ଶୀର୍ଷକ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା।

**କଟକ**

- ରେଭେନ୍‌ଶା ବିଶ୍ୱବିଦ୍ୟାଳୟସ୍ଥିତ କନିକା ଲାଇବ୍ରେରୀ ପକ୍ଷରୁ କନିକାୟାନାର ଉଦ୍‌ଘାଟନୀ ଉତ୍ସବ, ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ, ପୂର୍ବାହ୍ନ ୧୦ଟା ୪୫।
- ଭାଜପା ଯୁବମୋର୍ଚ୍ଚା କଟକ ନଗର ଓ ସଦର ଜିଲା ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ଜୁଡିସିଆଲ ଏକାଡେମୀ ଛକ, ଅପରାହ୍ନ ୧ଟା।

**ବାଲିଅନ୍ତା**

- ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ, ପଞ୍ଚବଟୀ ବଜାର, ଜୟରଶାସନ, ପୂର୍ବାହ୍ନ ୧୧ଟା। ଭଜନ ସନ୍ଧ୍ୟା, ରାତି ୭ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସହ ପୋଲିସ ପଦକ ପାଇଥିବା ଅଧିକାରୀ ଓ କର୍ମଚାରୀ।

# ୪୩ ଜଣଙ୍କୁ ପୋଲିସ ପଦକ

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ସାଧାରଣତନ୍ତ୍ର ଦିବସ ଅବସରରେ ପୋଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୪୩ ଜଣ ଅଧିକାରୀ ଏବଂ କର୍ମଚାରୀଙ୍କୁ ପୋଲିସ ପଦକ ପ୍ରଦାନ କରାଯାଇଛି। ଏ ନେଇ ସୂଚନାଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ସେମାନଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସାହସିକତା ପାଇଁ ୧୧ ଜଣଙ୍କୁ, ବିଶିଷ୍ଟ ସେବା ପାଇଁ ୪ ଜଣଙ୍କୁ ଏବଂ ଉଲ୍ଲେଖନୀୟ ସେବା ପାଇଁ ୧୪ ଜଣଙ୍କୁ ପୋଲିସ ପଦକ ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ୧୪ ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଜ୍ୟପାଳ ପୋଲିସ ପଦକ ଦିଆଯାଇଥିଲା।



■ ରାଜ୍ୟସ୍ତରୀୟ ପରେଡ୍‌ରେ ଢିଲା ସୁରକ୍ଷା

# ସନ୍ଦିଗ୍ଧ ଯୁବତୀଙ୍କ ହାତରେ ଏକେ-୪୭

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ମୁହଁରେ କଳା କନା ବାନ୍ଧିଥିଲେ। ହାତରେ ଧରିଥିଲେ ଏକେ-୪୭। ସାଧାରଣତନ୍ତ୍ର ଦିବସରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍‌ସ୍ଥଳରେ ଏଭଳି ବେଶରେ ନଜର ଆସିଥିଲେ ଜଣେ ସନ୍ଦିଗ୍ଧ ଯୁବତୀ। ଯୁବତୀ ଜଣକ ବନ୍ଧୁକ ଧରି ଟ୍ରିଗର ଉପରେ ଅଙ୍ଗୁଳି ରଖି ଚାରିଆଡ଼କୁ ବୁଲାଉଥିଲେ, ଯାହାକୁ ଦେଖି ନିକଟରେ ଉପସ୍ଥିତ ଲୋକେ ଭୟଭୀତ ହୋଇପଡ଼ିଥିଲେ। ପ୍ରାୟ ୧୦ ମିନିଟ ପରେ ଜଣେ ସୁରକ୍ଷାକର୍ମୀ ପହଞ୍ଚି ଯୁବତୀଙ୍କ ହାତରୁ ବନ୍ଧୁକ ନେଇ ଚାଲିଯାଇଥିଲେ। ଶେଷରେ ଜଣାପଡ଼ିଥିଲା ଉକ୍ତ ବନ୍ଧୁକଟି ସେହି ସୁରକ୍ଷାକର୍ମୀଙ୍କର। ଏହି ଘଟଣା ବେଶ୍ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ସୁରକ୍ଷାରେ ଅବହେଳା ପାଇଁ ସମ୍ପୃକ୍ତ ସୁରକ୍ଷାକର୍ମୀ ଓଏସ୍‌ଏପି ହାବିଲଦାର ଭାଗ୍ୟଧର ନାୟକଙ୍କୁ ନିଲମ୍ବନ କରାଯାଇଛି।

ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟା ହେବ। ଭୁବନେଶ୍ୱର ଗାନ୍ଧୀମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍‌ରେ ରାଜ୍ୟପାଳ ଗଣେଶୀ ଲାଲ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟପାଳ ଚାଲିଯିବା ପରେ ପରେଡ ସ୍ଥଳରେ ପୋଲିସର ଢିଲା ସୁରକ୍ଷା ପଦାରେ ପଡିଥିଲା। ସନ୍ଦିଗ୍ଧ ଯୁବତୀଙ୍କ ହାତରେ ଏକେ-୪୭ ଦେଖି ଲୋକେ ଡରିଯାଇଥିଲେ। ମୁହଁରେ କଳା କନା ବାନ୍ଧିଥିବା ସେହି ଯୁବତୀ ଜଣକ କିଏ ଏବଂ ତାଙ୍କ ନିକଟକୁ କିପରି ବନ୍ଧୁକ ଆସିଲା ତାହାକୁ ନେଇ ସାଧାରଣ ଲୋକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଥିଲା।

ପୋଲିସ ସର୍ଭିସ କୋଡ୍ ଅଫ କଣ୍ଡକ୍ଟରେ ନିୟମ ରହିଛି ଯେ, ଜଣେ ସୁରକ୍ଷାକର୍ମୀ ଡ୍ୟୁଟିରେ ଥିବା ସମୟରେ ନିଜର ବନ୍ଧୁକ ଅନ୍ୟ କାହାକୁ ଦେବେନାହିଁ। କିନ୍ତୁ ଏଠାରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ପରେଡ୍‌ସ୍ଥଳରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିବାବେଳେ ଯଦି ସେଠାରେ କୌଣସି ଅପ୍ରୀତିକର ଘଟଣା ଘଟିଥାନ୍ତା ସେଥିପାଇଁ କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତେବେ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ଏହି ଦୃଶ୍ୟ ଭାଇରାଲ ହେବା ପରେ ପୋଲିସ ଉପରେ ଚାପ ପଡିଥିଲା। ବିଭିନ୍ନ ମହଲରୁ ପୋଲିସ ସମାଲୋଚିତ ହେବା ପରେ ସମ୍ପୃକ୍ତ ସୁରକ୍ଷା କର୍ମୀଙ୍କୁ ନିଲମ୍ବନ କରାଯାଇଥିଲା। ସୂଚନାଯୋଗ୍ୟ, ଏପରି ଘଟଣା ନୂଆ ନୁହେଁ। କିଛିମାସ ତଳେ ସପ୍ତମ ବାଟାଲିୟନ ପାସିଂ ଆଉଟ ପରେଡ୍‌ରେ କେତେଜଣ ପୋଲିସ କର୍ମଚାରୀ ନିଜ ସମ୍ପର୍କୀୟମାନଙ୍କୁ ବନ୍ଧୁକ ଧରାଇଦେଇ ମଉଜ କରୁଥିଲେ। ଏହାର ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା।

## ସୁରକ୍ଷାକର୍ମୀ ନିଲମ୍ବିତ



ଯୁବତୀ ଧରିଥିବା ଏକେ-୪୭।




ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଭିବାଦନ ଗ୍ରହଣ କରୁଛନ୍ତି।

# 'ଦେଶର ଉନ୍ନତିରେ ସହଯୋଗ ଶ୍ରେଷ୍ଠ ଅବଦାନ'

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ଭୁବନେଶ୍ୱର ଗାନ୍ଧୀମାର୍ଗରେ ଶନିବାର ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ, ଦେଶର ସମସ୍ତ ନାଗରିକ ଦେଶମାତୃକା ଉନ୍ନତି ପାଇଁ ପୂର୍ଣ୍ଣ ସହଯୋଗ କରିବା ଉଚିତ। ଏହା ହିଁ ଦେଶ ପ୍ରତି ତାଙ୍କର ଶ୍ରେଷ୍ଠ ଅବଦାନ। ଦେଶମାତୃକା ପାଇଁ ଜୀବନ ଦେଇଥିବା ମାଟିର ମହାନ ବୀରମାନଙ୍କୁ ରାଜ୍ୟପାଳ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୋଲିସ ଅର୍ଦ୍ଧସାମରିକ ବଳ ସହିତ ଅଗ୍ନିଶମ ବିଭାଗ ଏବଂ ହୋମଗାର୍ଡ ଏବଂ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଏନସିସି, ସ୍କାଉଟ୍ସଗାଇଡ୍ସ, ଏୟାର ୱିଙ୍ଗ୍‌ସ ପିଲାମାନେ ପରେଡ୍‌ରେ ଭାଗନେଇଥିଲେ। ସ୍ୱାସ୍ଥ୍ୟ ସେବାର ପ୍ରତୀକ ଆମ୍ବୁଲାନ୍ସ ଏବଂ କୃଷି ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରାଯିବା ସହ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷାକରିବା ପାଇଁ ରାଜଧାନୀରେ ୩୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ୨ୟୁନିଟ ଏସ୍‌ଓଜି, କ୍ୟୁଆରଟି, ରାପିଡ ଆକ୍ସନ ଫୋର୍ସ, ସନ୍ଧାନୀ କୁକୁର ଏବଂ ସାଦା ପୋଷାକଧାରୀ ପୋଲିସ ନିୟୋଜିତ ହୋଇଥିଲେ।




ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେଇଥିବା ପ୍ରଜ୍ଞାପନ ମେଢ଼ ଓ ଡେୟାର ଡେଭିଲ୍ ଶୋ'।

# ନୂଆ ଓଡ଼ିଶା ଗଠନରେ ସାମିଲ ହୁଅ: ମୁଖ୍ୟମନ୍ତ୍ରୀ

## କଟକରେ ସାଧାରଣତନ୍ତ୍ର ଦିବସ

**କଟକ ଅଫିସ, ୨୭।୧**

ଭାରତ ବିଶ୍ୱର ଏକ ଅଗ୍ରଣୀ ଦେଶ ଭାବରେ ପ୍ରତିଷ୍ଠା ଲାଭ କରିଛି। ଦେଶର ବିକାଶ ସହିତ ଓଡ଼ିଶା ମଧ୍ୟ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଛି। ଗରିବଙ୍କ କଲ୍ୟାଣ, ମା'ମାନଙ୍କ ସଶକ୍ତୀକରଣ, ଯୁବ ସମାଜ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି, କୃଷକ ଓ ଶ୍ରମିକମାନଙ୍କ ସଶକ୍ତୀକରଣ ଆଜି ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶନିବାର କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଆୟୋଜିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି କଥା କହିବା ସହିତ ମେକ୍ ଇନ୍ ଓଡ଼ିଶା ରାଜ୍ୟରେ ପୁଞ୍ଜି ନିବେଶ କ୍ଷେତ୍ରରେ ପ୍ରଶସ୍ତ ରାସ୍ତା ପ୍ରସ୍ତୁତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ୪.୨ ଲକ୍ଷ କୋଟି ପୁଞ୍ଜି ନିବେଶ ସହିତ ୭ ଲକ୍ଷ ନୂଆ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ବିଶ୍ୱରେ ଭାରତର ଗୌରବ ବୃଦ୍ଧି କରିଛି। ରାଜ୍ୟ ବିକାଶ ପଥରେ ଆଗକୁ ବଢିବା ସଙ୍ଗେସଙ୍ଗେ ବିକାଶ ଯାତ୍ରାରେ ଛାତ୍ର, ଯୁବ ସମାଜ, ମହିଳା, ଚାଷୀ, ଶ୍ରମିକ ସମସ୍ତେ ସାମିଲ ହୋଇଛନ୍ତି। ମାଲକାନଗିରିର ବିଚ୍ଛିନ୍ନାଞ୍ଚଳକୁ ଯୋଗାଯୋଗ ପାଇଁ ଗୁରୁପ୍ରିୟା ସେତୁ ନିର୍ମାଣଠାରୁ ଆରମ୍ଭ କରି ବିଜୁ ଏକ୍ସପ୍ରେସ୍ ୱେ, ଅଧିକ ୮ ଲକ୍ଷ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ସୁବିଧା କରାଯାଇଛି। ଏହିସବୁ କାର୍ଯ୍ୟ ସମ୍ପନ୍ନ କରି ଓଡ଼ିଶା ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କୃଷି ଓ କୃଷକଙ୍କ ପାଇଁ କାଳିଆ ଯୋଜନା ଏବେ ଆଦର୍ଶ ପାଲଟିଛି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୨ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। ନୂଆ ଓଡ଼ିଶା ଗଠନ କରିବାରେ ସମସ୍ତେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡ୍‌ରେ ଯୋଗଦେଇଥିବା ପୋଲିସ, ଗୃହରକ୍ଷୀ ବାହିନୀ, ଏନ୍‌ସିସି, ନାଭାଲ, ଗାଇଡ୍ ଆଦି ୪୨ଟି ଦଳଠାରୁ ଅଭିବାଦନ ଗ୍ରହଣ କରିଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସ୍ୱାସ୍ଥ୍ୟସେବା, ସମାଜ ସେବା ଓ ଅନ୍ୟାନ୍ୟ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେଡ୍ କମାଣ୍ଡାଣ୍ଟ ସୂର୍ଯ୍ୟକାନ୍ତ ମହାନ୍ତି (ପୋଲିସ କମିଶନରେଟ୍, କଟକ), ମାଷ୍ଟର ଅଫ୍ ସେରିମନି ସନ୍ତୋଷ କୁମାର ସାହୁ ପ୍ରମୁଖ ପରେଡ୍ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ମହାନଗର ନିଗମ ମେୟର ମୀନାକ୍ଷୀ ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ଡେପୁଟି ମେୟର ଅଜୟ କୁମାର ବାରିକ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଡିସିପି ଅଖିଳେଶ୍ୱର ସିଂହଙ୍କ ସମେତ ବହୁ ସରକାରୀ ପଦାଧିକାରୀ ଯୋଗଦେଇଥିଲେ।




କଟକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

## ରାତିରେ ଜାତୀୟ ପତାକା ଉଡ଼ିବା ଘଟଣା

# କିଶୋରନଗର ଥାନାରେ ମାମଲା

**କଟକ ସଦର, ୨୭।୧(ଡି.ଏନ୍.ଏ.):**

କିଶୋରନଗର ଥାନା ଅଧୀନ ତରିତୋ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ରାତିରେ ଜାତୀୟ ପତାକା ଉଡୁଥିଲା। ଏ ନେଇ ଲୋଲୁପ ବିଶ୍ୱାଳ ନାମକ ବ୍ୟକ୍ତି ଥାନାରେ ଅଭିଯୋଗ କରିବା ପରେ ରବିବାର ପୋଲିସ ଏକ ମାମଲା(ନଂ.୪/୧୯) ରୁଜୁ କରିଛି। ତେବେ କେଉଁ ପରିସ୍ଥିତିରେ ପତାକା ଉଡୁଥିଲା ତାହାର ଅନୁସନ୍ଧାନ ଜାରି ରହିଛି ବୋଲି ଥାନାଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି।



ପୁରୀ ରେଲ୍‌ୱେ ଷ୍ଟେଶନରେ ସ୍ଥାପନ କରାଯାଇଥିବା ମନୁମେଣ୍ଟ ଫ୍ଲାଗ।

# ପୁରୀ ରେଲ୍‌ୱେ ଷ୍ଟେଶନରେ ମନୁମେଣ୍ଟ ଫ୍ଲାଗ

**ପୁରୀଅଫିସ,୨୭।୧**

ସାଧାରଣତନ୍ତ୍ର ଦିବସ ଅବସରରେ ପୁରୀ ରେଲୱେ ଷ୍ଟେଶନରେ ଉଡିଲା ମନୁମେଣ୍ଟ ଫ୍ଲାଗ। ୧୦୦ଫୁଟ ଉଚ୍ଚତା ବିଶିଷ୍ଟ ସ୍ତମ୍ଭରେ ଏହି ଜାତୀୟ ପତାକା ୨୪ଘଣ୍ଟା ଶ୍ରୀକ୍ଷେତ୍ରର ଶୋଭାବର୍ଦ୍ଧନ କରିବ। ସନ୍ଧ୍ୟା ସମୟରେ ଏହାକୁ ଆକର୍ଷଣୀୟ କରିବା ଲାଗି ଉଚ୍ଚକ୍ଷମତା ସମ୍ପନ୍ନ ହାଇମାଷ୍ଟ ଲାଇଟ୍‌ର ବ୍ୟବସ୍ଥା କରାଯାଇଛି। ଷ୍ଟେଶନକୁ ଆସୁଥିବା ପର୍ଯ୍ୟଟକ, ଯାତ୍ରୀମାନଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ଏହାକୁ ପୂର୍ବତଟ ରେଲୱର ସିନିୟର ଟିପି(ଅପରେଟିଙ୍ଗ ବିଭାଗ) ବିନୋଦ କୁମାର ଷଡ଼ଙ୍ଗୀ ବଟନ ଟିପି ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଲେଫ୍ଟେନାଣ୍ଟ ଅମିତ ସ୍ୱାମୀ, ପୁରୀ ଷ୍ଟେଶନ ମ୍ୟାନେଜର ବି.ହାତୀ, ଷ୍ଟେଶନ ଡାଇରେକ୍ଟର ବି.କେ ପରିଜା, ଆରପିଏଫ ଥାନା ଅଧିକାରୀ ଗଗନ କୁମାର ଦାଶ, ଇ.ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଟିଟି, ଅପରେଟିଙ୍ଗ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଯୋଗଦାନ କରିଥିଲେ।



ଅତିଥିମାନେ ମନୁମେଣ୍ଟ ଫ୍ଲାଗ ଉଦ୍‌ଘାଟନ କରୁଛନ୍ତି।



ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡ଼କୁ ବହୁଦୂର ଆଗେଇ ଯାଇଛି।
- ସେନେକା





ରାମଚନ୍ଦ୍ର ପ୍ରତିହାରୀ

■ ମଞ୍ଚ ଜଗତର ଭୀଷ୍ମ ପିତାମହ ରାମଚନ୍ଦ୍ର ପ୍ରତିହାରୀ

# ସୂପକାର ସେବାରୁ ଅଭିନେତା

ରାମଚନ୍ଦ୍ର ପ୍ରତିହାରୀ। ୫ ବର୍ଷ ଧରି ଶ୍ରୀମନ୍ଦିରରେ ସୂପକାର ଭାବେ କାମ କରିଥିଲେ। ହେଲେ ଅଭିନୟ ମୋହ ତାଙ୍କୁ ସେଠାରେ ବାନ୍ଧି ରଖିପାରି ନ ଥିଲା। ସେବାୟତ ପରିବାରର ସୁଖ, ସ୍ୱାଚ୍ଛନ୍ଦ୍ୟକୁ ଆଡେଇ ଅଭିନୟ ପ୍ରେମରେ ପଡି ଘର ଛାଡିଥିଲେ। ଆଉ କେଇଟା ଦିନରେ ପାଲଟିଯାଇଥିଲେ ମଞ୍ଚ ଜଗତର ଭୀଷ୍ମ ପିତାମହ। ନାଟକ ହେଉ ଅବା ଚଳଚ୍ଚିତ୍ର ସବୁଥିରେ ତାଙ୍କ ଅଭିନୟର ଦକ୍ଷତା ବାରି ହୋଇପଡୁଥିଲା। ପରିଣତ ବୟସରେ ନାଟକକୁ ନେଇ ସ୍ୱପ୍ନ ଦେଖୁଥିବା ଏହି ମଞ୍ଚ ମଣିଷ ରବିବାର ଚିରବିଦାୟ ନେଇଛନ୍ତି। ୨୦୧୮ ବିଶ୍ୱ ରଙ୍ଗମଞ୍ଚ ଦିବସରେ ଧରିତ୍ରୀକୁ ଦେଇଥିବା ସାକ୍ଷାତ୍କାରରୁ ତାଙ୍କ ବିଷୟରେ କିଛି...।

**ପୁରୀ ଅଫିସ,୨୭।୧**

ପୁରୀ ଗଦାଧର ହାଇସ୍କୁଲର ଛାତ୍ର ଥିଲେ ରାମଚନ୍ଦ୍ର ପ୍ରତିହାରୀ। ସଙ୍ଗୀତକୁ ଅତିରିକ୍ତ ବିଷୟ ରଖିଥିଲେ। କିନ୍ତୁ ବେଳେ ବେଳେ ଡ୍ରାମା ବି କରୁଥିଲେ। ମାଟ୍ରିକରେ ଫେଲ୍ ହେବାପରେ ଶ୍ରୀମନ୍ଦିରରେ ସୂପକାର ଭାବେ କାମ କରିଥିଲେ। କିନ୍ତୁ କଳା ଠାକୁରଙ୍କ ପାଖରେ କଳାକୁ ଆଦରି ନେବାକୁ ମନସ୍ଥ କରି ଘର ଛାଡିଥିଲେ। ସାଙ୍ଗରେ ସୀତାରଟିଏ ଏବଂ ୩ଟି କଣା ପଇସା ଧରି ଟ୍ରେନରେ ଚଢିଲେ। ଗୋଟିଏ କଣା ପଇସାରେ ଟ୍ରେନରେ ମୁଢି କିଣି ଖାଇଥିଲେ। ବ୍ରହ୍ମପୁର ଷ୍ଟେଶନରେ ଓହ୍ଲାଇବା ପରେ ଭୋକ ଲାଗୁଥିବାରୁ ଜ୍ୟୋତି ସିନେମା ହଲ୍ ନିକଟ ଜ୍ୟୋତି ହୋଟେଲରେ ଖାଇଲେ। ହେଲେ ପାଖରେ ଏତେ ପଇସା ନ ଥିଲା। ତେଣୁ ହୋଟେଲ ମାଲିକ ବାସନ ମାଜିବାକୁ କହିଥିଲେ। ହଠାତ୍ ସେହି ସମୟରେ ପୁରୀରେ ମିଶି ଡ୍ରାମା କରୁଥିବା ବନ୍ଧୁ ଜଗନ୍ନାଥ ମିଶ୍ରଙ୍କ ସହ ସାକ୍ଷାତ୍ ହେଲା। ବ୍ରହ୍ମପୁରରେ ପଡିଥିବା ଜନତା ରଙ୍ଗମଞ୍ଚକୁ ଡାକି ନେଇଥିଲେ ରାମଚନ୍ଦ୍ରଙ୍କୁ। ସେ ସୀତାର ଏବଂ ଏସ୍‌ରାସ ବାଦକ ଭାବେ ଯୋଗଦେଇଥିଲେ। ମଝିରେ ମଝିରେ ଗୀତ ବି ଗାଉଥିଲେ। ହେଲେ ସୀତାର ବାଦକରୁ ରାମଚନ୍ଦ୍ର ଅଭିନେତା ହେବା ପଛରେ ଏକ କାହାଣୀ ରହିଛି। ନୟାଗଡ଼ରେ ଜନତା ରଙ୍ଗ ମଞ୍ଚ ପଡିଥିଲା। ସେହି ସମୟରେ ଆୟୋଜକମାନେ ଗୋପାଳ ଛୋଟରାୟଙ୍କ ରଚିତ ଭରସା ନାଟକ ମଞ୍ଚସ୍ଥ କରିବାକୁ ଡିମାଣ୍ଡ କଲେ। ଏମିତି କି ଏହି ନାଟକ ପରିବେଷଣ ନ କଲେ ସେମାନେ ପାର୍ଟି ଛାଡିବେ ନାହିଁ ବୋଲି ଧମକ ଦେଲେ। ଏହି ନାଟକର ଏକ ପାଗଳ ଚରିତ୍ର ହେଉଛି ମିଷ୍ଟର ମହାପାତ୍ର। ଏହି ଚରିତ୍ରରେ ବଲାଇ ଚାନ୍ଦ ବାନାର୍ଜୀ ଅଭିନୟ କରୁଥିଲେ। ତାଙ୍କ ଦେହାନ୍ତ ପରେ ଏହି ନାଟକ ବନ୍ଦ ରହିଥିଲା। ତେଣୁ ଏହା ପାର୍ଟି ପାଇଁ ଏକ ଚ୍ୟାଲେଞ୍ଜ ଥିଲା। କିଏ ସେହି ଚରିତ୍ରରେ ଅଭିନୟ କରିବ ଖୋଜା ପଡୁଥିବାବେଳେ ସାହସ ବାନ୍ଧିଥିଲେ ରାମଚନ୍ଦ୍ର। କିନ୍ତୁ ତାହା ଏତେଟା ସହଜ ନ ଥିଲା। କାରଣ ଏଥିରେ ସଫଳ ନ ହେଲେ ପାର୍ଟିରୁ ବିଦାୟ ନେବାକୁ ତାଙ୍କୁ ପ୍ରତିଶ୍ରୁତି ଦେବାକୁ ପଡିଥିଲା। କଳାପ୍ରିୟ କଳାଠାକୁର ତାଙ୍କ ଡାକ ଶୁଣିଲେ। ମିଷ୍ଟର ମହାପାତ୍ର ଚରିତ୍ରକୁ ମଞ୍ଚରେ ଏମିତି ଭାବେ ଫୁଟାଇ ପାରିଥିଲେ ଯେ ସମସ୍ତେ ବାହାବା କଲେ। ସେତେବେଳେ ମାସକୁ ଦରମା ପାଉଥିଲେ ୭ଟଙ୍କା ୫୦ ପଇସା। ମିଷ୍ଟର ମହାପାତ୍ର ଚରିତ୍ରରେ ନିଚ୍ଛକ ଅଭିନୟ ଯୋଗୁ ହଠାତ୍ ତାଙ୍କ ପାରିଶ୍ରମିକ ୧୪୦ ଟଙ୍କାକୁ ବୃଦ୍ଧି ପାଇଥିଲା। ଏହା ପରଠାରୁ ବିଧିବଦ୍ଧ ଭାବେ ରାମଚନ୍ଦ୍ରଙ୍କ ଅଭିନୟ ଧାରା ଜାରି ରହିଲା।

## ଶ୍ରେଷ୍ଠ ଅଭିନୀତ ଓ ନିର୍ଦ୍ଦେଶିତ ନାଟକ

ରାମଚନ୍ଦ୍ର ବହୁ ନାଟକରେ ଅଭିନୟ ତଥା ନିର୍ଦ୍ଦେଶନା ଦେଇଛନ୍ତି। ସେଗୁଡିକ ମଧ୍ୟରେ କଳାପାହାଡ, ବକ୍ସି ଜଗବନ୍ଧୁ, ଭାଇଭାଉଜ, ମୋତିମହଲ, ହରିଶ୍ଚନ୍ଦ୍ର, ମାଣିକଯୋଡି, ଅତିଥି, ଘରସଂସାର, ସ୍ୱାମୀସ୍ତ୍ରୀ, ଜମାନବନ୍ଦୀ, ବୈରାଗୀର ସଂସାର, ସୁନାଫରୁଆ, ପହିଲି ରଜଳ କଂସା କବାଟ, ବାଡୁଅ ଝିଅ, ଅପରାଜିତା, ସିଂହଦ୍ୱାର, ଖଇ କଉଡି, ସାଗର ତୀରରେ, ବାଇଶି ପାହାଚ, ସୁନା ପଞ୍ଜୁରୀ, ତୋଳା କନିଆଁ, ଦେଖିଲେ ଜାଣିବେ, ମଧୁଛନ୍ଦା, ସ୍ୱର୍ଣ୍ଣଚମ୍ପା, ଅନ୍ଧ ବର୍ତ୍ତମାନ, କାଚ କାଞ୍ଚନ, ଗୋପନ କଥା, ଚିଡିଆଖାନା, ଦେବଯାନୀ, ପାଷାଣ ତୀର୍ଥ, କୁଳଚନ୍ଦ୍ରମା, ଲକ୍ଷ୍ୟହୀରା, ପର୍ଶୁରାମ, ମାଂସ ବେପାରୀ, କଥାଟିଏ କହୁ, ନରୋତ୍ତମ ଦାସ କହେ, ଶେଷରକ୍ଷା, ଚଣ୍ଡାଶୋକ, ରଙ୍ଗବଦଳେ, ମହାଲକ୍ଷ୍ମୀ, ନରନାରାୟଣ, ଝଞ୍ଜା, ଯୌତୁକ, ନୂଆ ଜୀବନ, ଭରଷା, ନଷ୍ଟ ଉର୍ବଶ୍ରୀ, ଉଠ ପାଚେରି, ବନ୍ଦୀତା, ଲୁହା ଶିକୁଳି, ଚୀର କୁମାର ସଭା, ଆଜାଦି, ଆପଣ କୁହନ୍ତି, ଅନ୍ଧକାରର, ନିମନ୍ତ୍ରଣ ରହିଲା, ମାଟିର ମଣିଷ, ମଧୁଲିତା, ହଂସଧ୍ୱନି ନାୟିକା ମିଳିଛି, ପାଚେଳି ଗଡର ସନ୍ଧ୍ୟା, ହୋଟେଲ ମୋନାଲିସା ଆଦି ଅନ୍ୟତମ।

### ଶ୍ରେଷ୍ଠ ଅଭିନୀତ ଚଳଚ୍ଚିତ୍ର

ନୂଆବୋଉ, ମାଣିକଯୋଡି, ଭାଇଭାଉଜ, କିଏ କାହାର, ଘରସଂସାର, ଅରୁନ୍ଧତୀ, ଚାରିଅଧ୍ୟାୟ(ହିନ୍ଦୀ), ମୁକ୍ତି, ଶଙ୍ଖମହୁରି, ପଳାତକ, ପୂଜା, ଏକ ସଂଘର୍ଷ, ଦେବଯାନୀ, ପ୍ରତିଧ୍ୱନି, ବାପା, ଜୟ ଜଗନ୍ନାଥ (୧୭ ଭାଷାରେ), ଶ୍ରୀଜଗନ୍ନାଥ, ନୀଳମାଧବ ଆଦି ରହିଛି।

### ଆକାଶବାଣୀରେ ପରିବେଷିତ ନାଟକ

ଆକାଶବାଣୀରେ ପରିବେଷିତ ରାମଚନ୍ଦ୍ରଙ୍କ ନାଟକ ମଧ୍ୟରେ ଉର୍ବଶୀ, କୁଛ୍ ସଫେଦି କୁଛ୍ ସ୍ୟାହି, ରକ୍ତ ରଙ୍ଗ, ବନ୍ଧ୍ୟା ଗାନ୍ଧାରୀ, ଆମ ନାରେ ଆମେ ନାଉରୀ, ମରଗୟାଗୁଲ୍ଫମ, ରଙ୍ଗ ଭିଟାଳ, ସୋମା, କଂସା କବାଟ, ନୀଳଶୈଳ, ଭକ୍ତ ଦାସିଆ, ବେଣୀ ସଂହାର, ସତୀ, ମଳିନ ଗୋଧୂଳି, ବାଡୁଅ ଝିଅ, ସତର୍କ ସଂଘମିତ୍ରା, ଚମ୍ପକମାଳା(୨) ଆଦି ରହିଛି।

### ଦୂରଦର୍ଶନରେ ପ୍ରସାରିତ ଟେଲି ସିରିଏଲ

ବାବୁଘର, ଆଉନୁହଁ, ଗୁଣିଆ ଝାଡିଲା ଡାହାଣୀ, ଖାରବେଳ, ଅସ୍ତସୂର୍ଯ୍ୟର ରଙ୍ଗ, ହେଡ୍‌ମାଷ୍ଟର, ଭଉଁରି, ପ୍ରତିବିମ୍ବ, ଦୂରଦିଗନ୍ତ, ଅନ୍ତର୍ଦାହ(ହିନ୍ଦୀ), କଲ୍ୟାଣୀ(ଲେପର୍ସି ଆଧାରିତ), ଆଜିର ଅତିଥି ଆଦି ଟେଲି ସିରିଏଲ୍‌ରେ ରାମଚନ୍ଦ୍ର ନିଖୁଣ ଅଭିନୟ କରି ଭିନ୍ନ ପରିଚୟ ସୃଷ୍ଟି କରିଥିଲେ।

### ରାମଚନ୍ଦ୍ରଙ୍କୁ ମିଳିଥିବା ପୁରସ୍କାର, ସମ୍ମାନ

୧୯୮୦ରେ ଗଞ୍ଜାମ ଜିଲା ଭଞ୍ଜନଗର ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟ ପକ୍ଷରୁ ଶ୍ରେଷ୍ଠ ମଞ୍ଚ ଅଭିନେତା ଓ ୧୯୮୯ରେ ଭାରତ ସରକାରଙ୍କ ପକ୍ଷରୁ 'ନୀଳମାଧବ' ଫିଲ୍ମ ଲାଗି ଶ୍ରେଷ୍ଠ ଅଭିନେତା ସମ୍ମାନ ମିଳିଥିଲା। ୧୯୯୦-୨୦୦୩ ମଧ୍ୟରେ ଶ୍ରେଷ୍ଠ ଅଭିନେତା ସମ୍ମାନ, ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ, ଓଡ଼ିଶା ଅନୁଷ୍ଠାନ ପକ୍ଷରୁ ଶ୍ରେଷ୍ଠ କଳାକାର, ଡେଲାଙ୍ଗ ଜୟଦୁର୍ଗା କ୍ଲବ ପକ୍ଷରୁ ଶ୍ରେଷ୍ଠ ନିର୍ଦ୍ଦେଶକ, ମୟୂର ସଂସ୍କୃତି ଏକାଡେମୀ ପୁରୀ ପକ୍ଷରୁ ମଞ୍ଚ ସମ୍ରାଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୦୫ରେ କଟକ ଉତ୍କଳ ନାଟ୍ୟ ପ୍ରତିଷ୍ଠାନ ପକ୍ଷରୁ ଉତ୍କଳ-କଳା ଉପାଧି, ମନନ ନାଟ୍ୟସଂସ୍ଥା ଭୁବନେଶ୍ୱର ଓ ପୁରୀ ପ୍ରଣତି କଳା ମନ୍ଦିର ପକ୍ଷରୁ ଶ୍ରେଷ୍ଠ ନିର୍ଦ୍ଦେଶକ ଓ କଳାକାର ସମ୍ମାନ ମିଳିଥିଲା। ୨୦୦୫-୦୭ ମଧ୍ୟରେ ଓଡ଼ିଶା ସଙ୍ଗୀତ ଏକାଡେମୀ ସମ୍ମାନ, ଶତାବ୍ଦୀର କଳାକାର ସମ୍ମାନ, ଉତ୍କଳ ଜ୍ୟୋତି, ନାଟ୍ୟ ସମ୍ରାଟ ସମ୍ମାନ ମିଳିଥିଲା। ଚଳଚ୍ଚିତ୍ର ଜଗତରେ ନିଖୁଣ ଅଭିନୟ ଲାଗି ୨୦୦୯ରେ ଜୟଦେବ ପୁରସ୍କାର, ୨୦୧୦ରେ ଚଳଚ୍ଚିତ୍ର ଅଭିନେତା ସଂଘ ପକ୍ଷରୁ ଭୂମିପୁତ୍ର ସମ୍ମାନ, ୨୦୧୨ରେ କେଳୁଚରଣ ମହାପାତ୍ର ସମ୍ମାନ, ୨୦୧୪ରେ ଓଡ଼ିଶା ଯାତ୍ରା ହୀରାଲାଲ ଆୱାର୍ଡ, ୨୦୧୫ରେ ଦୁର୍ଲ୍ଲଭ ସମ୍ମାନ, ୨୦୧୬ରେ ନୀଳଚକ୍ର ସମ୍ମାନ, ୨୦୧୮ରେ ଚଳଚ୍ଚିତ୍ର ଜଗତ ସମ୍ମାନରେ ସମ୍ମାନିତ ହୋଇଥିଲେ ରାମଚନ୍ଦ୍ର।




ଚିଲିକା ମଙ୍ଗଳାଯୋଡ଼ିଠାରେ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

# ମଙ୍ଗଳାଯୋଡ଼ିରେ ଜାତୀୟ ପକ୍ଷୀ ମହୋତ୍ସବ ଉଦ୍‌ଘାଟିତ

**ଟାଙ୍ଗୀ (ଖୋର୍ଦ୍ଧା) ୨୭।୧(ଡି.ଏନ.ଏ.)**

ମରାଳମାଳିନୀ ନୀଳାମ୍ବୁ ଚିଲିକା ଉପକୂଳସ୍ଥ ପକ୍ଷୀ ବିହାର ରୂପେ ପରିଚିତ ମଙ୍ଗଳାଯୋଡିରେ ଦ୍ୱିତୀୟ ଜାତୀୟ ପକ୍ଷୀ ମହୋତ୍ସବ ରବିବାର ସ୍ଥାନୀୟ ପଦ୍ମକୁମୁଦ ବିଦ୍ୟାନିକେତନ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଉଦ୍‌ଘାଟକ ରୂପେ ଯୋଗଦେଇ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ମଙ୍ଗଳାଯୋଡିର ଗୁରୁତ୍ୱ ରହିଥିବା ଦୃଷ୍ଟିରୁ ଏହା ରାଜ୍ୟର ପର୍ଯ୍ୟଟନ ଶିଳ୍ପରେ ବିଶେଷ ସହାୟକ ହୋଇପାରିବ ବୋଲି ଦର୍ଶାଇଥିଲେ। ଏହି ଅବସରରେ ସେ ବିଦେଶାଗତ ଅତିଥି ପକ୍ଷୀ ଫଟୋଚିତ୍ର ଗ୍ୟାଲେରିକୁ ଉଦ୍‌ଘାଟନ କରିଥିଲେ।



ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଫଟୋଚିତ୍ର ବୁଲି ଦେଖୁଛନ୍ତି।

ଆୟୋଜିତ ସଭାରେ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ପର୍ଯ୍ୟଟନ ବିଭାଗ ସଚିବ ବିଶାଳ ଦେଓ, ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିକାଶ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଜାରି ରହିଲେ ମଙ୍ଗଳାଯୋଡି ପର୍ଯ୍ୟଟନ କ୍ଷେତ୍ରରେ ମାଇଲ ଖୁଣ୍ଟି ସଦୃଶ ହେବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଚିଲିକା ଉପରେ ଲିଖିତ ଏକ ପୁସ୍ତକ ଉନ୍ମୋଚିତ ହେବା ସହ ପକ୍ଷୀ ସୁରକ୍ଷା ଓ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରୁଥିବା ମଙ୍ଗଳାଯୋଡିର ଇକୋ ଟୁରିଜମ ସଂଗଠନକୁ ୧୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଅକ୍ଷୟ




ଭାଗ୍ୟଇତି



ପଙ୍କଜ



ମୋନାଲିସା



କେ. ରାଉତରାୟ



ବିଶ୍ୱଜିତ



ସୌମ୍ୟ



ମନୱ୍ବର



ଅଭିପ୍ସା



ଲକ୍ଷ୍ମୀପ୍ରିୟା

ନିଜ ଲୋକଙ୍କୁ ଛାଡ଼ି ଯିଏ ପରର ଆଶ୍ରୟ
ନିଏ ସେ ଜଣେ ଆତ୍ମଘାତୀ ବ୍ୟକ୍ତି।
- ଚାଣକ୍ୟ



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

**ପୁରୁଣା ଭୁବନେଶ୍ୱର/ପିପିଲି,୨୭।୧ (ଡି.ଏନ୍.ଏ.):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମଧୁରମତ୍ସ୍ୟ ଗବେଷଣା କେନ୍ଦ୍ର ସିଫା ନିକଟରେ ରବିବାର ଏକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମାପଡ଼ା ଡିହପୁର ଅଞ୍ଚଳର ଦୀପକ ଦାସ। ସୂଚନା ମୁତାବକ ଦୀପକ ନିଜ ବାଇକ ଓଡି ୦୫ ଡିଆ୪୦୭ନଂ ବାଇକ ଯୋଗେ ଭୁବନେଶ୍ୱର ଆସୁଥିବାବେଳେ ପଛପଟୁ ଏକ ବୋଲେରୋ ଧକ୍କା ଦେଇଥିଲା। ଫଳରେ ଦୀପକ ଭାରସାମ୍ୟ ହରାଇ ଛିଟିକି ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କଟକ ଅଫିସ, ୨୭।୧:** ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୭ ଅଞ୍ଚଳର ଏକ ଘରୁ ଅଭିଷେକ ପଣ୍ଡା(୨୦)ଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଅଭିଷେକ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଥିବା ବେଳେ ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୧୦/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ଅଭିଷେକ ଘର ଭିତରେ ବେକରେ ବେଡ୍‌ଶିଟ୍ ବାନ୍ଧି ଫ୍ୟାନରେ ଝୁଲି ପଡ଼ିଥିଲେ। ରବିବାର ସକାଳେ ପରିବାର ଲୋକ ତାଙ୍କ ରୁମ୍‌ର କବାଟ ବାଡେଇଥିଲେ ମଧ ସେ ଖୋଲି ନ ଥିଲେ। ପରେ କବାଟ ଭାଙ୍ଗିବା ପରେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏହାପରେ ମୃତଦେହକୁ ତଳକୁ ଓହ୍ଲାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା।

### ୩୦ରେ ଓଭରଏଜ୍‌ଡ ବି.ଇଡି, ସିଟି ଆସୋସିଏଶନର ଆନ୍ଦୋଳନ

**ଭୁବନେଶ୍ୱର, ୨୭।୧(ବ୍ୟୁରୋ):** ଶିକ୍ଷା ସହାୟକ ନିଯୁକ୍ତି ବୟସସୀମା ୩୨ ପରିବର୍ତ୍ତେ ୪୨ କରିବା ଦାବିରେ ଆସନ୍ତା ୩୦ ତାରିଖରେ ଓଭରଏଜ୍‌ଡ ବି.ଇଡି ଏବଂ ସିଟି ଆସୋସିଏଶନର କର୍ମକର୍ତ୍ତାମାନେ ଲୋୟର ପିଏମ୍‌ଜିରେ ଧାରଣା ଦେବେ। ସେହିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଧାରଣା ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଆସୋସିଏଶନ୍‌ର ସଭାପତି ପ୍ରଶାନ୍ତ କୁମାର ନାୟକ ରବିବାର ଏ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆସୋସିଏଶନର ଅଧିକାଂଶ ବ୍ୟକ୍ତିବିଶେଷ ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ କରିଥାନ୍ତି। ଅତୀତରେ କେତେକ ପ୍ରଶାସନିକ ତ୍ରୁଟି ସେମାନଙ୍କୁ ନିଯୁକ୍ତିରୁ ବଞ୍ଚିତ ନ କରୁ। ତେଣୁ ନିଜର ନ୍ୟାୟ୍ୟଦାବି ହାସଲ କରିବା ପାଇଁ ଆସୋସିଏଶନ ଆନ୍ଦୋଳନ ଜାରି ରଖିବ ବୋଲି ପ୍ରଶାନ୍ତ କହିଛନ୍ତି।





ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ଆଦିବାସୀ ମେଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ 'ଜୀବନ ସମ୍ପର୍କ ପ୍ରକଳ୍ପ'କୁ ଉନ୍ମୋଚିତ କରୁଛନ୍ତି। ଆଦିବାସୀ ପରମ୍ପରାକୁ ନେଇ ମଞ୍ଚରେ ପରିବେଷିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ।

# ୯ ଜିଲାରେ ହେବ ଜନଜାତି ସଂଗ୍ରହାଳୟ

**ଆରମ୍ଭ ହେଲା ଆଦିବାସୀ ମେଳା**

■ ୫୦୦ ଶଯ୍ୟା ବିଶିଷ୍ଟ ଜନଜାତି ହଷ୍ଟେଲର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଜନଜାତିଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ନିଷ୍ଠାର ସହ କାମ କରୁଛନ୍ତି। ଗୁରୁପ୍ରିୟା ସେତୁରୁ ଆରମ୍ଭ କରି ଆଦିବାସୀ ହଷ୍ଟେଲ ଓ କୋରାପୁଟରେ ମେଡିକାଲ କଲେଜ ପ୍ରତିଷ୍ଠା, ବିକାଶର ସୁଫଳ ଆଜି ଜନଜାତିଙ୍କ ପାଖରେ ପହଞ୍ଚିପାରିଛି। ଆଦିବାସୀ ମେଳାର ପ୍ରତ୍ୟେକ ଷ୍ଟଲ ସେମାନଙ୍କ ବିକାଶର ସଫଳ କାହାଣୀ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରଥମ ଥର ଲାଗି ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଶନିବାରଠାରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଜନଜାତି କଳା, ସଂସ୍କୃତିର ସୁରକ୍ଷା ତଥା ବିକାଶ ପାଇଁ ରାଜ୍ୟରେ ୯ଟି ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ କରାଯାଇଛି। ଏହାକୁ ଆଉପାଦେ ଆଗକୁ ନେବାକୁ ରାଜ୍ୟ ସରକାର ଏବେ ୯ ଆଦିବାସୀ ବହୁଳ ଜିଲାରେ ଜନଜାତି ସଂଗ୍ରହାଳୟ କରିବା ପାଇଁ ସ୍ଥିର କରିଛନ୍ତି। ସେହିଭଳି ଅଧିକାଂଶ ଜନଜାତି ଚାଷ କାର୍ଯ୍ୟ ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ରାଜ୍ୟ ସରକାରଙ୍କ ନୂଆ ଯୋଜନା 'କାଳିଆ' ସେମାନଙ୍କ ପାଇଁ ବିଶେଷ ଉପାଦେୟ ହେବ। ଜନଜାତି ଚାଷୀମାନେ ଏହି ଯୋଜନାର ପୂରା ସୁଯୋଗ ନେଇ ଚାଷ କାର୍ଯ୍ୟ କରି ରୋଜଗାର ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ୟୁନିଟ୍-୩ରେ ୫୦୦ ଶଯ୍ୟା ବିଶିଷ୍ଟ ଏକ ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲକୁ ମୁଖ୍ୟମନ୍ତ୍ରୀ ଡିଜିଟାଲ ମୋଡ୍‌ରେ ଉଦ୍‌ଘାଟନ କରିଥିଲେ। ଏହାସହ ଆଦିବାସୀ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ହୋଇଥିବା 'ଜୀବନ ସମ୍ପର୍କ ପ୍ରକଳ୍ପ'କୁ ଲୋକାର୍ପଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀ ରମେଶ ମାଝି, ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ସଚିବ ଆର୍. ରଘୁପ୍ରସାଦ, ବିଭାଗୀୟ ନିର୍ଦ୍ଦେଶକ ଡ. ଏ.ବି. ଓତା ପ୍ରମୁଖ ଉପସ୍ଥିତ ଥିଲେ।

ଫେବୃୟାରୀ ୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାକୁ ୭ଟି ବିଭାଗରେ ବିଭକ୍ତ କରାଯାଇଛି। ଆଦିବାସୀ ଗ୍ରାମ, ଆଦିବାସୀ ହାଟ ସହ ସରକାରୀ ଷ୍ଟଲ୍, ଆଦିବାସୀ କଳା ସାମଗ୍ରୀ, ଆଦିବାସୀ ଖାଦ୍ୟବଜାର, ଆଦିବାସୀ ନୃତ୍ୟ ପ୍ରାଙ୍ଗଣ ଲୋକଙ୍କ ପାଇଁ ଆକର୍ଷଣ ସାଜୁଛି। ଚଳିତବର୍ଷ ମେଳାରେ ୧୮୦ଟି ଷ୍ଟଲ୍ ନିର୍ମାଣ କରାଯାଇଛି। ଆଦିବାସୀଙ୍କ ଚିତ୍ରକଳା, କଳାସାମଗ୍ରୀ, ହସ୍ତଶିଳ୍ପ ସାମଗ୍ରୀ ବିକ୍ରୟ ଲାଗି ୩୪ଟି ଷ୍ଟଲ୍ ହୋଇଥିବା ବେଳେ ବିଭିନ୍ନ ସରକାରୀ, ସ୍ୱୟଂସହାୟକ ଗୋଷ୍ଠୀ, ସମବାୟ ନିଗମ ଆଦିର ୬୪ଟି ଷ୍ଟଲ୍ ପଡ଼ିଛି। ସେହିଭଳି ଆଦିବାସୀମାନଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟ ଓ ସଂଗୃହୀତ ବିରଳ ବନଜାତ ଦ୍ରବ୍ୟ ଏଠାରେ ଉପଲବ୍ଧ ହେଉଛି। ଖାଦ୍ୟ ବଜାରରେ ମୁଢ଼ି ମାଂସ, କାଙ୍ଗୁ ଖିରି, ମାଣ୍ଡିଆ ଜାଉ, ପିଠା, ହର୍ବାଲ ଜୁସ୍ ଆଦି ରହିଛି। ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ମେଳା ଖୋଲା ରହିବା ସହିତ ସନ୍ଧ୍ୟା ୬ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।



ଆଦିବାସୀ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ମେଳାରେ ଖୋଲିଥିବା ଏକ ଷ୍ଟଲ୍‌ରୁ ଲୋକେ ସାମଗ୍ରୀ କିଣୁଛନ୍ତି।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ରବିବାର ଅନୁଷ୍ଠିତ 'ନବମ ଓଡ଼ିଶୀ ନୃତ୍ୟ ସଂଗୀତ ସମ୍ମାନ ୨୦୧୮-୧୯'ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ବାଙ୍କୀ ରାଜାଙ୍କ ପରଲୋକ

**ବାଙ୍କୀ,୨୭।୧(ସ୍ୱ.ପ୍ର.)**

ବାଙ୍କୀ ରାଜା ତଥା ମା'ଚର୍ଚ୍ଚିକାଙ୍କ ଆଦ୍ୟସେବକ ସାମନ୍ତ ନାରାୟଣ ଶ୍ରୀଚନ୍ଦନ ମହାପାତ୍ରଙ୍କ ଶନିବାର ସକାଳେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଙ୍କୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବାପରେ ରାଜାଙ୍କ ଶେଷ ଦର୍ଶନ ପାଇଁ ମେଡିକାଲକୁ ଲୋକଙ୍କ ସୁଅ ଛୁଟିଥିଲା। ରାଜାଙ୍କ ମରଶରୀରକୁ ତାଙ୍କ ବାସସ୍ଥାନ ବାଙ୍କୀ ଗଡ଼କୁ ଅଣାଯାଇଥିଲା। ପରେ ପରମ୍ପରା ଅନୁସାରେ ଜ୍ୟୋଷ୍ଠପୁତ୍ର ଦୁର୍ଗାମାଧବ ଟିକାୟତଙ୍କୁ ରାଜଗୁରୁ ରାଜାଭିଷେକ କରାଇଥିଲେ। ନୂତନ ରାଜାଙ୍କ ନିର୍ଦ୍ଦେଶ କ୍ରମେ ମୃତଦେହ ସତ୍କାର ପାଇଁ ଅନୁମତି ମିଳିଥିଲା। ଏହାପରେ ମା'ଚର୍ଚ୍ଚିକାଙ୍କ ପାଦଦେଶ ପର୍ଯ୍ୟନ୍ତ ଏକ ଶୋଭଯାତ୍ରା ନିଆଯାଇ ବାଙ୍କୀ ଟାଉନ ପରିକ୍ରମା କରିବାପରେ ତାଙ୍କ ଜନ୍ମ ସ୍ଥାନ ପୁରୁଣା ରାଜବାଟୀ କମଳାବାଗଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ବିଧାୟକ ପ୍ରଭାତ ତ୍ରିପାଠୀ, ବାଙ୍କୀ କଲେଜ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ, ଯୁକ୍ତ ୨ କଲେଜ ଅଧକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ଉପଜିଲାପାଳ ଅରୁଣ ବିଶ୍ୱାଳ, ବାଙ୍କୀ ତହସିଲ୍‌ଦାର ପଦ୍ମଲୋଚନ ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ଦେବଦତ୍ତ ବରାଳ, ଥାନା ଆଇଆଇସି ସମୀର ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି, ସୁବାସ ଚନ୍ଦ୍ର ପାଢୀ, ଶୁଭ୍ରାଂଶୁ ମୋହନ ପାଢୀ ପ୍ରମୁଖଙ୍କ ସମେତ ହଜାରହଜାର ଜନସାଧାରଣ ରାଜାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ।



ବାଙ୍କୀ ରାଜା ସାମନ୍ତ ନାରାୟଣ ଶ୍ରୀଚନ୍ଦନ ମହାପାତ୍ର।

■ ବେଆଇନ ଗ୍ୟାସ୍ ଗୋଦାମରେ ନିଆଁ

# ସିଲିଣ୍ଡର ବିସ୍ଫୋରଣରେ ଫାଟିଗଲା ଛାତ

**ଯାଁଳା/ଜଟଣୀ, ୨୭।୧(ଡି.ଏନ୍.ଏ.)**

ଜଟଣୀ ଥାନା ଅଞ୍ଚଳରେ ଶନିବାର ଦୁଇଟି ପୃଥକ୍ ସ୍ଥାନରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଥିଲା। ଯାଁଳା ଫାଣ୍ଡି ଅନ୍ତର୍ଗତ ମଦନପୁର ମେଳଣପଡ଼ିଆସ୍ଥିତ ଏକ ଘରେ ବେଆଇନ ଭାବେ ରଖାଯାଇଥିବା ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଘରର ଛାତ ଫାଟିଯାଇଥିଲା। ପାଖରେ ଥିବା ଅନ୍ୟ ଦୁଇଟି କୋଠରି ମଧ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ଜଟଣୀ, ଖୋର୍ଦ୍ଧା ଏବଂ ଭୁବନେଶ୍ୱରରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଯାଁଳା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘରଟି ଗ୍ରାମର ସୁଶୀଲ କୁମାର ଜେନାଙ୍କର ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ସେ ଏଠାରେ ଦୀର୍ଘଦିନ ହେବ ବେଆଇନ ଭାବେ ସିଲିଣ୍ଡର ରଖି ବ୍ୟବସାୟ ଚଳାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଘଟଣା ପରେ ଘର ମାଲିକ ସୁଶୀଲ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ରବିବାର ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଫେରିଯାଇଛି। ଏ ନେଇ ପୋଲିସ ୩୦/୧୯ରେ ଏକ ମାମଲା ରୁଜୁ କରିଛି।

ସେହିପରି ଜଟଣୀ ସହରର ମୁଖ୍ୟରାସ୍ତାର ସୀତାରାମ ଛକରେ ଶନିବାର ମଧ୍ୟାହ୍ନରେ ଅନ୍ୟ ଏକ ଅଗ୍ନିକାଣ୍ଡ ଘଟିଥିଲା। ଏଠାରେ ଥିବା ଏକ ସାଇକେଲ୍ ଷ୍ଟୋର ଛାତ ଉପରେ ରହିଥିବା ପୁରୁଣା ଟାୟାରରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳିବାରୁ ପଥଚାରୀ ଓ ଅନ୍ୟ ଦୋକାନୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିଲା। ଅନ୍ୟ ଦୋକାନକୁ ନିଆଁ ବ୍ୟାପିବା ପୂର୍ବରୁ ଅଗ୍ନିଶମ ବିଭାଗ ପହଞ୍ଚି ଏହାକୁ ଆୟତ୍ତ କରିଥିଲା। ନିଆଁ ଯୋଗୁ ଏକଘଣ୍ଟା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା।



ଜଟଣୀ ସହରର ମୁଖ୍ୟରାସ୍ତାର ସୀତାରାମ ଛକରେ ଶନିବାର ଗ୍ୟାସ୍ ଟାଙ୍କି ଫାଟି ନିଆଁ ଲାଗିଯାଇଛି।





ବିସ୍ଫୋରଣରେ ଜଳିଯାଇଥିବା ଗ୍ୟାସ୍ ସିଲିଣ୍ଡର।

# ପୂର୍ବତନ ଛାତ୍ରନେତାଙ୍କ ସମେତ ୩ ଗିରଫ

**ଫିଲ୍ମ ହଲ୍‌ରେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା**

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ ମହାରାଜା ଫିଲ୍ମ ହଲରେ ଏକ ଦୈନିକ ଖବରକାଗଜର ସାମ୍ବାଦିକ କପିଳେନ୍ଦ୍ର ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରନେତା ସୌମ୍ୟରଞ୍ଜନ ମହାପାତ୍ର ଏବଂ ତାଙ୍କର ୨ ସହଯୋଗୀ ଅନନ୍ତ ସାମନ୍ତରାୟ ଓରଫ ଚିକୁ ଓ ସୁବ୍ରତ ବିଶ୍ୱାଳ।

ଅଭିଯୋଗ ମୁତାବକ, ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ କପିଳେନ୍ଦ୍ର ମହାରାଜା ଫିଲ୍ମ ହଲରେ ଫିଲ୍ମ ଦେଖୁଥିଲେ। ସୌମ୍ୟରଞ୍ଜନ ଓ ତାଙ୍କ ସାଙ୍ଗମାନେ ହୋହଲ୍ଲା କରୁଥିଲେ। ଫିଲ୍ମ ଦେଖୁଥିବା ଯୁବତୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିଲେ। କପିଳେନ୍ଦ୍ର ଏହାର ପ୍ରତିବାଦ କରିବାରୁ ସୌମ୍ୟରଞ୍ଜନ ଏବଂ ତାଙ୍କ ସାଙ୍ଗମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ପରିଚୟପତ୍ର ଏବଂ ମୁଦି ଛଡ଼ାଇ ନେଇଥିଲେ। ପୋଲିସ ପହଞ୍ଚି କପିଳେନ୍ଦ୍ରଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏ ନେଇ ଥାନାରେ ଏକ ମାମଲା(୫୫/୧୯) ରୁଜୁ ହେବା ସହ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ଅନ୍ୟପଟେ ସୌମ୍ୟରଞ୍ଜନ ରବିବାର କପିଳେନ୍ଦ୍ରଙ୍କ ନାମରେ ଅନୁରୂପ ଅଭିଯୋଗ କରିଛନ୍ତି।

ସେପଟେ ଘଟଣାକୁ ନିନ୍ଦା କରିଛି ସାମ୍ବାଦିକ ସୁରକ୍ଷା ମଞ୍ଚ। କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ବାରମ୍ବାର ଆକ୍ରମଣ କରାଯାଉଥିବାରୁ ଏ ନେଇ ଆଇନ ଆଣିବା ପାଇଁ ମଞ୍ଚ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛି। କଂଗ୍ରେସ ନେତା ସତ୍ୟ ନାୟକ ଓ ଅନ୍ୟ ବରିଷ୍ଠ ସାମ୍ବାଦିକମାନେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ପିଲା ଯାହା ମାଗେ ତାକୁ ସବୁ ଦେଇଦେଲେ
ସେ କ୍ରମେ ଖରାପ ହୋଇଯିବ।
-ଓଶୋ



## ସଂକ୍ଷେପରେ

### ଚାଟ୍ ବ୍ୟବସାୟୀଙ୍କ ଗଳାକାଟି ହତ୍ୟା

**କୁଆଁରମୁଣ୍ଡା,୨୭।୧(ଡି.ଏନ୍.ଏ.):** ଶନିବାର ବିଳମ୍ବିତ ରାତିରେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ପୁନର୍ବାସ କଲୋନୀର ଚାଟ୍ ବ୍ୟବସାୟୀ ବାବୁଲାଲ ସିଂ (୫୮)ଙ୍କ ଗଳା ଓ ପେଟ କାଟି ହତ୍ୟା କରାଯାଇଛି। ରବିବାର ପଡୋଶୀଙ୍କଠାରୁ ପୋଲିସ ତଦନ୍ତ ଚଳାଇଛି। ଶନିବାର ରାତିରେ ବାବୁଲାଲଙ୍କ ସ୍ତ୍ରୀ, ପୁଅ, ବୋହୂ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ଯାଇଥିଲେ। ବାବୁଲାଲ ଏକାକୀ ଥିବାର ସୁରାକ ପାଇ ଦୁର୍ବୃତ୍ତମାନେ ଘରେ ପଶି ଏହିକାଣ୍ଡ ଘଟାଇଥିବା ଜଣାପଡ଼ିଛି। ହତ୍ୟାପଛର କାରଣ ବ୍ୟବସାୟିକ ଶତ୍ରୁତା ନା ଅନ୍ୟ କିଛି ତାହା ରହସ୍ୟ ଘେରରେ ରହିଛି।

### ମହିଳାଙ୍କୁ ହତ୍ୟା ଉଦ୍ୟମ

**କଟକରୋଡ,୨୭।୧(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ଶୁକ୍ରବାର ରାତିରେ ପୋଡି ମାରିବାକୁ ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଚିନ୍ତାମଣିଶ୍ୱର ଅଞ୍ଚଳରେ ବିବାହ କରିଥିବା ଅଶାନ୍ତି ଜେନା। ଅଭିଯୋଗ ଅନୁଯାୟୀ, ୨୦୧୮ ଏପ୍ରିଲରେ ଅଶାନ୍ତି ବିବାହ କରିଥିବାବେଳେ ଶାଶୁଘରେ ରୁହନ୍ତି। ପ୍ରାୟ ସମୟରେ ଶାଶୁ, ଦେଢ଼ଶାଶୁ ଓ ନଣଦେଇ ମିଶି ତାଙ୍କୁ ନିର୍ଯାତନା ଦେଉଥିଲେ। ଗତ ଶୁକ୍ରବାର ରାତିରେ ଅଶାନ୍ତିଙ୍କୁ ଶାଶୁଘର ଲୋକେ ନିସ୍ତୁକ ମାଡ ମାରିବା ସହ କିରୋସିନ ଢାଳି ପୋଡି ମାରିବାକୁ ଉଦ୍ୟମ କରିଥିଲେ। ଫଳରେ ଶନିବାର ଭୋର ୫ଟାବେଳେ ସେ ଘର ଛାତରୁ ଡେଇଁ ପଡି ପଳାଇଥିଲେ। ପରେ ନିକଟରେ ରହୁଥିବା ଏକ ପରିବାର ଲୋକଙ୍କୁ ଘଟଣା ବିଷୟରେ କହିବା ସହ ଅଶାନ୍ତି ତାଙ୍କ ବାପାଙ୍କୁ ମଧ ଜଣାଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୨୪/୧୯ରେ ଏକ ମାମଲା ରୁଜୁ କରି ଅଶାନ୍ତିଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

### ଚୋରି ସ୍କୁଟି, ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ବାୟାବାବା ମଠ ଅଞ୍ଚଳରୁ ସ୍କୁଟି ଏବଂ ମୋବାଇଲ ଚୋରି କରିଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଖାରବେଳନଗର ଥାନା ମସ୍‌ଜିଦ କଲୋନୀ ଅଞ୍ଚଳର ଚିତ୍ତ ରଞ୍ଜନ ରଥ (୨୧)। ସୂଚନା ମୁତାବକ, ଶହୀଦନଗର ଥାନା ବାୟାବାବା ମଠ ଅଞ୍ଚଳରେ କୀର୍ତ୍ତି ସୁନ୍ଦର ସ୍ୱାଇଁ(୩୪) ରୁହନ୍ତି। ଗତ ଗୁରୁବାର ସକାଳେ ଉଠିବା ପରେ ଘରୁ ମୋବାଇଲ ଏବଂ ବାହାରେ ରଖିଥିବା ସ୍କୁଟି ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ଖୋଜାଖୋଜି କରିବା ପରେ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ କରି ମସ୍‌ଜିଦ କଲୋନୀ ଅଞ୍ଚଳରେ ଚଢ଼ଉ କରି ଚୋରି ମୋବାଇଲ ଏବଂ ସ୍କୁଟି ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ମାମଲା(୪୯/୧୯) ରୁଜୁ ହୋଇଛି।

### କୃଷକ ସମ୍ପର୍କ ମେଳା

**ବାଲିପାଟଣା,୨୭।୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ କୁରଞ୍ଜିପୁରଠାରେ ବ୍ଲକସ୍ତରୀୟ କୃଷକ ସମ୍ପର୍କମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ବ୍ଲକ କୃଷି ଅଧିକାରୀ ବିଭୁଦତ୍ତ ସାହୁଙ୍କ ସଭାପତିତ୍ୱରେ ଅର୍ଥ ଓ କୃଷି ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଖୋର୍ଦ୍ଧା ଜିଲା ପରିଷଦ ଉପାଧକ୍ଷା ସୁମିତ୍ରା ରାଉତରାୟ, ଜିଲା ଉପକୃଷି ଅଧିକାରୀ ଭାସ୍କର ବାରିକ, କୃଷି ଅଧିକାରୀ ଦୁର୍ଯ୍ୟୋଧନ ପତଙ୍ଗ, ଜିଲା ପରିଷଦ ସଭ୍ୟ ଶଶିଭୂଷଣ ପାତ୍ର, କୁରଞ୍ଜିପୁର ସରପଞ୍ଚ ବନିତା ପ୍ରଧାନ, ଆତ୍ମାର ସଭାପତି କାଳନ୍ଦୀ ବେହେରା ଯୋଗଦେଇଥିଲେ।

### ମାତୃ ସମ୍ମିଳନୀ

**ବାଲିଅନ୍ତା,୨୭।୧(ଡି.ଏନ୍.ଏ.):** ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସରରେ ଶନିବାର ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସୁଶ୍ରୀ ମହିମାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ମା'ମାନଙ୍କ ଦ୍ୱାରା ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ଶିଶୁମାନଙ୍କ ଚରିତ୍ର ଗଠନରେ ମା'ଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ମା' ଯୋଗଦେଇ ନିଜ ନିଜ ମତପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର, ସଭ୍ୟ ଡମ୍ବରୁଧର ଜେନା ଯୋଗଦେଇଥିଲେ। ଗୁରୁଜୀ ହେମନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

■ ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ନିରାକାରପୁର,୨୭।୧(ଡି.ଏନ.ଏ.)**

**ଅପରାଧୀଙ୍କୁ ଗିରଫ ଦାବିରେ ରାସ୍ତାରୋକୋ**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ନିରାକାରପୁର କଲେଜ ଛକ ନିକଟ ପୁରୁଣା ଶ୍ମଶାନ ପଛପଟୁ ଜଣେ ଭିନ୍ନକ୍ଷମ ଯୁବକଙ୍କ ମୃତଦେହକୁ ରବିବାର ପୋଲିସ ଉଦ୍ଧାର କରିଛି। ମୃତକ ହେଉଛନ୍ତି ଡିଆ ପଞ୍ଚାୟତ ଭଙ୍ଗସାହି ଗ୍ରାମର ମାନସ ରଞ୍ଜନ ଭଙ୍ଗମିଶ୍ର (୨୧)। ମାନସଙ୍କୁ କେହି ହତ୍ୟା କରି ଉକ୍ତ ସ୍ଥାନରେ ଫୋପାଡି ଦେଇଥିବା ତାଙ୍କ ପରିବାର ସହ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ ଦାବିରେ ସେମାନେ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରିଥିଲେ।

ମାନସଙ୍କ ବାପା ଭାଗୀରଥି ଭଙ୍ଗମିଶ୍ର କହିବା ଅନୁଯାୟୀ, ତାଙ୍କ ପରିବାର ଦୀର୍ଘବର୍ଷ ହେଲା ସ୍ଥାନୀୟ ରାମ ମନ୍ଦିରଠାରେ ଭୋଗ ସହ ପରିବା ଦୋକାନ କରିଛନ୍ତି । ମାନସ ଦୁଇଦିନ ହେଲା ଟାଙ୍ଗୀସ୍ଥିତ ମାମୁଁ ଘରକୁ ଯାଇଥିଲେ। ଏପରିସ୍ଥଳେ ଅପରାହ୍ନ ୪ଟାରେ ନିକଟସ୍ଥ ମଞ୍ଜାରିଆ ପାଟଣା ଗ୍ରାମର କିଛି ଲୋକ ପୁଅ ମୃତ୍ୟୁ ବିଷୟରେ ଖବର ଦେଇଥିଲେ। ସେ ସେଠାକୁ ଯାଇ ମୃତଦେହ ଦେଖି ହତବାକ୍ ହୋଇଯାଇଥିଲେ। ମାନସଙ୍କ ମୁହଁକୁ ପଥରରେ ଛେଚି ବିକୃତ କରିଦିଆଯାଇଥିବା ଦେଖିଥିଲେ। ପରେ ସେ ଏ ନେଇ ପୋଲିସରେ ଅଭିଯୋଗ କରିଥିଲେ। ଥାନାରେ ୬/୧୯ରେ ଏକ ମାମଲା ରୁଜୁ ହୋଇଛି। ଖବର ପ୍ରଚାରିତ ହେବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତଦେହ ପୋଲିସକୁ ନ ଦେଇ ନୂଆ ଜଗନ୍ନାଥ ସଡକର ନିରାକାରପୁର କଲେଜ ଫାଟକ ସାମ୍ନାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ପ୍ରାୟ ୧ଘଣ୍ଟା ପରେ ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ୭ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ତେବେ ପୋଲିସ ପ୍ରତିଶ୍ରୁତି ରକ୍ଷା ନ କଲେ ସେମାନେ ଥାନା ଘେରାଉ କରିବେ ବୋଲି ଅଞ୍ଚଳବାସୀଙ୍କ ତରଫରୁ ମନୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।



ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଡ. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଛପଟ ରାସ୍ତା ଉପରେ ନଳାପାଣି ଭାସୁଛି।

## ବିଏମ୍‌ସି ହସ୍ପିଟାଲ ରାସ୍ତାରେ ସ୍ୱେରେଜ ପାଣି

**ପୁରୁଣା ଭୁବନେଶ୍ୱର,୨୭।୧(ଡି.ଏନ୍.ଏ.)**

ବିଏମ୍‌ସି ହସ୍ପିଟାଲ ପରିବେଶରେ ଅନ୍ତରାୟ ସାଜିଛି ସ୍ୱେରେଜର ଦୂଷିତ ପାଣି। ପୂର୍ବରୁ ହସ୍ପିଟାଲ ଭିତରୁ ମଇଳା ପାଣି ରାସ୍ତାରେ ଭାସୁଥିବାବେଳେ ଏବେ ୫/୧୦ ଦିନ ସ୍ୱେରେଜ ପାଣି ରାସ୍ତାକୁ ଆସି ଜମି ରହୁଥିବା ନଜର ଆସିଛି। ଏହି ରାସ୍ତାରେ ରୋଗୀ, ରୋଗୀଙ୍କ ସମ୍ପର୍କୀୟ, ଶ୍ରଦ୍ଧାଳୁ, ସ୍କୁଲ ପିଲାମାନେ ଯାତାୟାତ କରିଥିବାବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନ ଥିବାବେଳେ ସାଧାରଣ ଲୋକେ ତଥା ପର୍ଯ୍ୟଟକଙ୍କୁ ଅସୁବିଧା ହେଉଥିବା ସ୍ଥାନୀୟ ବାସିନ୍ଦା ନାରାୟଣ ବେହେରା କହିଛନ୍ତି। ତୁରନ୍ତ ହସ୍ପିଟାଲ ଚତୁଃପାର୍ଶ୍ୱରେ ଏଭଳି ଦୂଷିତ ପାଣି ନିର୍ଗତକୁ ବନ୍ଦ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।







ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ଆୟୋଜିତ କୋଷ୍ଟାଲ ଟ୍ରେକିଂ।

## ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ କୋଷ୍ଟାଲ ଟ୍ରେକିଂ

**ପୁରୀ ଅଫିସ,୨୭।୧**

ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କୋଷ୍ଟାଲ ଟ୍ରେକିଂ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସାଇକେଲ ଆଡ୍‌ଭେଞ୍ଚର କ୍ଲବ (ବିସିଏସି) ଓ ପୁରୀର ବେୟାରଫୁଟ୍ ମିଳିତ ଆନୁକୂଲ୍ୟରେ ଶନିବାର ପୁରୀ ପାନ୍ଥନିବାସ ନିକଟ ବେଳାଭୂମିରୁ ଏହି ଟ୍ରେକିଂ ଆରମ୍ଭ ହୋଇଥିଲା। ଏଥିରେ ପ୍ରାୟ ୫୦ ଜଣ ସାମିଲ ହୋଇଥିଲେ। ବେଳାଭୂମିଦେଇ ଯିବା ସମୟରେ ଏମାନେ ବେଳାଭୂମି ସଫେଇ ସହିତ ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ସମ୍ପର୍କରେ ଜନସାଧାରଣ ଓ ପର୍ଯ୍ୟଟକଙ୍କୁ ସଚେତନ କରିଥିଲେ। ୩୧ କିମି ବେଳାଭୂମିରେ ଯାତ୍ରା କରି ଶନିବାର ରାତିରେ ଚିଲିକା ମୁହାଣରେ ପହଞ୍ଚିଥିଲେ। ସେଠାରେ ରାତ୍ରିଯାପନ କରି ରବିବାର ସକାଳେ ପ୍ରତ୍ୟାବର୍ତ୍ତନ କରିଥିଲେ। ବିସିଏସି ସଭାପତି ସଞ୍ଜୀବ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କୋଷ୍ଟାଲ ଟ୍ରେକିଂ ଏଥର ପଞ୍ଚମ ବର୍ଷରେ ପଦାର୍ପଣ କରିଛି। ଏ ସମ୍ପର୍କରେ ସଭାପତି ପଣ୍ଡା କହିଛନ୍ତି, ଗତବର୍ଷ ଆମେ ୩୪ କିମି ଯାଇଥିଲୁ। ଚିଲିକା ମୁହାଣ ପ୍ରାୟ ୩ କିମି ଅଧିକ ଓସାର ହୋଇଥିବାରୁ ଏଥର ୩୧ କିମି ଯାଇଥିଲୁ।

## ୩ଜଣ ଆନ୍ତଃଜିଲା ଲୁଟେରା ଗିରଫ: ୪ ଲକ୍ଷର ଅଳଙ୍କାର, ବାଇକ୍ ଜବତ

**ନିମାପଡ଼ା,୨୭।୧(ଡି.ଏନ୍.ଏ.)**

ନିମାପଡା ପୋଲିସ ୩ଜଣ ଆନ୍ତଃଜିଲା ଲୁଟେରାଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ସୋଲୋପାଟ ଗ୍ରାମର ଶୁଭ୍ରଜିତ ପରିଡା, ଜଗତ୍‌ସିଂହପୁର ଥାନା ବରଗୋଲାର ଗ୍ରାମର ମଧୁସୂଦନ ମହାନ୍ତି ଏବଂ ଭଦ୍ରକ ଜିଲା ଧୁସୁରି ଥାନା ଓଳଙ୍ଗ ଗ୍ରାମର ସପନା ନାୟକ। ଏଥିସହ ସେମାନଙ୍କଠାରୁ ପୋଲିସ ପ୍ରାୟ ୪ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ୨ହଜାର ଟଙ୍କା, ୨ଟି ମୋବାଇଲ, ଗୋଟିଏ ନମ୍ବରବିହୀନ ବାଇକ, ଲୁହାରଡ ଆଦି ଜବତ କରିଥିବା ଏସଡିପିଓ ଶରତଚନ୍ଦ୍ର ମିଶ୍ର, ଆଇଆଇସି ହରମୋହନ ନାୟକ କହିଛନ୍ତି। ସୂଚନାଯୋଗ୍ୟ, ନିମାପଡ଼ା ଥାନା ଅଧୀନ ଅଣ୍ଡିଆ ସାହି ଗ୍ରାମର ଅକ୍ଷୟ କୁମାର ସାହୁଙ୍କ ପରିବାର ଘରେ ନ ଥିବାବେଳେ ଉକ୍ତ ୩ଲୁଟେରା ଏକ ବାଇକରେ ଆସି ଦିବାଲୋକେ ଘରଗ୍ରୀଲ ଭାଙ୍ଗି ୪ଲକ୍ଷର ସୁନା ଅଳଙ୍କାର, ୧୨ହଜାର ଟଙ୍କା ନେଇ ଖସିଯିବାକୁ ଉଦ୍ୟମ କରିବାବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ପୋଲିସ ପହଞ୍ଚି ଚତୁରତାର ସହ ଲୁଟେରାଙ୍କୁ ଗିରଫ କରିଛି।

## ଚିଲିକା ଉତ୍ତରନାଶିରେ ପକ୍ଷୀ ଶିକାର

**କଣାସ,୨୭।୧(ସ୍ୱ.ପ୍ର.)**

ଉତ୍ତର ଗୋଲାର୍ଦ୍ଧରେ ଶୀତପ୍ରକୋପ ବୃଦ୍ଧିପାଇବାରୁ ନିଳାମ୍ବୁଚିଲିକାକୁ ବିଦେଶାଗତ ପକ୍ଷୀମାନେ ଲକ୍ଷ୍ୟଲକ୍ଷ୍ୟ ସଂଖ୍ୟାରେ ଆସି ଆସ୍ଥାନ ଜମାଇଛନ୍ତି। ଚିଲିକାର ଉତ୍ତରନାଶି ଭୂଷଣ୍ଡପୁରଠାରୁ ଜଗଦଳପୁର ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ କଇଁଫୁଲ ଓ କଳିକତିଦଳରେ ପୂର୍ଣ୍ଣହୋଇଥିବାରୁ ବିଦେଶୀ ପକ୍ଷୀମାନେ ଖାଦ୍ୟଅନ୍ୱେଷଣରେ ଅଧିକସଂଖ୍ୟାରେ ଜମାହେଉଛନ୍ତି। ଏହାର ସୁଯୋଗ ନେଇ ଶିକାରୀମାନେ ଅନାୟଶରେ ପକ୍ଷୀ ଶିକାର କରୁଛନ୍ତି। ପକ୍ଷୀମାନଙ୍କ ସୁରକ୍ଷାପାଇଁ ବନ୍ୟପ୍ରାଣୀ ବିଭାଗପକ୍ଷରୁ କଡାକଡି ପଦକ୍ଷେପ ଗ୍ରହଣକାରାଯାଇଥିବା ନେଇ ଘୋଷଣା କରାଯାଉଥିବାବେଳେ ପ୍ରକୃତ ପକ୍ଷେ ତାହା ହେଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଦେଶୀପକ୍ଷୀଙ୍କ ସୁରକ୍ଷାପାଇଁ ବନ୍ୟପ୍ରାଣୀ ବିଭାଗପକ୍ଷରୁ ବାଲୁଗାଁ, ନଳବଣ, କାଳୁପଡା, ଭୁଷଣ୍ଡପୁର ଏବଂ ଚିଲିକାମଝିରେ ପାଟ୍ରୋଲିଂ ଚାଲିଛି। ମାତ୍ର ବିଭାଗ ପକ୍ଷରୁ ଚିଲିକାର ଉତ୍ତରନାଶି ପ୍ରତି ଧ୍ୟାନଦେଉ ନ ଥିବାରୁ ବାହରପକ୍ଷୀ ଶିକାରୀମାନେ ସନ୍ଧ୍ୟା ସମୟରେ ଚିଲିକା ଭିତରକୁ ଛୋଟଡଙ୍ଗାରେ ଆସି କୂଳରେ ଫାଶ ବସାଇ ପକ୍ଷୀ ଧରୁଛନ୍ତି। ଶିକାରୀମାନେ ଉଜ୍ଜୋଳ ଅଲୋକ ପକ୍ଷୀମାନଙ୍କ ମୁହଁକୁ ପକାଇ ଠେଙ୍ଗାରେ ବାଡାଇ କରାୟତ କରୁଛନ୍ତି। ତୁରନ୍ତ ଏଥିପ୍ରତି ଧ୍ୟାନଦେବାକୁ ସାଧାରଣରେ ଦାବି ହେଉଛି।

## ରାମଚନ୍ଦ୍ର ପ୍ରତିହାରୀ, ଅର୍ଜୁନ ସାମଲଙ୍କ ବିୟୋଗରେ ସଂସ୍କୃତି ମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ବରିଷ୍ଠ ମଞ୍ଚ କଳାକାର ତଥା ନିର୍ଦ୍ଦେଶକ ରାମଚନ୍ଦ୍ର ପ୍ରତିହାରୀ ଓ ପ୍ରସିଦ୍ଧ କଣ୍ଠଶିଳ୍ପୀ ଅର୍ଜୁନ ଚରଣ ସାମଲଙ୍କ ବିୟୋଗରେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗଭୀର ଶୋକ ପ୍ରକାଶ କରିଛନ୍ତି। ମନ୍ତ୍ରୀ ପଣ୍ଡା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ପୁରୀ ଶ୍ରୀମନ୍ଦିରର ପ୍ରତିହାରୀ ସେବାୟତ ଥାଇ ମଧ ରାମଚନ୍ଦ୍ର ପ୍ରତିହାରୀ ଯାତ୍ରା ଓ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଆପଣାର ଅନନ୍ୟ ସ୍ୱାକ୍ଷର ରଖି ପ୍ରସିଦ୍ଧି ଅର୍ଜନ କରିଥିଲେ। ସେ ଅନ୍ନପୂର୍ଣ୍ଣା ଥିଏଟରରୁ ଅଭିନୟ ଯାତ୍ରା ଆରମ୍ଭ କରିଥିଲେ ଏବଂ ଅଭିନୟ ପାଇଁ ଦର୍ଶକଙ୍କ ପ୍ରଶଂସାଭାଜନ ହୋଇଥିଲେ। ତାଙ୍କର ଉଲ୍ଲେଖନୀୟ ଅବଦାନ ଲାଗି ରାଜ୍ୟ ସରକାର ତାଙ୍କୁ ଜୟଦେବ ସମ୍ମାନରେ ସମ୍ମାନିତ କରିଥିଲେ। ସେହିପରି କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅର୍ଜୁନ ଚରଣ ଅନେକ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରି ଓଡ଼ିଶାର ଘରେ ଘରେ ପରିଚିତ ହୋଇପାରିଥିଲେ। ସେ ଭଜନ ଓ ଛାନ୍ଦ ଗାୟନରେ ପାରଙ୍ଗମ ଥିଲେ। ଆକାଶବାଣୀ ଏବଂ ଦୂରଦର୍ଶନର ଜଣେ ସଫଳ ଗାୟକ ଭାବରେ ମଧ ସୁନାମ ଅର୍ଜନ କରିଥିଲେ। ମନ୍ତ୍ରୀ ପଣ୍ଡା ଉଭୟଙ୍କ ପରଲୋକ ଓଡ଼ିଶାର ସାଂସ୍କୃତିକ ପରିମଣ୍ଡଳ ପାଇଁ କ୍ଷତି ପହଞ୍ଚାଇଥିବା କହିଛନ୍ତି। ଏହି ଅବସରରେ ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

## ଲୁଟ୍, ଚୋରି ଘଟଣାରେ ୨ ଗିରଫ

**ବାଲିଅନ୍ତା,୨୭।୧(ଡି.ଏନ୍.ଏ.)**

ପୃଥକ୍ ଲୁଟ୍ ଓ ଚୋରି ଘଟଣାରେ ବାଲିଅନ୍ତା ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁବୋଧ କୁମାର ସାହୁ (୩୭) ଓ ଜିତେନ୍ଦ୍ର ସେଠୀ (୨୦)। ଉଭୟଙ୍କ ଘର ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ଅଞ୍ଚଳରେ। ସୁବୋଧ ଗତ ନଭେମ୍ବର ୯ ତାରିଖ ରାତି ୧୧ଟାରେ କାକରୁଦ୍ରପୁର ଗ୍ରାମର ଔଷଧ ଦୋକାନୀ ପ୍ରସନ୍ନ କୁମାର ସାହୁଙ୍କଠାରୁ ଅଢ଼େଇ ଭରି ଓଜନର ସୁନାଚେନ୍ ଲୁଟି ନେଇଥିଲେ। ଏ ନେଇ ଥାନାରେ ୨୯୯/୧୮ରେ ମାମଲା ରୁଜୁ ହୋଇଥିଲା। ସେହିପରି ଜିତେନ୍ଦ୍ର କାକରୁଦ୍ରପୁର ଗ୍ରାମର ଭଗବାନ ପ୍ରଧାନଙ୍କ ଘରେ ପଶି ଗତ ଜାନୁୟାରୀ ୨୦ରେ ଏକ ମଙ୍ଗଳସୂତ୍ର, ମୋବାଇଲ୍ ଫୋନ୍, ନାକଫୁଲ, ମୁଦି ଚୋରି କରିନେଇଥିଲେ ବୋଲି ଥାନା ଅଧିକାରୀ ମନୋଜ ସ୍ୱାଇଁ କହିଛନ୍ତି। ଲୁଟ୍ ସୁନାଚେନ୍ ଓ ଅନ୍ୟାନ୍ୟ ସାମଗ୍ରୀକୁ ପୋଲିସ ଜବତ କରିଛି।

## ଗ୍ରାମ ପରିକ୍ରମାରେ ସଚେତନତାର ବାର୍ତ୍ତା



ପରିବେଶ ସୁରକ୍ଷା ପାଇଁ ଆଞ୍ଚଳିକ ବିକାଶ ପକ୍ଷରୁ ଆୟୋଜିତ ସଚେତନତା ସାଇକେଲ ଶୋଭାଯାତ୍ରା।

**ପୁରୁଣା ଭୁବନେଶ୍ୱର,୨୭।୧(ଡି.ଏନ୍.ଏ.)**

ସ୍ଥାନୀୟ ଲିଙ୍ଗିପୁର-ଇଟିପୁର ଅଞ୍ଚଳର ବିଭିନ୍ନ ସାହିରେ ରବିବାର ଆଞ୍ଚଳିକ ବିକାଶ ପକ୍ଷରୁ ପରିବେଶ ସଚେତନତାର ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ର୍‍ୟାଲିକୁ ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକଙ୍କ ଉଦ୍‌ଘାଟନ କରିଥିବାବେଳେ ଯୁବକ ଏବଂ ଛାତ୍ରୀଛାତ୍ର ସାଇକେଲରେ ଶୋଭାଯାତ୍ରା କରି ସଚେତନତା କରିଥିଲେ। ନଦୀବନ୍ଧରେ ଶୌଚ ନହେବା, ପଲଥିନ ବ୍ୟବହାର ନ କରିବା ଭଳି ଭିନ୍ନ ଭିନ୍ନ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ଧରି ବିଭିନ୍ନ ସାହି ବୁଲି ଲୋକମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ।



'ଆଶ୍ରା' ପକ୍ଷରୁ ରାଜଧାନୀ ଉପକଣ୍ଠ ଛତାବର ପଞ୍ଚାୟତ କନ୍ଦଲେଇ ଆଦିବାସୀ ପଲ୍ଲୀରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ କନ୍ଦଲେଇ ସରକାରୀ ବିଦ୍ୟାଳୟର ଜଣେ ୫ମ ଶ୍ରେଣୀ ଛାତ୍ରୀ ନେତ ଚାତାର ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

## ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରାଯାଉ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

**'ସ୍ୱାସ୍ଥ୍ୟସେବାର ଅବମୂଲ୍ୟାୟନ ଓ ରାଜନୀତୀକରଣ' ଶୀର୍ଷକ ଆଲୋଚନାଚକ୍ର**

ସ୍ୱାସ୍ଥ୍ୟସେବା ପାଇଁ ଭାରତରେ ଜିଡିପିର ମାତ୍ର ୧.୨୫ ପ୍ରତିଶତ ବ୍ୟୟବରାଦ ହେଉଛି। ଅନ୍ୟ ଦେଶଗୁଡ଼ିକ ତୁଳନାରେ ଏହା ମାତ୍ର ୧୦ ପ୍ରତିଶତ। ଏଥିପାଇଁ ଭାରତରେ ଆବଶ୍ୟକ ଡାକ୍ତର ନାହାନ୍ତି କି ମାନବ ସମ୍ବଳ ନାହିଁ। ବ୍ୟୟବହୁଳ କର୍କଟ ରୋଗ, ହୃଦ୍‌ରୋଗ, ବୃକକ୍ ରୋଗ ଓ ମଧୁମେହ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ପ୍ରତି ମୁହୂର୍ତ୍ତରେ ବୃଦ୍ଧି ପାଉଥିଲେ ହେଁ ସରକାରୀସ୍ତରରେ ଚିକିତ୍ସା କରିବାକୁ ଆବଶ୍ୟକ ଡାକ୍ତର କି ଡାକ୍ତରଖାନା ନାହିଁ। ତେଣୁ ଡାକ୍ତରଖାନାକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରାଯିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ ବୋଲି ଏଠାରେ ମତପ୍ରକାଶ ପାଇଛି। ଏସ୍‌ସିବି ମେଡିକାଲ କଲେଜରୁ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ, କେନ୍ଦ୍ର ଏବଂ ବିଦେଶରେ କାର୍ଯ୍ୟରତ ଡାକ୍ତରଙ୍କୁ ନେଇ ଗଠିତ ଡକ୍ଟର୍ସ ଆସୋସିଏଶନ ଫର୍ ହେଲ୍‌ଥ ଆଣ୍ଡ ମେଡିକାଲ ଏଜୁକେଶନ(ଡାହ୍‌ମେ)ର ଅଧିବେଶନରେ ଏହା କୁହାଯାଇଛି। ଡାହ୍‌ମେ ପକ୍ଷରୁ ଆଇଏମ୍‌ଏ ଭବନରେ ଅନୁଷ୍ଠିତ ବାର୍ଷିକ ଅଧିବେଶନରେ 'ସ୍ୱାସ୍ଥ୍ୟସେବାର ଅବମୂଲ୍ୟାୟନ ଓ ରାଜନୀତୀକରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସରକାର ସ୍ୱାସ୍ଥ୍ୟସେବାକୁ କେବଳ ନିର୍ବାଚନୀ ଇସ୍ତାହାର କରି ମିଛ ଆଶ୍ୱାସନା ଦେବା ଅପେକ୍ଷା ଯୋଜନାଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଏଠାରେ ମତପ୍ରକାଶ ପାଇଥିଲା। ଦିଲ୍ଲୀ ଏମ୍ସରେ କାର୍ଯ୍ୟରତ କର୍କଟ ବିଭାଗ ପ୍ରଫେସର ଗୌରକିଶୋର ରଥ ୯ରୁ ୨୬ ବର୍ଷିୟା କନ୍ୟାମାନଙ୍କୁ କର୍କଟ ପ୍ରତିରୋଧକ ଇଞ୍ଜେକ୍ସନ ଦେବା ବାଧ୍ୟତାମୂଳକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମୁଖଗହ୍ୱର ରୋଗରୁ ରକ୍ଷା ପାଇବା ପାଇଁ ତମାଖୁ ସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ନୟନ କୁମାର ମହାନ୍ତି, ଆମେରିକାରେ ଅବସ୍ଥାପିତ ମଧୁମେହ ଓ ଅନ୍ତଃସ୍ରାବୀ ବିଭାଗ ପ୍ରଫେସର ପ୍ରିୟଦର୍ଶିନୀ ମହାନ୍ତି, ଡା. ଇନ୍ଦ୍ରମଣି ଜେନା, ଡା. ଆଦିକନ୍ଦ ସାହୁ ପ୍ରମୁଖ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ଡାହ୍‌ମେର ସଭାପତି ଡା. ସୁଧାଂଶୁ ଶେଖର ପାତ୍ର, ସମ୍ପାଦକ ଡା. ବଂଶୀଧର ନାୟକ, ଡା. ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଯୋଗ ମହୋତ୍ସବ ସମିତି ଆନୁକୂଲ୍ୟରେ ସ୍ଥାନୀୟ ବଡ଼ଗଡ଼ ବ୍ରିଟ୍ କଲୋନୀ ସରସ୍ୱତୀ ଜ୍ଞାନମନ୍ଦିର ପରିସରରେ ଚାଲିଥିବା ୨ ଦିବସୀୟ ପ୍ରାନ୍ତୀୟ ଯୋଗ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇ କହିଲେ ଯେ, ଯୋଗ ଦ୍ୱାରା ମନୁଷ୍ୟ ଶାନ୍ତ ଓ ସ୍ଥିର ହୋଇପାରିବ। ନିତ୍ୟ ଯୋଗାଭ୍ୟାସ ଫଳରେ ଶରୀର ସୁସ୍ଥ ରହିବା ସହ ମାନସିକ ଶାନ୍ତି ମିଳିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମିତିର ଅଧକ୍ଷ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଧକ୍ଷତା କରିଥିବାବେଳେ ସମ୍ପାଦକ ଦିବାକର ପ୍ରସାଦ ହରିଚନ୍ଦନ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୨୫୦ଜଣ ଯୋଗ ଶିକ୍ଷକ ୨ଦିନ ଧରି ବିଭିନ୍ନ ଯୋଗର ପ୍ରଶିକ୍ଷଣ ନେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ଜାନୁୟାରୀ, ୨୦୧୯



ଜମ୍ମୁ-କଶ୍ମୀରର ଶୋପିଆନଠାରେ ଗତ ନଭେମ୍ବରରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଶହୀଦ ହୋଇଥିବା ଲାନ୍ସ ନାୟକ ନଜିର ଓ୍ୱାନିଙ୍କୁ ମରଣୋତ୍ତର ଭାବେ ଅଶୋକ ଚକ୍ର ପୁରସ୍କାର ପ୍ରଦାନ କରାଯାଇଛି। ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କ ମା’ ଓ ସ୍ତ୍ରୀଙ୍କୁ ଏହି ସମ୍ମାନ ଦେଇଛନ୍ତି।



## ସଂକ୍ଷେପରେ

### ଅକ୍ସଫୋର୍ଡ ଡିକ୍ସନାରି-୨୦୧୮ର ହିନ୍ଦୀ ଶବ୍ଦ ‘ନାରୀ ଶକ୍ତି’

**ଜୟପୁର, ୨୭।୧:** ଅକ୍ସଫୋର୍ଡ ଡିକ୍ସନାରି ଦ୍ୱାରା ‘ନାରୀ ଶକ୍ତି’କୁ ୨୦୧୮ର ନୂତନ ହିନ୍ଦୀ ଶବ୍ଦ ଭାବେ ଚୟନ କରାଯାଇଛି। ବର୍ତ୍ତମାନ ଜୟପୁରଠାରେ ଚାଲିଥିବା ସାହିତ୍ୟ ଉତ୍ସବର ଏକ ଅଧିବେଶନରେ ଏହି ଘୋଷଣା କରାଯାଇଛି। ୨୦୧୮ ମାର୍ଚ୍ଚରେ ‘ନାରୀ ଶକ୍ତି’ ଶବ୍ଦକୁ ଦେଶରେ ବହୁଳ ଭାବରେ ବ୍ୟବହାର କରାଯାଇଥିଲା। ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ନାରୀ ଶକ୍ତି ପୁରସ୍କାର ଦିଆଯିବା ପରେ ଏହି ଶବ୍ଦକୁ ଦେଶବ୍ୟାପୀ ବହୁଳ ଭାବରେ ବ୍ୟବହାର କରାଯାଇଥିଲା। ନାରୀ ଶକ୍ତି, ଏହାର ସଂଗ୍ରାମ, ଆହ୍ୱାନ ଏବଂ ବିଜୟ ଆମ ସମୟର ତରୁଣ ପିଢ଼ିକୁ ଉତ୍ସାହିତ କରେ ବୋଲି ଜୟପୁର ସାହିତ୍ୟ ଉତ୍ସବର ନିର୍ଦ୍ଦେଶିକା ନମିତା ଗୋଖ୍‌ଲେ ପ୍ରକାଶ କରିଥିଲେ। ଅକ୍ସଫୋର୍ଡ ଡିକ୍ସନାରି ୨୦୧୭ ସଂସ୍କରଣରେ ‘ଆଧାର’କୁ ନୂଆ ହିନ୍ଦୀ ଶବ୍ଦ ଭାବେ ଚୟନ କରାଯାଇଥିଲା।

### ଆତ୍ମସମର୍ପଣ କଲେ ମାଓବାଦୀ

**ଫୁଲବାଣୀ ଅଫିସ, ୨୭।୧:** କନ୍ଧମାଳ ପୋଲିସ ନିକଟରେ ଜଣେ କ୍ୟାଡର ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଆନ୍ଦର କହଁର ଓରଫ ରମା ଓରଫ ରାହୁଲ (୨୧)। ଫିରିଙ୍ଗିଆ ଥାନା ସୁମେରବନ୍ଧ ପଞ୍ଚାୟତ ଜାର୍ଗିସରୁ ଗ୍ରାମର ଆନ୍ଦର ମାଓବାଦୀ ସଙ୍ଗଠନର କେକେବିଏନ ଡିଭିଜନର ଖଡଙ୍ଗ ଗ୍ରୁପ ପାଇଁ କାମ କରୁଥିଲେ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂଙ୍କ କହିଛନ୍ତି।

### ନବଙ୍କ ପରେ ମଞ୍ଜୁଙ୍କ ଦଳ ପରିବର୍ତ୍ତନ ଚର୍ଚ୍ଚା

**ସମ୍ବଲପୁର, ୨୭।୧ (ବ୍ୟୁରୋ):** ଝାରସୁଗୁଡା ବିଧାୟକ ନବ କିଶୋର ଦାସ କଂଗ୍ରେସ ହାତ ଛାଡି ନିକଟ ଶଙ୍ଖ ଫୁଙ୍କିଛନ୍ତି। ଏବେ ତାଙ୍କ ଭାଇ ରାଜକିଶୋର ଦାସ (ମଞ୍ଜୁ) ମଧ ହାତ ଛାଡ଼ି ବିଜେଡିରେ ଯୋଗଦେବାକୁ ଯାଉଥିବା ଚର୍ଚ୍ଚା ଜୋର ଧରିଛି। ଗତ ୨୪ ତାରିଖ ଝାରସୁଗୁଡାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିବା ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

### କନ୍ୟାଶ୍ରମରୁ ୨୯ ଛାତ୍ରୀ ନିଖୋଜ

**ମୋହନା, ୨୭।୧ (ଡି.ଏନ୍.ଏ.):** ଗଜପତି ଜିଲା ମୋହନା ବ୍ଲକ ଅନ୍ତରବା କନ୍ୟାଶ୍ରମରୁ ଶନିବାର ରାତିରୁ ୨୯ ଛାତ୍ରୀ ନିଖୋଜ ଥିବା ଜଣାପଡିଛି। ଏନେଇ କନ୍ୟାଶ୍ରମ କାନ୍ଥରେ ଏକ ହାତଲେଖା ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି କନ୍ୟାଶ୍ରମରେ ଲାଗିରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିବାକୁ ଯାଉଥିବା ଏଥିରେ ଉଲ୍ଲେଖ ରହିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଚାଲିଥିଲେ ମଧ ସେମାନଙ୍କର କୌଣସି ପତ୍ତା ମିଳିନାହିଁ। ରବିବାର ଅପରାହ୍ଣରେ ଜିଲାପାଳ ଅନୁପମ ଶାହା କନ୍ୟାଶ୍ରମରେ ପହଞ୍ଚିଛନ୍ତି। ଛାତ୍ରୀମାନଙ୍କୁ ଠାବ କରିବାକୁ ଜିଲାର ବିଭିନ୍ନ ଥାନାକୁ ସୂଚନା ଦିଆଯାଇଥିବା ଜିଲାପାଳ ଓ ଏସ୍‌ପି ଅମୂଲ୍ୟ କୁମାର ଦାଶ ସୂଚନା ଦେଇଛନ୍ତି।

---

**ରତ୍ନ ଆଶାରେ ରତ୍ନସିଂହାସନ ଖୋଳତାଡ଼**

# ତିନିବର୍ଷ ଧରି ନିରବଚ୍ଛିନ୍ନ ଆକ୍ରମଣ ଓ ଲୁଣ୍ଠନ

**ଡ. ସୁରେନ୍ଦ୍ର କୁମାର ମିଶ୍ର**




- **୧୬୧୦ ଖ୍ରୀ.–** କେଶୋଦାସ ମାରୁ ଶ୍ରୀମନ୍ଦିରର ଚାରି ଦ୍ୱାର ବନ୍ଦ କରି ସବୁ ସୁନାରୂପା, ହୀରାନୀଳା ଲୁଣ୍ଠି ନେବା ପରେ ଦିଲ୍ଲୀ ବାଦଶାହଙ୍କ ପାଇଁ ୩ ଲକ୍ଷ, ନିଜର ଯୌତୁକ ପାଇଁ ଏକଲକ୍ଷ ଟଙ୍କା ଓ ୫ଟି ହାତୀ ନେଇ ଯାଇଥିଲେ। (ତଥ୍ୟ ତୁଜୁକ-ଇ-ଜାହାଙ୍ଗୀର)
- **୧୬୧୧ ଖ୍ରୀ.–** କଲ୍ୟାଣ ମଲ୍ଲ ଓଡ଼ିଶାର ବହୁ ଗଡ଼ଜାତ ରାଜା, କରଦ ରାଜା ଓ ଜମିଦାରଙ୍କଠାରୁ ପ୍ରଚୁର ଧନରତ୍ନ ଆକ୍ରମଣ କରି କବଳିତ କରିଥିଲେ। ଜୋର ଜବରଦସ୍ତ ହାଣକାଟ କରି ନେବା ପରେ ମଧ ଗଜପତିଙ୍କଠାରୁ ୩ ଲକ୍ଷ ଟଙ୍କା ଓ ଶେଷନାଗ ହାତୀ ଦିଲ୍ଲୀ ବାଦଶାହଙ୍କୁ ଭେଟି ଦେଇଥିଲେ।
- **୧୬୧୨ ଖ୍ରୀ.–** କଲ୍ୟାଣ ମଲ୍ଲ ୨ୟ ଆକ୍ରମଣ ସମୟରେ ଅଜସ୍ର ଧନରତ୍ନ ନେଇ ଜଣେ ମନ୍ତ୍ରୀ ଓ ୧୬ ଜଣ ଓଡ଼ିଆ ସେନାପତିଙ୍କୁ କପଟରେ ମାରିଦେଲେ।
- **୧୬୧୭ ଖ୍ରୀ.–** ମକରମ୍ ଖାଁ ଓଡ଼ିଶା ଦାୟିତ୍ୱରେ ରହିବା ପରେ ଅମାନୁଷିକ ଆକ୍ରମଣ ଓ ପୈଶାଚିକ ଲୁଣ୍ଠନ କରିଥିଲେ ବୋଲି ତୁଜୁକ-ଇ-ଜାହାଙ୍ଗୀର ପୁସ୍ତକରୁ ଜଣାଯାଏ। ଖୋର୍ଦ୍ଧା ସମେତ ସତ୍ୟବାଦୀର ଶ୍ରୀଗୋପାଳ ମନ୍ଦିରରୁ ମଧ ବହୁ ଧନରତ୍ନ ଲୁଣ୍ଠନ କରି ନେଇଥିଲେ।
- **୧୬୨୩ ଖ୍ରୀ. –** ନୁରଜାହାନ୍‌ଙ୍କ ଭାଇର ପୁଅ ମିର୍ଜା ଅହମ୍ମଦ ବେଗ୍ ୫ ବର୍ଷ ଧରି ଓଡ଼ିଶାରେ କେବଳ ଲୁଟତରାଜ ଚଳାଇ ବାହାରକୁ ଧନରତ୍ନ ପଠାଇବାରେ ବ୍ୟସ୍ତ ରହିଥିଲେ।



ଶାହାଜାହାନ

- **୧୬୪୫ ଖ୍ରୀ.–** ମୁତାକ୍ୱାଦ ଖାଁଙ୍କର ଲୁଣ୍ଠନର ତଥ୍ୟ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରିନାହିଁ।
- **୧୬୪୭ ଖ୍ରୀ.–** ଶାହାଜାହାନ୍ ଥାନ୍ତି ଦିଲ୍ଲୀର ବାଦଶାହା। ତାଙ୍କର ୩୦ ବର୍ଷ ଶାସନରେ ୪୫ ଥର ଯୁଦ୍ଧ ସଂଗଠିତ ହୋଇଥିଲା। ତାଙ୍କରି ଅମଳରେ ଫତେ ଖାଁ ଓଡ଼ିଶାବାସୀଙ୍କ ପାଇଁ ପାଲଟି ଯାଇଥିଲେ ପୈଶାଚିକ ଲୁଣ୍ଠନର ନାୟକ। ଗଜପତି ନରସିଂହ ଦେବଙ୍କୁ ହତ୍ୟା କରି ପୁରୀର ବାଲି ନଅରକୁ ଲୁଣ୍ଠନ କରିବା ପରେ ଖୋର୍ଦ୍ଧା ଗଡ଼କୁ କଳାକନା ବୁଲାଇ ଦେଇଥିଲେ। ମାଦଳାପାଞ୍ଜି ମତରେ ଶ୍ରୀମନ୍ଦିର ଭଣ୍ଡାରରୁ ସମସ୍ତ ଧନରତ୍ନ ନେଇ ସେ ଶାହାଜାହାନଙ୍କୁ ଭେଟି ଦେଇଥିଲେ। ୟାଙ୍କରି ଅମଳରେ ଓଡ଼ିଶା ରାଜକୋଷ ଶୂନ୍ୟ ହୋଇ ଯାଇଥିଲା।



ଔରଙ୍ଗଜେବ୍

- **୧୬୯୨ ଖ୍ରୀ.–** ଔରଙ୍ଗଜେବ ବିଜାପୁରରେ ଥାଇ ବିଲ୍‌ଗ୍ରାମର ମୀର-ସୟଦ-ଅହମ୍ମଦ୍‌ଙ୍କୁ ଜଗନ୍ନାଥ ମନ୍ଦିର ଭାଙ୍ଗି ଦେବାକୁ ଆଦେଶ ଦେଇଥିଲେ। ସେତିକିବେଳେ ଏକରାମ ଖାଁ ଶ୍ରୀମନ୍ଦିର ଆକ୍ରମଣ କରି ସମସ୍ତ ଧନରତ୍ନ ନେଇ ଯାଇଥିଲେ। ପ୍ରଥମ କରି ସେଇ ଲୁଣ୍ଠନବେଳେ ମରମସ୍ତ ଖାଁ ରତ୍ନ ଆଶାରେ ରତ୍ନସିଂହାସନ ଉପରକୁ ଚଢ଼ି ଯାଇଥିଲେ। ସେତେବେଳକୁ ମହାପ୍ରଭୁ ସିଂହାସନରେ ନ ଥିଲେ। ଚନ୍ଦନକାଠ ନିର୍ମିତ ରତ୍ନଖଚିତ ନେତ୍ର ଥାଇ ଏକ ବିଗ୍ରହକୁ ଗଜପତି ତାଙ୍କୁ ଦେଇ ଅଧିକ ଲୁଣ୍ଠନରୁ ଦିଗ୍‌ଭ୍ରଷ୍ଟ କରାଇଥିଲେ। ତବ୍‌ସିରାକ୍-ଉଲ-ନୈଜିରିନ୍ ପୁସ୍ତକରୁ ଜଣାଯାଏ ରତ୍ନଖଚିତ ମୂର୍ତ୍ତି ଔରଙ୍ଗଜେବଙ୍କ ନିକଟକୁ ପଠାଯିବା ପରେ ମୂର୍ତ୍ତିରୁ ରତ୍ନ କଢ଼ାଯାଇ ସେହି ମୂର୍ତ୍ତିକୁ ବିଜାପୁର ମସ୍‌ଜିଦ୍‌ର ପାହାଚତଳେ ପକା ଯାଇଥିଲା। ଏହା ‘ହିଷ୍ଟ୍ରି ଅଫ ଔରଙ୍ଗଜେବ’ ପୁସ୍ତକଦ୍ୱାରା ମଧ ସମର୍ଥିତ।
- **୧୭୩୧ ଖ୍ରୀ.–** ମହମ୍ମଦ ତକି ଖାଁ ଖୋର୍ଦ୍ଧା ଦୁର୍ଗ, ଧଉଳି ଦୁର୍ଗ, ଶିଶୁପାଳ ଦୁର୍ଗ, ରଥିପୁର ଦୁର୍ଗକୁ ଅତି ବର୍ବର ଭାବରେ ଲୁଣ୍ଠନ କରିଥିଲେ। ୩ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଆକ୍ରମଣ କରି ଲୁଣ୍ଠନ କରିବା ପରେ ଦିଲ୍ଲୀର ସୁଜାଉଦ୍ଦିନଙ୍କ ପାଖକୁ ସମସ୍ତ ଧନରତ୍ନ ପଠାଇଥିବାର ଉଲ୍ଲେଖ ମିଳେ।
- **୧୭୩୩ ଖ୍ରୀ.–** ମହମ୍ମଦ ତକି ଖାଁ ୨ୟଥର ଆକ୍ରମଣ କରି ଦିଲ୍ଲୀର ସୁଜାଉଦ୍ଦିନଙ୍କ ପାଖକୁ ୧୧ କୋଟି ୧୧ ଲକ୍ଷ ୮୫ ହଜାର ୧୪୫ ଟଙ୍କା ୮ ଅଣା ୯ ପାହି ପଠାଇଥିଲେ। ସେ ସମୟର ଏଇ ଟଙ୍କାର ମୂଲ୍ୟ ଆକଳନ କରିବା କଥା।

ଲଗାତର ଭାବରେ ଶୋଷଣର ଶିକାର ହୋଇ ଗୋଟିଏ ଜାତିର ମେରୁଦଣ୍ଡ ହୋହଲି ଯାଇଥିଲା। ମରହଟ୍ଟା ଓ ଇଂରେଜମାନେ ଶାସନ ତରିକାରେ ଭାତରେ ମାଇଲେ ତ ହାତରେ ବି ମାଇଲେ। ଏବେ ବି ତା’ର ପ୍ରଭାବ ଅନୁଭୂତ ହେଉଅଛି। ୧୮୧୭ ମସିହାରେ ଯେଉଁ ପାଇକ ଯୁଦ୍ଧ ହୋଇଥିଲା (ଆମ ମତରେ ତାହା ବିଦ୍ରୋହ ନୁହେଁ) ତାହା ଏହି ଶୋଷଣରୁ ହିଁ ଆରମ୍ଭ ହୋଇଥିଲା। ୧୮୦୪ ମସିହାରେ ଶୋଷଣର ପ୍ରତିବାଦ କରି ଜୟୀ ରାଜଗୁରୁ ଯୁଦ୍ଧର ଡାକରା ଦେଇଥିଲେ। ସେଇ ଯୁଦ୍ଧର ପ୍ରଭାବ ୧୮୧୭ ମସିହା ଯୁଦ୍ଧ ଉପରେ ପ୍ରବଳ ପ୍ରଭାବ ପକାଇଥିଲା। ସେତିକିବେଳେ ଏହା ଗଣଯୁଦ୍ଧରେ ପରିଣତ ହୋଇଥିଲା।

---

## କନ୍ୟାଘର ପାଖରୁ ବର ଫେରାର

**ବରଯାତ୍ରୀ ଗାଡ଼ି ଅଟକ ରଖିଲେ ଗ୍ରାମବାସୀ**

**ରଣପୁର, ୨୭।୧ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ଗୌରାଙ୍ଗପୁର ପଞ୍ଚାୟତର ଯଦୁପୁର ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିବାହ ପାଇଁ ଆସୁଥିବା ବର କନ୍ୟା ଘରଠାରୁ ମାତ୍ର କିଛି ହାତ ଦୂରରୁ ଗାଡିରୁ ଫେରାର ହୋଇଯାଇଛନ୍ତି। ଫଳରେ ବୋହୂ ବେଶରେ ସଜେଇ ହୋଇଥିବା ଝିଅଙ୍କ ବିବାହ ହୋଇପାରି ନାହିଁ। କନ୍ୟାଘର ଲୋକେ ଓ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବର ଆଣିଥିବା ଗାଡି ସହିତ କେତେଜଣ ବରଯାତ୍ରୀଙ୍କୁ ଅଟକ ରଖିଥିଲେ।

ରଣପୁର ଅଡାଲ ଗ୍ରାମର ଜମ୍ବେଶ୍ୱର ନାୟକଙ୍କ ପୁଅ ମୁନା ନାୟକ (୨୫)ଙ୍କ ବିବାହ ଯଦୁପୁରର ଗଗନ ବିହାରୀ ମୁଖୀଙ୍କ ଝିଅ ସହିତ ଠିକ୍ ହୋଇଥିଲା। ଶନିବାର ବାହାଘର ପାଇଁ ଅଡାଲ ଗ୍ରାମରୁ ବର ବେଶରେ ବାହାରିଥିଲେ ମୁନା। ୫/୬ଟି ଗାଡିରେ ବନ୍ଧୁବାନ୍ଧବଙ୍କ ସହ ଗ୍ରାମବାସୀ ଓ ବ୍ୟାଣ୍ଡପାର୍ଟି ରାତି ୧୦ଟାରେ ଯଦୁପୁର ଗାଁରେ ପହଞ୍ଚିଥିଲେ। ସେଠାରୁ ବର ସହିତ ବରଯାତ୍ରୀ ପ୍ରସେଶନରେ ବାହାରିଥିଲେ। କନ୍ୟା ଘର ମାତ୍ର କିଛି ହାତ ଦୂରରେ ଥିବାବେଳେ ବର ବେଶରେ ସଜ୍ଜିତ ମୁନା ପରିସ୍ରା କରିବାକୁ କହି ଗାଡିରୁ ବାହାରିଯାଇଥିଲେ। ସେ ପରେ ଆଉ ଫେରି ନ ଥିଲେ। ସେପଟେ ଝିଅ ସଜେଇ ହୋଇ ବରକୁ ଅପେକ୍ଷା କରିଥିଲେ। ରାତି ତମାମ କନ୍ୟା ଘର ଲୋକେ ବରକୁ ଖୋଜାଖୋଜି କରିଥିଲେ ମଧ ପତ୍ତା ପାଇ ନ ଥିଲେ। ପରେ ସେମାନେ ଉତ୍ତ୍ୟକ୍ତ ହୋଇ ବର ନେଇଥିବା ଗାଡିଗୁଡ଼ିକ ସହ ବ୍ୟାଣ୍ଡପାର୍ଟି ଓ ବନ୍ଧୁବାନ୍ଧବଙ୍କୁ ଗ୍ରାମରେ ଅଟକ ରଖିଛନ୍ତି। ଏ ନେଇ ଉଭୟ ପକ୍ଷ ସହ ସମ୍ପୃକ୍ତ ଗାଡ଼ି ମାଲିକମାନେ ଥାନାରେ ଅଭିଯୋଗ କରିଛନ୍ତି।

## ୬୫ ହଜାର ଟଙ୍କାର ଜାଲ୍ ନୋଟ ଜବତ: ୩ ଗିରଫ



ଜବତ ହୋଇଥିବା ଜାଲନୋଟ୍।

**ଲଖନପୁର, ୨୭।୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ପୋଲିସ ରବିବାର ଏକ ଜାଲନୋଟ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଚାଣ୍ଡିପାଲି ଗ୍ରାମର ଦୀନେଶ ବିଶ୍ୱାଳ (୨୪), ଚିକିଲାପାଲିର ବିରାଟ ଗୁପ୍ତା (୫୧) ଓ ଛତିଶଗଡ଼ ପୁଷୋର ଥାନା ତିନିମିନି ଗ୍ରାମର ମୁକୁନ୍ଦ ଗୁପ୍ତା (୪୫)। ଏମାନଙ୍କ ନିକଟରୁ ପୋଲିସ ୧୧୦ଖଣ୍ଡ ୫ଶହ ଟଙ୍କିଆ ଓ ୫ଖଣ୍ଡ ୨ହଜାର ଟଙ୍କିଆ ଜାଲନୋଟ୍ ସହ ଏକ କଲର ପ୍ରିଣ୍ଟର ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ୧୭/୧୯) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଗୀତି ରଞ୍ଜନ ମହାପାତ୍ର କହିଛନ୍ତି।

## ରାମଚନ୍ଦ୍ର ପ୍ରତିହାରୀଙ୍କ ପରଲୋକ

**ପୁରୀ ଅଫିସ, ୨୭।୧**



ବିଶିଷ୍ଟ ମଞ୍ଚ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ତଥା ବର୍ଷିଆନ ଚଳଚ୍ଚିତ୍ର କଳାକାର ରାମଚନ୍ଦ୍ର ପ୍ରତିହାରୀ ଆଉ ନାହାନ୍ତି। ରବିବାର ଅପରାହ୍ଣରେ ଅନ୍ନପୂର୍ଣ୍ଣା ଥିଏଟର ପରିସର ବାସଭବନରେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ମଞ୍ଚ ଜଗତର ଭୀଷ୍ମ ପିତାମହ ଭାବେ ପରିଚିତ ୮୩ ବର୍ଷୀୟ ରାମଚନ୍ଦ୍ର ଅସୁସ୍ଥତା ଯୋଗୁ କିଛିଦିନ ହେବ ଶଯ୍ୟାଶାୟୀ ଥିଲେ। ଦୀର୍ଘ ୬୩ ବର୍ଷ ଧରି ମଞ୍ଚ ନାଟକ ଓ ଚଳଚ୍ଚିତ୍ର ଜଗତ ସହିତ ରହିଆସିଥିବା ଏହି ଅଭିନେତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ ପୂର୍ବତନ ସଂସ୍କୃତି ସହ-ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବରିଷ୍ଠ ଅଭିନେତା ପ୍ରଦୀପ ନାୟକ, ପୁରୀ ଆର୍ଟିଷ୍ଟ ଆସୋସିଏଶନ ସଭାପତି ବିକାଶ ଦତ୍ତ, ସମ୍ପାଦକ ରାମକୃଷ୍ଣ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, କଳାକାର ଓ କଳାପ୍ରେମୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ପ୍ରଦୀପ ପ୍ରତିହାରୀ ମୁଖାଗ୍ନି ଦେଇଥିଲେ।

୧୯୩୬ ଜାନୁୟାରୀ ୧୭ରେ ପୁରୀ ହରଚଣ୍ଡୀ ସାହିସ୍ଥିତ ଶ୍ରୀମନ୍ଦିର ସେବାୟତ (ସୂପକାର) ପରିବାରରେ ରାମଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ। ପିତା ଜମ୍ବେଶ୍ୱର ପ୍ରତିହାରୀ ଓ ମାତା ଗୌରୀମଣି ଦେବୀଙ୍କ ସୁପୁତ୍ର ରାମଚନ୍ଦ୍ରଙ୍କଠାରେ ପିଲାଟି ଦିନରୁ କଳା ପ୍ରତିଭା ବାରିହୋଇ ପଡ଼ିଥିଲା। ଗୌଡବାଡ ସାହି ପ୍ରାଥମିକ ବିଦ୍ୟାଳୟରେ ପଢୁଥିବାବେଳେ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବରେ ‘ରାମରାଜ୍ୟ’ ନାଟକରେ ରାମ ଭୂମିକାରେ ଅଭିନୟ କରି ସମସ୍ତଙ୍କ ନଜରକୁ ଆସିଥିଲେ। ହାଇସ୍କୁଲ୍ ଓ କଲେଜ ପଢ଼ା ସମୟରେ ମଧ ଏକାଧିକ ନାଟକରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଣ୍ଟିଥିଲେ। ୧୯୫୧ରେ ପୁରୀ ଉତ୍କଳ ନାଟ୍ୟ ସଂଘ ପକ୍ଷରୁ ଆୟୋଜିତ ନାଟକ ‘କର୍ଣ୍ଣାର୍ଜ୍ଜୁନ’ ଥିଲା ମଞ୍ଚ ନାଟକରେ ପ୍ରଥମ ଅଭିନୟ। ପରେ ‘ସ୍ୱର୍ଣ୍ଣଲଙ୍କା’, ‘ଦେବଳା ଦେବୀ’, ‘କାରଗାର’ ଓ ‘ଚକ୍ରଧାରା’ ନାଟକ ତାଙ୍କୁ ଜଣେ ଅଭିନେତା ଭାବେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ମଞ୍ଚ ଅଭିନୟ ଲାଗି ସେ ୨୦ବର୍ଷ ବୟସରେ ଘର ଛାଡି ୧୯୫୬ ନଭେମ୍ବର ୧୭ରେ କଟକସ୍ଥିତ ଜନତା ରଙ୍ଗ ମଞ୍ଚରେ ଯୋଗଦାନ କରିଥିଲେ। ଏହି ସମୟରେ ବଳାଇ ଚାନ୍ଦ ବାନାର୍ଜୀ, କୃଷ୍ଣଚନ୍ଦ୍ର ପ୍ରତିହାରୀ, ରାଧାମୋହନ ମହାପାତ୍ରଙ୍କ ଭଳି ଲବ୍ଧ ପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାପରେ ରାମଚନ୍ଦ୍ର ଆଉ ପଛକୁ ଫେରି ନାହାନ୍ତି।

ସେ ଦୁଇ ଶହରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଥିବାବେଳେ ଶହେରୁ ଊର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି। ୧୯୫୭ରେ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ମାନ୍ୟତା ପାଇଥିଲେ। ୧୯୬୦ରେ କଟକ ଘୋଷବଜାରସ୍ଥିତ ମଡର୍ନ ନାଟ୍ୟ ପ୍ରତିଷ୍ଠାନରେ ଯୋଗଦେଇ ପାୟଲ, କଙ୍ଗନ ଓ ବନ୍ଧନ ହିନ୍ଦୀ ନାଟକରେ ନିର୍ଦ୍ଦେଶନା ଦେଇଥିଲେ। ୧୯୬୧ରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ଏ-ଗ୍ରୁପ୍‌ରେ ଜଣେ ଅଭିନେତା ତଥା ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ମଞ୍ଚ ଅଭିନୟ ସହ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ମଧ ସେ ନିଜକୁ ବେଶ୍ ପ୍ରତିଷ୍ଠିତ କରିପାରିଥିଲେ। ୧୯୭୫ରେ ଦୂରଦର୍ଶନ ଭୁବନେଶ୍ୱର ଓ କଟକ ଦ୍ୱାରା ପରିବେଷିତ ୧୪ ଟେଲି ଧାରାବାହିକରେ ଅଭିନୟ କରିଥିଲେ। ସେହିଭଳି ନୀଳମାଧବ, ନୂଆବୋଉ, ମାଣିକଯୋଡି, ଭାଇଭାଉଜ, କିଏ କାହାର, ଘରସଂସାର ଆଦି ୨୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଅନ୍ୟପକ୍ଷରେ ‘ଶ୍ରୀକ୍ଷେତ୍ରରେ ଚନ୍ଦନଯାତ୍ରା’ ଓ ‘ପୁରୀକୁ ଚୈତନ୍ୟ ମହାପ୍ରଭୁଙ୍କ ଆଗମନ’ ନାମକ ଦୁଇଟି ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ସେ ଅପେରା ଜଗତ ସହିତ ମଧ ଜଡିତ ଥିଲେ। ଉତ୍ତରକୂଳ ଅପେରାରେ ୧୦ଟି, ମଙ୍ଗଳା ଗଣନାଟ୍ୟରେ ୨ଟି, ବାଣେଶ୍ୱରୀ ଗଣନାଟ୍ୟରେ ୧୨ଟି ନାଟକରେ ସେ ନିର୍ଦ୍ଦେଶନା ଦେଇଥିଲେ। ପୁରୀର ଓଡ଼ିଶା ସଙ୍ଗୀତ ପରିଷଦରେ ଗୁରୁ ନୃସିଂହନାଥ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ସୀତାର ଓ ଏସ୍‌ରାସ୍ ବାଦନ ଶିକ୍ଷାଗ୍ରହଣ କରିବା ସହ ବିଭିନ୍ନ ବାଦ୍ୟରେ ତାଙ୍କର ଅଭିଜ୍ଞତା ଥିଲା।

ନିଖୁଣ ଅଭିନୟ ତଥା ନିର୍ଦ୍ଦେଶନା ଲାଗି ରାମଚନ୍ଦ୍ର ରାଜ୍ୟ ତଥା ଜାତୀୟ ସ୍ତରରେ ୫୪ରୁ ଊର୍ଦ୍ଧ୍ୱ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ଏଥିମଧ୍ୟରେ ଶ୍ରେଷ୍ଠ ଅଭିନେତା ପୁରସ୍କାର, ଜୟଦେବ ପୁରସ୍କାର, ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ, ଓଡ଼ିଶା ସଙ୍ଗୀତ ଏକାଡେମୀ ସମ୍ମାନ, ନାଟ୍ୟ ସମ୍ରାଟ ଅନ୍ୟତମ।

## ଚୋକ୍‌ସିଙ୍କୁ ଭାରତ ପଠାଇବାକୁ ମନାକଲା ଆଣ୍ଟିଗୁଆ

**ନୂଆଦିଲ୍ଲୀ, ୨୭।୧**

ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ମନା କରିଦେଇଛି ଆଣ୍ଟିଗୁଆ। ତାଙ୍କୁ ଏବେ ଭାରତ ପଠାଯାଉନି ବୋଲି ସେଠାକାର ଜଣେ ଅଧିକାରୀ କହିଛନ୍ତି। ଆଣ୍ଟିଗୁଆ ନାଗରିକ ଚୋକ୍‌ସି ହେଉଛନ୍ତି ୧୩,୫୦୦ କୋଟି ଟଙ୍କା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଦୁର୍ନୀତି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ। ତାଙ୍କୁ ଫେରାଇ ଆଣିବା ଲାଗି ଭାରତ ସ୍ୱତନ୍ତ୍ର ବିମାନ ପଠାଇଥିବା ଗୁଜବ ପ୍ରକାଶ ପାଇବା ପରେ ସେଠାକାର ପ୍ରଧାନମନ୍ତ୍ରୀ ଗାଷ୍ଟନ ବ୍ରୋନେଙ୍କ କାର୍ଯ୍ୟାଳୟର ଚିଫ୍ ଅଫ ଷ୍ଟାଫ୍ ଲିଓନେଲ ମାକ୍ସ ହର୍ଷ୍ଟ ଏକ ଭାରତୀୟ



ମେହୁଲ ଚୋକ୍‌ସି

ନ୍ୟୁଜ ଚ୍ୟାନେଲକୁ ଟେଲିଫୋନ ଯୋଗେ ଉପରୋକ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆମ ଜାଣିବାରେ ଚୋକ୍‌ସି ଭାରତୀୟ ନାଗରିକତ୍ୱକୁ ପରିତ୍ୟାଗ କରିସାରିଛନ୍ତି। ତେଣୁ ଆଣ୍ଟିଗୁଆ ଏବଂ ବାର୍ବୁଡା ତାଙ୍କ ନାଗରିକତ୍ୱ କାଢ଼ିନେଇପାରିବେ ନାହିଁ। କାରଣ ତାହା ହେଲେ ଚୋକ୍‌ସି ରାଷ୍ଟ୍ରବିହୀନ ବ୍ୟକ୍ତି ହୋଇଯିବେ। ତାହା ଆମେ ହେବାକୁ ଦେବୁନାହିଁ ବୋଲି ଲିଓନେଲ କହିଛନ୍ତି। ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ସ୍ୱତନ୍ତ୍ର ବିମାନ ଯୋଗେ ଚୋକ୍‌ସିଙ୍କୁ ଫେରାଇ ଆଣିବା ଲାଗି ଆଣ୍ଟିଗୁଆ ଯାଉଥିବା ଖବର ପ୍ରକାଶ ପାଇଥିଲା। ୱେଷ୍ଟଇଣ୍ଡିଜ୍ କ୍ରିକେଟ ମ୍ୟାଚ୍ ଦେଖିବାକୁ ଭାରତରୁ କିଛି ଲୋକ ଏଠାକୁ ଆସୁଥାଇପାରନ୍ତି ବୋଲି ଲିଓନେଲ କହିଛନ୍ତି। ୩୧ରୁ ଆଣ୍ଟିଗୁଆରେ ଦ୍ୱିତୀୟ ଟେଷ୍ଟ ସିରିଜ ଆରମ୍ଭ ହେଉଛି।

## ୨୯ରେ ଆସିବେ ଶାହ

- ରାହୁଲ ମିଛୁଆ କମ୍ପାନୀର ସିଇଓ: ଅରୁଣ ସିଂ
- ଅରୁଣ ଭୁଲ୍‌ରେ କହିଦେଇଛନ୍ତି: ଶରତ

**ଭୁବନେଶ୍ୱର, ୨୭।୧ (ବ୍ୟୁରୋ)**

କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସି ଭାଜପା ଓ ବିଜେଡି ଉପରେ ବର୍ଷିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆକ୍ଷେପ କରି ଦେଶର ଚୌକିଦାର ନିଜେ ଚୋର ବୋଲି ସେ କହିଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ମନ୍ତ୍ରୀମାନେ ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ, ଯେଉଁଥିପାଇଁ ଚୌକିଦାରଙ୍କ ହାତରେ ନବୀନ ରିମୋଟ୍ ଅଛି ବୋଲି କହି ରାହୁଲ ସମାଲୋଚନା କରିଥିଲେ। ରାହୁଲଙ୍କ ଏଭଳି ଆଭିମୁଖ୍ୟ ନେଇ ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ପାଲଟା ଆକ୍ରମଣ କରିଛନ୍ତି। ରବିବାର ଓଡ଼ିଶା ଗସ୍ତରେ ଆସି ଅରୁଣ କହିଛନ୍ତି, ରାହୁଲଙ୍କ ଗସ୍ତର କୌଣସି ପ୍ରଭାବ ଦଳ ଉପରେ ପଡ଼ିବ ନାହିଁ। ରାହୁଲ ହେଉଛନ୍ତି ମିଛୁଆ କମ୍ପାନୀର ସିଇଓ। ଦଳର ମିଶନ ୧୨୦ ନିଶ୍ଚିତ ସଫଳ ହେବ। ୨୯ ଓ ୩ ତାରିଖରେ ଦଳର ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଓଡିଶା ଆସିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ବାରମ୍ବାର ଗସ୍ତରେ ଆସିବେ। ଅରୁଣଙ୍କ ଏଭଳି ମନ୍ତବ୍ୟକୁ ନେଇ କଂଗ୍ରେସର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ଅରୁଣ ଭୁଲ୍‌ରେ ରାହୁଲ ମିଛୁଆ କମ୍ପାନୀର ସିଇଓ ବୋଲି କହିଦେଇଛନ୍ତି। ପ୍ରଧାନମନ୍ତ୍ରୀ ଓ ଶାହ ମିଛୁଆ କମ୍ପାନୀର ସିଇଓ। ସେମାନେ ଲୋକଙ୍କ ଆକାଉଣ୍ଟରେ ୧୫ଲକ୍ଷ ଟଙ୍କା ଜମା କରିବେ ଓ ୨କୋଟି ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେବେ କହି ଭୋଟ ନେଇଛନ୍ତି। ରାହୁଲଙ୍କ ଗସ୍ତର ପ୍ରଭାବ ଭାଜପା ଉପରେ ପଡିବାର କୌଣସି ଆବଶ୍ୟକତା ନାହିଁ। ତାଙ୍କର ସେମିତି ସ୍ଥିତି ନାହିଁ, ଯେଉଁଥିପାଇଁ ତାଙ୍କ ଉପରେ ପ୍ରଭାବ ପଡିବା କଥା ଆମେ ଚିନ୍ତା କରିବୁ।

## ସୁନ୍ଦରୀକୁ ଜଗିବେ ମହେନ୍ଦ୍ର, ରାଜକୁମାର

**ଶିମିଳିପାଳରୁ ଗଲେ ସାତକୋଶିଆ**

**ବାରିପଦା ଅଫିସ, ୨୭।୧**

ସାତକୋଶିଆ ଅଭୟାରଣ୍ୟରେ ଥିବା ବାଘୁଣୀ ସୁନ୍ଦରୀକୁ ଜଗିବା ପାଇଁ ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟରୁ ମହେନ୍ଦ୍ର ଓ ରାଜକୁମାର ନାମକ ଦୁଇ ହାତୀଙ୍କୁ ରବିବାର ସ୍ଥାନାନ୍ତରିତ କରାଯାଇଛି। ଦୁଇ ହାତୀଙ୍କ ସହ ୪ ମାହୁନ୍ତ ଏବଂ ଦୁଇ ଜଣ ଡାକ୍ତରଙ୍କୁ ପଠାଯାଇଛି। ହାତୀ ସ୍ଥାନାନ୍ତରଣକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପୂର୍ବରୁ ବିରୋଧ କରୁଥିବାବେଳେ ଏବେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୦୦୧ରେ କର୍ଣ୍ଣାଟକରୁ ବନ ବିଭାଗ ଦ୍ୱାରା ଶିମଳିପାଳ ଅଭୟାରଣ୍ୟକୁ ମହେନ୍ଦ୍ର ଓ ରାଜକୁମାରଙ୍କୁ ଅଣାଯାଇଥିଲା। ମହେନ୍ଦ୍ରର ବୟସ ୫୭ ହୋଇଥିବାବେଳେ ରାଜକୁମାର ୧୬ ବର୍ଷୀୟ। ଶିମିଳିପାଳ ଅଭୟାରଣ୍ୟରେ ଏହି ଦୁଇ ହାତୀ ବୁଲି ନିରୀକ୍ଷଣ କରିବା ସହ ଅନ୍ୟ ଜୀବଜନ୍ତୁଙ୍କ ସହିତ ଶିକାରୀମାନଙ୍କ ଉପରେ ନଜର ରଖୁଥିଲେ। ଅନ୍ୟପକ୍ଷରେ ଅନୁଗୋଳ ଜିଲା ସାତକୋଶିଆ ଜଙ୍ଗଲକୁ ଗତ ମେ’ରେ ମଧ୍ୟପ୍ରଦେଶର କାହ୍ନାରୁ ବାଘୁଣୀ ସୁନ୍ଦରୀକୁ ଅଣାଯାଇ ରଖାଯାଇଥିଲା। ତେବେ ଶିମିଳିପାଳର ଏହି ଦୁଇ ହାତୀଙ୍କ ନିକଟରେ ଉତ୍ତମ ଦକ୍ଷତା ଥିବାରୁ ଦୁହେଁ ସୁନ୍ଦରୀ ପାଖେ ପାଖେ ରହି ତା’ର ଚାଲିଚଳନ ଓ ଗତିବିଧି ନିରୀକ୍ଷଣ କରିପାରିବେ ବୋଲି ବନ ବିଭାଗ ନିଷ୍ପତ୍ତି ନେଇଥିଲା। ସୁନ୍ଦରୀକୁ ନଜର ରଖିବା ଉଦ୍ଦେଶ୍ୟରେ ଶିଳିପାଳରୁ ସାତକୋଶିଆ ଜଙ୍ଗଲକୁ ପଠାଇବା ପାଇଁ ପୂର୍ବରୁ ଦୁଇ ଥର ଉଦ୍ୟମ କରି ଫେଲ ମାରିଥିଲା। ଶେଷରେ ଏହି ଘଟଣା ଉପରେ ଗତ ଶନିବାର ଯବନିକା ପଡ଼ିଛି। ଏନେଇ ଡିଡି ଏସ୍‌ଟିଆର (ଡେପୁଟି ଡାଇରେକ୍ଟର ଅଫ ଶିମିଳିପାଳ ଟାଇଗର୍ ରିଜର୍ଭ) ଯଜ୍ଞଦତ୍ତ ପତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମହେନ୍ଦ୍ର ଓ ରାଜକୁମାରଙ୍କୁ ଯଶୀପୁରଠାରୁ ଏକ ଟ୍ରକ ଯୋଗେ ଅନୁଗୋଳ ଜିଲା ସାତକୋଶିଆ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନଙ୍କୁ ଛାଡିବା ପାଇଁ ପୂର୍ବରୁ ଯେଉଁ ବିରୋଧ ହେଉଥିଲା ତାହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା ମଧ କରାଯାଇଥିଲା। ଏହା ସହ ଉକ୍ତ ହାତୀ ଦ୍ୱୟଙ୍କୁ ଶୀଘ୍ର ଶିମିଳିପାଳକୁ ଫେରାଇ ଅଣାଯିବ ବୋଲି ମଧ କହିଛନ୍ତି।

## ଜୀବିତ ସ୍ୱାଧୀନତା ସଂଗ୍ରାମୀଙ୍କୁ ମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

**ନବରଙ୍ଗପୁର, ୨୭।୧ (ବି.ପ୍ର.)**

ସାଧାରଣତନ୍ତ୍ର ଦିବସରେ ଜାତୀୟ ସଙ୍ଗୀତ, ଶହୀଦ ଓ ଜାତୀୟ ପତାକାକୁ ସମ୍ମାନ ଦିଆଯାଇଥାଏ। ଦୁର୍ଭାଗ୍ୟର ବିଷୟ ନବରଙ୍ଗପୁର ଷ୍ଟାଡିୟମ ଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡଃ. ନୃସିଂହ ଚରଣ ସାହୁ ଜାତୀୟ ପତାକା ଉତ୍ତୋଳନ କରିବା ପରେ ବକ୍ତବ୍ୟରେ ଜୀବିତ ଥିବା ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜୀ ସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାକୁ କଂଗ୍ରେସ ନିନ୍ଦା କରିବା ସହ ମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ଖବରଦାତା ସମ୍ମିଳନୀରେ କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଓଡିଶାର ୧୨ ଜଣ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ଜୀବିତ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମହମ୍ମଦ ବାଜୀ ସାହେବ। ସେ ରାଜ୍ୟର ଜଣେ ରତ୍ନ। ଯିଏକି ସ୍ୱାଧୀନତା ସଂଗ୍ରାମ ପାଇଁ ବହୁବାର କାରାବରଣ କରିଛନ୍ତି। ୧୨ ଶହ କିଲୋମିଟର ପଦଯାତ୍ରା କରିଥିଲେ। ଏହିଭଳି ଜଣେ ଜାତୀୟ ସମ୍ପତ୍ତିକୁ ମନ୍ତ୍ରୀ ସାହୁ ମୃତ ଘୋଷଣା କଲେ ତାହାକୁ ଜିଲା କଂଗ୍ରେସ କମିଟି ନିନ୍ଦା କରୁଛି।

## ଟା’ ବିକାଳି ନ ଥିଲେ ମୋଦି

**ଆରଟିଆଇ ତଥ୍ୟ**

**ବଲାଙ୍ଗୀର ଅଫିସ, ୨୭।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ସମଗ୍ର ଦେଶରେ ବିଭିନ୍ନ ସମୟରେ ବହୁ ଆଲୋଚନା ହେଉଛି। ମୋଦିଙ୍କ ଏ ସମ୍ପର୍କୀୟ ବ୍ୟକ୍ତିଗତ ଜୀବନର ସବିଶେଷ ତଥ୍ୟ ଇତିମଧ୍ୟରେ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କ ହସ୍ତଗତ ହୋଇଛି। ଉତ୍ତର ପ୍ରଦେଶର ବାରାଣସୀ ଜିଲା ନିର୍ବାଚନ ଅଧିକାରୀଙ୍କ ପାଖରେ ମୋଦି ନିଜେ ଦାଖଲ କରିଥିବା ସତ୍ୟପାଠର



ନରେନ୍ଦ୍ର ମୋଦି

ନକଲ ପଣ୍ଡାଙ୍କୁ ସୂଚନା ଅଧିକାର ଆଇନ ବଳରେ ପ୍ରଦାନ କରାଯିବା ପରେ ବହୁ ରୋଚକ ତଥ୍ୟ ଜଣାପଡିଛି। ପତ୍ର ସଂଖ୍ୟା ୧୦୪୩/ନିର୍ବାଚନ-୨୦୧୮ ତା ୮ ଡିସେମ୍ବର ୨୦୧୮ ଯୋଗେ ବାରାଣସୀ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏହି ତଥ୍ୟ ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୯୬୭ ମସିହାରେ ଗୁଜରାଟ ବୋର୍ଡ ଏସ୍‌ଏସ୍‌ସିରୁ ମାଟ୍ରିକ ପାସ୍ କରିଥିବାବେଳେ ୧୯୭୮ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ କଳା ବିଭାଗରେ ସ୍ନାତକ ଓ ଗୁଜରାଟ ବିଶ୍ୱବିଦ୍ୟାଳୟରୁ ୧୯୮୩ରେ କଳାରେ ସ୍ନାତକୋତ୍ତର ଯୋଗ୍ୟତା ହାସଲ କରିଥିବା ଏହି ତଥ୍ୟରୁ ଜଣାଯାଇଛି। ମାଟ୍ରିକରୁ ସ୍ନାତକୋତ୍ତର ଯୋଗ୍ୟତା ହାସଲ ପାଇଁ ମୋଦିଙ୍କୁ ଦୀର୍ଘ ୧୬ ବର୍ଷ ଲାଗିଥିଲା। ହାଇସ୍କୁଲ ସାର୍ଟିଫିକେଟ ତଥା ମାଟ୍ରିକରୁ ସ୍ନାତକ ଯୋଗ୍ୟତା ପାଇଁ ତାଙ୍କୁ ଦୀର୍ଘ ୧୧ ବର୍ଷ ଲାଗିଥିବାବେଳେ ସ୍ନାତକ ଶ୍ରେଣୀରୁ ସ୍ନାତକୋତ୍ତର ଯୋଗ୍ୟତା ପାଇଁ ୫ବର୍ଷ ଲାଗିଥିଲା। ମୋଦି ତାଙ୍କ ନିଜ ପେସା ବା ବ୍ୟବସାୟ ରାଜନୈତିକ କାର୍ଯ୍ୟ ଏବଂ ସାର୍ବଜନୀନ ଜୀବନ ବୋଲି ଉଲ୍ଲେଖ କରିଥିବା ଜଣାଯାଇଛି। ଟା’ ବିକିବା ସମ୍ପର୍କରେ ଏହି ସତ୍ୟପାଠରେ ସେ ଉଲ୍ଲେଖ କରି ନ ଥିବା ଜଣାଯାଇଛି। ତାଙ୍କ ସ୍ତ୍ରୀ ଯଶୋଦା ବେନଙ୍କ ପେଶା, ବ୍ୟବସାୟ, ଆୟକର ସମ୍ପର୍କୀୟ କୌଣସି ତଥ୍ୟ ମୋଦି ଜାଣନ୍ତି ନାହିଁ ବୋଲି ଏହି ତଥ୍ୟରୁ ଜଣାପଡିଥିବା ସୂଚନା କର୍ମୀ ପଣ୍ଡା ଜଣାଇଛନ୍ତି। ଏହି ତଥ୍ୟ ମୋଦିଙ୍କ ବ୍ୟକ୍ତିଗତ ଜୀବନର ଅବ୍ୟବସ୍ଥିତ ଅଂଶକୁ ପ୍ରଦର୍ଶିତ କରୁଛି ବୋଲି ସୂଚନା କର୍ମୀ ହେମନ୍ତ ପଣ୍ଡା ପ୍ରକାଶ କରିଛନ୍ତି।

ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# SAMPLE PAPER # 9

## CLASS-X (SOCIAL SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

1. ***The question paper has 27 questions in all. All questions are compulsory.***
2. ***Questions from serial number 1 to 7 are very short answer questions. Each question carries one mark.***
3. ***Questions from serial number 8 to 18 are 3 marks questions. Answer of these questions should not exceed 80 words each.***
4. ***Questions from serial number 19 to 25 are 5 marks questions. Answer of these questions should not exceed 100 words each.***
5. ***Questions 26 and 27 are map questions. Question number 26 is of 2 marks. Question number 27 is of 3 marks.***

1. Which was the most powerful weapon used by the Spanish to conquer America ?

**OR**

Who introduced the assembly line method for producing automobiles on a large sacle ?

**OR**

Why were British industrial workers encouraged to spend their holidays by the sea?

2. Which is the highest institution of Panchayati Raj in India ?
3. What is the most important benefit of “Hydrological cycle” ?
4. Who elects the Community Government in Belgium ?
5. Indian Government has imposed tax on important of Chinese toys to promote Indian toys. By what term it is known in globalization ?
6. Which area is known as the Rhur of India ?
7. Who was called Bismarck of Italy ?

**OR**

Why did scholars revolt take place in 1868 ?

8. Why did Mahatma Gandhi lay emphasis on spinning yarn and weaving khadi ?
9. When a consumer is buying a product, he/she has right to know which information about product ? What will be your responsibility as a consumer if you find any defect in the product of false information ?
10. Why is conservation of minerals essential ?
11. Explain the foundational challenge faced by democracies.
12. What role can citizens play in strengthening democracy ?
13. “Most of the poor households are still dependent on informal sources of credit”. Why ? Do you see the ineffectiveness of India Banking System in this situation ?
14. Printed matter introduced debate and discussion in our society”. Justify the statement.

**OR**

“The novels created space for minorities in the society”. Establish the validity of the statement with the help of an example.

15. Make a distinction between hydroelectricity and thermal electricity stating three points of distinction.
16. What do you mean by unorganized sector ? Give two disadvantages of the unorganized sector ?
17. How did icon and symbols of India develop the sense of collective belongingness.
18. Discuss the steps to be taken to minimize environmental degradation by industry.
19. Summarise the attributes of a nation, as Ernest Renan understands them. Why in his views, nations are important ?

**OR**

How can you say that US citizens were against the US-Vietnamese war ?

20. How does culture of people play a significant role in strengthening nationalistic feelings?

**OR**

How did the Vietnamese use their limited resources to great advantage in US Vietnamese war ?

21. Suggest any six measures to solve the problem of land degradation.
22. What will happen if there would be no political party in country ?
23. Democracy is the best way to fight for recognization and reconciliation of social diversity. Justify the statement.
24. Suggest various ways for generating employment opportunities both in rural and urban areas.
25. Why are better public facilities needed for the development of the country ? Explain any four public facilities.
26. On the given political outline map of India, mark and locate the following:

i. The place where the Civil Disobedience Movement started

ii. The place where the Indian National Congress Session was held in 1929.



27. Three features (i), (ii) and (iii) are marked on the given map. Identify them and write their names in the marked on the map.

(i) Cotton textile centre in Tamil Nadu

(ii) Iron and steel plant in Chhatisgarh

(iii) A major port in Goa




Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 2nd FEBRUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ସ୍ୱାସ୍ଥ୍ୟ ଓ ସନ୍ତୋଷଜନକ ଜୀବନଶୈଳୀ



ଡା. ଅନନ୍ତ କୁମାର ଆଚାର୍ଯ୍ୟ



**ଖାଦ୍ୟ ପଦାର୍ଥକୁ ଖୁବ୍‌ଶୀଘ୍ର ବା ବହୁତ ଧୀରେ ଖାଇବା ଉଚିତ ନୁହେଁ। ଗପସପରେ ମଜି ରହି, ହସିହସି ବା ଟେଲିଭିଜନ ଦେଖି ଖାଇବା ଉଚିତ ନୁହେଁ। ଭୋଜନ ପ୍ରାରମ୍ଭରେ ମଧୁର ରସଯୁକ୍ତ ଖାଦ୍ୟ, ମଧ୍ୟଭାଗରେ ଲବଣ ଓ ଅମ୍ଳ ରସଯୁକ୍ତ ଖାଦ୍ୟ ଏବଂ ଶେଷରେ ପିତା-କଷା ରସଯୁକ୍ତ ଖାଦ୍ୟ ଗ୍ରହଣ ବିଧେୟ। ଖାଇବାର ୧୫ ମିନିଟ୍ ପୂର୍ବ ଓ ଖାଇବାର ୧୫ ମିନିଟ୍ ପରବର୍ତ୍ତୀ ସମୟ ମଧ୍ୟରେ ପାଣି ପିଇବା ଉଚିତ ନୁହେଁ ...**





ଆୟୁର୍ବେଦ ଏକ ପ୍ରାଚୀନ ଜୀବନ-ବିଜ୍ଞାନ, ଯାହା ସମୁଚିତ ଆହାର ତଥା ଜୀବନଶୈଳୀ ମାଧ୍ୟମରେ ସ୍ୱାସ୍ଥ୍ୟ ସଂରକ୍ଷଣ, ରୋଗ ପ୍ରତିରୋଧ ତଥା ଚିକିତ୍ସା ମାଧ୍ୟମ ଦ୍ୱାରା ରୋଗର ଉପଚାରକୁ ମହତ୍ତ୍ୱ ପ୍ରଦାନ କରେ। ଆୟୁର୍ବେଦ ଚିକିତ୍ସା ଅନୁସାରେ ସୁସ୍ଥ ଜୀବନପ୍ରାପ୍ତି ନିମିତ୍ତ ଦୈନନ୍ଦିନ ଜୀବନଶୈଳୀ ବିଶଦ ଭାବେ ବର୍ଣ୍ଣନା କରାଯାଇଛି।

**ପ୍ରାତରୁତ୍ଥାନ (ସକାଳୁ ଉଠିବା):** ସୂର୍ଯ୍ୟୋଦୟ ଦୁଇଘଣ୍ଟା ପୂର୍ବରୁ (ବ୍ରାହ୍ମ ମୁହୂର୍ତ୍ତ) ଶଯ୍ୟାତ୍ୟାଗ କରି ପ୍ରତିଦିନର କାର୍ଯ୍ୟକୁ ସାମ୍ନା କରିବାକୁ ନିଜକୁ ପ୍ରସ୍ତୁତ ରଖିବାକୁ ହୁଏ। ଏହି ସମୟରେ ବାୟୁମଣ୍ଡଳ ପ୍ରଦୂଷଣମୁକ୍ତ ଥାଏ। ଫଳରେ ଆମକୁ ଅଧିକ ଅମ୍ଳଜାନ ମିଳେ। ଏହାଛଡା ଏହି ସମୟରେ ଶରୀରରେ କେତେକ ରାସାୟନିକ ପଦାର୍ଥ ଉତ୍ପନ୍ନ ହୁଏ, ଯଦ୍ୱାରା ଶାରୀରିକ ଶକ୍ତି ଓ ମାନସିକ ସ୍ଫୂର୍ତ୍ତି ଉତ୍ପନ୍ନ ହୁଏ।

**ଉଷଃପାନ (ସକାଳେ ପାଣି ପିଇବା):** ଶଯ୍ୟା ତ୍ୟାଗ ପରେ ହାତ ପାଦ ମୁହଁ ଧୋଇଲା ପରେ ମାଟିପାତ୍ର ବା ତମ୍ବାପାତ୍ରରେ ଥିବା ସାଧାପାଣି/ସାମାନ୍ୟ ଉଷୁମ ପାଣି ୪ ଅଳି (ପ୍ରାୟତଃ ୭୫୦ମି.ଲି.) ମାତ୍ରାରେ ପିଇବା ଉଚିତ। ଏହା ଦ୍ୱାରା ଅନ୍ତ୍ରର ପୁରଃସରଣ ଗତି ସକ୍ରିୟ କରି ମଳ ତଥା ମୂତ୍ରର ନିଷ୍କ୍ରମଣ ସୁଗମ କରାଏ ଏବଂ ପାଚନ ଶକ୍ତି ବୃଦ୍ଧି କରାଇ ପେଟରୋଗ ନାଶ କରେ।

**ମଳମୂତ୍ର ତ୍ୟାଗ :** ପ୍ରାତଃ କାଳରେ ନିୟମିତ ମଳମୂତ୍ର ତ୍ୟାଗର ପ୍ରବୃତ୍ତି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ମଳମୂତ୍ର ପରି ପ୍ରାକୃତିକ ବେଗକୁ ପ୍ରତିରୋଧ କଲେ ଅନେକ ରୋଗ ଉପୁଜିଥାଏ।

**ଦନ୍ତଧାବନ ଓ ଜିହ୍ୱାନିର୍ଲେଖନ (ଦାନ୍ତ ଘଷିବା ଓ ଜିଭ ସଫା କରିବା) :** ମଳତ୍ୟାଗ ପରେ ହାତ ପାଦକୁ ଭଲ ଭାବରେ ସଫା କରିବା ପରେ ଦାନ୍ତ ଘଷିବା ଉଚିତ। ଅଇଁଠା ପ୍ଲାଷ୍ଟିକ ବ୍ରସ୍‌କୁ ପ୍ରତିଦିନ ପାଟିରେ ପୂରାଇ ଦାନ୍ତ ଘଷିବା ଅପେକ୍ଷା ମହୁଲ, କର, ନିମ୍ବ, ଖଇର, ବର, ଅସନ, ଅପମାର୍ଗ, ଅର୍ଜୁନ ଦାନ୍ତକାଠି ବ୍ୟବହାର କରିବା ଉଚିତ। ବ୍ରସ୍‌କୁ ପ୍ରତିଦିନ ପାଣିରେ ଫୁଟାଇ ବ୍ୟବହାର କରିବା ଉଚିତ। ଦାନ୍ତସଫା ନିମିତ୍ତ ତ୍ରିଫଳା ଚୂର୍ଣ୍ଣ ବା ତ୍ରିକଟୁ (ଶୁଣ୍ଠି, ପିପ୍ପଳି, ଗୋଲମରିଚ) ଚୂର୍ଣ୍ଣ ବ୍ୟବହାର କରିବା ଉଚିତ। ଦାନ୍ତ ଘଷିବା ଦ୍ୱାରା ଦାନ୍ତ ରୋଗ ହୁଏନାହିଁ ଓ ଖାଦ୍ୟ ପ୍ରତି ରୁଚି ଆସେ। ଦାନ୍ତ ଘଷିବା ପରେ ଲୁଣପାଣିରେ କୁଳି (କବଳ) କରିବା ଦ୍ୱାରା ଦାନ୍ତମାଢ଼ି, ମୁଖମଣ୍ଡଳ ଓ ଗଳା ସୁସ୍ଥ ରହେ।

**ନସ୍ୟକର୍ମ:** ପ୍ରତିଦିନ ସକାଳେ ନିୟମିତ ପ୍ରତ୍ୟେକ ନାକପୁଡାରେ ୩-୫ ବୁନ୍ଦା ରାଶିତେଲ, ଘିଅ ବା ଅଣୁତେଲ ପରି ଔଷଧୀୟ ତେଲ ପକାଇ ଗ୍ରହଣ କରିବା ଉଚିତ। ଏହାକୁ ନସ୍ୟକର୍ମ କହନ୍ତି। ଏହାଦ୍ୱାରା ଆଖି, କାନ, ନାକ, କାନ୍ଧ, ମୁଣ୍ଡ ଓ କେଶ ସୁସ୍ଥ ରହେ। ମୁହଁର ଚର୍ମ ସଙ୍କୋଚ, କେଶ ଉପୁଡ଼ିବା, କେଶ ପାଚିବା, ଚନ୍ଦା ହେବା ଦୂରହୁଏ। ମୁଣ୍ଡବ୍ୟଥା, ପକ୍ଷାଘାତ, ମାନସିକ ବିକାର, ଚର୍ମରୋଗ ଉପଶମ ହୁଏ, ଦାନ୍ତ ସୁଦୃଢ଼ ହୁଏ ଓ ଦୃଷ୍ଟିଶକ୍ତି ବୃଦ୍ଧିପାଏ ତଥା ଶାରୀରିକ କ୍ଳାନ୍ତି ଦୂର ହୁଏ।

**ଗଣ୍ଡୁଷଧାରଣ (ପାଟିରେ ତରଳପଦାର୍ଥ ଧାରଣ):** ଔଷଧ ଦ୍ରବ୍ୟ ଦ୍ୱାରା ସିଦ୍ଧ ଉଷ୍ଣପାଣି ବା ଥଣ୍ଡାପାଣି, ରାଶିତେଲ, ସୋରିଷ ତେଲ, ଘିଅ, ଅଣ୍ଡାକ୍ଷୀର, ମହୁ କିମ୍ବା ମହୁମିଶ୍ରିତ ଜଳକୁ ପାଟି ମଧ୍ୟରେ ଭରି ରଖିବାକୁ ଗଣ୍ଡୁଷଧାରଣ କହନ୍ତି। ଆଖି, ନାକରୁ ପାଣି ବାହାରିବା ପର୍ଯ୍ୟନ୍ତ ଏହାକୁ ଧାରଣ କରାଯାଏ। ଏହା ଇନ୍ଦ୍ରିୟମାନଙ୍କର କ୍ଷମତାକୁ ବଢ଼ାଏ। ମୁଖମଣ୍ଡଳର ଚର୍ମ ସଙ୍କୋଚ ନାଶକରେ; କେଶ ପକ୍ୱତା ବିଳମ୍ବରେ ହୁଏ, ଆଖି ଚାରିପାଖରେ କଳାଦାଗ ଦୂରହୁଏ। ମୁଖମଣ୍ଡଳର ଶୁଷ୍କତା, ପାଟିଘାଆ, ମୁଖରୋଗ, ଦନ୍ତହର୍ଷ, ଅରୁଚି, ଗଳାଦରଜ, ଗଳା କର୍କଶ ନାଶ ହୁଏ।

**ତେଲମାଲିସ୍ (ଅଭ୍ୟଙ୍ଗ) :** ଗଣ୍ଡୁଷଧାରଣ ପରେ ସମଗ୍ର ଶରୀରରେ ବିଶେଷତଃ ମୁଣ୍ଡ, କାନ ଓ ପାଦରେ ରାଶିତେଲ/ସୋରିଷତେଲ/ ନଡ଼ିଆତେଲ ଅଥବା ଔଷଧୀୟ ତେଲ ମାଲିସ କରିବା ଉଚିତ। ଏହାଦ୍ୱାରା ଚର୍ମ ଓ ମାଂସପେଶୀରେ ମୃଦୁତା ଓ ସ୍ନିଗ୍ଧତା ବଢ଼େ। ହାଡ଼ଗଣ୍ଠିରେ ନମନୀୟତା ଏବଂ ଶରୀରରେ ରକ୍ତ ସଞ୍ଚାଳନ ବୃଦ୍ଧି ଘଟେ। ମୁଣ୍ଡ ଓ ମସ୍ତିଷ୍କର ଶକ୍ତି ବଢ଼ାଏ କେଶକୁ କଳା, ଦୀର୍ଘ ଓ ମଜବୁତ ରଖେ। ଶ୍ରବଣଶକ୍ତି ବୃଦ୍ଧି, ଉତ୍ତମ ନିଦ୍ରା ତଥା ସ୍ୱାସ୍ଥ୍ୟରକ୍ଷା କରିବାରେ ଏହା ସହାୟକ ହୋଇଥାଏ।

**ବ୍ୟାୟାମ :** ସୁସ୍ଥ ରହିବା ପାଇଁ ବିଶେଷ ରୂପେ ବସନ୍ତ ଓ ଶୀତଋତୁରେ ନିୟମିତ ବ୍ୟାୟାମ କରିବା ଉଚିତ। ମୁହଁରେ ଶୁଷ୍କତା ତଥା ଲଲାଟ ଓ କାଖରୁ ଝାଳ ବାହାରିବା ପର୍ଯ୍ୟନ୍ତ ବ୍ୟାୟାମ କରିବା ଉଚିତ। ଏହି ବ୍ୟାୟାମରେ ଯେକୌଣସି ଶାରୀରିକ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯାଏ। ବ୍ୟାୟାମ ଦ୍ୱାରା ଫୁସ୍‌ଫୁସ୍‌ରେ ଦକ୍ଷତା, ରକ୍ତସଞ୍ଚାଳନ ବୃଦ୍ଧି ଏବଂ ରୋଗ ପ୍ରତିରୋଧକ ଶକ୍ତି, ପାଚନ ଶକ୍ତି, ଇନ୍ଦ୍ରିୟ କ୍ଷମତା ଓ ସ୍ମରଣ ଶକ୍ତି ବୃଦ୍ଧି ପାଏ। କାଶ, ଯକ୍ଷ୍ମା, ହୃଦ୍‌ରୋଗ ପରି ରୋଗ ଥିଲେ ଏବଂ ଗ୍ରୀଷ୍ମ/ବର୍ଷାଋତୁ ସମୟରେ ବ୍ୟାୟାମ ପ୍ରକାର ଓ ମାତ୍ରା ଚିକିତ୍ସକୀୟ ପରାମର୍ଶରେ ଗ୍ରହଣ କରିବା ଉଚିତ।

**କ୍ଷୌରକର୍ମ:** ଦାଢ଼ି, ନଖ ଏବଂ କେଶ ୫-୧୫ଦିନ ମଧ୍ୟରେ କାଟିବା ସ୍ୱାସ୍ଥ୍ୟାନୁକୁଳ। ଏହା ଶରୀର ଲଘୁତା ଓ ଉତ୍ସାହବର୍ଦ୍ଧକ ହୋଇଥାଏ।

**ଉଦ୍ୱର୍ତ୍ତନ:** ବ୍ୟାୟାମ ପରେ ଶରୀରରେ କେଶର ବିପରୀତ ଦିଗରେ ଔଷଧୀୟ ସୂକ୍ଷ୍ମ ଚୂର୍ଣ୍ଣମାଲିସ କରିବା ଉଚିତ। ଏହା ଶରୀରର ଚର୍ବିକୁ କମାଏ, ଚର୍ମ ସଫା ରଖେ, ଅଙ୍ଗରେ ଦୃଢ଼ତା ତଥା ରଙ୍ଗରେ ଚମକତା ଆଣେ। ଏହା ବାତରୋଗ ଓ ଚର୍ମରୋଗ ଉପଚାରରେ ଲାଭଦାୟକ।

**ସ୍ନାନ:** ଉଦ୍ୱର୍ତ୍ତନ ପରେ ନାତିଶୀତୋଷ୍ଣ ପାଣିରେ ଗାଧୋଇବା ଉଚିତ। ଏହାଦ୍ୱାରା ଶରୀର ବାହ୍ୟତଃ ପରିଷ୍କାର ହୁଏ ଓ କୁତ୍ସିତ ଗନ୍ଧ ଦୂରହୁଏ। ଏହାଛଡ଼ା ଶରୀରରେ ଜ୍ୱାଳା, ଅବସାଦ ଦୂର କରିବାରେ ସହାୟକ ହୁଏ। ଏହା ଆୟୁ, କ୍ଷୁଧା, ଶକ୍ତି, ସାହସ, ପବିତ୍ରତା ବୃଦ୍ଧି କରାଏ। ଉଷ୍ଣଜଳରେ ସ୍ନାନର ଆବଶ୍ୟକତା ଥିଲେ ମୁଣ୍ଡକୁ ଛାଡ଼ି ସ୍ନାନ କରିବା ଉଚିତ। କାରଣ ଉଷ୍ଣଜଳ ଆଖି ପାଇଁ ହାନିକାରକ, ଏହାଛଡ଼ା ଭୋଜନ ପରେ ସଙ୍ଗେସଙ୍ଗେ ଗାଧୋଇବା ଅନୁଚିତ।

**ଆହାର:** ଆହାର ସେବନ ଦେଶ, କାଳ, ଋତୁ ଏବଂ ଅଭ୍ୟାସ ଅନୁସାରେ କରିବା ଉଚିତ। ଖାଦ୍ୟ ଗ୍ରହଣ ପୂର୍ବରୁ ହାତକୁ ସାବୁନରେ ଧୋଇ ବିଶୁଦ୍ଧ ପରେ ସାମାନ୍ୟ ଜଳ ଆଚମନ କରିବା ଉଚିତ। ଫଳରେ ଖାଦ୍ୟ ଗ୍ରହଣ ସୁଗମ ହୁଏ। ଖାଦ୍ୟ ପଦାର୍ଥକୁ ଖୁବ୍ ଶୀଘ୍ର ବା ବହୁତ ଧୀରେ ଖାଇବା ଉଚିତ ନୁହେଁ। ଗପସପରେ ମଜ୍ଜି ରହି, ହସିହସି ବା ଟେଲିଭିଜନ ଦେଖି ଖାଇବା ଉଚିତ ନୁହେଁ। ଭୋଜନ ପ୍ରାରମ୍ଭରେ ମଧୁର ରସଯୁକ୍ତ ଖାଦ୍ୟ, ମଧ୍ୟଭାଗରେ ଲବଣ ଓ ଅମ୍ଳ ରସଯୁକ୍ତ ଖାଦ୍ୟ ଏବଂ ଶେଷରେ ପିତା-କଷା ରସଯୁକ୍ତଖାଦ୍ୟ ଗ୍ରହଣ ବିଧେୟ। ଖାଇବାର ୧୫ ମିନିଟ୍ ପୂର୍ବ ଓ ଖାଇବାର ୧୫ ମିନିଟ୍ ପରବର୍ତ୍ତୀ ସମୟ ମଧ୍ୟରେ ପାଣି ପିଇବା ଉଚିତ ନୁହେଁ। ରାତ୍ରିଭୋଜନ ଦିନ ଭୋଜନଠାରୁ ହାଲୁକା ହେବା ଉଚିତ। ରାତ୍ରିଭୋଜନ ଶୋଇବାର ତିନିଘଣ୍ଟା ପୂର୍ବରୁ ଗ୍ରହଣ କରିବା ଉଚିତ ଏବଂ ଭୋଜନ ପରେ ପ୍ରତିଦିନ ଶହେ ପାହୁଣ୍ଡ ଚାଲିବା ପରେ ବାମକଡ ମାଡି ଶୋଇବା ଉଚିତ।

**ନିଦ୍ରା:** ରାତ୍ରିରେ ପ୍ରତ୍ୟେକଙ୍କର ୬-୭ ଘଣ୍ଟା ଶୋଇବା ଦରକାର। କିନ୍ତୁ ଶିଶୁ, ବୃଦ୍ଧବ୍ୟକ୍ତି, ଗର୍ଭବତୀ ଏହାଠାରୁ ଅଧିକ ସମୟ ଶୋଇବା ଉଚିତ। ଏସବୁ ବ୍ୟତୀତ ଦୈନନ୍ଦିନ ଚାଲିଚଳଣିରେ ଅନେକ ଉପଦେଶକୁ ପ୍ରତ୍ୟାଖ୍ୟାନ କରାଯାଇ ନପାରେ। ଯଥା- ମଳମୂତ୍ର, କ୍ଷୁଧା, ତୃଷ୍ଣା, ନିଦ୍ରା, କାଶ, ବାନ୍ତି, ଛିଙ୍କ, ଜୃମ୍ଭା (ହାଇ) ପରି ପ୍ରାକୃତିକ ବେଗକୁ ବନ୍ଦ କରିବା ଉଚିତ ନୁହେଁ।

*- ସରକାରୀ ଆୟୁର୍ବେଦ ଚିକିତ୍ସାଧିକାରୀ, ସୁନ୍ଦରଗଡ଼, ମୋ : ୯୪୩୭୨୨୧୭୧୬*

## ସ୍ୱାସ୍ଥ୍ୟ ସୂଚନାକାରୀ ବ୍ରେସ୍‌ଲେଟ୍

ଜର୍ମାନୀର ବୈଜ୍ଞାନିକମାନେ ଏକ ହାଇଟେକ୍ ବ୍ରେସ୍‌ଲେଟ୍ ପ୍ରସ୍ତୁତ କରିଛନ୍ତି। ଏଥିରୁ ସ୍ୱାସ୍ଥ୍ୟ ସମ୍ପର୍କିତ ଅନେକ ସୂଚନା ମିଳିପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷ ଭାବରେ ଏଥିରୁ ବ୍ଲଡପ୍ରେସର, ରକ୍ତରେ ସୁଗାର ପରିମାଣ ଏବଂ ଶରୀର ତାପମାତ୍ରା ବିଷୟରେ ଜାଣିହେବ। ଏହାକୁ ପିନ୍ଧିବା ପରେ ତାହା ଟଚ୍ ସ୍କ୍ରିନ୍ ପରି କାମ କରିଥାଏ। ଏଥିରୁ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ମିଳିବା ସହ ଉକ୍ତ ବ୍ରେସ୍‌ଲେଟ୍ ସ୍ମାର୍ଟ ୱାଚ, ସ୍ମାର୍ଟ ଫୋନ ପରି କାମ କରିବ ବୋଲି ସେମାନେ ସୂଚନା ଦେଇଛନ୍ତି। ଏହାକୁ ପ୍ରସ୍ତୁତ କରିବା ପରେ ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ବୋଲି ରିପୋର୍ଟରୁ ଜଣାପଡ଼ିଛି।

## କଫ ସମସ୍ୟାର ଘରୋଇ ଉପଚାର

❖ଅଧା କପ୍ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ, ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ କିଛି ସମୟ



ଉଷୁମ କରି ସେବନ କଲେ କଫରୁ ଉପଶମ ମିଳିଥାଏ।

❖ଅଦାକୁ ଭଲ ଭାବରେ ଛେଚି ଦିଅନ୍ତୁ। ଏହାକୁ ପାଣିରେ ପକାଇ ଭଲ ଭାବରେ ଫୁଟାନ୍ତୁ। ଏହି ଉଷୁମ ପାଣିକୁ ଦିନକୁ ୩-୪ଥର ପିଇଲେ କଫଜନିତ



ସମସ୍ୟା କେତେକାଂଶରେ ଦୂର ହୋଇଥାଏ।

❖ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ସେହି ମିଶ୍ରଣକୁ ଉଷୁମ କରି ପିଅନ୍ତୁ। ଏହାଦ୍ୱାରା କଫ ସମସ୍ୟାରୁ ଲାଘବ ମିଳିବ।



## ସ୍ୱା ସ୍ଥ୍ୟ ସୂ ଚ ନା




❖ଆଜିକାଲି ଅନେକ କେତେକ ରୋଗର ଲକ୍ଷଣ ସମ୍ପର୍କରେ ଜାଣି ମଧ୍ୟ ତାହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ପରବର୍ତ୍ତୀ ସମୟରେ ଏହା ଗମ୍ଭୀର ଆକାର ଧାରଣ କରିଥାଏ। ତା'ସହ ଅଯଥାରେ ଗୁଡ଼ାଏ ଅର୍ଥ ଖର୍ଚ୍ଚ ହୁଏ। ଏପରି ସାମାନ୍ୟ ଭୁଲ ଯୋଗୁଁ ତାହା ପ୍ରାଣଘାତକ ସାବ୍ୟସ୍ତ ହୋଇଥାଏ।

❖ଯଦି ଅଫିସରେ ଅଧିକ ସମୟରେ ବସି ରହି କାମ କରିବାକୁ ପଡୁଛି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କିଛି ସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।

❖ନିଜର ଦୈନନ୍ଦିନ ଜୀବନଶୈଳୀ ଯେତେ ବ୍ୟସ୍ତମୟ ହେଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

❖ବୟସ ବଢ଼ିବା ସହ କେତେକ ରୋଗର ଆଶଙ୍କା ବଢ଼ି ଯାଇଥାଏ। ବିଶେଷଭାବରେ ଏହି ସମୟରେ ଡାଇବେଟିସ୍, ବ୍ଲଡପ୍ରେସର ଚେକ୍‌ଅପ କରାଇ ନେବାକୁ ଭୁଲନ୍ତୁ ନାହିଁ।

❖କୌଣସି ରୋଗର ଚିକିତ୍ସା ସମୟରେ ଡାକ୍ତରଙ୍କ ପରାମର୍ଶକୁ କେତେକ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇନଥାଆନ୍ତି। ଏଭଳି ଅଭ୍ୟାସରୁ ବିରତ ରହିବା ଦରକାର। ରୋଗ ଏବଂ ତାହାର ଚିକିତ୍ସା ପ୍ରଣାଳୀ ବିଷୟରେ ଡାକ୍ତରଙ୍କ ସହ ବିଶଦ ଭାବରେ କଥା ହୁଅନ୍ତୁ।

## ଡାଇବେଟିସ୍ ରୋଗୀଙ୍କୁ ସତର୍କ କରାଇବ କୁକୁର

କୌଣସି ରୋଗ ବିଷୟରେ କୁକୁର ସତର୍କ କରାଇବ ଏ କଥାକୁ ଅନେକ ହୁଏତ ସହଜରେ ଗ୍ରହଣ କରି ନ ପାରନ୍ତି। ହେଲେ ଏହା ପଛରେ ସତ୍ୟତା ରହିଛି ବୋଲି ଯୁକ୍ତି ଉପସ୍ଥାପନା କରିଛନ୍ତି ଇଂଲଣ୍ଡସ୍ଥିତ ୟୁନିଭର୍ସିଟି ଅଫ ବ୍ରିଷ୍ଟଲର ବିଶେଷଜ୍ଞମାନେ। ସେମାନେ କେତେକ କୁକୁରଙ୍କୁ ନିକଟରେ ଏ ନେଇ ଟ୍ରେନିଂ ଦେଇଛନ୍ତି। ବିଶେଷଭାବରେ ଏହି କୁକୁର ଟାଇପ୍-୧ ଡାଇବେଟିସ୍ ରୋଗୀଙ୍କ ବରଦାନ ସଦୃଶ ହେବେ



ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷଭାବରେ ଏହି ରୋଗୀ କେତେବେଳେ ଇନ୍‌ସୁଲିନ ନେବେ ସେ ସମ୍ପର୍କରେ ସୂଚନା ଦେବା ସହ କେଉଁ ପରିବେଶକୁ ଗଲେ ତାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେବ ସେ ବିଷୟରେ ପୂର୍ବରୁ ଜଣାଇଦେବ। ସେଥିପାଇଁ ସେହି କୁକୁରମାନଙ୍କୁ ଭଲ ଭାବରେ ଟ୍ରେନିଂ ଦିଆଯାଉଛି ଏବଂ ପରୀକ୍ଷାମୂଳକ ଭାବରେ ଏଭଳି ଉପାୟରୁ ସଫଳତା ମିଳିଛି ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ବ୍ୟାୟାମ : କିଛି କଥା

ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ କେତେକ ଏହାକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇ ନ ଥାଆନ୍ତି। ନିଜକୁ ନୀରୋଗ ତଥା ସୁସ୍ଥ ରଖିବା ପଛରେ ବ୍ୟାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜିକାଲି ଅନେକେ ଏହାକୁ ଦୈନନ୍ଦିନ ଜୀବନର ଏକ ଅଙ୍ଗ ଭାବରେ ଗ୍ରହଣ କରିନେଇଛନ୍ତି। ତେବେ ବ୍ୟାୟାମ ସମୟରେ ହେଉ ଅବା ପୂର୍ବରୁ ଆମକୁ କେତେକ ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ। ଆପଣ ଯଦି ବ୍ୟାୟାମ କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦ ଆଲୋଚନା କରନ୍ତୁ। ଏହି ସମୟରେ ଖାଦ୍ୟପେୟ ପ୍ରତି ଦୃଷ୍ଟି ଦେବାକୁ ପଡ଼େ। ତେଣୁ ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିବ। ଖାଲିପେଟରେ ବ୍ୟାୟାମ କରନ୍ତୁ ନାହିଁ। କିଛି ହାଲୁକା ଖାଦ୍ୟ ଖାଅନ୍ତୁ। ବ୍ୟାୟାମ ଶେଷ ହେବା ପରେ ମଧ୍ୟ ହାଲୁକା ଖାଦ୍ୟ ଖାଆନ୍ତୁ। ବ୍ୟାୟାମ ଶେଷ ହେବା ଏବଂ ଖାଦ୍ୟ ଖାଇବା ମଧ୍ୟରେ ଅତି କମ୍‌ରେ ୧୦-୧୫ ମିନିଟ୍ ଗ୍ୟାପ ରହିବା ଦରକାର। ଖାଦ୍ୟ ତାଲିକାରେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଯଦି ନିୟମିତ ବ୍ୟାୟାମ କରୁଛନ୍ତି, ତେବେ ପ୍ରଚୁର ପାଣି ପିଅନ୍ତୁ, ଏହାଦ୍ୱାରା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଥାଏ। ଯଦି ଅସୁସ୍ଥ ଅନୁଭବ କରୁଛନ୍ତି, ତେବେ ବ୍ୟାୟାମରୁ ବିରତ ରୁହନ୍ତୁ। ନିର୍ମଳ ପରିବେଶରେ ସବୁବେଳେ ବ୍ୟାୟାମ କରନ୍ତୁ।





ଶୀଘ୍ର ଅବସର ନେବାର କୌଣସି ଯୋଜନା ନାହିଁ। ବେଦାନ୍ତକୁ ଏକ ବିଶ୍ୱସ୍ତରୀୟ ରିସୋର୍ସ ସଂସ୍ଥାରେ ପରିଣତ କରିବାର କାର୍ଯ୍ୟଧାରା ଜାରି ରହିବ।

– ଅନିଲ ଅଗ୍ରୱାଲ, ପ୍ରତିଷ୍ଠାତା, ବେଦାନ୍ତ ରିସୋର୍ସେସ



ପ୍ରସାରଣ ଏବଂ କେବୁଲ ସର୍ଭିସ ଲାଗି ଜାରି କରାଯାଇଥିବା ନୂଆ ନିୟମ ପରିସରକୁ ଫେବୃୟାରୀ ପହିଲା ସୁଦ୍ଧା ପ୍ରାୟ ୯୦% ଗ୍ରାହକ ଆସିଯିବେ ବୋଲି ଆଶା।

–ଆର୍.ଏସ୍. ଶର୍ମା, ଅଧ୍ୟକ୍ଷ, ଟ୍ରାଇ

# କୃଷି ପ୍ୟାକେଜକୁ ଆଜି ମିଳିପାରେ ମଞ୍ଜୁରୀ

**ନୂଆଦିଲ୍ଲୀ,୨୭-୧**

ସାରା ଦେଶରେ କୃଷକଙ୍କ ଲାଗି କେନ୍ଦ୍ର ସରକାର ପ୍ୟାକେଜ ଘୋଷଣା କରିବାର ଯୋଜନା ରଖିଛନ୍ତି। ଏଭଳି ପ୍ରସ୍ତାବକୁ ସୋମବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିପାରେ। କୃଷି କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ଏବଂ କୃଷକଙ୍କ ଆୟ ବୃଦ୍ଧିକୁ ଧ୍ୟାନରେ ରଖି ସରକାର ଏଭଳି ନିଷ୍ପତ୍ତି ସପକ୍ଷରେ ରହିଛନ୍ତି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ଦେଶରେ ସାଧାରଣ ନିର୍ବାଚନ ଆସୁଥିବା ବେଳେ ସରକାର ଏଭଳି ପଦକ୍ଷେପ ନେବାକୁ ଯାଉଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ସୋମବାର କେନ୍ଦ୍ର କ୍ୟାବିନେଟର ବୈଠକ ହେବାକୁ ଥିବା ବେଳେ ଏଠାରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଆୟ କ୍ଷେତ୍ରରେ ରହୁଥିବା ବିଭିନ୍ନ ଅସୁବିଧା ପ୍ରସଙ୍ଗ ସ୍ଥାନିତ ହେବ ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି।



କୃଷକଙ୍କ ସମସ୍ୟାକୁ ଆଧାର କରି ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ବିକଳ୍ପ ଉପରେ କୃଷି ମନ୍ତ୍ରଣାଳୟ ସରକାରଙ୍କୁ ବିଭିନ୍ନ ପରାମର୍ଶ ଦେଇଛି। କୃଷି କ୍ଷେତ୍ରରେ ସମସ୍ୟା ସମାଧାନକୁ ପ୍ରସ୍ତାବରେ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନା ଆସିଲେ ଏହାର ରୂପରେଖ କ'ଣ ହେବ, କେତେ ପରିମାଣର ଅର୍ଥ ଏଥିରେ ଖର୍ଚ୍ଚ ହେବ ସେ ସଂକ୍ରାନ୍ତ ବିଷୟ ଉପରେ କ୍ୟାବିନେଟ ନିଷ୍ପତ୍ତି ହେବ ବୋଲି ସେ କହିଛନ୍ତି। ଠିକ୍ ସମୟରେ ଋଣ ପୈଠ କରୁଥିଲେ ଏହା ଉପରେ ଲାଗୁ ହେଉଥିବା ସୁଧ ଛାଡ ଭଳି ବିକଳ୍ପ ଉପରେ ସରକାରଙ୍କୁ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ଏହା ଯଦି ସରକାର ଲାଗୁ କରନ୍ତି ରାଜକୋଷ ଉପରେ ଅତିରିକ୍ତ ୧୫,୦୦୦ କୋଟି ଟଙ୍କାର ବୋଝ ପଡ଼ିବ। ସେହିଭଳି ଫସଲ ବୀମା କ୍ରୟ ବେଳେ କୃଷକମାନେ ପ୍ରଦାନ କରୁଥିବା ପ୍ରିମିୟମ ଛାଡ଼ ମଧ୍ୟ ହୋଇପାରେ।

ତେଲେଙ୍ଗାନା ଏବଂ ଓଡ଼ିଶା ସରକାର ଗ୍ରହଣ କରିଥିବା କୃଷି ଯୋଜନା ଉପରେ ମଧ୍ୟ କେନ୍ଦ୍ର ବିଚାର କରୁଛି। ୨୦୧୯-୨୦ର ବଜେଟରେ କୃଷି କ୍ଷେତ୍ର ଲାଗି ସରକାର ପ୍ୟାକେଜ ଘୋଷଣା କରିବେ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ରାଧା ମୋହନ ସିଂ ପୂର୍ବରୁ ଆଭାସ ଦେଇଥିଲେ। କୌଣସି ନୂଆ ଯୋଜନା ଆରମ୍ଭ କରିବା ଲାଗି କେନ୍ଦ୍ର ନିକଟରେ ଖୁବ୍ ସ୍ୱଳ୍ପ ସମୟ ରହିଥିବା ବଜାର ବିଶେଷଜ୍ଞ କହିଛନ୍ତି। କେବଳ ରାଜନୈତିକ ଫାଇଦା ଦୃଷ୍ଟିକୋଣରୁ ସରକାର ତରବରିଆ ଭାବେ ଏଭଳି ଯୋଜନା ହାତକୁ ନେବେ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ ଭାଜପା ଭଲ ପ୍ରଦର୍ଶନ କରିବାକୁ ସକ୍ଷମ ହୋଇ ନ ଥିବା ବେଳେ ଗ୍ରାମାଞ୍ଚଳରେ କୃଷକଙ୍କ ଅସୁବିଧା ମଧ୍ୟ ରହିଛି। କୃଷିଜାତ ସାମଗ୍ରୀର ମୂଲ୍ୟ ହ୍ରାସ ମଧ୍ୟ କୃଷକଙ୍କ ଚିନ୍ତାକୁ ବଢାଇଛି।

## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ ଗୋୟଲ



**ନୂଆଦିଲ୍ଲୀ,୨୭-୧:** କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ସୋମବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସିଇଓଙ୍କୁ ଭେଟିବେ। ଦେଶର ବ୍ୟାଙ୍କିଙ୍ଗ ଶିଳ୍ପର ସ୍ଥିତି କିଭଳି ରହିଛି ତା'ର ସମୀକ୍ଷା ବୈଠକରେ ହେବ। ବ୍ୟାଙ୍କଗୁଡ଼ିକର ସ୍ଥିତିରେ ଉନ୍ନତି ଆଣିବା ନେଇ ବିଭିନ୍ନ ପ୍ରସଙ୍ଗ ବୈଠକରେ ସ୍ଥାନିତ ହେବ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୯-୨୦ ଲାଗି ଉପସ୍ଥାପନ ହେବାକୁ ଥିବା ବଜେଟର ୩ ଦିନ ଆଗରୁ ଏଭଳି ଏକ ବୈଠକ ଅନୁଷ୍ଠିତ ହେଉଛି। ବୈଠକ ସାରା ଦିନ ହେବାକୁ ଥିବାବେଳେ ଏଥିରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଅସୁସ୍ଥତା ଯୋଗୁ ବର୍ତ୍ତମାନ ଗୋୟଲଙ୍କୁ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଭାର ପ୍ରଦାନ କରାଯାଇଛି। ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଧାରା, ଅନାଦାୟ ଋଣ ଭଳି ପ୍ରସଙ୍ଗ ବୈଠକରେ ଆଲୋଚନାର ପରିସରଭୁକ୍ତ ହେବ। ସେହିଭଳି ଏମ୍ଏସ୍ଏମ୍ଇ, କୃଷି ଏବଂ ରିଟେଲ କ୍ଷେତ୍ରକୁ ଋଣ ପ୍ରଦାନ ମଧ୍ୟ ଆଲୋଚ୍ୟ ବସ୍ତୁ ହେବ। ଗତ ୯ ମାସରେ ବ୍ୟାଙ୍କଗୁଡ଼ିକର କାର୍ଯ୍ୟଧାରା କିଭଳି ରହିଛି ତାକୁ ମଧ୍ୟ ବିଚାର କରାଯିବ ବୋଲି ଜଣାଯାଇଛି।

### ଟ୍ରେନ୍ ୧୮ ହେଲା ବନ୍ଦେ ଭାରତ ଏକ୍ସପ୍ରେସ



**ନୂଆଦିଲ୍ଲୀ,୨୭-୧:** ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଟ୍ରେନ ୧୮କୁ 'ବନ୍ଦେ ଭାରତ ଏକ୍ସପ୍ରେସ' ନାମରେ ନାମିତ କରାଯାଇଛି। ଏହା ବାରାଣସୀ ଏବଂ ନୂଆଦିଲ୍ଲୀ ମଧ୍ୟରେ ଚଳାଚଳ କରିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ରବିବାର ସୂଚନା ଦେଇଛନ୍ତି। ଟ୍ରେନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିବେ। ଟ୍ରେନରେ ୧୬ କୋଚ ରହିଥିବା ବେଳେ ୯୭ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଇଛି। ଏହା ଚେନ୍ନାଇସ୍ଥିତ ସମନ୍ୱିତ କୋଚ୍ ଫ୍ୟାକ୍ଟ୍ରିରେ ନିର୍ମିତ ହୋଇଛି। ଏହା ଚଳାଚଳ ଆରମ୍ଭ କଲେ ୩୦ ବର୍ଷର ଶତାବ୍ଦୀ ଏକ୍ସପ୍ରେସକୁ ବାଦ ଦିଆଯିବ। ଲୋକଙ୍କଠାରୁ ମତାମତ ଗ୍ରହଣ କରିବା ପରେ ସରକାର ଏଭଳି ପଦକ୍ଷେପ ନେଇଥିବା ଗୋୟଲ କହିଛନ୍ତି। ମେକ୍ ଇନ ଇଣ୍ଡିଆରେ ସରକାର ଏଭଳି ଯୋଜନା ହାତକୁ ନେଇଛନ୍ତି। ଟ୍ରେନରେ ସମ୍ପୂର୍ଣ୍ଣ ଏସି ସୁବିଧା ରହିଛି। ଏହା କାନପୁର ଏବଂ ଆଲ୍ଲାହାବାଦଠାରେ ଅଟକିବ। ଏଥିରେ ଦୁଇ ଏକ୍ଜେକ୍ୟୁଟିଭ କ୍ଲାସ ଚେୟାର କାର ରହିବ। ସର୍ବୋତ୍ତମ ଗୁଣବତ୍ତା, ଏୟାର ସସ୍ପେନଶନ ଏବଂ ସୁଗମ ଯାତ୍ରାକୁ ଧ୍ୟାନରେ ରଖାଯାଇଥିବା ସେ ପ୍ରକାଶ କରିଛନ୍ତି।

### ଆଇସିଆଇସିଆଇ ବ୍ୟାଙ୍କ ଋଣ ମାମଲା: ବଦଳିଲେ ତଦନ୍ତ ଅଧିକାରୀ

**ନୂଆଦିଲ୍ଲୀ,୨୭-୧:** ଭିଡ଼ିଓକନ ଗ୍ରୁପକୁ ବେଆଇନ ଋଣ ପ୍ରଦାନ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ଚନ୍ଦା କୋଚରଙ୍କ ସମ୍ପୃକ୍ତି ନେଇ ତଦନ୍ତ କରୁଥିବା ଅଧିକାରୀ ସୁଧାଂଶୁଧର ମିଶ୍ରକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବଦଳି କରି ଦେଇଛି। ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ଥିବା ଏହି ଅଧିକାରୀ ଜଣଙ୍କ ସର୍ତ୍ତ ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଘଟ କରିଥିବାର ସନ୍ଦେହ ଘେରରେ ରହିଛନ୍ତି। ତାଙ୍କୁ ସିବିଆଇ ରାଞ୍ଚିକୁ ବଦଳି କରିଛି। ଜାନୁୟାରୀ ୨୨ରେ ଚନ୍ଦା ତାଙ୍କ ସ୍ୱାମୀ ଦୀପକ କୋଚର ଏବଂ ଭିଡ଼ିଓକନ ଗ୍ରୁପ ଏମ୍ଡି ବେଣୁ ଗୋପାଳ ଧୃତଙ୍କ ବିରୋଧରେ ସିବିଆଇରେ ମାମଲା ରୁଜୁ ହେବା ପରେ ତାଙ୍କୁ ବଦଳି କରାଯାଇଛି। ଏହି ଘଟଣାର ତଦନ୍ତଭାର ଏଜେନ୍ସି ମୋହିତ ଗୁପ୍ତା ନାମକ ଜଣେ ନୂଆ ଅଫିସରଙ୍କୁ ଦିଆଯିବା ସହ ବହୁ ସ୍ଥାନରେ ଛାନଭିନ କରାଯାଇଛି। ସୁଧାଂଶୁଙ୍କ ବଦଳି ନେଇ ସିବିଆଇ ପକ୍ଷ ରଖି କହିଛି ଯେ, ବିନା କୌଣସି କାରଣରେ ଅଧିକାରୀ ଜଣକ ପ୍ରାଥମିକ ତଦନ୍ତକୁ ଚାପି ରଖିଥିଲେ।

# ସାଧାରଣତନ୍ତ୍ର ଦିବସ ପାଳିଲା ଏସ୍‌ବିଆଇ




**ଭୁବନେଶ୍ୱର,୨୭-୧**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ଭୁବନେଶ୍ୱରଠାରେ ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣା କାଲା ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ମହାପ୍ରବନ୍ଧକ ଦେବୀ ଶଙ୍କର ମିଶ୍ର, ଗୌତମ ଭଟ୍ଟାଚାର୍ଯ୍ୟ, ଶ୍ରୀ ଏ.ଶ୍ରୀନିବାସ, କେଏଲଏନ୍ ଶର୍ମା ,ସିକ୍ୟୁରିଟି ଅଧିକାରୀ ଜେ.କେ ଶିଶୁଗୋସ୍ୱାମୀ, ପୂର୍ବତନ ସିକ୍ୟୁରିଟି ଅଫିସର ଅଜିତ କୁମାର ଦାସ ଏବଂ ପ୍ରଫେସର ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମଣ୍ଡଳମୁଖ୍ୟ ଗଣପତ ଲାଲ ଏବଂ ମୁଖ୍ୟ ସତର୍କତା ଅଧିକାରୀ ସଦାନନ୍ଦ ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ।

# 'ଶିଳ୍ପ ଉପଯୋଗୀ ନିୟମ ପ୍ରଣୟନ ଜରୁରୀ'

**ଭୁବନେଶ୍ୱର,୨୭-୧**

ପରିବର୍ତ୍ତିତ ସ୍ଥିତିରେ ଘରୋଇ ବଜାରର ଶିଳ୍ପଗୁଡ଼ିକ ଲାଗି ଉଦ୍ଦିଷ୍ଟ ପରିବେଶ ସଂକ୍ରାନ୍ତ ନିୟମ କ୍ଷେତ୍ରରେ ବିଭିନ୍ନ ଟେକ୍ନିକାଲ ଚ୍ୟାଲେଞ୍ଜ ରହିଛି। ନିୟମ ପାଳନ ସମୟରେ ଏମ୍ଏସ୍ଏମ୍ଇଗୁଡ଼ିକ ମଧ୍ୟ ସମାନ ଚ୍ୟାଲେଞ୍ଜ ସାମ୍ନା କରୁଛନ୍ତି। ସଂସ୍ଥାଗୁଡ଼ିକୁ ଏକାଧିକ ନିୟାମକ ଅନୁପାଳନ କରିବାକୁ ପଡୁଛି। ଏହି ଧାରାକୁ ବ୍ୟବସ୍ଥିତ କରିବା ସହ ଶିଳ୍ପଗୁଡ଼ିକ ଲାଗି ଥିବା ପରିବେଶ ନିୟମ ଏବଂ ଆଇନଗୁଡ଼ିକ ଅପଡେଟ କରିବାର ଆବଶ୍ୟକତା ରହିଥିବା ଇଣ୍ଡିଆନ ଚାମ୍ବର ଅଫ କମର୍ସ(ଆଇସିସି) ପକ୍ଷରୁ ଅନୁଷ୍ଠିତ 'ପରିବେଶ ନିୟାମକ ଅନୁପାଳନ' କର୍ମଶାଳାରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଏଭଳି କର୍ମଶାଳା ପରିବେଶ ସୁରକ୍ଷା ସଚେତନତା ଦିଗରେ ସହାୟକ ବୋଲି ଜଙ୍ଗଲ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଦେବୀଦତ୍ତ ବିଶ୍ୱାଳ କାର୍ଯ୍ୟକ୍ରମରେ ମତ ରଖିଛନ୍ତି। ନୂଆ ନିୟମ ନେଇ ଅଂଶୀଦାରଙ୍କୁ ସଚେତନ କରାଇବାର ଆବଶ୍ୟକତା ଉପରେ ଜଙ୍ଗଲ ଏବଂ ପରିବେଶ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଏ.କେ. ଗୁପ୍ତା କହିଛନ୍ତି। ଏ ନେଇ ରାଜ୍ୟ ସରକାର ଆରମ୍ଭ କରିଥିବା 'ଷ୍ଟାର ରେଟିଂ ପ୍ରୋଗ୍ରାମ' ପ୍ରଦୂଷଣ ହ୍ରାସ କରିବା ଦିଗରେ ସହାୟକ ହେବ ବୋଲି ଆଇସିସି ଓଡ଼ିଶା ପରିଷଦ ଅଧ୍ୟକ୍ଷ ଏମ୍.ସି. ଥୋମାସ ସୂଚନା ଦେଇଛନ୍ତି। ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ହ୍ରାସ ପାଇଁ ନୂଆ ଟେକ୍ନୋଲୋଜି ସ୍ଥାପନକୁ ସରକାରୀ ପ୍ରୋତ୍ସାହନ ଉପରେ ପରିଷଦର ଉପାଧ୍ୟକ୍ଷ ଜେ.ବି ପାଣି ଗୁରୁତ୍ୱାରୋପ କରିଥିଲେ।




## ମୋଟର ସାଇକେଲ ଟାରିଫ: ଭାରତକୁ ଟ୍ରମ୍ପଙ୍କ ପ୍ରଶଂସା

**ୱାଶିଂଟନ,୨୭-୧**

ଆମେରିକାରେ ତିଆରି ହାର୍ଲେ ଡାଭିଡ୍ସନ ମୋଟର ସାଇକେଲର ଆମଦାନୀ ଉପରେ ଟାରିଫକୁ ଭାରତ ଅଧା କରିଦେଇଛି। ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖୁସିବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମାତ୍ର ୨ ମିନିଟ କଥା ହେବା ପରେ ଗତ ବର୍ଷ ଶେଷାର୍ଦ୍ଧରେ ହାର୍ଲେର ଟାରିଫକୁ ଭାରତ ଅଧା କରିଦେଇଛି ବୋଲି ଟ୍ରମ୍ପ ପ୍ରକାଶ କରିଛନ୍ତି। ତେବେ ଆମେରିକା ନିର୍ମିତ ହ୍ୱିସ୍କି ଉପରେ ଏବେ ବି ଭାରତ ଅଧିକ ଟାରିଫ ନେଉଛି ବୋଲି ସେ କହିଛନ୍ତି।

**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
(District Child Protection Unit)
Odisha State Child Protection Society, W & CD Department,
Govt. of Odisha, Ph: 06622-273343

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁ ଗତ ୨୮।୧୨।୨୦୧୮ରୁ ସୁନ୍ଦରଗଡ଼ର ଏକ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁ ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ. ନଂ.: ୯୯୩୮୧୭୦୪୫୦/ ଅଫିସ୍: ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ: ୯୪୩୭୧୯୬୯୫୦/ ଅଫିସ୍: ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ ବୟସ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ରାଜୁ | ୦୬।୧୨।୨୦୧୮ | ପୁଅ | Cradle Baby Point, ODISHA-SAA, Ashiyana Colony, PO/PS: Bishra, Dist: Sundargarh, Odisha |  |

**Sd./- District Child Protection Officer, Sundargarh**

**OFFICE OF THE PANCHAYAT SAMITI, GUNUPUR**
TENDER CALL NOTICE
No.219/PS, Gunupur Date: 25.01.2019
The Block Development Officer, Gunupur on behalf of Panchayat Samiti, Gunupur invites (%) percentage rate bids in sealed tenders in registered post for the work as detailed in the table here under fromt the class of eligible contractors of equal grade / class registered with the State Governemnt / authorities shall be enclosed along with the bid.
The bidder may submit bids for the work in conformity with detailed tender call notice to be drawn up in State PWD F2 contract form.

| Sl. No. | Name of the work | Amount put to tender in rupees | EMD to deposit 1% of the tender amount | Cost of tender documents (non refundable) | Class of contractor | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of road from Abada to Gajapati District boarder UNDER CRITICAL GAP FUND (NRuM) | Rs. 2489920/- | Rs.24899/- | Rs. 6000/- | 'C' & 'B' | 3 (Three) Clalendar Months |
| 2 | Construction of road from Badamasing to Rubudising UNDER CRITICAL GAP FUND (NRuM) | Rs. 1989304/- | Rs. 19893/- | Rs. 6000/- | 'C' & 'D' | 3 (Three) Calendar Months |
| 3 | Construction of road from Karanjasing to Gajapati District boarder UNDER CRITICAL GAP FUND (NRuM) | Rs. 1994355/- | Rs. 19943/- | Rs. 6000/- | 'C' & 'D' | 3 (Three) Calendar Months |

Date of sellilng of tener paper :- **28.01.2019 to 04.02.2019 (Office hour 10.00 AM to 4.00 PM) (Except Sunday & Public holidays)**
Dated of receipt of tender paper :- **Upto 05.02.2019 (During Office hour upto 11.00 AM)**
Dated of opening of tender paper :- **05.02.2019 (Time 12.00 AM on wards)**
The tender documents can be downloaded from official District website (www.rayagada.nic.in) and the cost of tender document (Non-refudnable) shall be deposited at the time of receipf of the tender document in shape of bank draft in favour of Block Development Officer, Gunupur or may be purchased from the office of the undersigned against a non-refudable fee towards the cost of document as indicated in column No.-5.
1. Tender must accompany with 1% EMD as mentioned above in shape of NSC / KVP / Bank draft (any Nationalised Bank) duly pledged in favour of Block Development Officer, Gunupur payable at Gunupur along with attested copies of valid and update GST / PAN / TIN without which the tender will liable for rejection.
2. Tenderers are requested to quote their rate both in words and figures. The tenderers are requested to put the signature on every overwriting or any correction made in their tendered rate. The tender filled in figure only but without mentioning in words shall be liable for rejection for which no tender papers cost shall be refunded.

**Sd./- Block Development Officer, Gunupur**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 9 ରେ ପ୍ଲଟ ନଂ -5F/737 ଟିକୁ ଶ୍ରୀମତୀ ସଂଯୁକ୍ତା ସାମନ୍ତରାୟ, ସ୍ୱାମୀ - ୰ ସନ୍ତୋଷ କୁମାର ସାମନ୍ତରାୟ, ସା - ଶ୍ୟାମଘନପୁର, ଥା - ରାଜରଣପୁର, ଜିଲ୍ଲା - ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସଂଯୁକ୍ତା ସାମନ୍ତରାୟ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଭିକାରୀ ଚରଣ ଦାଶ, ପିତା - ୰ ବନବିହାରୀ ଦାଶ, ସା/ପୋ - କଳାପଥର, ଥା - ବୈଦେଶ୍ୱର, ଜିଲ୍ଲା - କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
**ସଚିବ**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 7 ରେ ପ୍ଲଟ ନଂ -G/392 ଟିକୁ ଶ୍ରୀ ଦିଗପାଳ ଚନ୍ଦ୍ର ଝା, ପିତା - ପରମାନନ୍ଦ ଝା, ସା - ମାରୱାରୀ ହିନ୍ଦୀ ବିଦ୍ୟାଳୟ, ବାଲୁବଜାର, ଚାନ୍ଦିନୀଚୌକ, କଟକଙ୍କୁ ଆବଣ୍ଟନ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ସତ୍ୟପାଠ ଜରିଆରେ ତାଙ୍କର ସ୍ଥାୟୀ ଠିକଣା ସା -ପକରା, ପୋ-ଥା-ବିହିପୁର, ଜିଲ୍ଲା - ଭାଗଲପୁର, ରାଜ୍ୟ - ବିହାର ଦର୍ଶାଇ ଅଛନ୍ତି । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଦିଗପାଳ ଚନ୍ଦ୍ର ଝା ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସୁନନ୍ଦ ଶତପଥୀ, ପିତା - ଦୀନବନ୍ଧୁ ଶତପଥୀ, ସା/ପୋ - କୃଷ୍ଣପୁର ଶାସନ, ଥା - ବାଲିଚନ୍ଦ୍ରପୁର, ଜିଲ୍ଲା - ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
**ସଚିବ**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, SAMBALPUR**
Phone No.(0663)-2412791, E-mail : eemisbp@yahoo.co.in
**'e' Procurement Notice**
**Bid Reference No. EE MID SBP 21/2018-19**
No.160// MID Date.17.01.2019
No.1177-A: Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works:- | Civil construction works. |
| 2 | No of Works:- | 2 (Two) Nos. |
| 3 | Estimated cost:- | Varies approximately from Rs.57.00 lakh to Rs.65.80 lakh |
| 4 | Period of completion | 04 (Four) Calendar months |
| 5 | Date and Time of availability of bid documents in the portal :- | From dt.05.02.2019 at.10.00 AM to dt.18.02.2019 up to 5.00 PM. |
| 6 | Last date / time of receipt of bids in the portal :- | Dt.18.02.2019 up to 5.00 PM |
| 7 | Date of opening of Bid:- | Dt.19.02.2019 at 11.00 AM onwards |
| 8 | Name and address of the OIT:- | Executive Engineer, Minor Irrigation Division, Sambalpur |

**Further details can be seen from the e-Procurement market place **http://tendersodisha.gov.in**.

**Sd./- 17.01.2019**
**Executive Engineer**
**M.I.Division, Sambalpur**
32036/11/0023/1819

**DISTRICT PLANNING & MONITORING UNIT (P&S), NUAPADA**
**TENDER CALL NOTICE**
**Tender Call Notice No: 143** **Date : 25.01.2019**
1. On behalf of COLLECTOR & DISTRICT MAGISTRATE, NUAPADA, ODISHA sealed bids are invited from eligible resourceful, experienced & bonafide contractors as per the enclosed list (Table-1).
**Table - 1 : Date & Time Schedule**

| | | |
|---|---|---|
| 1 | Name of the Work | Supply, Installation and Commissioning of CCTV Surveillance System for Nuapada. Odisha |
| 2 | Estimated Cost | 90.00 Lakh |
| 3 | Period of completion | 2 Months |
| 4 | Earnest Money (1% of EC) | Rs. 90,000.00 |
| 5 | Tender Paper Cost (Non Refundable) | Rs. 10,000.00 |
| 6 | Tender Publication Date | 25.01.2019 |
| 7 | Starting of Document Download | 25.01.2019 |
| 8 | Last Date of Bid Submission | 08.02.2019 |
| 9 | Opening of Technical Bid & Financial Bid | 12.02.2019, 11.00 AM |

Details of the projects and all terms & conditions can be downloaded from the District Website namely: - **www.nuapada.nic.in** from 25.01.2019 to 08.02.2019. The last date for receipt of the tender complete in all respect is 08.02.2019 up to 3.00 PM through Registered Post /Speed Post only. All other mode of submission of Tender will be rejected.
**Sd./- Collector & District Magistrate, Nuapada**

ଶ୍ରୀଲଙ୍କା ବିପକ୍ଷରେ ବିପୁଳ ବିଜୟ ଦ୍ୱାରା ଆମେ ପୁନର୍ବାର ଶକ୍ତିଶାଳୀ ଦଳରେ ପରିଣତ ହେବାକୁ ଯାଉଥିବା ସୂଚିତ ହେଉଛି। –ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ ଦଳରେ ଅଲରାଉଣ୍ଡର ସ୍ଥାନ ଲାଗି ଏକାଧିକ ଖେଳାଳି ଦାବିଦାର ହେବା ଏକ ଭଲ ଲକ୍ଷଣ। –କେଦାର ଯାଦବ, ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ସର୍ଫରାଜ ୪ ମ୍ୟାଚରୁ ବାସନ୍ଦ

ଦୁବାଇ, ୨୭।୧(ପି.ଟି.): ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପାକିସ୍ତାନ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କୁ ୪ଟି ମ୍ୟାଚରୁ ବାସନ୍ଦ କରିଛି। ଡର୍ବାନରେ ଗତ ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ଅବସରରେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଆଣ୍ଡି ଫେଲୁକ୍ୱାୟୋଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିବାରୁ ଆଇସିସି ଶନିବାର ତାଙ୍କୁ ବାସନ୍ଦ କରିଛି। ସର୍ଫରାଜ ମଧ୍ୟ ଆଇସିସି ବର୍ଣ୍ଣବୈଷମ୍ୟ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ସ୍ୱୀକାର କରିଛନ୍ତି। ୩୧ ବର୍ଷୀୟ ସର୍ଫରାଜ ଏବେ ଚଳିତ ସିରିଜ ଅନ୍ତିମ ଦୁଇଟି ଦିନିକିଆ ଓ ଫେବୃୟାରୀ ୧ ତାରିଖରୁ ଆରମ୍ଭ ହେବାକୁ ଥିବା ଟି୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ ଖେଳିପାରିବେ ନାହିଁ। ବର୍ଣ୍ଣବୈଷମ୍ୟ ନେଇ ଆଇସିସି ତା'ର କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିଛି ଓ ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ ବୋଲି ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ ରିଚାର୍ଡସନ କହିଛନ୍ତି। ମ୍ୟାଚର ୩୭ ତମ ଓଭରରେ ଉଇକେଟ କିପିଙ୍ଗ କରିବାବେଳେ ସର୍ଫରାଜ ଫେଲୁକ୍ୱାୟୋଙ୍କୁ ଆକ୍ଷେପ କରି କିଛି କହିଥିଲେ ଓ ତାହା ଷ୍ଟମ୍ପ ମାଇକ୍ରୋଫୋନରେ ଶୁଣିବାକୁ ମିଳିଥିଲା। ଏହା ପରେ ଅବଶ୍ୟ ସର୍ଫରାଜ ଟୁଇଟ୍ କରି କ୍ଷମା ମାଗିଥିଲେ। ସେ ମଧ୍ୟ ଫେଲୁକ୍ୱାୟୋ ମଧ୍ୟ ତାଙ୍କୁ କ୍ଷମା କରିଦେଇଥିଲେ। ସର୍ଫରାଜଙ୍କ ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଧ୍ୟ କ୍ଷମା ପ୍ରାର୍ଥନା କରିଥିଲା। ବର୍ଣ୍ଣବୈଷମ୍ୟ ଆଚରଣବିଧିର ଅନୁଚ୍ଛେଦ ୭.୩ ଅନୁସାରେ ସର୍ଫରାଜ ଏକ ଶିକ୍ଷାଗତ କାର୍ଯ୍ୟକ୍ରମରେ ସାମିଲ ହେବେ।

# ରାମେଶ୍ୱରକୁ ଟାଇଟଲ

ଭୁବନେଶ୍ୱର, ୨୭।୧ (ସ୍ପୋର୍ଟ୍ସ ବ୍ୟୁରୋ)

ପାରାଦୀପର ଭୁତମୁଣ୍ଡାଇଠାରେ ଅନୁଷ୍ଠିତ ସୁଶୀଳ ଓ ସମୀର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ରବିବାର ଫାଇନାଲରେ ରାମେଶ୍ୱର ୬ ଉଇକେଟରେ ସ୍ଥାନ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସ୍ଥାନ ୧୨ ଓଭରରେ ୧୨୮ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ସମ୍ବିତ ବରାଳ ୧୮ ବଲରୁ ୩୬ ଓ କାହ୍ନା ମହାନ୍ତି ୧୩ ବଲରୁ ୩୦ ରନ ସ୍କୋର କରିଥିଲେ। ରାମେଶ୍ୱର ବୋଲର ଦୀପକ ମଙ୍ଗରାଜ ୩ ଓଭରରେ ୧୧ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ୧୨୯ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ରାମେଶ୍ୱର ୧୧.୪ ଓଭରରେ ୪ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରି ନେଇଥିଲା। ନିହାର ପଟ୍ଟନାୟକ ୨୮ ବଲରୁ ୫୧ ରନ କରି ଅପରାଜିତ ରହିଥିବାବେଳେ ରାଜେଶ ମହାନ୍ତି ୧୭ ବଲରୁ ୩୦ ଓ ପ୍ରକାଶ ବାରିକ ୮ ବଲରୁ ୨୧ ରନ ସଂଗ୍ରହ କରିଥିଲେ। ସ୍ଥାନ ପକ୍ଷରୁ ନଦୀମ ଖାଁ ୨ଟି ଉଇକେଟ ନେଇଥିଲେ। ଦୀପକ ମ୍ୟାନ ଅଫ ଦି ମ୍ୟାଚ, ରାଜେଶ ଶ୍ରେଷ୍ଠ ବୋଲର, ନିହାର ପଟ୍ଟନାୟକ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, କୃଷ୍ଣ ବାରିକ ଶ୍ରେଷ୍ଠ ଉଇକେଟ କିପର ଏବଂ ସମ୍ବିତ ବରାଳ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ।

# ଉଦ୍‌ଘାଟନୀ ଜିତିଲା ସହୀଦ୍ ସ୍ପୋର୍ଟିଂ

ଭୁବନେଶ୍ୱର, ୨୭।୧(ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରଗତି ସ୍ପୋର୍ଟିଂ ଆନୁକୂଲ୍ୟରେ ୧୦ଟି କ୍ଲବକୁ ନେଇ ରବିବାରଠାରୁ ଭୁବନେଶ୍ୱର ଲିଟିଲ୍ ଷ୍ଟାର୍ସ କ୍ରିକେଟ ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ପ୍ରଗତି ସ୍ପୋର୍ଟିଂ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ପ୍ରତିଯୋଗିତାର ପ୍ରଥମ ଲିଗ୍ ମ୍ୟାଚରେ ସହୀଦ ସ୍ପୋର୍ଟିଂ ୫୦ ରନରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ୪୦ ଓଭର ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ସହୀଦ୍ ସ୍ପୋର୍ଟିଂ ୮ ଉଇକେଟ୍ ହରାଇ ୧୦୬ ରନ କରିଥିଲା। ଦଳ ପକ୍ଷରୁ ଶାଶ୍ୱତ ରାଉତ ୩୭ ରନ କରିଥିଲେ। ପ୍ରତିପକ୍ଷ ପାରାମାଉଣ୍ଟ ପକ୍ଷରୁ ଦିବ୍ୟଜ୍ୟୋତି ଓ ପ୍ରଜ୍ଞାନ ୪ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ପାରାମାଉଣ୍ଟ ୨୬ ଓଭରରେ ମାତ୍ର ୫୬ ରନ କରି ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଦିବ୍ୟଜ୍ୟୋତି ୪ଟି ଓ ଶାଶ୍ୱତ ୩ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ଲାଗି ଶାଶ୍ୱତଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳିବିବେଚିତ କରାଯାଇଥିଲା। ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ ତାରକା ଶିବସୁନ୍ଦର ଦାସ ଓ ସମସ୍ତ ଦଳର ଅଧିନାୟକଙ୍କ ଉପସ୍ଥିତିରେ ପ୍ରତିଯୋଗିତାର ଟ୍ରଫି ଉନ୍ମୋଚନ କରାଯାଇଥିଲା।

# ସିଦ୍ଧେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ

ପୁରୁଣା ଭୁବନେଶ୍ୱର, ୨୭।୧(ଡି.ଏନ.ଏ.)

ବାଙ୍କୁଆଳ ଯୁବକସଂଘ ଓ ଭଗବତୀ ଯୁଥ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜଗବନ୍ଧୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ କଟକର ସିଦ୍ଧେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ସ୍ଥାନୀୟ ବାଙ୍କୁଆଳ ଖେଳ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ସିଦ୍ଧେଶ୍ୱର ସ୍ପୋର୍ଟିଂ ୪୧ ରନରେ ଫ୍ରେଣ୍ଡ୍ସ କ୍ଲବକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଦ୍ଧେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ କରିଥିଲା। ଜବାବରେ ଫ୍ରେଣ୍ଡ୍ସ କ୍ଲବ ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୨୭ ରନ କରିବାକୁ ସକ୍ଷମ ହୋଇଥିଲା। ଭାଜପା ନେତା ଅମୀୟ ଦାଶ ଅତିଥିଭାବେ ଯୋଗଦେଇ ଟ୍ରଫି ସହ ଚାମ୍ପିୟନ ଦଳକୁ ୨୦,୦୦୦ ଓ ରନର୍ସଅପ୍ ଦଳକୁ ୧୫,୦୦୦ଟଙ୍କା ପ୍ରଦାନ କରିଥିଲେ।



ଚାମ୍ପିୟନ ସିଦ୍ଧେଶ୍ୱର ସ୍ପୋର୍ଟିଂ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ସିଦ୍ଧେଶ୍ୱର ଦଳର ରସାନନ୍ଦ ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଅମିତ ଦାସ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, କର୍ପୋରେଟର ବିନୋଦିନୀ ଜେନା, ସାମାଜିକ କର୍ମୀ କବିରାଜ ସ୍ୱାଇଁ, ବାବୁ ସିଂ, ଉଗ୍ରସେନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋକ ସାମନ୍ତରାୟ, ସୁନୀଲ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।

# ଇଣ୍ଡୋନେସିଆକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୨୭।୧

ରତ୍ନବାଳା ଦେବୀଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ଭାରତୀୟ ମହିଳା ଫୁଟ୍‌ବଲ ଟିମ୍ ରବିବାର ଘରୋଇ ଇଣ୍ଡୋନେସିଆ ବିପକ୍ଷରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ୩–୦ ଗୋଲରେ ଜିତିନେଇଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧର ୬୭ତମ ଓ ୬୮ତମ ମିନିଟ୍‌ରେ ରତ୍ନବାଳା ଲଗାତର ୨ଟି ଗୋଲ ସ୍କୋର କରି ଦଳକୁ ୨–୦ରେ ଅଗ୍ରଣୀ କରାଇଥିଲେ। ଏହାର ୧୨ ମିନିଟ୍ ପରେ ରତ୍ନବାଳା ବ୍ୟକ୍ତିଗତ ୩ୟ ଗୋଲ ଦେବା ସହ ହ୍ୟାଟ୍ରିକ ସଫଳତା ହାସଲ କରିଥିଲେ। ଟୋକିଓ ଅଲିମ୍ପିକ କ୍ୱାଲିଫାୟର ରାଉଣ୍ଡ–୨ ପାଇଁ ପ୍ରସ୍ତୁତ ହେଉଥିବା ଭାରତୀୟ ଟିମ୍ ସେହି ଇଣ୍ଡୋନେସିଆ ବିପକ୍ଷରେ ୨ୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆସନ୍ତା ବୁଧବାର ଖେଳିବ।

# ଭାରତ ଏ' ସିରିଜ ବିଜୟୀ

ଥିରୁଭାନନ୍ତପୁରମ, ୨୭।୧ (ପି.ଟି.)

ଇଂଲଣ୍ଡ ଲାୟନ୍ସକୁ ୬୦ ରନରେ ପରାସ୍ତ କରିବା ଦ୍ୱାରା ଭାରତ ଏ' ଦୁଇ ଦଳ ମଧ୍ୟରେ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ସିରିଜରେ ୩–୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରିନେଇଛି। ସସ୍‌ପେଣ୍ଡରୁ ପ୍ରତ୍ୟାବର୍ତ୍ତନ କରିଥିବା କେ.ଏଲ୍. ରାହୁଲ ମାତ୍ର ୧୩ ରନ କରିଥିଲେ। ଏହି ଲୋ–ସ୍କୋରିଂ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ 'ଏ' ୪୭.୧ ଓଭରରେ ମାତ୍ର ୧୭୨ ରନ କରିଥିଲା। ଦଳ ପରେ ଲାୟନ୍ସକୁ ୩୦.୫ ଓଭରରେ ୧୧୨ ସ୍କୋରରେ ଅଲଆଉଟ କରିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ କ୍ରୁନାଲ ପାଣ୍ଡ୍ୟା (୫.୫ ଓଭରରେ ୪/୨୧) ଏବଂ ଅକ୍ଷର ପଟେଲ (୨/୨୬) ଭ୍ରମଣକାରୀ ଦଳର ସବୁଠାରୁ ବେଶି କ୍ଷତି ଘଟାଇଥିଲେ। ଅକ୍ଷର ଓପନିଂରେ ଏବଂ 'ମ୍ୟାନ ଅଫ୍ ଦି ମ୍ୟାଚ' କ୍ରୁନାଲ ଲୋୟର ହାଫ୍‌ରେ ଲାୟନ୍ସ ଦଳର ବିପର୍ଯ୍ୟୟ ଘଟାଇଥିଲେ। ଭାରତ ଏ'କୁ ମ୍ୟାଚ ଜିତାଇବାରେ ଦୀପକ ଚହରଙ୍କ ମଧ୍ୟ ବିଶେଷ ଭୂମିକା ଥିଲା। ଟପ୍ ଅର୍ଡରରେ ଅଧିନାୟକ ଅଜିଙ୍କ୍ୟ ରାହାନେ ବିନା କୌଣସି ରନରେ ଏବଂ ରାହୁଲ ଶୀଘ୍ର ଆଉଟ ହୋଇଯିବା ଦ୍ୱାରା ଘରୋଇ ଦଳ ଏକଦା ୧୧୦/୭ ସ୍କୋରରେ ସଂଘର୍ଷ ଚଳାଇଥିବାବେଳେ ଦୀପକ ଚହର ୩୯ ରନ କରି ଦଳର ସ୍କୋରକୁ ୧୭୨ ରେ ପହଞ୍ଚାଇବାରେ ସହାୟକ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ଏ':** ୪୭.୧ ଓଭରରେ ୧୭୨ (ଦୀପକ ଚହର–୩୯, ଇଶାନ କିଷାନ–୩୦, କ୍ରୁନାଲ ପାଣ୍ଡ୍ୟା–୨୧, ଜେମି ଓଭରଟନ–୩/୩୪)। **ଇଂଲଣ୍ଡ ଲାୟନ୍ସ:** ୩୦.୫ ଓଭରରେ ୧୧୨/ଅଲଆଉଟ୍ (ବେନ୍ ଡକେଟ୍–୩୯, ଓଲି ପୋପ୍–୨୭, କ୍ରୁନାଲ ପାଣ୍ଡ୍ୟା–୪/୨୧, ଅକ୍ଷର ପଟେଲ–୨/୨୬)।

# ସିରିଜ ବରାବର କଲା ପାକିସ୍ତାନ

ଜୋହାନ୍ସବର୍ଗ, ୨୭।୧(ଏଏଫ୍‌ପି)

ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷ ୪ର୍ଥ ଏକଦିବସୀୟ ମ୍ୟାଚ୍‌କୁ ପାକିସ୍ତାନ ୮ ଉଇକେଟ୍‌ରେ ଜିତିନେଇଛି। ରବିବାର ସ୍ଥାନୀୟ ଦି ୱାଣ୍ଡର୍ସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଲୋ–ସ୍କୋରିଂ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇ ଦକ୍ଷିଣ ଆଫ୍ରିକା ୪୧ ଓଭରରେ ୧୬୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପାକିସ୍ତାନ ୩୧.୩ ଓଭରରେ ୨ ଉଇକେଟ୍ ହରାଇ ଟାର୍ଗେଟ୍ ହାସଲ କରିନେଇଥିଲା। ଦୁଇ ଓପନର୍ ଇମାମ–ଉଲ୍–ହକ୍ ୭୧ ଓ ଫାକର ଜମାନ ୪୪ ରନ କରି ଆଉଟ୍ ହୋଇଥିବାବେଳେ ବାବର ଆଜମ ୪୧ ରନ କରି ଅପରାଜିତ ଥିଲେ। ବିଜୟ ସହ ପାକିସ୍ତାନ ୫ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨–୨ସ୍ତରକୁ ଆଣିଛି। ସିରିଜ ନିର୍ଣ୍ଣାୟକ ତଥା ଅନ୍ତିମ ମ୍ୟାଚ୍ ବୁଧବାର ଖେଳାଯିବ।


**GOVERNMENT OF ODISHA, e-PROCUREMENT NOTICE**
**OFFICE OF THE NOTIFIED AREA COUNCIL, BALLIGUDA**
**TENDER CALL NOTICE**
**No 171 /24.01.2019, E-mail: eonacballiguda@yahoo.in**
**Bid Identification No. EO_BLG.N_06_2018-19**

The Executive Officer, NAC, Balliguda, Dist - Kandhamal inviting percentage rate bid in online mode for the works as detailed in the table from eligible contractors for civil work as detailed in the table below:

| | | | |
|---|---|---|---|
| 1 | Name of Work | | As per DTCN |
| 2 | No of Work | | 8 |
| 3 | Tender Cost | | Rs. 2.5 Lakhs |
| 4 | Class of Contractor | | C& equivalent |
| 5 | Period & time of completion | | 2 (Two) Calendar Months |
| 6 | Available of Bid Document in the website | | From Dt 25.01.2019, 03.00 P.M to Dt 01.02.2019 upto 5.00 PM |
| 7 | Date of opening of Bid | : | Dt. 02.02.2019 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

**Sd./- Executive Officer, NAC, Balliguda**


# ରାଜଧାନୀ କପ୍ ଚେସ୍ ଜିତିଲେ ପ୍ରିୟବ୍ରତ



କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ କର୍ମକର୍ତ୍ତାମାନେ ।

**ଭୁବନେଶ୍ୱର, ୨୭।୧ (କ୍ରୀଡ଼ା ପ୍ରତିନିଧି)**

ଚେସ୍ ଲଭର୍ସ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଶହୀଦ ନଗରସ୍ଥିତ ଜୟଦେବ କମ୍ପ୍ଲେକ୍ସରେ ଆୟୋଜିତ ଦ୍ୱିତୀୟ ରାଜଧାନୀ କପ୍ ୨ ଦିନିଆ ଚେସ୍ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ୬ ଜିଲାରୁ ୬୪ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଖୋର୍ଦ୍ଧାର ପ୍ରିୟବ୍ରତ ସାମନ୍ତ ସିଂ ୬.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସ୍ୱପ୍ନିଲ ପ୍ରିୟଦର୍ଶୀ (୫.୫ ପଏଣ୍ଟ) ରନର୍ସଅପ୍ ଓ କଟକର ରବୀନ୍ଦ୍ର କୁମାର ଓଝା (୫.୫) ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ତିନି ପ୍ରତିଯୋଗୀଙ୍କୁ ଟ୍ରଫି ସହ ଯଥାକ୍ରମେ ୨,୦୦୦, ୧୫୦୦ ଓ ୧୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ପ୍ରତିଷ୍ଠିତ ଐତିହାସିକ ଏବଂ ଶିକ୍ଷାବିତ୍ ଡ.ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ପୂର୍ଣ୍ଣେନ୍ଦୁ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ନିରୂପମା ତ୍ରିପାଠୀ, ମନୋରମା ଜେନା, ଶ୍ରାବଣୀ ମହାପାତ୍ର ଓ ସୁଧା ଦାସ ଆୟୋଜକ ଦଳର ସଦସ୍ୟା ଥିଲେ। ପ୍ରଦର୍ଶନ ଆଧାରରେ ଶୀର୍ଷ ୨୦ ଜଣଙ୍କ ବ୍ୟତୀତ ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା।

# ବିଭାଂଶୁଙ୍କ ଶତକ: ବିଜେଇଏମ୍ ଚାମ୍ପିୟନ

ଭୁବନେଶ୍ୱର, ୨୭।୧ (ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟ ଭେଟେରାନ୍ କ୍ରିକେଟ ଆସୋସିଏଶନ (ଭିସିଏଓ) ଆନୁକୂଲ୍ୟରେ ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ବିଜେଇଏମ୍ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ବିଜେଇଏମ୍ ୬୧ ରନରେ କିସ୍‌କୁ ପରାସ୍ତ କରିଛି। ଟସ୍ ଜିତି ବିଜେଇଏମ୍ ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ୍ ହରାଇ ୧୯୪ ରନ କରିଥିଲା। ଦଳ ପକ୍ଷରୁ ବିଭାଂଶୁ ଶେଖର ରାୟ ୧୧୦ ରନର ଶତକୀୟ ଇନିଂସ ଖେଳିଥିଲେ। କିସ ପକ୍ଷରୁ ରମେଶ ମେଲକା ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ କିସ୍ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା। ଚାମ୍ପିୟନ ଦଳର ସାଇପ୍ରସାଦଙ୍କୁ ୩ଟି ଉଇକେଟ୍ ମିଳିଥିଲା।

ଉଦ୍‌ଯାପନୀ ଉତ୍ସବରେ ବିଜେବି କଲେଜର ପ୍ରିନ୍ସିପାଲ ପ୍ରସନ୍ନ କୁମାର ମହାନ୍ତି, ବି. ରାଜଶେଖର ସୁବୁଦ୍ଧି ଓ ପଲ୍ଲବୀ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭିସିଏଓର ସଭାପତି ଅଶୋକାନନ୍ଦ ଜେନା, ଉପସଭାପତି ବଳଭଦ୍ର ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଭୁପେନ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଚାମ୍ପିୟନ ବିଜେଇଏମ୍ ସ୍କୁଲକୁ ଟ୍ରଫି ସହ ୮ ହଜାର ଟଙ୍କା ଏବଂ ରନର୍ସଅପ୍ କିସ୍‌କୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଭାଂଶୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ ପୁରସ୍କାର ହାସଲ କରିଥିଲେ। କିସ୍‌ର ନବିଦେତ୍ୟ ମଲ୍ଲିକ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସେଣ୍ଟ ଜାଭିୟର୍ସ (ଖଣ୍ଡଗିରି)ର ଅଂଶୁମାନ ଦାସ ଶ୍ରେଷ୍ଠ ବୋଲର, ବିଜେଇଏମ୍‌ର ବିଦ୍ୟାଧର ବେହେରା ଶ୍ରେଷ୍ଠ ଉଇକେଟକିପର, କିସ୍‌ର ମାଧବେନ୍ଦ୍ର ମାଧି ଶ୍ରେଷ୍ଠ ଫିଲ୍ଡର ଓ କିଟ୍‌ର ଲେନିନ୍ ମହାନ୍ତି ଇମର୍ଜିଂ ପ୍ଲେୟାର ପୁରସ୍କାର ଜିତିଥିଲେ। ମ୍ୟାଚ୍‌କୁ ସୁନୀଲ ବେହେରା ଓ ବିନୋଦ ଦାସ ପରିଚାଳନା କରିଥିବାବେଳେ ସ୍କୋରିଂରେ ବିକାଶ ମାନସିଂହ ସହାୟତା କରିଥିଲେ।




ଟାଇଟଲ ବିଜୟୀ ବିଜେଇଏମ୍ ସ୍କୁଲ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।


**OFFICE OF THE NOTIFIED AREA COUNCIL, DASPALLA**
**At/Po - Daspalla, Dist. - Nayagarh,**
**Ph. 06757-220005, e-Mail: nacdaspalla@gmail.com**

Letter No. 233 Date. 24.01.2019

**QUOTATION CALL NOTICE**

Sealed quotations are invited from reputed Manufacturer/ Supplier/ Agency having valid registration certificate, up to date Tax Clearance Certificate , GST, TRIN Certificate PAN card, valid Dealership Certificate and fulfilling eligibility criteria for participation in this quotation for supply of following sanitation material. The quoted rates should remain valid for one year. The quotations should be accompanied by a DD for Rs. 20,000/- (Rupees Twenty Thousand) only in favor of Executive Officer, NAC, Daspalla payable at Daspalla as security Deposit which shall be refunded in case of unsuccessful bidders. The rates should be quoted in both figures & words which should be inclusive of all taxes and freight Bidders are free to participate in any no. of items of the quotation subject to fulfilling eligibility criteria.

| Sl. No. | Particulars of Materials | Unit | Brand / Make | Warranty | Quoted Rate (in Rs.) | |
|---|---|---|---|---|---|---|
| | | | | | In Figure | In Words |
| 1 | Bleaching Powder | Per 25 kg Bag | | | | |
| 2 | Black Phenyle | Per Ltr | | | | |
| 3 | White Phenyle | Per Ltr | | | | |
| 4 | 600Ltr, 100% virgin plastic with UV protected Material: - HDPE Garbage bin | Each | | | | |
| 5 | Tri Cycle with 18mm gauge M.S. Sheet fabrication trolley box for cleaning size 2 1/2 x 3 fit width, depth of 2 1/2 fit & using 35mm X 5 mm Angle mounted including all fitting & fixing wheels, colouring complete. | Each | | | | |
| 6 | Wheel barrow made with 18 mm gauge M.S. Sheet with 36" x 24" x 12" bucket size and 8" polymate heavy duty wheel fitting complete. | Each | | | | |
| 7 | 240 Ltr. Polymer garbage bin with 100% virgin plastic with UV protected. Material:- HDPE | Each | | | | |
| 8 | Polymer twin hanging outdoor garbage bin fitted with M.S. angle movable including cost, conveyance, fitting fixing | Set | | | | |

Completed & filled quotations accompanied with security deposit & all required documents should reach Daspalla NAC, (P.O) Daspalla, ist- Nayagarh, Odisha, Pin- 752084 on or before 12:00 P.M of 07,02.2019 through Registered Post/Speed Post which shall be opened at 4:00 P.M on the same day in presence of the bidders or their authorized agents. If the opening day happen to be a holiday on any account, then the next working day will be treated as the last date of receipt and opening of the same, Authority reserves all right to accept or reject any or all quotation and will bear no responsibility consequent upon such decision,

**TERM AMD CONDITION**

1. Security deposit of Rs.20.000/- (Rupees Twenty Thousand)only in shape of DD in favour of Executive Officer, NAC, Daspalla payable at Daspalla.
2. In case of Dustbin only dealers are entitled to participate and original copy of dealership certificate should be produced when required by the Tender Committee.
3. Warranty against items should clearly be mentioned against them.
4. Bidders should enclose affidavit declaring that they had never been blacklisted by any agency / office for violating supply order conditions before.
5. Previous experience / supply order copy should be produced.
6. Bidders are free to participate in any number of items but security deposit would be the same,
7. Rates would be valid for one calendar year and no enhancement would be entertained during this duration.
8. Rates should be inclusive of GST, all taxes, freight etc.
9. Authority reserves all right to impose / alter any condition.
10. Factory price applicable list against items should be enclosed.
11. The bidder should provide mail ID and contact No.
12. If defect is detected than the bidder would have to abide by the decision of the office on this score.
13. The decision of the tender committee is final.
14. For bidders against dustbin solvency to the tune of Rs.20,00,000/- (Rupees Twenty Lakh) only should be produced (Sl No.4, 7 & 8).
15. The bidder shall quote their rate including freight at Daspalla NAC office premises within 7 days from the date of issue of order at his own risk and cost.
16. The sealed quotation documents should reach the office of the Executive Officer, Daspalla NAC on or before dt.07/02/2019 by 12:00 Noon positively. The authority will not be responsible for any delay for non receipt of quotation documents in time.
17. The contract is valid for one financial year only.
18. The dealer / Manufacturer of Nilkamal, Supreme and Syntex brands are only allowed to participate in this quotation against supply item of Dustbin (Sl No.4, 7 & 8).

**Sd./- Executive Officer, N.A.C, Daspalla**



**OFFICE OF THE EXECUTIVE ENGINEER**
**RWS & S DIVISION, BARGARH**

Email :- eerwss_bgh@.nic.in, Ph (O):-06646 233220, FAX :- 06646 234626

No 195 Dt. 19.01.2019

**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No 16 Dt 19 .01.2019 of 2018-19**

No.1463-O: The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of Class 'B 'or 'A' registered with any department of State Government or equivalent class of Central Govt.etc. to be eventually drawn up in G2 Contract form as per terms and condition noted below.

1. Name of the work :- Execution of different RPW/S Schemes under Bargarh District - 14 Nos.
2. Approx. Estimated cost :- **Varies from Rs. 50.75 lakhs to Rs. 87.80 Lakhs**
3. Date and time of availability of document in the portal :- **Dt 30.01.2019 to Dt 13.02.2019 upto 5.00 P.M**
4. Last date/ time for receipt of bids in the portal :- **Dt 13.02.2019 up to 5.00 P.M**
5. Date & time of Opening of Tender :- **Dt 14.02.2019 at 11.00 A.M.**
6. Name and address of the Officer Inviting Bid :- Executive Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal **"http// tendersorissa.gov.in"**.

The authority reserves the right to reject any or all the tenders without assigning any reason thereof.

**Executive Engineer,**
**RWS&S Division, Bargarh**

25157/11/0035/1819



DISTRICT PROJECT OFFICE
RTE-SSA, JAGATSINGHPUR

File No.01/Ped/19
Notice No.198/Ped/19 Date: 25.01.19

**TENDER CALL NOTICE FOR PRINTING PACKING AND SUPPLY OF CHILD REPORT CARD 2018-19 PERTAINING TO CLASS-I TO VIII**

Sealed tenders are invited in the prescribed format from reputed Offset printing firms having upto date DIC, OSIC, NSIC, TAN / PAN, GST registration certificate for printing, packing and supply of Child Report Card 2019 pertaining to Class-I to Class-VIII in respect of all Govt. & Govt. Aided., Prmary & Upper Primary schools of Jagatsinghpur District. Tender should be submitted abiding by the terms and conditions as specified in the detailed tender call notice. The detailed specification along with term and conditions can be obtained from the District website i.e. **http://www.jagatsinghpur.nic.in** and OPEPA website **http://www.opepa.in**. Bidders are to submit their bid document in prescribed format in the envelope duly marked. "Tender for printing, packing and supply of Child Report Card, 2018-19. The last date and time for submission of tender paper is on **06.02.2019 at 05 PM** (except holidays) in the District Project Office, SSA, Jagatsinghpur.

The bid will be opened **on 07.02.2019 at 03 PM** in the Office Chamber of Collector-cum-Chairperson, RTE-SSA, Jagatsinghpur, where the bidder or his authorized representative or agent shall attend at the time of finalization of bid. The authority reserves the right to accept / reject in full / part of any quotation without assigning any reason thereof.

The details is also available in NIC website **www.jagatsinghpur.nic.in**.

By Order of Collector-cum-Chairperson
**Sd./- District Project Coordinator**
**RTE-SSA, Jagatsinghpur**

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ଜାନୁୟାରୀ, ୨୦୧୯





ଯଥେଷ୍ଟ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ହୋଇସାରିଛି । ଏଥର ଆମ ଦେଶକୁ ସିଙ୍ଗଲ୍ସ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିବ।
–ମହେଶ ଭୂପତି, ଭାରତର ପୂର୍ବତନ ଟେନିସ୍ ଖେଳାଳି



ଇଞ୍ଜୁରୀ ପାଇଁ ଖେଳକୁ ଫେରିବା ଅସମ୍ଭବ ଥିବାବେଳେ ଅଷ୍ଟ୍ରେଲିଆନ ଓପନ୍‌ରେ ରନର୍ସଅପ୍ ମୋ ପାଇଁ ଟାଇଟଲ ବିଜୟ ଭଳି।
–ପେଟ୍ରା କ୍ୱିଟୋଭା, ଚେକ୍‌ରିପବ୍ଲିକ ଟେନିସ୍ ଖେଳାଳି

## ସଂକ୍ଷେପରେ

### ଶ୍ରୀୟଙ୍କାଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି): ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ଜର୍ମାନୀର ମ୍ୟୁନିକ୍‌ଠାରେ ଅନୁଷ୍ଠିତ ଏଚ୍ ଆଣ୍ଡ ଏନ୍ କପ୍ ଅନ୍ତର୍ଜାତୀୟ ଶୁଟିଂ ପ୍ରତିଯୋଗିତାର ମିକ୍ସଡ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଗତ ୨୩ରେ ଆରମ୍ଭ ହୋଇ ରବିବାର ଶେଷ ହୋଇଥିଲା। କିଟ୍ ବିଶ୍ୱବିଦ୍ୟାଳୟରେ ଏମବିଏ ପ୍ରଥମବର୍ଷର ଛାତ୍ରୀ ଶ୍ରୀୟଙ୍କା ୨୦୦୯ରୁ ଭାରତୀୟ ଶୁଟିଂ ଦଳର ସଦସ୍ୟଭାବେ ଖେଳି ଆସୁଛନ୍ତି। ସେ ଏକମାତ୍ର ଓଡ଼ିଆଭାବେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଶୁଟିଂ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ସଫଳତା ପାଇଁ ଶ୍ରୀୟଙ୍କାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

### ତେନ୍ଦୁଲକର, ଆଫ୍ରିଦୀଙ୍କ ରେକର୍ଡ ଭାଙ୍ଗିଲେ ପୌଡେଲ

ଦୁବାଇ, ୨୭।୧ (ପି.ଟି.):ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ସର୍ବକନିଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅର୍ଦ୍ଧଶତକ ହାସଲ କରି ନେପାଳର ରୋହିତ ପୌଡେଲ ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ଦୀର୍ଘ ୨୯ବର୍ଷର ରେକର୍ଡକୁ ସେ ଭଙ୍ଗ କରିଦେଇଛନ୍ତି। ପୌଡେଲ ୧୬ ବର୍ଷ ୧୪୬ ଦିନରେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଦୁବାଇଠାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ଦିନିକିଆରେ ସେ ୫୮ ବଲ୍‌ରେ ୫୫ ରନ କରିଥିଲେ। ନେପାଳ ଏହି ମ୍ୟାଚରେ ସଂଯୁକ୍ତ ଆରବ ଏମିରେଟ୍ସକୁ ୧୪୫ ରନରେ ପରାସ୍ତ କରିଥିଲା। ତେନ୍ଦୁଲକର ୧୯୮୯ରେ ଫୈସଲାବାଦଠାରେ ପାକିସ୍ତାନ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେତେବେଳକୁ ତାଙ୍କୁ ୧୬ ବର୍ଷ ୨୧୩ ଦିନ ହୋଇଥିଲା। ପୌଡେଲ ଆହୁରି ମଧ ଶାହିଦ ଆଫ୍ରିଦୀଙ୍କୁ ପଛରେ ପକାଇ ଜଣେ ସର୍ବକନିଷ୍ଠ ଖେଳାଳି ଭାବେ ଅନ୍ତର୍ଜାତୀୟ ଦିନିକିଆ ଅର୍ଦ୍ଧଶତକ ହାସଲ କରିବା ସୌଭାଗ୍ୟ ଅର୍ଜନ କରିଛନ୍ତି। ଆଫ୍ରିଦୀଙ୍କୁ ଯେତେବେଳେ ୧୬ ବର୍ଷ ଓ ୨୧୭ ଦିନ ହୋଇଥିଲା, ସେ ଶ୍ରୀଲଙ୍କା ବିପକ୍ଷରେ ୩୭ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଦକ୍ଷିଣ ଆଫ୍ରିକା ମହିଳା ଖେଳାଳି ଜୋହମାରି ଲଗ୍‌ଟେନବର୍ଗ ମାତ୍ର ୧୪ବର୍ଷ ବୟସରେ ଉଭୟ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଅର୍ଦ୍ଧ ଶତକ ହାସଲ କରିଛନ୍ତି।

### ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍‌ର ବୃହତ୍ ବିଜୟ

ବ୍ରିଜ୍‌ଟାଉନ୍, ୨୭।୧(ପି.ଟି.): ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ୱେଷ୍ଟଇଣ୍ଡିଜ୍ ବୃହତ୍ ୩୮୧ ରନରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୱେଷ୍ଟଇଣ୍ଡିଜ୍ ୧-୦ରେ ଅଗ୍ରଣୀ ହାସଲ କରିଛି। ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡନ୍ ବ୍ରାଡମ୍ୟାନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ବ୍ରାଡ୍‌ମ୍ୟାନଙ୍କ ପରେ ହୋଲ୍ଡର ଟେଷ୍ଟ ଇତିହାସର ଦ୍ୱିତୀୟ ବ୍ୟାଟ୍ସମ୍ୟାନ ଭାବେ ଦ୍ୱିତୀୟ ଇନିଂସରେ ନିମ୍ନକ୍ରମ ୬ ନମ୍ବରରେ ବ୍ୟାଟିଂ କରିବାକୁ ଆସି ଦ୍ୱିଶତକ ହାସଲ କରିଛନ୍ତି। ଏହା ପୂର୍ବରୁ ବ୍ରାଡମ୍ୟାନ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୧୯୩୭ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ୨୩୭ ରନର ଦ୍ୱିଶତକୀୟ ପାଳି ଖେଳି ଏହି ସଫଳତା ହାସଲ କରିଥିଲେ। ଏଠାରେ ହୋଲ୍ଡର ୨୦୨ ରନର ଅପରାଜିତ ଦ୍ୱିଶତୀକୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଉଇକେଟ କିପର ବ୍ୟାଟ୍ସମ୍ୟାନ ଶେନ ଡୋରିଚ୍ ମଧ ଅପରାଜିତ ୧୧୬ ରନର ଶତକୀୟ ପାଳି ଖେଳିଥିଲେ। ସପ୍ତମ ଉଇକେଟ ଯୋଡିରେ ହୋଲ୍ଡର ଓ ଡୋରିଚ୍ ଅପରାଜିତ ୨୯୫ ରନ ସଂଗ୍ରହ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ରବିବାର ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଅଲରାଉଣ୍ଡର ତାଲିକାରେ ହୋଲ୍ଡରଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ମାଉଣ୍ଟ ମାଉଁଗାନୁଇ, ୨୭।୧(ପି.ଟି.)

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ସୋମବାର ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଆୟୋଜନ ହେବାକୁ ଯାଉଛି ତୃତୀୟ ଦିନିକିଆ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରି ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨–୦ରେ ଅଗ୍ରଣୀ ହାସଲ କରିଛି। ଫଳରେ ତୃତୀୟ ମ୍ୟାଚ୍ ଜିତି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୩–୦ରେ ଅଗ୍ରଣୀ ହାସଲ କରିବା ସହ ଆଗୁଆ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଏହାପୂର୍ବରୁ ଅଷ୍ଟ୍ରେଲିଆରେ ଭାରତ ଟେଷ୍ଟ ଓ ଦିନିକିଆ ସିରିଜରେ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଥିଲା। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ ସିରିଜର ଅନ୍ତିମ ଦୁଇଟି ମ୍ୟାଚ୍‌ରୁ କୋହଲିଙ୍କୁ ଅନ୍ତିମ ଦୁଇଟି ମ୍ୟାଚ୍ ସହ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି। ଫଳରେ କୋହଲି ନିଜ ନେତୃତ୍ୱରେ ସିରିଜ ଜିତିବା ପାଇଁ ପ୍ରୟାସ କରିବେ। ଏହା ପୂର୍ବରୁ ୨୦୧୪ ଗସ୍ତରେ ଭାରତ ୦–୪ରେ ନ୍ୟୁଜିଲାଣ୍ଡଠାରୁ ସିରିଜ ପରାଜୟ ବରଣ କରିଥିଲା। ତେଣୁ ଭାରତ ଏହି ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏକ ଟିଭି ଶୋ’ରେ ମହିଳାଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟ ଦେଇ ପାଣ୍ଡ୍ୟା ବାସନ୍ଦ ହୋଇଥିଲେ। ଫଳରେ ଗସ୍ତ ଅଧାରୁ ତାଙ୍କୁ ସ୍ୱଦେଶ ଫେରାଇ ଦିଆଯାଇଥିଲା। ତେବେ ତାଙ୍କ ଉପରେ ବାସନ୍ଦ ଉଠାଇ ଦିଆଯାଇଥିବାରୁ ସେ ଦଳରେ ପୁଣି ସାମିଲ ହୋଇଛନ୍ତି। ପାଣ୍ଡ୍ୟ ଫେରିବା ପରେ ଦଳ ସନ୍ତୁଳିତ ହେବା ସହ ଦୃଢ ହେବ। ପାଣ୍ଡ୍ୟାଙ୍କ ବଦଳରେ ତାମିଲନାଡୁ ଅଲରାଉଣ୍ଡର ବିଜୟ ଶଙ୍କର ଖେଳିବାର ସୁଯୋଗ ହାସଲ କରିଥିଲେ। ଦ୍ୱିତୀୟ ଦିନିକିଆରେ ସେ ମାତ୍ର ୨ ଓଭର ବୋଲିଂ କରିବାର ସୁଯୋଗ ପାଇଥିଲେ। ଶଙ୍କର ଏପର୍ଯ୍ୟନ୍ତ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ସେ ପାଣ୍ଡ୍ୟାଙ୍କ ଭଳି ପ୍ରଭାବୀ ପ୍ରଦର୍ଶନ କରି ନ ଥିବା ଲକ୍ଷ୍ୟ କରାଯାଇଛି। ପାଣ୍ଡ୍ୟ ଉଭୟ ବଲ ଓ ବ୍ୟାଟ୍‌ରେ କମାଲ କରିବାର କ୍ଷମତା ରଖନ୍ତି। ଏକଥା ମଧ୍ୟ ସେ ପୂର୍ବରୁ ପ୍ରମାଣ କରିଛନ୍ତି। ଗତ କେତୋଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲେ ମଧ୍ୟ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଦଳର ସନ୍ତୁଳନକୁ ପ୍ରଭାବିତ କରିଥିବା ଲକ୍ଷ୍ୟ କରାଯାଇଛି।

ଅପରପକ୍ଷରେ ଘରୋଇ ଦଳର ଅଧିନାୟକ କେନ୍ ୱିଲିୟମସନ ଫର୍ମରେ ରହିଛନ୍ତି। ପ୍ରଥମ ଦିନିକିଆରେ ସେ ସର୍ବାଧିକ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଦିନିକିଆରେ ମଧ୍ୟ ସେ ତାଙ୍କ ଛୋଟିଆ ଇନିଂସରେ ଦମ୍ ଦେଖାଇଥିଲେ। ସେହିପରି ଡଗ୍ ବ୍ରାସ୍‌ୱେଲ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ଓ ଅନ୍ୟମାନେ ବିଫଳ ହୋଇଥିଲେ। ତେଣୁ ଏହି ମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ସିରିଜ ବଞ୍ଚାଇବାକୁ ଚେଷ୍ଟା କରିବ। ତେବେ ଏଥିପାଇଁ ନ୍ୟୁଜିଲାଣ୍ଡକୁ ଉଭୟ ବୋଲିଂ ଓ ବ୍ୟାଟିଂରେ ଉଚ୍ଚକୋଟୀର ପ୍ରଦର୍ଶନ କରିବାକୁ ପଡିବ।

**ତୃତୀୟ ଦିନିକିଆ ଆଜି**

**ସମୟ: ସକାଳ ୭.୩୦**
**ସ୍ଥାନ: ବେ ଓଭାଲ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ଦୀନେଶ କାର୍ତ୍ତିକ, ବିଜୟ ଶଙ୍କର, ଶୁଭମନ ଗିଲ୍, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ମହମ୍ମଦ ସିରାଜ, ଖଲିଲ ଅହମ୍ମଦ, ରବୀନ୍ଦ୍ର ଜାଡେଜା ଓ ହାର୍ଦ୍ଦିକ ପାଣ୍ଡ୍ୟା।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ରସ ଟେଲର, ଟମ୍ ଲାଥମ, ମାର୍ଟିନ ଗୁପ୍ଟିଲ, କଲିନ୍ ଡି ଗ୍ରାଣ୍ଡହୋମ, ଟ୍ରେଣ୍ଟ ବୋଲ୍ଟ, ହେନେରୀ ନିକୋଲ୍ସ, ଡଗ୍ ବ୍ରାସ୍‌ୱେଲ, ଲୋକି ଫର୍ଗୁସନ, ମ୍ୟାଟ ହେନେରୀ, କଲିନ୍ ମୁନରୋ, ଇଶ୍ ସୋଧି, ମିଚେଲ ସାଣ୍ଟନର ଓ ଟିମ୍ ସୌଦି।

## ଦ୍ୱିତୀୟ ଦିନିକିଆରେ ଭାରତ ବିଜୟୀ



ନ୍ୟୁଜିଲାଣ୍ଡର ଉଇକେଟ୍ ପତନ ପରେ ଖୁସି ମୁହୂର୍ତ୍ତରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ।

ଶନିବାର ବେ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୯୦ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୨୪ ରନ ବୃହତ୍ ସ୍କୋରର ପିଛା କରି ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୨୩୪ ରନ କରି ଅଲଆଉଟ ହୋଇ ଯାଇଥିଲା। ବ୍ୟକ୍ତିଗତ ୮୭ ରନ ସ୍କୋର କରିବାସହ ଭାରତର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିବା ରୋହିତ ଶର୍ମା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ଫଳରେ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨–୦ରେ ଅଗ୍ରଣୀଲାଭ କରିଛି। ସିରିଜର ତୃତୀୟ ମ୍ୟାଚ ସୋମବାର ଏଠାରେ ଅନୁଷ୍ଠିତ ହେବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ରୋହିତଙ୍କ ୮୭(୯୬ ବଲ, ୯ ଚୌକା, ୩ ଛକା), ଶିଖର ଧାୱନଙ୍କ ୬୬(୬୭ ବଲ, ୯ ଚୌକା), ଅଧିନାୟକ ବିରାଟ କୋହଲିଙ୍କ ୪୩(୪୫ ବଲ, ୫ ଚୌକା), ଅମ୍ବାତି ରାୟୁଡୁଙ୍କ ୪୭(୪୯ ବଲ, ୩ ଚୌକା, ୧ ଛକା) ଏବଂ ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ୪୮(୩୩ ବଲ, ୫ ଚୌକା, ୧ ଛକା) ଓ କେଦାର ଯାଦବଙ୍କ ଦ୍ରୁତ ୨୨(୧୦ ବଲ, ୩ ଚୌକା, ୧ ଛକା) ରନର ଇନିଂସ ସହାୟତାରେ ୫୦ ଓଭରରେ ୪ ଉଇକେଟ ହରାଇ ୩୨୪ ରନ କରିଥିଲା। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ ଓ ଲୋକି ଫର୍ଗୁସନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ବଡ଼ ପାର୍ଟନରଶିପ୍ ଅଭାବରୁ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ଦଳ ପକ୍ଷରୁ କେବଳ ଡଗ୍ ବ୍ରାସ୍‌ୱେଲ ୫୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଟମ୍ ଲାଥାମ ୩୪ ଓ କଲିନ ମୁନ୍‌ରୋ ୩୧ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ୪, ଭୁବନେଶ୍ୱର କୁମାର ଓ ଯୁଜବେନ୍ଦ୍ର ଚହଲ ୨ଟି ଲେଖାଏ ଏବଂ ମହମ୍ମଦ ସାମି ଓ କେଦାର ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୨୪/୪(ରୋହିତ–୮୭, ଶିଖର–୬୬, ଧୋନୀ–୪୮*, ରାୟୁଡୁ–୪୭, କୋହଲି–୪୩, ବୋଲ୍ଟ–୨/୬୧, ଫର୍ଗୁସନ–୨/୮୧)। ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୨୩୪/ଅଲଆଉଟ(ବ୍ରାସ୍‌ୱେଲ–୫୭, ଲାଥାମ–୩୪, ମୁନ୍‌ରୋ–୩୧, କୁଲଦୀପ–୪/୪୫, ଭୁବନେଶ୍ୱର–୨/୪୨, ଯୁଜବେନ୍ଦ୍ର–୨/୫୨, ସାମି–୧/୪୩, କେଦାର–୧/୩୫)।

### ପରାଜୟରୁ ଭାରତୀୟ ମହିଳା ହକି ଦଳର ଅଭିଯାନ

ମୁର୍ସିଆ(ସ୍ପେନ୍),୨୭।୧(ପି.ଟି.)

ସ୍ପେନ୍ ଗସ୍ତରେ ଯାଇଥିବା ଭାରତୀୟ ମହିଳା ହକି ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ଲଢ଼େଇ କରିଥିଲେ ମଧ୍ୟ ଆୟୋଜକ ସ୍ପେନ୍‌ଠାରୁ ୨–୩ ଗୋଲରେ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଉଦିତା ଦ୍ୱାଦଶ ମିନିଟ୍‌ରେ ପ୍ରଥମ ଓ ଗୁରଜିତ୍ କୌର ୪୮ତମ ମିନିଟ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ସ୍ପେନ ତରଫରୁ ୨୩ତମ ମିନିଟରେ ମାରିଆ ଟୋସ୍ଟ, ୩୯ତମ ମିନିଟରେ ଲୋଲା ରେଇରା ଓ ୪୦ତମ ମିନିଟରେ ବେଗୋନା ଗାର୍ସିଆ ଗୋଲ ସ୍କୋର କରିଥିଲେ।

### ସୌରାଷ୍ଟ୍ର ଫାଇନାଲ ନିକଟତର

କର୍ଣ୍ଣାଟକ, ୨୭।୧(ପି.ଟି.)

ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରାଙ୍କ ଅପରାଜିତ ଶତକ ବଳରେ ସୌରାଷ୍ଟ୍ର ଟିମ୍ ଚଳିତ ରଣଜୀ ଟ୍ରଫି ଫାଇନାଲର ନିକଟତର ହୋଇଛି। ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଘରୋଇ କର୍ଣ୍ଣାଟକ ପକ୍ଷରୁ ଧାର୍ଯ୍ୟ ୨୭୯ ରନର ଟାର୍ଗେଟ୍‌କୁ ପିଛା କରି ସୌରାଷ୍ଟ୍ର ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ୟ ଇନିଂସରେ ୩ ଉଇକେଟ୍ ହରାଇ ୨୨୪ ରନ ସଂଗ୍ରହ କରିଛି। ପୂଜାରା ୨୧୬ ବଲରୁ ୧୦୮ ରନ (୧୪ ଚୌକା) ଓ ସେଲଡନ୍ ଜ୍ୟାକସନ ୯୦ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ପୂଜାରାଙ୍କ ଏହା ୪୯ତମ ଶତକ ଥିଲା। ଉଭୟ ପୂଜାରା ଓ ଜ୍ୟାକସନଙ୍କ ମଧ୍ୟରେ ଅସମାପ୍ତ ୪ର୍ଥ ଉଇକେଟ୍ ଭାଗୀଦାରିରେ ୨୦୧ ରନ୍ ସଂଗୃହୀତ ହୋଇଛି। କର୍ଣ୍ଣାଟକ ପକ୍ଷରୁ ଆର୍. ବିନୟ କୁମାର ୨ ଓ ଅଭିମନ୍ୟୁ ମିଥୁନ ଗୋଟିଏ ଉଇକେଟ୍ ଅକ୍ତିଆର କରିଛନ୍ତି। ସୋମବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ସୌରାଷ୍ଟ୍ରକୁ ଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ଆଉ ୫୫ ରନ୍ ଆବଶ୍ୟକ ହେଉଛି। ପୂର୍ବରୁ ପ୍ରଥମ ଦଳ ଭାବେ ଡିଫେଣ୍ଡିଂ ଚାମ୍ପିୟନ ବିଦର୍ଭ ଫାଇନାଲରେ ସ୍ଥାନ ସୁରକ୍ଷିତ କରିସାରିଛି।



ରାଜ୍ୟ ଜୁନିୟର କୁସ୍ତି ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ ।

## ଜାତୀୟ ଜୁନିୟର କୁସ୍ତି ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି)

ଫେବୃୟାରୀ ୧ରୁ ୪ ପର୍ଯ୍ୟନ୍ତ ଗୁଜରାଟରେ ଜାତୀୟ ଜୁନିୟର କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ କୁସ୍ତି ପ୍ରତିଯୋଗିତା କରାଯାଇ ଓଡ଼ିଶା ଦଳ ମନୋନୟନ କରାଯାଇଛି। ପୁରୁଷ ବିଭାଗରେ ସଦାଶିବ ବାରିକ, ସତ୍ୟପ୍ରକାଶ ବେହେରା, କୃଷ୍ଣଚନ୍ଦ୍ର ଖୁଣ୍ଟିଆ, କରମା ଦାସ, ଲୋକନାଥ ପାଢ଼ୀ, କାହ୍ନୁଚରଣ ସୋରେନ, କାଳୀପ୍ରସାଦ ବେହେରା, ଜ୍ୟୋତିଜୀବନ ଜେନା, ଶିବଶଙ୍କର ପୂଜାପଣ୍ଡା, ଅଭିଷେକ ନାୟକ ଓ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ଏବଂ ମହିଳା ବିଭାଗରେ ରୋଜାଲିନ ପାଲ୍, ଅର୍ଚ୍ଚନା ପଟ୍ଟନାୟକ, ଶିବାନୀ ଜେନା, ବନିତା ପାତ୍ର, ପୂଜା ମହାରଣା, ଚିନ୍ମୟୀ ସାମଲ, ମଧୁସ୍ମିତା ଦେବନାଥ, ବିଉଟି ସାମଲ, ରାଜମହିଷୀ ମୁଖି ଓ ଶିଲ୍ପା ସାହୁ କୃତିତ୍ୱ ଅର୍ଜନ କରିଛନ୍ତି। ରାଜ୍ୟ ପ୍ରତିଯୋଗିତାକୁ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଶ୍ୟାମସୁନ୍ଦର ମହାପାତ୍ର, କୃଷ୍ଣମୋହନ ପାତ୍ର, ସନ୍ତୋଷ ସାହୁ, ପ୍ରକାଶ ମହାରଣା ପରିଚାଳନା କରିଥିଲେ। ରାଜ୍ୟ କୁସ୍ତି ଆସୋସିଏଶନର ସାଧାରଣ ସମ୍ପାଦକ ବିନୋଦ ଦାସ, ଉପସଭାପତି ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ଦେବେନ୍ଦ୍ର ସାହୁ, କିଶୋର ବେହେରା, ଭାରତ ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡୋନେସିଆ ମାଷ୍ଟର୍ସ: ସାଇନା ଚାମ୍ପିୟନ

ଜାକର୍ତ୍ତା,୨୭।୧(ପି.ଟି.)

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହ୍ୱାଲ ଇଣ୍ଡୋନେସିଆ ମାଷ୍ଟର୍ସ ଟାଇଟଲ ହାସଲ କରିଛନ୍ତି। ଦୀର୍ଘ ଦୁଇବର୍ଷ ପରେ ସେ ତାଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ ଟାଇଟଲ ଜିତିଛନ୍ତି। ରବିବାର ଏଠାରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରୁ ୩ଥର ବିଶ୍ୱଚାମ୍ପିୟନଶିପ୍ ଟାଇଟଲ ତଥା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସ୍ପେନ୍‌ର କାରୋଲିନା ମାରିନ୍ ଗୋଡରେ ଆଘାତ ସମସ୍ୟା କାରଣରୁ ଓହରିଯାଇଥିଲେ। ଫଳରେ ସାଇନା ଚାମ୍ପିୟନ ଘୋଷିତ ହୋଇଥିଲେ। ପୂର୍ବରୁ ୨୦୧୭ରେ ସାଇନା ମାଲେସିଆରେ ଶେଷଥର ପାଇଁ ବିଡବ୍ଲ୍ୟୁଏଫ୍ ଟାଇଟଲ ହାସଲ କରିଥିଲେ। ମାରିନ୍ ଓହରିବା ବେଳକୁ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ପ୍ରଥମ ଗେମ୍‌ରେ ୪–୧୦ରେ ପଛାଇଥିଲେ। ଫାଇନାଲ ମୁକାବିଲାରେ ଭଲ ଆରମ୍ଭ କରିଥିଲେ ମଧ ମାରିନ ଆହତ ହୋଇ ଓହରିଯିବା ଦୁର୍ଭାଗ୍ୟଜନକ ବୋଲି ସାଇନା କହିଛନ୍ତି। ଗତବର୍ଷ ମଧ ସାଇନା ଆଘାତ ସମସ୍ୟା ଦେଇ ଗତି କରିଥିଲେ। ତେବେ ଏହା ପରେ ସାଇନା ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାକୁ ସକ୍ଷମ ହୋଇଛନ୍ତି। ଏହି ଟୁର୍ନାମେଣ୍ଟର ସେମିଫାଇନାଲ ଓ ଫାଇନାଲ ଖେଳିପାରିଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। ସାଇନା ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ଏସିଆନ ଗେମ୍ସରେ ସେ ବ୍ରୋଞ୍ଜ୍ ଜିତିଥିଲେ। ଏହା ବ୍ୟତୀତ ସେ ଡେନ୍‌ମାର୍କ, ଇଣ୍ଡୋନେସିଆ ମାଷ୍ଟର୍ସ ଓ ସୟଦ ମୋଦି ଆନ୍ତର୍ଜାତିକ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ।



ପଦକ ସହ ସାଇନା ନେହ୍ୱାଲ।

# ଜୋକୋଭିଚ୍‌ଙ୍କୁ ୭ମ ଅଷ୍ଟ୍ରେଲିଆନ ଓପନ ଟାଇଟଲ

**ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍**

ମେଲବୋର୍ନ, ୨୭।୧ (ଏଏଫ୍‌ପି)

ରବିବାର ଫାଇନାଲରେ ରାଫାଲ ନାଡାଲଙ୍କୁ ୬–୩, ୬–୨, ୬–୩ ସେଟ୍‌ରେ ପରାସ୍ତ କରି ନୋଭାକ୍ ଜୋକୋଭିଚ୍ ରେକର୍ଡ ୭ମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ବିଶ୍ୱର ନମ୍ବର ୱାନ ସର୍ବୀୟ ଖେଳାଳିଙ୍କ ଏହା ହେଉଛି ମୋଟ ଉପରେ ୧୫ ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ରୋଜର ଫେଡରର ଓ ରଏ ଇମର୍ସନ ପୂର୍ବରୁ ୬ଥର ଲେଖାଏଁ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିପାରିଛନ୍ତି। ୩୧ବର୍ଷୀୟ ଜୋକୋଭିଚ୍ ତାଙ୍କୁ ଅତିକ୍ରମ କରିଯାଇଛନ୍ତି। ରଡ୍ ଲାଭର ଆରେନାଠାରେ ତ୍ରୁଟିହୀନ ଖେଳ ପ୍ରଦର୍ଶନ ସହ ସେ ଏହି ମ୍ୟାଚକୁ ୨ଘଣ୍ଟା ୪ମିନିଟ୍‌ରେ ଜିତିନେଇଥିଲେ। ୨୦୧୨ରେ ଅଷ୍ଟ୍ରେଲିଆନ ଓପନ ଫାଇନାଲ ୫ ଘଣ୍ଟା ୫୩ ମିନିଟ ଧରି ଚାଲିଥିଲା। ଗ୍ରାଣ୍ଡସ୍ଲାମ ଇତିହାସର ଏହାକୁ ସବୁଠାରୁ ଦୀର୍ଘତମ ମ୍ୟାଚ ବୋଲି ବିବେଚନା କରାଯାଇ ଆସୁଛି। ଏଠାରେ ତାହାର ପୁନରାବୃତ୍ତି ଦେଖିବାକୁ ମିଳି ନ ଥିଲା। ମ୍ୟାଚ ଆରମ୍ଭରେ ନାଡାଲ ନର୍ଭସ ହୋଇ ପଡ଼ିବାରୁ ଜୋକୋଭିଚ୍ ସେଥିରୁ ତୁରନ୍ତ ଫାଇଦା ଉଠାଇଥିଲେ। ମ୍ୟାଚ୍‌ପରେ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି,ଏହାଥିଲା ମୋ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ ଫାଇନାଲ। ନାଡାଲଙ୍କ ବିପକ୍ଷରେ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲି। ଅନ୍ୟପକ୍ଷରେ ନାଡାଲ କହିଛନ୍ତି ୨୦୧୮ରେ ଆଘାତଜନିତ ସମସ୍ୟା ପରଠାରୁ ମୁଁ ଏପର୍ଯ୍ୟନ୍ତ ମୋର ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନାହିଁ।





ମହିଳା ସିଙ୍ଗଲ୍ସ ଟ୍ରଫି ସହ ନାଓମି ଓସାକା । ପୁରୁଷ ସିଙ୍ଗଲ୍ସ ଫାଇନାଲରେ ରାଫାଲ ନାଡାଲଙ୍କୁ ହରାଇବା ପରେ ନୋଭାକ ଜୋକୋଭିଚ୍ ।

**ଓସାକା ନୂଆ ଚାମ୍ପିୟନ**

୨୧ ବର୍ଷୀୟା ଜାପାନ ମହିଳା ଟେନିସ୍ ତାରକା ନାଓମି ଓସାକା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆ ଓପନ୍ ଟେନିସ୍ ଟାଇଟଲ ହାସଲ କରିଛନ୍ତି। ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ଚତୁର୍ଥ ସିଡ ମାନ୍ୟତା ପାଇଥିବା ଓସାକା ୭–୬, ୫–୭, ୬–୪ ସେଟ୍‌ରେ ଅଷ୍ଟମ ସିଡ୍ ଚେକ୍ ଗଣରାଜ୍ୟର ପେଟ୍ରା କ୍ୱିଟୋଭାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ବିଜୟୀ ହେବା ପାଇଁ ଓସାକାଙ୍କୁ ୨ ଘଣ୍ଟା ୨୭ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଏଥିସହିତ ସେ ପ୍ରଥମ ଏସୀୟ ଖେଳାଳି ଭାବେ କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ୍ ଜିତି ଏକ ବିରଳ ସଫଳତା ହାସଲ କରିଛନ୍ତି। ଏହାପୂର୍ବରୁ ସେ ଗତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ଟାଇଟଲ ଜିତିଥିଲେ। ଏହାପୂର୍ବରୁ ମାର୍ଟିନା ହିଙ୍ଗିସ୍ ୧୯୯୮ରେ ଓ ସର୍ବକନିଷ୍ଠ ଖେଳାଳିଭାବେ କାରୋଲିନ ଓଜନିଆକି ୨୦୧୦ରେ କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ଏଥି ସହିତ ଓସାକା ବିଶ୍ୱ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ କରିଛନ୍ତି।

ନିଜ ପ୍ରଦର୍ଶନରେ ଓସାକା ଖୁସି ଜାହିର କରିଛନ୍ତି। ଅନ୍ୟପଟେ କ୍ୱିଟୋଭା ଅସନ୍ତୋଷ ଜାହିର କରିଛନ୍ତି। ୨୦୧୬ରେ କ୍ୱିଟୋଭାଙ୍କୁ ଜଣେ ଦୁର୍ବୃତ୍ତ ଛୁରିରେ ଆକ୍ରମଣ କରିଥିଲା ଓ ତାଙ୍କ ହାତରେ ଆଘାତ ଲାଗିଥିଲା। ଏହି ଘଟଣା ପରେ ସେ ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଫାଇନାଲ ମ୍ୟାଚ୍ ଖେଳିଥିଲେ।

### ଜାତୀୟ ସିନିୟର ହକିରେ ନିଶାନ୍ ଟେକ୍ନିକାଲ ଅଫିସିଆଲ

ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି)

ଜାତୀୟ ସିନିୟର ହକି(ଡିଭିଜନ–ଏ)ର ୯ମ ସଂସ୍କରଣ ଗ୍ୱାଲିୟରଠାରେ ଚଳିତମାସ ୩୧ରୁ ଫେବୃୟାରୀ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ନିର୍ବାହ କରିବେ। ମୁଁ ଦ୍ୱିତୀୟଥର ପାଇଁ ଏହି ଗୁରୁଦାୟିତ୍ୱ ବହନ କରିବାକୁ ଯାଉଛି। ଅନେକ ଜାତୀୟ/ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ମୁଁ ଅମ୍ପାୟର, ଅଫିସିଆଲ ଓ ଜଜ୍ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଛି। ତେଣୁ ହକି ଇଣ୍ଡିଆ ଖୁସି ହୋଇ ମୋ ଉପରେ ପୁଣି ଆସ୍ଥା ପ୍ରକଟ କରିଛି ବୋଲି ନିଶାନ ପ୍ରକାଶ କରିଛନ୍ତି।



DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୮/୨୦୧୯ Bhubaneswar, Monday, January 28/2019

# ବରପଦା ଇଞ୍ଜିନିୟରିଂ କଲେଜ ଅର୍ଥ ହଡ଼ପ ଅଭିଯୋଗ

## ୪ରୁ ବିଧାନସଭା ସମ୍ମୁଖରେ ଧାରଣା ଚେତାବନୀ

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଭଦ୍ରକ ବରପଦାଠାରେ ପ୍ରାୟ ୧୦୦ ଏକର ସରକାରୀ ଜମିରେ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ୧୯୮୨ରେ ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ବିଏସ୍ଇଟି) ପ୍ରତିଷ୍ଠା ହୋଇଥିଲା। କଲେଜକୁ ଆସୁଥିବା ଅର୍ଥକୁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ନିଜ ପାରିବାରିକ ଖର୍ଚ୍ଚରେ ବିନିଯୋଗ କରି ହଡପ କରୁଥିବା ଭଦ୍ରକ ଗଣତାନ୍ତ୍ରିକ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ରବିବାର ଭୁବନେଶ୍ୱର ନେହେରୁ ଯୁବ କେନ୍ଦ୍ରଠାରେ ଏକ ଖବରଦାତା ସମ୍ମିଳନୀ କରି ମଞ୍ଚ ସଭାପତି ନିରାକାର ଜେନା ଅଭିଯୋଗ କରିଛନ୍ତି। ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ଅନୁଷ୍ଠାନକୁ ଆସିଥିବା ସମସ୍ତ ଅର୍ଥର ହିସାବ କରାଯିବା, ଅର୍ଥ ହଡ଼ପର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଆଦି ୭ ଦଫା ଦାବି ଉପସ୍ଥାପନ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୪ ତାରିଖରୁ ମଞ୍ଚ ପକ୍ଷରୁ ବିଧାନସଭା ଆଗରେ ଧାରଣା ଦିଆଯିବ ବୋଲି ଜେନା ଚେତାବନୀ ଦେଇଛନ୍ତି।

ଜେନା ଅଭିଯୋଗ କରିଛନ୍ତି ଯେ, ୧୯୯୩ରେ ଗଠିତ ବିଏସ୍ଇଟି ସୋସାଇଟିରେ ସ୍ଥାନୀୟ ବିଧାୟକ ସଭାପତି ହେବା ପାଇଁ ନିୟମ ରହିଥିବା ବେଳେ ପ୍ରଫୁଲ୍ଲ ସାମଲ ବିଧାୟକ ନ ଥାଇ ସଭାପତି ହୋଇଥିଲେ। ପରେ ସେ ନିଜ ପୁଅ ପ୍ରୟାସକାନ୍ତି ସାମଲ(ଲୁଲୁ)ଙ୍କୁ ବିଏସ୍ଇଟି ସୋସାଇଟିର ସଭାପତି କରିଥିଲେ। ଏହାପରେ ନିଜ ପରିବାର ସଦସ୍ୟ ଏବଂ ଅନ୍ୟ ସମ୍ପର୍କୀୟମାନଙ୍କୁ ଚାକିରି ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଭଦ୍ରକ ଏଡିଏମ୍, କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ, ସିବିଆଇ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ମଞ୍ଚ ସମ୍ପାଦକ ବିକାଶ ଜେନାଙ୍କ ସମେତ ବିଏସ୍ଇଟିର କେତେଜଣ କର୍ମଚାରୀ ଉପସ୍ଥିତ ଥିଲେ।

ଉପରୋକ୍ତ ଅଭିଯୋଗ ସମ୍ପର୍କରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ତାଙ୍କ ମୋବାଇଲ ନମ୍ବର(୯୪୩୭୦୦୬୮୦୨)କୁ ରବିବାର ରାତି ୭ଟା ୫୮ରେ ଏବଂ ତାଙ୍କ ପୁଅ ପ୍ରୟାସକାନ୍ତିଙ୍କୁ ତାଙ୍କ ମୋବାଇଲ ନମ୍ବର(୯୯୩୭୦୦୬୮୦୨)କୁ ରାତି ୭ଟା ୩୬ରେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଉଭୟେ ଫୋନ କଲ୍ ଉଠାଇ ନ ଥିଲେ।

# ଦଇତାପତି ନିଯୋଗ ନିର୍ବାଚନ ଆଜି

- ୧୫ ପଦବୀରେ ୨୪ ପ୍ରାର୍ଥୀ
- ସକାଳ ୯ରୁ ଭୋଟଦାନ, ୪ଟାରେ ଗଣତି
- ଅଧିକ ସଂଖ୍ୟାରେ ଯୁବ ପ୍ରାର୍ଥୀ

ପୁରୀ ଅଫିସ, ୨୭।୧

ଶ୍ରୀମନ୍ଦିର ଦଇତାପତି ନିଯୋଗର ନିର୍ବାଚନ ସୋମବାର ଅନୁଷ୍ଠିତ ହେବ। ଦକ୍ଷିଣ ଦ୍ୱାର ଶୀତତାପ ପ୍ରକୋଷ୍ଠରେ ହେବାକୁ ଥିବା ଏହି ନିର୍ବାଚନରେ ୧୨୦ ଜଣ ସଦସ୍ୟ ୨୪ ପ୍ରାର୍ଥୀଙ୍କ ମଧ୍ୟରୁ ୧୫ ଜଣଙ୍କୁ ନିର୍ବାଚିତ କରିବେ। ନିର୍ବାଚିତ ୧୫ ଜଣଙ୍କ ମଧ୍ୟରୁ ସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ରହିବେ।

ପ୍ରକାଶ ଯେ, ସକାଳ ୯ଟାଠାରୁ ନିର୍ବାଚନ ଆରମ୍ଭ ହୋଇ ଅପରାହ୍ନ ୩ଟା ପଯର୍ୟନ୍ତ ଚାଲିବ। ଅପରାହ୍ନ ୪ଟାରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ କରାଯିବ। ତେବେ ଆରମ୍ଭରୁ ଦଇତାପତି ନିଯୋଗ ନିର୍ବାଚନ ଚର୍ଚ୍ଚାରେ ରହିଥିଲା। ଗୋଟିଏ ଗୋଷ୍ଠୀ ନିର୍ବାଚନ ସପକ୍ଷରେ ଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ନିର୍ବାଚନ ନ ହେଉ ବୋଲି କହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଭୟପକ୍ଷ ନିର୍ବାଚନ ଲଢ଼ିବା ଲାଗି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମୋଟ ୩୨ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୨ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଥିଲା। ୬ ଜଣ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଥିଲେ। ବରିଷ୍ଠ ଦଇତାପତି ସେବକ ପ୍ରେମାନନ୍ଦ ଦାସ ମହାପାତ୍ର, ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର ନିର୍ବାଚନ ଲଢ଼ିବା ନେଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ ବି ଶେଷ ମୁହୂର୍ତ୍ତରେ ପ୍ରତ୍ୟାହାର କରି ନେଇଥିଲେ। ତେବେ ଏମାନଙ୍କ ପ୍ରତ୍ୟାହାରର କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଏବେ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ କରିବାରେ ଲାଗିପଡିଛନ୍ତି। ନିଯୋଗର ଦୁଇପକ୍ଷର ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ବରିଷ୍ଠ ଦଇତାସେବକଙ୍କ ପାଖରେ ପହଞ୍ଚି ସେମାନଙ୍କ ସପକ୍ଷରେ ଭୋଟ ଦେବା ପାଇଁ କହୁଛନ୍ତି। ସୂଚନାଥାଉ କି, ଏଥର ଅଧିକ ସଂଖ୍ୟକ ଯୁବ ଦଇତାପତି ପ୍ରାର୍ଥୀ ହୋଇଛନ୍ତି।




# ରାଜଧାନୀରେ ମଦ ବିରୋଧୀ ଶୋଭାଯାତ୍ରା



ମଦମୁକ୍ତି ଯୁବବାହିନୀ ପକ୍ଷରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ରାଜ୍ୟରେ ମଦ ବନ୍ଦ ଦାବିରେ ମଦମୁକ୍ତି ଯୁବବାହିନୀ ପକ୍ଷରୁ ରାଜଧାନୀରେ ଏକ ବାଇକ୍ ଶୋଭାଯାତ୍ରା କରାଯାଇଛି। ବିଭିନ୍ନ ଜିଲାରୁ ସଂଗଠନର ଶତାଧିକ କର୍ମକର୍ତ୍ତା ଏଥିରେ ସାମିଲ ହୋଇ ବାଇକ୍‌ରେ ସହରର ବିଭିନ୍ନ ଅଞ୍ଚଳକୁ ଶୋଭାଯାତ୍ରାରେ ଯାଇ ମଦର ଭୟାବହତା ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ। ମଦ ଯୋଗୁ ନିର୍ବାଚନ ସମୟରେ ଅନେକ ହିଂସା ଘଟୁଛି। ତେଣୁ ମଦବିରୋଧୀ ଆଇନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେମାନେ ଦାବି କରିଥିଲେ। ଆସନ୍ତା ନିର୍ବାଚନ ଆଚରଣବିଧି ଲାଗୁ ହେବା ପୂର୍ବରୁ ଓଡ଼ିଶାକୁ ମଦମୁକ୍ତ ଘୋଷଣା କରିବା ସହ ଏହାକୁ କାର୍ଯ୍ୟକାରୀ କରିବାକୁ ଅବକାରୀ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ନଚେତ୍ ଅବକାରୀ ମନ୍ତ୍ରୀ ଯେଉଁ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ସେଠାରୁ ମଦମୁକ୍ତି ଯୁବବାହିନୀଙ୍କ ବିରୋଧର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବାକୁ ଚେତାବନୀ ଦିଆଯାଇଛି।

ମଦମୁକ୍ତି ଯୁବବାହିନୀର ଆବାହକ ସତ୍ୟବ୍ରତ ପୃଷ୍ଟି କହିଛନ୍ତି, ମଦ ଦ୍ୱାରା ଓଡ଼ିଶାରେ ହଜାର ହଜାର ଗାଁ ଏବଂ ଲକ୍ଷ ଲକ୍ଷ ପରିବାର ଉଜୁଡ଼ି ଯାଉଛି। ସରକାରଙ୍କ ଯୁକ୍ତି ଯେ ଏଥିରୁ ରାଜସ୍ୱ ଆସୁଛି, କିନ୍ତୁ ଏହା ସମ୍ପୂର୍ଣ୍ଣ ମିଥ୍ୟା। କାରଣ ବିଭିନ୍ନ ରିପୋର୍ଟ ଅନୁଯାୟୀ ମଦ ଯୋଗୁ ହେଉଥିବା କ୍ଷତି ଏହାଠାରୁ ଢେର ଗୁଣରେ ଅଧିକ। ଏକ ଜନମଙ୍ଗଳକାରୀ ସରକାର ଲୋକମାନଙ୍କ ସୁବିଧା ପାଇଁ ଶୀତଳ ଭଣ୍ଡାର, ଜଳସେଚନ ବ୍ୟବସ୍ଥା ଆଦି କରିବା ପରିବର୍ତ୍ତେ ମଦର ପ୍ରସାରରେ ଲାଗିଛନ୍ତି, ଯାହା ଅତ୍ୟନ୍ତ ଲଜ୍ଜାଜନକ। ମଦମୁକ୍ତ ଯୁବବାହିନୀ ପକ୍ଷରୁ ତାରାକାନ୍ତ ନାୟକ, ରାଜେଶ କୁମାର ଦେଓ, ହରିଶଙ୍କର ପାଣିଗ୍ରାହୀ, ଅଭିଜିତ ପାତ୍ର ପ୍ରମୁଖ ଯୋଗଦେଇଥିଲେ।




# ଆନ୍ଦୋଳନ କରିବାକୁ କନିଷ୍ଠ ଶିକ୍ଷକଙ୍କ ଚେତାବନୀ

ଭୁବନେଶ୍ୱର, ୨୭।୧(ବ୍ୟୁରୋ)

ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ଏକ ବୈଠକ ରବିବାର ଖାରବେଳନଗରସ୍ଥିତ ପ୍ରାଥମିକ ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘର ସଭାପତି ମଳୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକମାନଙ୍କ ପାରିତୋଷିକ ବୃଦ୍ଧି ଏବଂ ୨୦୧୨ ବ୍ୟାଚ୍‌ରେ ନିଯୁକ୍ତ ଶିକ୍ଷା ସହାୟକମାନଙ୍କୁ ତୁରନ୍ତ ନିୟମିତ ଶିକ୍ଷକ ମାନ୍ୟତା ଦେବା ସହିତ ଓଟିଇଟି ଉଚ୍ଛେଦ କରିବା ସମ୍ପର୍କରେ ବ୍ୟାପକ ଭାବେ ଆଲୋଚନା ହୋଇଥିଲା। ରାଜ୍ୟରେ ସାଧାରଣ ନିର୍ବାଚନକୁ ଆଉ ଦୁଇମାସ ବାକି ଥିବାବେଳେ ଆନ୍ଦୋଳନ ନିମନ୍ତେ ଏହା ପ୍ରକୃଷ୍ଟ ସମୟ ବୋଲି ସମସ୍ତେ ମତପ୍ରକାଶ ପାଇଥିଲା। ବୈଠକରେ ମହାସଚିବ ବିବେକାନନ୍ଦ ବେହେରା ଆସନ୍ତା ଫେବୃୟାରୀ ୨ ସୁଦ୍ଧା ନିଜ ନିଜ ନିର୍ବାଚନ ମଣ୍ଡଳୀର ବିଧାୟକ ଓ ଏମ୍‌ପିମାନଙ୍କୁ ସଂଘ ତରଫରୁ ଦାବିପତ୍ର ଦେବା ନିମନ୍ତେ ସର୍ବସମ୍ମତିକ୍ରମେ ଆହ୍ୱାନ ଜଣାଇଥିଲେ। ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ କୁମାର ନାୟକ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଆଗାମୀ ଦିନରେ ଏକାକୀ ଭାବେ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଥିଲେ। ଆନ୍ଦୋଳନକୁ ତୃଣମୂଳ ସ୍ତରରେ ତୀବ୍ରତର କରିବା ପାଇଁ ବିଦ୍ୟାଳୟରେ ଉଜ୍ଜ୍ୱଳ ଓ ଉତ୍‌ଥାନ ସହିତ ସମସ୍ତ ଶୈକ୍ଷିକ ଓ ଅଣଶୈକ୍ଷିକ କାର୍ଯ୍ୟକ୍ରମରେ ଅସହଯୋଗ କରିବାକୁ ସମସ୍ତ ଜିଲା ଓ ବ୍ଲକ କର୍ମକର୍ତ୍ତା ତଥା ରାଜ୍ୟର ସମସ୍ତ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକମାନଙ୍କୁ ରାଜ୍ୟ ସଂଘ ତରଫରୁ ଶ୍ରୀକାନ୍ତ ନାୟକ ସୂଚନା ଦେଇଥିଲେ। ବୈଠକରେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ସୁମନ୍ତ କୁମାର ପାଲ୍, ଉପଦେଷ୍ଟା ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଠିକ୍ ଭାବରେ ଉଦ୍ୟମ କର। ତୁମେ ପାଇବ, ବିଶ୍ୱାସ ରଖ ଏବଂ ପରିଶେଷରେ ତୁମର ବିଶ୍ୱାସ ପ୍ରମାଣିତ ହେବ।

-ଶ୍ରୀଅରବିନ୍ଦ



## ସଂକ୍ଷେପରେ

### ଦାବିପରେ ତାରପୁର ଆର୍‌ଏମ୍‌ସିରେ ଖୋଲିଲା ମଣ୍ଡି

**ରଘୁନାଥପୁର,୨୭।୧(ଡି.ଏନ୍.ଏ.)-** ଚାଷୀଙ୍କ ଦାବିପରେ ଶେଷରେ ରଘୁନାଥପୁର ବ୍ଲକ ତାରପୁର ସେବା ସମବାୟ ସମିତି ଚିକିଣିଆ ପକ୍ଷରୁ ବାଇପାସସ୍ଥିତ ଆର୍‌ଏମ୍‌ସି ପରିସରରେ ଧାନମଣ୍ଡିର ଉଦ୍‌ଘାଟନ ହୋଇଛି। ରାଜ୍ୟ ବିଜୁ କୃଷକ ମୋର୍ଚ୍ଚାର ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, ସରପଞ୍ଚ ସରୋଜ କୁମାର ଦାସ, ସମିତି ସଭାପତି ଦେବେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଅନଲାଇନରେ ଥିବା ୨୫ଜଣ ଚାଷୀଙ୍କ ପକ୍ଷରୁ ଅଣାଯାଇଥିବା ୭ଶହ କୁଇଣ୍ଟାଲ ଧାନ ମିଲର କ୍ରୟ କରିଥିଲେ। ସୂଚନାଯୋଗ୍ୟ, ତାରପୁର କୃଷି ସେବା ସମିତି ସ୍ଥାନୀୟ ଚିକିଣିଆ ପଞ୍ଚାୟତରେ ଦୀର୍ଘଦିନ ହେବ ଚାଲିଆସୁଥିଲା। ପ୍ରତିବର୍ଷ ସମିତି କାର୍ଯ୍ୟାଳୟ ନିକଟରେ ଥିବା ଖୋଲା ସ୍ଥାନରେ ୧୩ଗ୍ରାମର ଚାଷୀ ଧାନ ଦେଇଆସୁଥିଲେ। ଏବର୍ଷ ସମିତି କାର୍ଯ୍ୟାଳୟର ସେହି ଖୋଲା ସ୍ଥାନରେ କୋର୍ଟ ୧୪୪ଧାରା ଜାରି କରାଯାଇଛି। ତେଣୁ ପୋଲିସ ପକ୍ଷରୁ ଉକ୍ତ ସ୍ଥାନକୁ ଲୋକେ ନ ଯିବା ପାଇଁ ନିର୍ଦ୍ଦେଶ ରହିଛି। ଏ ନେଇ ସମିତି ବୋର୍ଡ ନିର୍ଦ୍ଦେଶକ ଓ କ୍ରୟକମିଟି ପକ୍ଷରୁ ତାରପୁର ପଞ୍ଚାୟତର ୫ଟି ଗ୍ରାମର ଚାଷୀମାନେ ଆର୍‌ଏମ୍‌ସି ପରିସରରେ ଧାନ କ୍ରୟ କରାଯିବା ପାଇଁ ରିଜୋଲେଶନ ମାଧମରେ ଜିଲା ପ୍ରଶାସନଙ୍କୁ ଅବଗତ କରାଇଥିଲେ। ଧାନଦେବାରେ ବିଳମ୍ବ ହେବାରୁ ଚାଷୀ ଦିବାକର ବେହେରା, ବିନୋଦ ବିହାରୀ ମହାନ୍ତି, ସମରଜିତ ଜେନାଙ୍କ ସମେତ ସରପଞ୍ଚ ଦାସ ଓ ବିଜୁ କୃଷକ ମୋର୍ଚ୍ଚାର ସମ୍ପାଦକ ରାଉତ ପ୍ରମୁଖ ଦାବି ସମ୍ପର୍କରେ ଗୁରୁବାର ଏସିଏସଓ ସହାଉଦ୍ଦିନ ଖାଁ, ଏସଏଆରସିଏମ ଶିବପ୍ରସାଦ ମହାନ୍ତି, ବିଜୟ କୁମାର ସାସମଲ ଏବଂ ଏମଆଇ ମୋଛିରାମ ଦାସଙ୍କ ସହ ଆଲୋଚନା କରିଥିଲେ। ଶେଷରେ ପ୍ରଶାସନ ଚାଷୀଙ୍କ ଦାବି ଗ୍ରହଣ କରିବା ସହ ସେହି ସ୍ଥାନରେ ଧାନକ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମିତି ସମ୍ପାଦକ ଭଗବାନ ପ୍ରସାଦ ସ୍ୱାଇଁ ଓ ସହସମ୍ପାଦକ ବିଜୟ କୁମାର ଦାଶଙ୍କ ନେତୃତ୍ୱରେ ଧାନକ୍ରୟ ହୋଇଥିଲା।

### ସାଧାରଣତନ୍ତ୍ର ଦିବସରେ ସମିତିସଭ୍ୟଙ୍କୁ ଅଣଦେଖା

**ରଘୁନାଥପୁର,୨୭।୧(ଡି.ଏନ୍.ଏ.)-** ରଘୁନାଥପୁର ବ୍ଲକରେ ଶନିବାର ସାଧାରଣତନ୍ତ୍ର ଦିବସ ପାଳନ ହେଉଥିବାବେଳେ ପଞ୍ଚାୟତର ୭ଜଣ ସମିତି ସଭ୍ୟାସଭ୍ୟଙ୍କୁ ଅଣଦେଖା କରାଯାଇଥିବା ଜିଲାପାଳଙ୍କୁ ଅଭିଯୋଗ ହୋଇଛି। ଏ ନେଇ ଜଗନ୍ନାଥପୁର ସମିତିସଭ୍ୟ ମେହେବୁବ ବେଗ କୁହନ୍ତି, ଏହି ଦିବସରେ ସାମିଲ ହେବା ପାଇଁ ପ୍ରତି ପଞ୍ଚାୟତର ଜନପ୍ରତିନିଧିମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଅବଗତ କରାଯାଇଥାଏ। କିନ୍ତୁ ଚଳିତବର୍ଷ ୭ଟି ପଞ୍ଚାୟତର ସଭ୍ୟାସଭ୍ୟମାନଙ୍କୁ ଆଲୋଚନା ମାଧମରେ, ମେସେଜ ଦ୍ୱାରା କିମ୍ବା ଲିଖିତ ନିମନ୍ତ୍ରଣ କରାଯାଇ ନ ଥିଲା। ଯାହା ଏକ ଅପମାନ ସୂଚକ ଦର୍ଶାଉଛି। ସେହିଦିନ ବିଡିଓ ଅନୁପସ୍ଥିତ ରହିବା ତଥା ବ୍ଲକ ପ୍ରଶାସନର ଖାମଖିଆଲ ନୀତିକୁ ବିରୋଧ କରି ଏଭଳି କାର୍ଯ୍ୟକଳାପ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ସ୍ୱର୍ଣ୍ଣଲତା ସାହୁ, କାଦମ୍ବିନୀ ସ୍ୱାଇଁ, ବୈଜୟନ୍ତୀ ପାତ୍ର, ପ୍ରମିଳା ଦେଇ ପ୍ରମୁଖ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ସହ ଯୋଗାଯୋଗ କରିବାରେ ସମ୍ଭବ ହୋଇପାରି ନଥିଲା।

### ପାଲାଗାୟକ ପରିଷଦର ସମୀକ୍ଷା ବୈଠକ

**ସାକ୍ଷୀଗୋପାଳ, ୨୭।୧(ଡି.ଏନ୍.ଏ.):** ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ସତ୍ୟବାଦୀ ଉପଶାଖା ମଣ୍ଡଳର ସମୀକ୍ଷା ବୈଠକ ସ୍ଥାନୀୟ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ର ବୈଠକରେ ସଭାପତିତ୍ୱ କରିଥିଲେ। ପାଲା କଳାର ପ୍ରଚାର ଓ ପ୍ରସାର ସହିତ ଏହାକୁ କିପରି ଆକର୍ଷଣୀୟ କରାଯାଇପାରିବ, ସେଥିପାଇଁ ଯୁବ ପାଲା ଗାୟକମାନଙ୍କୁ ଏ ଦିଗରେ ଦିଗ୍‌ଦର୍ଶନ ଦେବାକୁ ଆଲୋଚନା କରାଯାଇଥିଲା। ବିଭିନ୍ନ ପୁରାଣ ଶାସ୍ତ୍ର ଉପରେ ପାଲା ଗାୟକମାନେ ଜ୍ଞାନ ଆହରଣ କରି ସମାଜକୁ ଠିକ୍ ମାର୍ଗଦର୍ଶନ କରିବାକୁ ଉପସ୍ଥିତ ପାଲାକାରମାନଙ୍କୁ ଅଖଣ୍ଡ ପୁରୀ ଜିଲା ସମ୍ପାଦକ ଗାୟକରତ୍ନ ପ୍ରଭାତ କୁମାର ସାହୁ ପରାମର୍ଶ ଦେଇଥିଲେ।

■ ସରିଲା ଜିଲାସ୍ତରୀୟ ଯୁବ ସଂସଦ ଉତ୍ସବ

# ରାଜ୍ୟସ୍ତରକୁ ୩ ମନୋନୀତ

**ବାଙ୍କୀ, ୨୭।୧(ସ୍ୱ.ପ୍ର.)**




ଜିଲାସ୍ତରୀୟ ଯୁବ ସଂସଦ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

■ ଉଦ୍‌ଯାପନୀ ଉତ୍ସବରେ ଭାଗ ନେଇଥିଲେ ୧୦୦ ଛାତ୍ରୀଛାତ୍ର
■ ୧୨ ରୁ ୨୦ ପର୍ଯ୍ୟନ୍ତ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ଚାଲିଥିଲା କାର୍ଯ୍ୟକମ

ବାଙ୍କୀ କଲେଜରେ ରବିବାର ଜିଲାସ୍ତରୀୟ ଯୁବ ସଂସଦ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଶାନ୍ତ ଦାସ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ଉପଶାସନ ସଚିବ ସୁରେଖା ସୁନ୍ଦରୀ ସ୍ୱାଇଁ, କଟକ ଜିଲା ଯୁବ ସଂଯୋଜକ ଅଶୋକ ଦାସ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରିୟମ୍ବଦା ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟସେବା ସଂସ୍ଥା ସଂଯୋଜକ ମନୋରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସେମାନେ ବକ୍ତବ୍ୟରେ କହିଥିଲେ, ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ଜାତୀୟ ସେବା ସଂସ୍ଥା ଉଦ୍ୟମ ଜାରି ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଗତ ୧୨ରୁ ୨୦ତାରିଖ ପର୍ଯ୍ୟନ୍ତ ଅଫ୍‌ଲାଇନ୍ ଓ ଅନ୍‌ଲାଇନ ମାଧ୍ୟମରେ ଜିଲାର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ୧୦୦ ଛାତ୍ରୀଛାତ୍ର ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ ୩ଜଣଙ୍କୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ମନୋନୀତ କରାଯାଇଛି। ଆସନ୍ତା ୬ରେ ରାଜ୍ୟସ୍ତରୀୟ ଉତ୍ସବରେ ଏହି ୩ ପ୍ରତିଯୋଗୀ ଯୋଗଦେବେ। ବିଚାରକଭାବେ ଡ.ବିଶ୍ୱମୋହନ ଜେନା, ନିରୋଦ ବରଣ ଖୁଣ୍ଟିଆ ଏବଂ ସମରେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ବାଙ୍କୀ କଲେଜ ଏନଏସ୍‌ଏସ୍ ଅଧିକାରୀ ତଥା ଜିଲା ନୋଡାଲ ଅଫିସର ସତ୍ୟଜିତ ଦାସ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ଅତିଥି ଓ ବିଚାରକ ମଣ୍ଡଳି ସଭ୍ୟଙ୍କୁ କଲେଜ ଅଧ୍ୟକ୍ଷ ଶତପଥୀ ସମ୍ବର୍ଦ୍ଧିତ କରିଥିଲେ। ଯୁକ୍ତ ୨ କଲେଜ ଅଧ୍ୟକ୍ଷ ପ୍ରଧାପକ ମନୋଜ ମହାପାତ୍ର ସଭାପରିଚାଳନା କରିଥିଲେ। ଅଧାପିକା ବିଷ୍ଣୁପ୍ରିୟା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ୨ ପଞ୍ଚାୟତରେ ବିଜେଡିର ୱାର୍ଡ କମିଟି ବୈଠକ

**ମାହାଙ୍ଗା, ୨୭।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚାହାପଡ଼ା ପଞ୍ଚାୟତ ଓ ମଧୁପୁର ପଞ୍ଚାୟତ ବିଜେଡିର ୱାର୍ଡ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚାହାପଡ଼ା ପଞ୍ଚାୟତ ବିଜେଡି ବୈଠକ ପଞ୍ଚାୟତ ସଭାପତି ପ୍ରଫୁଲ୍ଲ କୁମାର ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ପର୍ଯ୍ୟବେକ୍ଷକ ଭିକାରି ଚରଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ନିରଞ୍ଜନ ବିଶ୍ୱାଳ, ପ୍ରକାଶ ରାଉତ, କୈଳାସ ଚନ୍ଦ୍ର ସ୍ୱାଇଁ, ପ୍ରଭାକର ରାଉତ ଓ ତ୍ରିଲୋଚନ ସିଂହ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ପଞ୍ଚାୟତରେ ବିଜେଡି ସଙ୍ଗଠନକୁ କିଭଳି ଅଧିକରୁ ଅଧିକ ସୁଦୃଢ଼ କରାଯିବ ଓ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ଗୁଡିକ ଲୋକଙ୍କ ପାଖରେ ପହଞ୍ଚିବ ତାହା ଉପରେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତର ୧୫ ୱାର୍ଡ କମିଟିରେ ବହୁ ସଭ୍ୟସଭ୍ୟା ବୈଠକରେ ଉପସ୍ଥିତ ଥିଲେ। ସେହିପରି ମଧୁପୁର ପଞ୍ଚାୟତ ବିଜେଡିର ୱାର୍ଡ କମିଟି ବୈଠକ ପୋକଲୁଣ୍ଡାଇ ଠାକୁରାଣୀ ପୀଠରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଞ୍ଚାୟତର ୧୬ ୱାର୍ଡର ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପ୍ରଶାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ପଞ୍ଚାୟତ ପର୍ଯ୍ୟବେକ୍ଷକ ଭିକାରି ଚରଣ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ରଶିଦା ବେଗମ, ସରପଞ୍ଚ ସନ୍ଧ୍ୟାରାଣୀ ମହାନ୍ତି, ଦୀପକ ଦାସ, ପଞ୍ଚାୟତ ସଭାପତି ରବୀନ୍ଦ୍ର ଦାସ, ମିହିର ପାତ୍ର, ପ୍ରଦୋଷ ପ୍ରଧାନ, ସୁବାସ ବାଗ ପ୍ରମୁଖ ଯୋଗଦେଇ ୱାର୍ଡସ୍ତରରେ ବିଜେଡିକୁ କିପରି ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

## ୨୯ରେ ଆସନ୍ତୁ ଚାଲିବା କାର୍ଯ୍ୟକ୍ରମ



ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଓ ଅନ୍ୟମାନେ ।

**ସାଲେପୁର, ୨୭।୧(ଡି.ଏନ.ଏ.)**

ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ଡାକବଙ୍ଗଳା ପରିସରରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ବେହେରା ଉପସ୍ଥିତ ରହି ଆସନ୍ତା ୨୯ ତାରିଖ ମଙ୍ଗଳବାର ପୀରବଜାରଠାରୁ ସାଲେପୁର ପର୍ଯ୍ୟନ୍ତ ହେବାକୁ ଥିବା 'ଆସନ୍ତୁ ଚାଲିବା' କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହେବେ ବୋଲି ବିଧାୟକ କହିବା ସହ କୌଣସି ଦଳୀୟ ସଙ୍କେତ ରହିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ସାଲେପୁରର ବିକାଶ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଥିବାରୁ କୌଣସି ଦଳୀୟ ସଙ୍କେତ ରହିବା ଉଚିତ୍ ହେବ ନାହିଁ। ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେଲେ ମୁଁ କେଉଁ ଦଳରୁ ପ୍ରାର୍ଥୀ ହେବି ଆପଣମାନେ ସ୍ପଷ୍ଟ ଜାଣିପାରିବେ ବୋଲି ପ୍ରକାଶ କରିଥିଲେ। ବିଧାୟକଙ୍କ ନେତୃତ୍ୱରେ ହେବାକୁ ଥିବା 'ଆସନ୍ତୁ ଚାଲିବା... ଟାଙ୍ଗୀ ସାଲେପୁର ବିକାଶରେ ସାମିଲ ହେବା' କାର୍ଯ୍ୟକ୍ରମରେ ପୀରବଜାରଠାରୁ ସାଲେପୁର ପର୍ଯ୍ୟନ୍ତ ପ୍ରାୟ ୧୬ କିଲୋମିଟର ପଦଯାତ୍ରାରେ ୨୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେବେ ବୋଲି ବିଧାୟକ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ବ୍ଲକ ଆମ୍ବା ସଭାପତି ତଥା ଯୁବନେତା ସମ୍ରାଟ କେଶରୀ ଲେଙ୍କା, ସରପଞ୍ଚ ଅରବିନ୍ଦ ବିଶ୍ୱାଳ, ଯୁବନେତା ଗଣେଶ୍ୱର ରାଉତ, ରବୀନ୍ଦ୍ର ରାଉତରାୟ, କମଳାକାନ୍ତ ଜେନା, ରଘୁପତି ରାଉତ, ସନ୍ତୋଷ କୁମାର ଭୂୟାଁଙ୍କ ସମେତ ବହୁ ବିଧାୟକଙ୍କ ସମର୍ଥକ ଉପସ୍ଥିତ ଥିଲେ।

■ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ସେମିରେ ବିଡ଼ାନାସୀ କ୍ଲବ

**ବାଙ୍କୀ, ୨୭।୧ (ସ୍ୱ.ପ୍ର.)**

ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର କଚେରି ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡ.ବାବାଜୀ ଚରଣ ଶତପଥୀ, ସୁବାସ ଚନ୍ଦ୍ର ପାଢ଼ୀ, ଧର୍ମପ୍ରସାଦ ମଙ୍ଗରାଜ, ହରେକୃଷ୍ଣ ଦାସ ଓ ବିଭୂତି ଭୂଷଣ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନର ଖେଳ କଟକ ବିଡାନାସୀ କ୍ଲବ ଓ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ କଟକ ବିଡ଼ାନାସୀ କ୍ଲବ ଖୋର୍ଦ୍ଧା ଜୟଦୁର୍ଗା କ୍ଲବକୁ ୨-୦ଗୋଲରେ ହରାଇ ବିଜୟୀ ହେବା ସହିତ ପ୍ରଥମ ସେମିଫାଇନାଲକୁ ଉନ୍ନୀତ ହୋଇଛି। ସାଧାରଣ ସମ୍ପାଦକ ସନ୍ତୋଷ ରଣା ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ କୃପାସିନ୍ଧୁ ପ୍ରଧାନ ଓ ତପନ ନାୟକ ଲାଇନ୍ସ ମ୍ୟାନ ଭାବେ କାର୍ଯ୍ୟ କରିଥିଲେ। ଦୁର୍ଗା ଚରଣ ପାଣିଗ୍ରାହୀ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଉପସଭାପତି ଜିତେନ୍ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ମ୍ୟାଚ ଭୁବନେଶ୍ୱର କିଶୋର କ୍ଲବ ଓ ଜଟଣୀ ଉତ୍କଳ ସ୍ପୋର୍ଟିଂ କ୍ଲବ ମଧ୍ୟରେ ହେବବୋଲି ସାଧାରଣ ସମ୍ପାଦକ ରଣା ସୂଚନା ଦେଇଛନ୍ତି।

### ୨ରୁ ଅଭିରାମ ପରମହଂସଙ୍କ ଜୟନ୍ତୀ

**କଣାସ, ୨୭।୧(ସ୍ୱ.ପ୍ର.)**

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାମ ଆଶ୍ରମରେ ୧୧୬ତମ ଜୟନ୍ତୀ ଉତ୍ସବ ଫେବୃୟାରୀ ୨ତାରିଖଠାରୁ ୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଆଶ୍ରମର ଆଚାର୍ଯ୍ୟ ବଳରାମ ଦାସ କହିଛନ୍ତି। ଦାସଙ୍କ ଅଧ୍ୟକ୍ଷତାରେ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ବସି କିପରି ଶାନ୍ତିଶୃଙ୍ଖଳାର ସହିତ ଜୟନ୍ତୀ ଉତ୍ସବ ପାଳନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଆଞ୍ଚଳିକ ଶାନ୍ତି କମିଟି, ଆଞ୍ଚଳିକ ଭକ୍ତ କମିଟି, ଆଞ୍ଚଳିକ ମା' ଭଗବତୀ ସଂକୀର୍ତ୍ତନ ମଣ୍ଡଳୀ, ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ଆଶ୍ରମର ସମସ୍ତ ସାଧୁସନ୍ନ୍ୟାସୀ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। ୪ଦିନ ଧରି ଜୟନ୍ତୀ ଉତ୍ସବରେ ଶ୍ରୀମଦ୍ ଭାଗବତ ସପ୍ତାହ, ବିଶ୍ୱଶାନ୍ତି ମହାଯଜ୍ଞ, ସନାନତ ଧର୍ମ ସମ୍ମିଳନୀ, ଭଜନ ସମାରୋହ, ଗୋଟିପୁଅ ନୃତ୍ୟ, ସତ୍ୟନାରାୟଣ ପାଲା, ଶ୍ରୀ ଅଭିରାମ ଲୀଳା ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ସ୍ଥିର କରାଯାଇଛି।

## ୪ ବଖରା ଜଳିଗଲା

**ନିଶ୍ଚିନ୍ତକୋଇଲି, ୨୭।୧(ସ୍ୱ.ପ୍ର.)**



ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତ ପାରସାଇଲୋ ଗ୍ରାମରେ ଶନିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର କଲାମ ଖାଁଙ୍କ ୪ ବଖରା ଜଳି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକେ ଓ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ କର୍ମଚାରୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ବିପନ୍ନ ପରିବାର ଖୋଲା ଆକାଶ ତଳେ ପଡ଼ି ରହିଥିଲେ ମଧ ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ମଧୁବାବୁ ଆଇନ ସହାୟତା ସଂଘର କର୍ମକର୍ତ୍ତା ନିର୍ବାଚନ

**ମାହାଙ୍ଗା,୨୭।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ମଧୁବାବୁ ଆଇନ ସହାୟତା ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବୈଠକ ଶନିବାର ବଣ୍ଣୁଆ ମହାପୁରୁଷ ପୀଠରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ସଭାପତିଭାବେ ଶୁଶାନ୍ତ କୁମାର ବରାଳ, ସମ୍ପାଦକ ସରୋଜ ସାମଲ, ଉପସଭାପତି ସ୍ୱର୍ଣ୍ଣପ୍ରଭା ସାହୁ, ଯୁଗ୍ମ ସମ୍ପାଦକ ପ୍ରଦୀପ୍ତ କିଶୋର ସେଠୀ, କୋଷାଧ୍ୟକ୍ଷ ତାପସ ବିଶ୍ୱାଳ, କାର୍ଯ୍ୟକାରୀ ସଭ୍ୟ କ୍ଷମାସାଗର ଦାସ, ମନୋଜ ମହାନ୍ତି, ପ୍ରଭାତ ରଞ୍ଜନ ପାଣ୍ଡେ ଓ ମନୋଜ ମହାନ୍ତି ମନୋନୀତ ହୋଇଥିଲେ। ଉପଦେଷ୍ଟାଭାବେ ଉମାକାନ୍ତ ସାମଲ, ହରେକୃଷ୍ଣ ନାୟକ, ପ୍ରତାପ କିଶୋର ଦାସ, ନିତ୍ୟାନନ୍ଦ ରାଉତ, ପ୍ରମୋଦ ବେହୁରା ପ୍ରମୁଖ ରହିଛନ୍ତି। ଆଗାମୀ ଦିନରେ ମାହାଙ୍ଗା ଅଞ୍ଚଳର ଜନସାଧାରଣଙ୍କୁ ଗ୍ରାମ ପଞ୍ଚାୟତ ମାଧ୍ୟମରେ କିଭଳି ଆଇନ ସହାୟତା ପ୍ରଦାନ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା।

## ଆଠଗଡ଼ ଡାକ୍ତରଖାନାରେ ଆହାର କେନ୍ଦ୍ର ଶୁଭାରମ୍ଭ

**ଆଠଗଡ଼, ୨୭।୧(ସ୍ୱ.ପ୍ର.)**

ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନା ପରିସରରେ ୫ ଟଙ୍କିଆ ଆହାର କେନ୍ଦ୍ର ଓ ନବଜାତ ଶିଶୁ ଯତ୍ନକକ୍ଷ ଶୁଭାରମ୍ଭ ହୋଇଛି। ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି, ଉପଜିଲାପାଳ ଅମୀୟ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ୨ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଦୈନିକ ୫୦୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଥିବା ଏହି ଡାକ୍ତରଖାନାରେ ଆହାର କେନ୍ଦ୍ରର ଆବଶ୍ୟକତା ଥିଲା। ବିଧାୟକଙ୍କ ଉଦ୍ୟମରେ ଆହାର କେନ୍ଦ୍ର ଖୋଲାଯାଇଥିବାରୁ ସବୁ ମହଲରେ ଏହାକୁ ସ୍ୱାଗତ କରାଯାଇଛି।



ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆହାର କେନ୍ଦ୍ରର ଶୁଭାରମ୍ଭ କରୁଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

**ମାହାଙ୍ଗା, ୨୭।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭେଡ଼ା ପଞ୍ଚାୟତ ରାମକୃଷ୍ଣପୁରସ୍ଥିତ ଜଟାଧାରୀ ଆଶ୍ରମ ପରିସରରେ ଶନିବାର ୪୮ତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାନ୍ତ ଗୁରୁ ରାମପ୍ରଶାଦ ଦାସଙ୍କ ଆବାହକତ୍ୱ ଓ ଆଶ୍ରମ ସମ୍ପାଦକ ଅଶୋକ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ପ୍ରସନ୍ନ କୁମାର ସାମଲ ସଭାପତିତ୍ୱ କରିଥିଲେ। ଫେବୃୟାରୀ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ମହାଯଜ୍ଞ ଅନୁଷ୍ଠିତ ହେବ ବୋଲି ବୈଠକରେ କୁହାଯାଇଥିଲା। ଏହି ଦିନ ଗୁଡ଼ିକରେ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ।

## ଆଇନ ସଚେତନତା ଶିବିର




ଆଇନ୍ ସଚେତନତା ଶିବିରରେ ଉପସ୍ଥିତ ଅତିଥି।

**ନରସିଂହପୁର, ୨୭।୧ (ସ୍ୱ.ପ୍ର./ଡି.ଏନ.ଏ.)** ନରସିଂହପୁର ତାଲୁକ ଆଇନସେବା କମିଟି ଓ ଜିଲା ଆଇନ ସେବା ପ୍ରାଧିକରଣ ମିଳିତ ସହଯୋଗରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଏକ ଆଇନ ସଚେତନତା ଏବଂ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବିଚାରପତି ସୁଶ୍ରୀ ସଞ୍ଜୁ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ଜଜ୍ ବାଳକୃଷ୍ଣ ମହାପାତ୍ର, ରେଜିଷ୍ଟ୍ରାର ବିଭୂପ୍ରସାଦ ପଣ୍ଡା, ମାଜିଷ୍ଟ୍ରେଟ୍ ମାନସ ରଞ୍ଜନ ସାମନ୍ତରାୟ, ତହସିଲଦାର ରାଜକିଶୋର ଜେନା, ବିଡିଓ ପ୍ରଶାନ୍ତ କୁମାର ତରାଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇ ଥିଲେ। ଏହି ଅବସରରେ ନରସିଂହପୁର ତାଲୁକ ଆଇନସେବା କମିଟି ଦ୍ୱାରା ଚିହ୍ନଟ ୭୦ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ବିଧବାଙ୍କୁ ଭତ୍ତା ଏବଂ ୩୩ ଜଣ ଭୂମିହିନଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲ। ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

■ ରାଜ୍ୟସ୍ତରୀୟ ବାପୁଜୀ କପ୍ ଫୁଟବଲ୍ ଉଦ୍‌ଯାପିତ

# କିଶୋର କ୍ଲବ ଭୁବନେଶ୍ୱର ଚାମ୍ପିୟନ

**ବଡ଼ମ୍ବା, ୨୭।୧(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଅଧୀନ ଶଙ୍ଖାମେରୀ ବାପୁଜୀ ଫୁଟବଲ୍ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ବାପୁଜୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍ କିଶୋର କ୍ଲବ୍ ଭୁବନେଶ୍ୱର ଓ ସୁପ୍ରିମ୍ ଫୁଟ୍‌ବଲ କ୍ଲବ୍ ବରାହିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ପ୍ରଥାମର୍ଦ୍ଧରେ କିଶୋର କ୍ଲବ ଦଳ ବରାହିପୁର ବିପକ୍ଷରେ ୨ ଗୋଲ୍ ଦେଇଥିଲା। ଦ୍ୱିତୀୟାର୍ଦ୍ଧରେ କିଶୋର କ୍ଲବ ଦଳ ପୁଣି ଏକ ଗୋଲ ଦେଇଥିଲା। ବରାହିପୁର ଦଳ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଗୋଟିଏ ଗୋଲ୍ ମଧ ଦେଇପାରି ନ ଥିଲା। ଫଳରେ ମ୍ୟାଚ୍‌ରେ କିଶୋର କ୍ଲବ ଭୁବନେଶ୍ୱର ଦଳ ୩-୦ ଚାମ୍ପିୟନ୍ ହୋଇଥିଲା। ବିଧାୟକ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ଶଙ୍ଖାମେରୀ ସମିତିସଭ୍ୟା ନିରୂପମା ମଲ୍ଲିକ, ସରପଞ୍ଚ ଫକୀର ସେଠୀ ଓ ଗୋବର୍ଦ୍ଧନ ସାମନ୍ତରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାପୁଜୀ ଫୁଟ୍‌ବଲ ଆସୋସିଏଶନ ସଭାପତି ଚିତ୍ତରଞ୍ଜନ ସେଠୀ, ସମ୍ପାଦକ ବାଦଲ ମହାନ୍ତି, ସଙ୍ଗଠକ ଶିଶିର କୁମାର ରାଉତରାୟ ଉପସ୍ଥିତ ଥିଲେ। ମାନସ ରଞ୍ଜନ ମୁଦୁଲି ମଞ୍ଚ ପରିଚାଳନା କରିଥିବାବେଳେ ପବିତ୍ର ମୋହନ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ଆସୋସିଏଶନ୍ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଥିବାରୁ ଗ୍ରାମର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅତିଥିଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

ପିଲା ଯାହା ମାଗେ ତାକୁ ସବୁ ଦେଇଦେଲେ ସେ କ୍ରମେ ଖରାପ ହୋଇଯିବା।
-ଓଶୋ



## ସଂକ୍ଷେପରେ

### ଗଣ୍ଡଗୋଳ: ୨ କୋର୍ଟଚାଲାଣ

**ଖୁଣ୍ଟୁଣୀ, ୨୭।୧(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅଧୀନ ବାମନପୁର ଗ୍ରାମ ଫୁଲସାହିରେ ୨ ପରିବାର ମଧରେ ଗଣ୍ଡଗୋଳ ଘଟି ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସୀତା ରାଉଳ ଓ ସୁକାନ୍ତି ରାଉଳ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଗୋଟିଏ ପରିବାରର ବିଜୁ ରାଉଳ ଓ ରାଜୁ ରାଉଳଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଫୁଲସାହିର ୨ ପରିବାର ମଧରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଶନିବାର ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଉଭୟ ପରିବାର ମଧରେ ମାରପିଟ୍ ହୋଇଥିଲା। ଏ ନେଇ ସୀତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭/୧୯) ରୁଜୁ କରିଛି।

### ସ୍ୱର୍ଣ୍ଣଦେବୀଙ୍କ ପୀଠରେ ମିଳନ ପର୍ବ

**ଫୁଲନଖରା, ୨୭।୧(ଡି.ଏନ୍.ଏ.):** ଆମଣ ପଞ୍ଚାୟତ ଅଧୀନ ଶାସୋଳ ଗ୍ରାମର ମା' ସ୍ୱର୍ଣ୍ଣଦେବୀଙ୍କ ପୀଠରେ ରବିବାର ଶାସୋଳ ମ୍ୟାରେଡ ଓଟରସ୍ ଆସୋସିଏଶନ ପକ୍ଷରୁ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାସୋଳ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଭାବର ଆଦାନ ପ୍ରଦାନ କରିଥିଲେ। ସ୍ନେହଲତା ଜେନାଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ନିକୁଞ୍ଜ କିଶୋର ସୁନ୍ଦରାୟ, ପରେଶ କୁମାର ମଙ୍ଗରାଜ ଓ ଉମେଶ କୁମାର ମଙ୍ଗରାଜ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଜଳନ୍ଧର ମହାନ୍ତି ଓ ବଂଶୀଧର ସ୍ୱାଇଁ ସମ୍ମାନିତ କରାଯାଇଥିଲା। ଏଥିସହ ନୃତ୍ୟ, ସଙ୍ଗୀତ ଓ କବିତା ପାଠ କରାଯାଇଥିଲା।

### ଶ୍ରମିକ ସହାୟତା କେନ୍ଦ୍ର ଉଦ୍‌ଘାଟିତ

**କଟକ ଅଫିସ, ୨୭।୧:** କଟକର କାଳୀଗଳିଠାରେ ଓଡିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷ ସୁବାସ ସିଂହଙ୍କ ତତ୍ତ୍ୱାବଧାନରେ ଶନିବାର ଶ୍ରମିକ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ବିଧାୟକ ଦେବାଶିଷ ସାମନ୍ତରାୟ ଏହାକୁ ଉଦ୍‌ଘାଟନ କରି କହିଲେ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ କଲ୍ୟାଣକାରୀ ଯୋଜନାଗୁଡିକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଓ ସହାୟତା ଯୋଗାଇଦେବା ପାଇଁ ଏହି କେନ୍ଦ୍ର ଖୋଲାଯାଇଛି। ପଞ୍ଜୀକୃତ ଶ୍ରମିକମାନେ ବିଭିନ୍ନ ସହାୟତା ପାଇବା ଓ ନବୀକରଣ କରିବା କ୍ଷେତ୍ରରେ ଥିବା ପ୍ରତିବନ୍ଧକକୁ ଏହି କେନ୍ଦ୍ର ଜରିଆରେ ଦୂର କରାଯାଇପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ, ଉତ୍କଳ ସାହିତ୍ୟ ସମାଜର ସଭାପତି ବିଜୟାନନ୍ଦ ସିଂହ ଓ ବୁଦ୍ଧିଜୀବୀ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ଡାଳିଯୋଡା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ଚୌଦ୍ୱାର, ୨୭।୧(ଡି.ଏନ୍.ଏ.):** ଡାଳିଯୋଡା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କେ.ସି. ପ୍ରତାପସିଂହଙ୍କ ପୌରୋହିତ୍ୟରେ ସ୍ଥାନୀୟ ହିନ୍ଦ୍ ସେବକ ସଂଘ ପରିସରରେ ଅନୁଷ୍ଠିତ ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ, ଲେଖିକା, ଲେଖକ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏଥିରେ ମୁଖ୍ୟଅତିଥି ଅବସରପ୍ରାପ୍ତ କମିଶନର ଅଶୋକ କୁମାର ତାରେଣିଆ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁକାନ୍ତ କୁମାର ମହାନ୍ତି, ସମୀକ୍ଷକ ଭାବେ ଅଧାପକ ପ୍ରଫୁଲ୍ଲ କୁମାର ସାହୁ ଓ ଅଭିନେତା ଅଶୋକ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ହୀନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ସ୍ୱାଗତ ଭାଷଣ, ଶ୍ରୀନିବାସ ବେହେରା ବିବରଣୀ ପାଠ ଓ ବିଶ୍ୱକଲ୍ୟାଣ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଖବରଦାତା ରମେଶ ଚନ୍ଦ୍ର ସାମଲ, ଲେଖିକା ଗୀତାରାଣୀ କର, ଇଂ. ହରିହର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସଦର ପ୍ରତିଷ୍ଠାତା ଅଶୋକ କୁମାର ପଣ୍ଡା, ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ଓ ଶ୍ରୀମନ୍ତ ନାୟକ ଉତ୍ସବ ପରିଚାଳନା କରିଥିଲେ ।

■ ଶୂକପାଇକା ନଦୀପଠା ଜମିର ବେଆଇନ ହସ୍ତାନ୍ତର

# ଶୀତଳଭଣ୍ଡାରରେ ତହସିଲଦାରଙ୍କ ତଦନ୍ତ ରିପୋର୍ଟ

**କଟକ ସଦର, ୨୭।୧(ଡି.ଏନ୍.ଏ.)**

**ତଦନ୍ତ ପରେ ବି କାର୍ଯ୍ୟାନୁଷ୍ଠାନ ହେଲାନି**

୧୯୯୫ ମସିହାରେ କଟକ ଜିଲା କିଶନନଗର ତହସିଲ ଅଧୀନ ଶୂକପାଇକା ନଦୀପଠା ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ଜାଲ୍ ରେକର୍ଡ ବଳରେ ହସ୍ତାନ୍ତର କରାଯାଇଥିଲା। ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶକ୍ରମେ କିଶନନଗର ତହସିଲଦାର ତଦନ୍ତ କରି ୨୦୧୭ ଜାନୁୟାରୀ ମାସରେ ରିପୋର୍ଟ ଦେଇଥିଲେ। ଇତିମଧରେ ୨ ବର୍ଷ ବିତିଯାଇଥିଲେ ମଧ ରିପୋର୍ଟ ଶୀତଳଭଣ୍ଡାରରେ ପଡି ରହିଛି। ଫଳରେ ବେଆଇନ ଭାବେ ମାଲିକାନା ପାଇଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିନାହିଁ। ଯାହାକୁ ନେଇ ବିଭିନ୍ନ ସଙ୍ଗଠନ ସରକାରଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଗରିବ, ଭୂମିହୀନମାନଙ୍କୁ ଘର ତିଆରି କରିବା ପାଇଁ ଜାଗା ଦିଆଯାଉ ନ ଥିବାବେଳେ ପ୍ରଭାବଶାଳୀଙ୍କ ପାଇଁ ଅହେତୁକ ଅନୁକମ୍ପା କାହା ସ୍ୱାର୍ଥରେ ବୋଲି ସଙ୍ଗଠନ ପକ୍ଷରୁ ମତପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ୧୯୯୫ରେ ଉକ୍ତ ତହସିଲ ପକ୍ଷରୁ ଶୂକପାଇକା ନଦୀପଠା ଜମିକୁ ବେଆଇନ ଭାବେ ସ୍ଥିତିବାନ କରାଯାଇ ଲୋକଙ୍କୁ ପଟ୍ଟା ଦିଆଯାଇଥିଲା। ଆୟଉପୁର, ବ୍ରାହ୍ମଣବାଡ, ଦଣ୍ଡୁଆସିପଡା, ଦାମୋଦରପୁର, ଅଲ୍ଲାରପୁର, ଧରିଣା, ଯଶପଡା, ବସ୍ତପଡା, ତରିଲୋ, ଅରିଲୋ, ସୋମପୁର ଓ କୋଶିଦା ମୌଜାରେ ଥିବା ମୂଲ୍ୟବାନ ପଠାଜମିକୁ ଭୂସଂସ୍କାର ଆଇନ ବଳରେ ତତ୍କାଳୀନ ତହସିଲଦାର ବନ୍ଦୋବସ୍ତ କରିଥିଲେ। ଅଥଚ ସେ ସମ୍ପର୍କିତ ସମସ୍ତ ରେକର୍ଡ ତହସିଲ ରେକର୍ଡ ରୁମ୍‌ରୁ ଗାଏବ ହୋଇଯାଇଥିବା ତଦନ୍ତ ବେଳେ ଜଣାପଡିଥିଲା। ୧୯୭୪ ମସିହା ବନ୍ଦୋବସ୍ତ ପଟ୍ଟାରେ ସରକାରୀ ଜମିକୁ ବେଆଇନ ଦଖଲ କରିଥିବା ବ୍ୟକ୍ତିଙ୍କୁ ସ୍ଥିତିବାନ ପଟ୍ଟା ଦିଆଯାଇଥିଲା। ସରକାରୀ ଜମିକୁ ବେଆଇନ ଦଖଲ କରିଥିବା ବ୍ୟକ୍ତିମାନେ ସ୍ଥିତିବାନ ପଟ୍ଟା ପାଇପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ୧୯୮୮ରେ ରାୟ ଦେଇଥିଲେ। ପରବର୍ତ୍ତୀ କାଳରେ ଏହି ରାୟ ମଧ ସୁପ୍ରିମକୋର୍ଟରେ କାଏମ ରହିଥିଲା। ବେଆଇନ ହସ୍ତାନ୍ତର ସମ୍ପର୍କରେ ୯।୬।୨୦୧୬ରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ରାଜସ୍ୱ ବିଭାଗ ତତ୍ପରତା ଦେଖାଇ ପତ୍ରସଂଖ୍ୟା ୩୫୮୭୫/୨୧।୧୧।୧୬ରେ ତହସିଲଦାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲା। ୨୦୦ ଏକରରୁ ଊର୍ଦ୍ଧ୍ୱ ଜମି ବେଆଇନ ଭାବେ ସ୍ଥିତିବାନ କରାଯାଇଥିବା ଜଣାପଡିଛି। ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯାଇସାରିଥିବା ବେଳେ ଏହା ଉପରେ କିଶନ ନଗର ତହସିଲଦାର ସୁଚେତା ମହାପାତ୍ର ମତାମତ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।




କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଥିଏଟର ମୁଭମେଣ୍ଟ ପକ୍ଷରୁ ଅନୁଷ୍ଠିତ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ରବିବାର ସନ୍ଧ୍ୟାରେ ମଣିପୁର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ହେୟେନୁ'ର ଏକ ଦୃଶ୍ୟ।

## ସାଧାରଣ ଲୋକଙ୍କ ସେବାରୁ ଆତ୍ମତୃପ୍ତି ମିଳେ

**କଟକ ଅଫିସ, ୨୭।୧**

କୌଣସି କାର୍ଯ୍ୟ ଛୋଟ ନ ଥାଏ। ମଣିଷ ନିଜର କର୍ମ ବଳରେ ହିଁ ସମସ୍ତଙ୍କ ନିକଟରେ ପରିଚିତ ହୋଇଥାଏ। ଯେଉଁ ବି କାର୍ଯ୍ୟ କରୁନା କାହିଁକି ତାହା ଯଦି ସମାଜର ମଙ୍ଗଳ ସାଧିତ ହୋଇଥାଏ ତେବେ ସେହି ବ୍ୟକ୍ତି ସମସ୍ତଙ୍କ ଭଲ ପାଇବାର ହକ୍ ପାଏ। ଜଣେ ଚା ବିକାଳି ଭାବେ ମୋର ପରିଚୟ ଥିଲେ ବି ସାଧାରଣ ଲୋକଙ୍କ ସେବା କରିବାରେ ମୋତେ ଆତ୍ମତୃପ୍ତି ମିଳେ। ଏହା କହିଛନ୍ତି ସାମାଜିକ କର୍ମୀ ତଥା ପଦ୍ମଶ୍ରୀ ସମ୍ମାନ ପାଇବାକୁ ଥିବା ଡି. ପ୍ରକାଶ ରାଓ। ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରକାଶଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ଓ ସେବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି ବିଜୟ କୁମାର ପଢିହାରୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

କଟକ ଅଫିସ,୨୭।୧- କଟକର ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ତଥା କ୍ଲବରେ ସାଧାରଣତନ୍ତ୍ର ଦିବସ ଶନିବାର ପାଳିତ ହୋଇଯାଇଛି।

### ସମ୍ବାଦପତ୍ର ବିକ୍ରେତା ସଂଘ



କଟକ ବକ୍ସିବଜାରଠାରେ ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଉପସଭାପତି ସିନୁ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଫକୀରମୋହନ ସ୍ମୃତି ସଂସଦ

ଫକୀରମୋହନ ସ୍ମୃତି ସଂସଦ ପକ୍ଷରୁ ବଙ୍ଗାଳିସାହି ସ୍ଥିତ କାର୍ଯ୍ୟାଳୟରେ ବରିଷ୍ଠ ସାହିତ୍ୟିକ ନଦୀୟା ବିହାରୀ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ଏଥିରେ କିଶୋର କୁମାର ମହାନ୍ତି, ସୌଦାମିନୀ ନାୟକ, ମୀରା ବେଉରା, ପ୍ରମୋଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି

ଜୋବ୍ରା ସ୍ଥିତ ସଂଘ ଅଫିସରେ ଓଡ଼ିଶା ରାଜ୍ୟ କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସମିତି ସଭାପତି ଗୋକୁଳାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନନ୍ଦ କିଶୋର ଦାସ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଲିଙ୍ଗରାଜ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ସୁଦର୍ଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଡ୍ରିମ୍ସ ଶିକ୍ଷାନୁଷ୍ଠାନ

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ 'ଡ୍ରିମ୍‌ସ ଡାଇଜେଷ୍ଟ'ର ବିଶେଷ ସଂସ୍କରଣ ଉନ୍ମୋଚନ ସହ ସ୍ୱୟଂଶାସିତ ମାନ୍ୟତାର ପ୍ରଥମ ପରୀକ୍ଷା ଫଳ ପୁସ୍ତିକା ପ୍ରକାଶ ପାଇଥିଲା। ଏଥିସହିତ କାର୍ଯ୍ୟ ଦକ୍ଷତା ପାଇଁ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ନିର୍ଦ୍ଦେଶକ, ଅଧକ୍ଷ, ଅଧାପିକାଅଧାପକ ଓ ଯୋଗଦେଇଥିଲେ।

### ସୁନାଦୂବ ଅନୁଷ୍ଠାନ

ସାମାଜିକ ଅନୁଷ୍ଠାନ 'ସୁନାଦୂବ' ପକ୍ଷରୁ ଶନିବାର ସ୍ଥାନୀୟ ବଙ୍ଗାଳିସାହିସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟ ଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ବବିତା ଦାସମହାପାତ୍ର, ମନୀଷା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଅଖିଳ ଭାରତ ହିନ୍ଦୁ ମହାସଭା

କଟକ ଜିଲା ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଲିଙ୍କ୍‌ରୋଡସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଥିରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ସବ୍ୟସାଚୀ ମିଶ୍ର, କଟକ ଜିଲା ସମ୍ପାଦିକା ସ୍ନେହଲତା ମହାରଣା, ଯୁବମୋର୍ଚ୍ଚାର ସମ୍ପାଦିକା ସନ୍ଧ୍ୟାରାଣୀ ଦଳାଇଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ ।

# ଦାବି ପୂରଣ ନ ହେଲେ ୩୧ରୁ କଳାବ୍ୟାଜ୍ ପିନ୍ଧିବେ ଅଧିକାରୀ

**କଟକ ଅଫିସ, ୨୭।୧**

ଓଡ଼ିଶା ପୋଲିସ ସଂଘ(ଓପିଏ) ପକ୍ଷରୁ ରବିବାର କଟକ ବକ୍ସିବଜାରସ୍ଥିତ ସଂଘ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ଦଫା ଦାବି ପୂରଣ ପାଇଁ ସଂଘ ସଭାପତି ସତ୍ୟଜିତ୍ ମିଶ୍ର କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ସରକାରୀ କର୍ମଚାରୀଙ୍କୁ ବର୍ଷକରେ ୯୦ ଦିନ ଛୁଟି ମିଳୁଥିବାବେଳେ ପୋଲିସ ଅଫିସରମାନଙ୍କୁ କୌଣସି ଛୁଟି ଦିଆଯାଉନାହିଁ। ତେଣୁ ପୋଲିସ ଅଫିସରମାନଙ୍କୁ ସେହି ୯୦ ଦିନରୁ ୩୦ ଦିନର ଦରମା ଦିଆଯାଉ। ଏଥିସହିତ ଗ୍ରେଡ୍ ପେ' ରେ ଥିବା ଅସଙ୍ଗତିକୁ ଦୂର କରିବା,ଏଏସ୍‌ଆଇଙ୍କ ଗ୍ରେଡ୍ ପେ' ୪୨୦୦ ଟଙ୍କା, ଏସ୍‌ଆଇଙ୍କ ଗ୍ରେଡ୍ ପେ' ୪୬୦୦ ଟଙ୍କା ଏବଂ ଇନ୍ସପେକ୍ଟରଙ୍କ ଗ୍ରେଡ୍ ପେ' ୪୮୦୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ପୋଲିସ ଅଫିସରମାନଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଦେବା, ତଦନ୍ତ ବେଳେ ପୋଲିସକୁ ବିଭିନ୍ନ ସମୟରେ ଅନ୍ୟ ଜିଲା ଏବଂ ରାଜ୍ୟକୁ ଯିବାକୁ ପଡୁଛି ଯେଉଁଥିପାଇଁ ତଦନ୍ତକାରୀ ଅଧିକାରୀମାନେ ନିଜ ହାତରୁ ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି। ତେଣୁ ଉକ୍ତ ଖର୍ଚ୍ଚ ରାଜ୍ୟ ସରକାର ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ପ୍ରଥମରୁ ଏସ୍‌ଆଇମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଯଦି ଏହି ଦାବିଗୁଡିକ ଉପରେ ରାଜ୍ୟ ସରକାର ଆସନ୍ତା ୩୦ ତାରିଖ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ସେମାନେ ୩୧ ତାରିଖରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗଦେବେ ବୋଲି କହିଛନ୍ତି। ଏହାପରେ ଯଦି ଦାବି ପୂରଣ ନ ହୁଏ ତାହେଲେ ଆଗାମୀ ପଦକ୍ଷେପ ସମ୍ପର୍କରେ ଆସନ୍ତା ଫେବୃୟାରୀ ୪ ତାରିଖରେ ସଂଘର ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

■ କପାଳେଶ୍ୱର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

# କେକେଏସ୍ ପୁରୀ ଚାମ୍ପିୟନ

**ଚୌଦ୍ୱାର,୨୭।୧(ଡି.ଏନ୍.ଏ)**

ଚୌଦ୍ୱାର ପୌରପାଳିକା ୯ନଂ ୱାର୍ଡ ବିଜୁ ଯୁବ ବାହିନୀ ଓ କପାଳେଶ୍ୱର ୟୁଥ୍ କ୍ଲବର ମିଳିତ ଆନୁକୂଲ୍ୟରେ ୨୯ତମ କପାଳେଶ୍ୱର କ୍ରିକେଟ୍ କପ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କପାଳେଶ୍ୱର ପଡିଆଠାରେ ଶନିବାର ଅନୁଷ୍ଠିତ ଫାଇନାଲରେ ସାଇରାମ କ୍ରିକେଟ୍ କ୍ଲବ ଚୌଦ୍ୱାରକୁ ପରାସ୍ତ କରି କେକେଏସ୍ ପୁରୀ ଚାମ୍ପିୟନ ହୋଇଥିଲା। ସନ୍ଧ୍ୟାରେ ବିଜୁ ଯୁବ ବାହିନୀର ସଭାପତି ଜୟଦେବ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ୱାର୍ଡର ପ୍ରାକ୍ତନ କାଉନ୍‌ସିଲର କରୁଣାକର ସାହୁ, ବାଳକୃଷ୍ଣ ମହାନ୍ତି, ଯୁବନେତା ରାଜକିଶୋର ସାମନ୍ତରାୟ, ଶୁଭେନ୍ଦୁ ସାମଲ, ସୁବ୍ରତ ସାମଲ ଓ ଅର୍ଜୁନ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଅର୍ଥରାଶି ସହ ଟ୍ରଫି ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଚୌଦ୍ୱାର ଓ ଏହା ଆଖପାଖ ଅଞ୍ଚଳର ୧୬ଟି ଟିମ୍ ଯୋଗଦେଇଥିଲେ।

## ଓଡ଼ିଶା ସାମ୍ବାଦିକ ସଂଘ କଟକ ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ, ୨୭।୧:** ଓଡ଼ିଶା ସାମ୍ବାଦିକ ସଂଘ କଟକ ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ରବିବାର ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ତଥା ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ସଭ୍ୟ ପ୍ରଭାତ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ କଟକ ଜିଲା ଶାଖାର ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଛି। ଏଥିରେ ରମଣିରଞ୍ଜନ ଦାସ ସଭାପତି, ବିସ୍ମୟ ଜେନା ଓ ବିରଞ୍ଚି ମଲ୍ଲିକ ଉପସଭାପତି, ମଳୟ ଷଡଙ୍ଗୀଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଆଗାମୀ ଦିନରେ ଓଡ଼ିଶା ସାମ୍ବାଦିକ ସଂଘ କଟକ ଜିଲା ଶାଖାକୁ ମଜଭୁତ କରିବା ପାଇଁ ଶପଥ ଗ୍ରହଣ କରାଯାଇଛି ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ଡ. ରବି ନାୟକଙ୍କ ତୈଳଚିତ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

■ ରାଧାକିଶୋରପୁର ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ନାମେଣ୍ଟ

# ସେମିରେ ବିର୍ସାମୁଣ୍ଡା ସ୍ପୋର୍ଟ୍ସ କ୍ଲବ

**କଟକ ସଦର, ୨୭।୧(ଡି.ଏନ୍.ଏ.)**



ଖୁଣ୍ଟୁଣୀ ଥାନା ଅଧୀନ ରାଧାକିଶୋରପୁର ଖେଳ ପଡିଆରେ ରବିବାର ୧୦ମ ବାର୍ଷିକୀ ରାଧାକିଶୋରପୁର ଚ୍ୟାଲେଞ୍ଜ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ହରିହର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଯୁଗଳ ବେହେରା ଯୋଗଦେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ଦିନରେ ମୁଷୁଳିଆ ବିର୍ସାମୁଣ୍ଡା ସ୍ପୋର୍ଟ୍ସ କ୍ଲବ ଓ ଢେଙ୍କାନାଳ ବନମାଳୀପ୍ରସାଦର ମା' ମଙ୍ଗଳା କ୍ଲବ ମଧରେ ଖେଳ ହୋଇଥିଲା। ପ୍ରଥମାର୍ଦ୍ଧରେ ମା' ମଙ୍ଗଳା କ୍ଲବ ଗୋଟିଏ ଗୋଲ୍ ଦେଇଥିଲା। ପରେ ମୁଷୁଳିଆ ବିର୍ସାମୁଣ୍ଡା ସ୍ପୋର୍ଟ୍ସ କ୍ଲବର ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଶେଷ ୨ ମିନିଟ୍ ପୂର୍ବରୁ ଚମତ୍କାର ଗୋଲ୍ ଦେଇ ସମାନ ସ୍ଥିତିକୁ ଆସିଥିଲେ। ଶେଷରେ ଟାଇବ୍ରେକର ସହାୟତାରେ ବିର୍ସାମୁଣ୍ଡା ସ୍ପୋର୍ଟ୍ସ କ୍ଲବ ୪-୩ ଗୋଲରେ ମା' ମଙ୍ଗଳା କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଅରୁଣ ନାୟକ, ସୁଜିତ୍ ଦାସ ଓ ତନ୍ମୟ ପଟ୍ଟନାୟକ କ୍ରୀଡା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ଖେଳ ଆସନ୍ତା ୩ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ୮ଟି ଟିମ୍ ଭାଗ ନେଇଥିବା ଆୟୋଜକ ଶକ୍ତିମୟୀ ସ୍ପୋର୍ଟ୍ସ କ୍ଲବର ସଭାପତି ପ୍ରବୋଧ କୁମାର ସ୍ୱାଇଁ ଓ ସମ୍ପାଦକ ଲକ୍ଷ୍ମୀଧର ବେହେରା କହିଛନ୍ତି।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**କଟକ ସଦର/ଚୌଦ୍ୱାର/ଖୁଣ୍ଟୁଣୀ/କଣ୍ଟାପଡା/ଫୁଲନଖରା, ୨୭।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଶନିବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କିଶନନଗର ତହସିଲ ପଡିଆରେ ଅନୁଷ୍ଠିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ତହସିଲଦାର ସୁଚେତା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମାର୍ଚ୍ଚପାଷ୍ଟରେ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ୪୨ ମୌଜାର ଶ୍ରୀରାମଠାରେ କଟକ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦୁର୍ଗାଶଙ୍କର ଦାଶ ଓ ରାମଚନ୍ଦ୍ର ଗୋଚ୍ଛାୟତ, ଦାମୋଦରପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ ସମାଜସେବା ଗୋଷ୍ଠୀକେନ୍ଦ୍ରରେ ଆଇନଜୀବୀ ଶଶିଶେଖର ଦାସ ପତାକା ଉତ୍ତୋଳନ କରିଥିଲେ।

ଚୌଦ୍ୱାରର ମ୍ୟୁନିସିପାଲ ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ। ସେହିପରି ସ୍ଥାନୀୟ କପାଳେଶ୍ୱର ନୂଆସାହିସ୍ଥିତ ଭାଜପା ମଣ୍ଡଳ କାର୍ଯ୍ୟାଳୟରେ ଇଂ. ହରିହର ରଣା, ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ପତାକା ଉତ୍ତୋଳନ କରିଥିଲେ। ଏଥିସହ କଳିଙ୍ଗ ବିଦ୍ୟାପୀଠ, କ୍ରିଏଟିଭ୍ ପବ୍ଲିକ୍ ସ୍କୁଲ, ଓଟିଏମ୍ ହାଇସ୍କୁଲ ଓ ଶିଶୁ ସଦନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା।

ଖୁଣ୍ଟୁଣୀ ଓ ଗୁରୁଡିଝାଟିଆ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ପାଳିତ ହୋଇଛି। ଖୁଣ୍ଟୁଣୀ କଲେଜରେ ରବିନାରାୟଣ ଦାସ, ଆରତୀ ଷ୍ଟିଲରେ ଉପସଭାପତି ଅମିତେଶ ସିହ୍ନା, ଧବଳେଶ୍ୱର ଆଇଟିଆଇରେ ଉପନିର୍ଦ୍ଦେଶକ ଜି.ଆର. ରାୟ, ଖୁଣ୍ଟୁଣୀ ଥାନାରେ ସତ୍ୟବ୍ରତ ଲେଙ୍କା, ଘଣ୍ଟିଖାଲ ପଞ୍ଚାୟତ ହାଇସ୍କୁଲରେ ହରେକୃଷ୍ଣ ବିଶ୍ୱାଳ, ଗୁରୁଡିଝାଟିଆ ଥାନାରେ ବିଜୟ କୁମାର ବିସି, ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ଦିଲୀପ କୁମାର ଦାସ ଓ ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟରେ ମାଗୁଣୀ ବେହେରା ପତାକା ଉତ୍ତୋଳନ କରିଥିଲେ।

କଣ୍ଟାପଡା ବ୍ଲକରେ ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ତହସିଲରେ ତହସିଲଦାର ସୌଭାଗ୍ୟ ଦାସ ପତାକା ଉତ୍ତୋଳନ କରିଥିଲେ। ସେହିପରି ଏସ୍‌ଭି ନିରତାର, ଗୋବିନ୍ଦପୁର ଓ ଥାନା, ଓଲଟପୁର ଥାନା ସମେତ ଦଧିଚି ଗ୍ରୁପ ଅଫ ଏଜୁକେଶନ ଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା।

ଫୁଲନଖରା ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ୟୁନାଇଟେଡ୍ ବ୍ୟାଙ୍କ୍ ଅଫ ଇଣ୍ଡିଆର ଫୁଲନଖରା ଶାଖା କାର୍ଯ୍ୟାଳୟ ପରିସରରେ ଶାଖା ପରିଚାଳକ କଲ୍ୟାଣ କୁମାର ମୁଖାର୍ଜୀ ପତାକା ଉତ୍ତୋଳନ କରିଥିଲେ। ସେହିପରି ଶାସୋଳ ୟୁପି ସ୍କୁଲ ପରିସରରେ ଭାଜପା ନେତା କ୍ଷୀରୋଦ ଚନ୍ଦ୍ର ଦଳାଇ, ଫୁଲନଖରା ଟ୍ରାଫିକ୍ ଥାନା ପରିସରରେ ଆଇଆଇସି ପି.କେ. ନାୟକ, ଲକ୍ଷେଶ୍ୱର ମହିଳା କଲେଜରେ ଅଧକ୍ଷା ଯଶୋଧାର ମହାପାତ୍ର, କଟକ ସଦର ଥାନାରେ ଆଇଆଇସି ସୁଧାଂଶୁ ଭୂଷଣ ଜେନା ଓ ଫୁଲନଖରା ଛକରେ ସ୍ୱାଧୀନଚେତା ମହାନ୍ତି ପତାକା ଉତ୍ତୋଳନ କରିଥିଲେ।



ପିଲା ଯାହା ମାଗେ ତାକୁ ସବୁ ଦେଇଦେଲେ ସେ କ୍ରମେ ଖରାପ ହୋଇଯିବା
-ଓଶୋ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

**ଟାଙ୍ଗୀ (ଖୋର୍ଦ୍ଧା) ୨୭।୧ (ଡି.ଏନ.ଏ.):** ଟାଙ୍ଗୀ କାଲୁପଡାଘାଟ ରାସ୍ତାର ଏଚ.ପି ଗ୍ୟାସ ଡିପୋ ନିକଟରେ ରବିବାର ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଖବର ପାଇ ଟାଙ୍ଗୀ ଅଗ୍ନିଶମ ସେବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଆଣି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରାଜେଶ ସାହୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ୪ ଯୁବକ ଏକ ବୁଲେଟ୍ ମୋଟର ସାଇକେଲରେ ଟାଙ୍ଗୀରୁ ନିଜ ଘର ଜରିପଡାକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଖୋର୍ଦ୍ଧା ଅଫିସ,୨୭।୧:** ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥର ସାରୁଅ ହାଇସ୍କୁଲ ନିକଟରେ ଏକ କାର୍ ଧକ୍କାରେ ଶନିବାର ଜଣେ ବାଇକ ଆରୋହୀ ମୃତ୍ୟୁ ହୋଇଛନ୍ତି। ସେ ହେଲେ କୁଣ୍ଡିଲୋ ଗ୍ରାମର ସୁଶାନ୍ତ ସାହୁ। ପ୍ରକାଶ ଯେ, ସୁଶାନ୍ତ ବାଘମାରୀରୁ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ପଛପଟୁ ଓଆର୦୨ବି ୮୬୬୨ ନମ୍ବରର କାର୍ ଧକ୍କା ଦେଇଥିଲା। ସୁଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଆଦର୍ଶ ଥାନାର ବାଘମାରୀ ଫାଣ୍ଡି ପୋଲିସ ୨୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମୋ ସ୍କୁଲ କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୨୭।୧:** ଖୋର୍ଦ୍ଧା ଜିଲାସ୍ତରୀୟ ମୋ ସ୍କୁଲ କାର୍ଯ୍ୟକ୍ରମ ଓ ଛାୟାଚିତ୍ର ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ସମ୍ମାନିତ ଅତିଥି ଭାବେ ପିଡି ଡିଆରଡିଏ ସରୋଜ କୁମାର ମିଶ୍ର, ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ଖୋର୍ଦ୍ଧା ଡିଆଇଟିର ଅଧକ୍ଷା ମଞ୍ଜୁଶୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଖୋର୍ଦ୍ଧା ଜିଲାର ୯ଟି ବ୍ଲକ ଓ ବିଏମ୍‌ସି ପକ୍ଷରୁ ଷ୍ଟଲ ପରିଚାଳନା କରାଯାଇଥିଲା। ପ୍ରତି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ନେତୃତ୍ୱରେ ୧୬ଜଣ ପ୍ରଧାନଶିକ୍ଷକଙ୍କୁ ନେଇ ଏକ ଆଲୁମିନ ଟିମ୍ ଗଠନ କରାଯାଇଛି। ପ୍ରତି ବ୍ଲକରୁ ସଂଗୃହୀତ ଆଲୁମିନ ଅନୁଦାନରେ ୨ଗୁଣା ସରକାରୀ ଅନୁଦାନ ମିଶାଇ ହାସଲ କରାଯାଇଥିବା ପାୱାର ପଏଣ୍ଟ ଏଠାରେ ଉପସ୍ଥାପନ କରାଯାଇଛି। ଏଥିରେ କାର୍ଯ୍ୟକ୍ରମର ସଫଳତା ଓ ବିଫଳତା ସମ୍ପର୍କରେ ଆଲୋଚନା କରାଯାଇ ସମାଧାନର ମାର୍ଗ ନିରୂପଣ କରାଯାଇଥିଲା।

### ଟାଙ୍ଗୀରେ ଜନରାଜ୍ୟ ଦିବସ

**ଟାଙ୍ଗୀ (ଖୋର୍ଦ୍ଧା),୨୭।୧(ଡି.ଏନ.ଏ.):** ୭୦ତମ ଜନରାଜ୍ୟ ଦିବସ ଟାଙ୍ଗୀର ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ସମେତ ସମସ୍ତ ଶିକ୍ଷାନୁଷ୍ଠାନରେ ପାଳିତ ହୋଇଯାଇଛି। ଟାଙ୍ଗୀ ଗ୍ରାମ ନ୍ୟାୟାଳୟଠାରେ ନ୍ୟାୟାଧୀଶ ରଶ୍ମିତା ସାହୁ, ବ୍ଲକ୍‌ରେ ଅଧକ୍ଷ ବିଜୟ କୁମାର ଜେନା, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସୁରେନ୍ଦ୍ର କୁମାର ମଙ୍ଗରାଜ, ବାଳିକା ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ପ୍ରବାସିନୀ ଦେଈ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ଜିତେନ୍ଦ୍ର କୁମାର ସାହୁ, ଥାନାରେ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ, ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଅଧକ୍ଷ ମନୋରଞ୍ଜନ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ସରକାରୀ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଯଥାକ୍ରମେ ପ୍ରତିଷ୍ଠାନର ମୁଖ୍ୟ ଓ ପ୍ରଧାନଶିକ୍ଷକମାନେ ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ।

### ସ୍କୁଲର ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା ଅଫିସ,୨୭।୧: ଖୋର୍ଦ୍ଧା ବ୍ଲକ ମଧୁସୂଦନ ନଗରସ୍ଥିତ ଆରେନିୟମ ସ୍କୁଲର ପ୍ରଥମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡା. ଅଶୋକ ମଙ୍ଗରାଜ ମୁଖ୍ୟଅତିଥି ଓ ଡା. ସୁମନ ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସହ ପ୍ରତିଷ୍ଠାତା ଇକ୍‌ବାଲ ଖାନ ସମ୍ପାଦକୀୟ ବିବରଣୀ ପଠନ କରିଥିବାବେଳେ ଅନ୍ୟତମ ସହ ପ୍ରତିଷ୍ଠାତା ଦିବ୍ୟଜ୍ୟୋତି ବାରିକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

■ ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ନିରାକାରପୁର,୨୭।୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ନିରାକାରପୁର କଲେଜ ଛକ ନିକଟ ପୁରୁଣା ଶ୍ମଶାନ ପଛପଟୁ ଜଣେ ଭିନ୍ନକ୍ଷମ ଯୁବକଙ୍କ ମୃତଦେହକୁ ରବିବାର ପୋଲିସ ଉଦ୍ଧାର କରିଛି। ମୃତକ ହେଉଛନ୍ତି ଡିଆ ପଞ୍ଚାୟତ ଭଙ୍ଗସାହି ଗ୍ରାମର ମାନସ ରଞ୍ଜନ ଭଙ୍ଗମିଶ୍ର (୨୧)। ମାନସଙ୍କୁ କେହି ହତ୍ୟା କରି ଉକ୍ତ ସ୍ଥାନରେ ଫୋପାଡି ଦେଇଥିବା ତାଙ୍କ ପରିବାର ସହ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ ଦାବିରେ ସେମାନେ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରିଥିଲେ।

ମାନସଙ୍କ ବାପା ଭାଗୀରଥି ଭଙ୍ଗମିଶ୍ର କହିବା ଅନୁଯାୟୀ, ତାଙ୍କ ପରିବାର ଦୀର୍ଘବର୍ଷ ହେଲା ସ୍ଥାନୀୟ ରାମ ମନ୍ଦିରଠାରେ ଭୋଗ ସହ ପରିବା ଦୋକାନ କରିଛନ୍ତି । ମାନସ ଦୁଇଦିନ ହେଲା ଟାଙ୍ଗୀସ୍ଥିତ ମାମୁଁ ଘରକୁ ଯାଇଥିଲେ। ଏପରିସ୍ଥଳେ ଅପରାହ୍ନ ୪ଟାରେ ନିକଟସ୍ଥ ମଞ୍ଜାରିଆ ପାଟଣା ଗ୍ରାମର କିଛି ଲୋକ ପୁଅ ମୃତ୍ୟୁ ବିଷୟରେ ଖବର ଦେଇଥିଲେ। ସେ ସେଠାକୁ ଯାଇ ମୃତଦେହ ଦେଖି ହତବାକ୍ ହୋଇଯାଇଥିଲେ। ମାନସଙ୍କ ମୁହଁକୁ ପଥରରେ ଛେଚି ବିକୃତ କରିଦିଆଯାଇଥିବା ଦେଖିଥିଲେ। ପରେ ସେ ଏ ନେଇ ପୋଲିସରେ ଅଭିଯୋଗ କରିଥିଲେ। ଥାନାରେ ୬/୧୯ରେ ଏକ ମାମଲା ରୁଜୁ ହୋଇଛି। ଖବର ପ୍ରଚାରିତ



**ଅପରାଧୀଙ୍କୁ ଗିରଫ ଦାବିରେ ରାସ୍ତାରୋକୋ**

ହେବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ମୃଦଦେହ ପୋଲିସକୁ ନ ଦେଇ ନୂଆ ଜଗନ୍ନାଥ ସଡକର ନିରାକାରପୁର କଲେଜ ଫାଟକ ସାମ୍ନାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ପ୍ରାୟ ୧ଘଣ୍ଟା ପରେ ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ୭ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ତେବେ ପୋଲିସ ପ୍ରତିଶ୍ରୁତି ରକ୍ଷା ନ କଲେ ସେମାନେ ଥାନା ଘେରାଉ କରିବେ ବୋଲି ଅଞ୍ଚଳବାସୀଙ୍କ ତରଫରୁ ମନୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।



ମହୋତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଟାଙ୍ଗୀ ଲୋକମହୋତ୍ସବରେ ଲୋକନାଟ୍ୟ ମଧୁମଙ୍ଗଳ ପ୍ରଦର୍ଶିତ

**ଟାଙ୍ଗୀ (ଖୋର୍ଦ୍ଧା)୨୭।୧(ଡି.ଏନ.ଏ.)**

ସ୍ଥାନୀୟ ଚିଲିକା ଷ୍ଟାଡିୟମରେ ଆୟୋଜିତ ଟାଙ୍ଗୀ ଲୋକମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଅଞ୍ଚଳର ପ୍ରସିଦ୍ଧ ଲୋକନାଟ୍ୟ ମଧୁମଙ୍ଗଳ ଉପସ୍ଥିତ ଦର୍ଶକଙ୍କ ଉପଭୋଗ୍ୟ ହୋଇଥିଲା। ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଶିକ୍ଷାର୍ଥୀଙ୍କ ଗ୍ରୁପ ଡ୍ୟାନ୍ସ, ଗୋଳବାଇର ରାମନାଟକ, ପୁରୀ ଜଗନ୍ନାଥ ସଙ୍ଗୀତ ମହାବିଦ୍ୟାଳୟ ଶିକ୍ଷାର୍ଥୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ମହୋତ୍ସବ କମିଟି ସଭାପତି ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଚିଲିକା ବିଧାୟକ ଡା. ବିଭୂତିଭୂଷଣ ହରିଚନ୍ଦନ, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଜିତେନ୍ଦ୍ର କୁମାର ସାହୁ, ଟାଙ୍ଗୀ ଓକିଲ ସଂଘ ସମ୍ପାଦକ ସର୍ବେଶ୍ୱର ବଳିୟାରସିଂହ,ସାମାଜିକ କର୍ମୀ ମନୋଜ ମାନସିଂହ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ବିଜୟ କୁମାର ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମିଡିଆ ସେଲ ଦାୟିତ୍ୱରେ ଥିବା ଖବରଦାତା ଅଶ୍ୱିନୀ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସ୍ମାରକୀ ସମ୍ମାନ ପ୍ରଦାନ ଉତ୍ସବ



**ଟାଙ୍ଗୀ (ଖୋର୍ଦ୍ଧା) ୨୭।୧ (ଡି.ଏନ.ଏ.)**

ଟାଙ୍ଗୀ ବ୍ଲକର କୁମାଗୁରୁସ୍ଥିତ ରାମଚନ୍ଦ୍ର କଳ୍ପନା ମହାବିଦ୍ୟାଳୟର ଜଗନ୍ନାଥ ଦାସ ଭବନରେ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଟ୍ରଷ୍ଟ ତରଫରୁ ସ୍ମାରକୀ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଭାଗୀରଥି ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥି, ଅଧକ୍ଷ ସୁଧାଂଶୁ ଶେଖର ମହାନ୍ତି, ଖବରଦାତା ପଦ୍ମନାଭ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଦିବଙ୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସାମାଜିକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟ ସଭାପତି ପ୍ରତିଭାରାଣୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସନ୍ତୋଷ ଚନ୍ଦ୍ର କର, ଗୋବିନ୍ଦ ପ୍ରସାଦ ଧଳ, ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ ଓ ପ୍ରଫୁଲ୍ଲ ମହାନ୍ତିଙ୍କ ସ୍ତ୍ରୀ ସତ୍ୟପ୍ରିୟା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ନିମେଇଁ ଚରଣ ପାଇକରାୟ, ପଦ୍ମନାଭ ବିଶ୍ୱାଳ, ଭାଗୀରଥି ରାଉତରାୟ, ସୁଧାଂଶୁ ଶେଖର ମହାନ୍ତି ଓ ରମେଶ ରାଉତଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସେବା ସ୍ମାରକୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟ ସମ୍ପାଦକ ପ୍ରଦୀପ୍ତ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଜାତୀୟ ପତାକାକୁ ଅବମାନନା



**ଖୋର୍ଦ୍ଧା ଅଫିସ,୨୭।୧**

ଖୋର୍ଦ୍ଧା ଜିଲାର ସବୁ ଅଞ୍ଚଳରେ ଶନିବାର ସାଧାରଣତନ୍ତ୍ର ଦିବସ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଥିବାବେଳେ ବେଗୁନିଆ ବ୍ଲକର ଏକ ବିଦ୍ୟାଳୟରେ ଜାତୀୟ ପତାକାକୁ ଅବମାନନା କରାଯାଇଥିବା ଅଭିଯୋଗ ହୋଇଛି। ଏହି ବ୍ଲକର କୋଲୁହାପାଟଣା ପ୍ରାଥମିକ ବିଦ୍ୟାଳୟରେ ୨୬ତାରିଖ ସକାଳ ୭ଟାରେ ପତାକା ଉତ୍ତୋଳନ କରାଯାଇଥିଲା । ହେଲେ ୨୭ତାରିଖ ସକାଳ ୮ଟା ପର୍ଯ୍ୟନ୍ତ ପତାକାକୁ ଅବତରଣ କରାଯାଇ ନ ଥିଲା। ପରେ ଗ୍ରାମର ବହୁ ବୁଦ୍ଧିଜୀବୀ ଏହାକୁ ନାପସନ୍ଦ କରିବା ସହ ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଲଛମନ ପରିଡାଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ତରବରିଆ ଭାବେ ପତାକା ଅବତରଣ କରାଯାଇଥିଲା। ପତାକା ଅବତରଣ ସମ୍ପର୍କରେ ବିଓଙ୍କୁ ଫୋନ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଗାଳିଗୁଲଜ କରାଯାଇଛି। ଏ ନେଇ ବେଗୁନିଆ ବିଇଓ କୁହନ୍ତି, ଅଭିଯୋଗ ମିଳିଛି। ଘଟଣାର ତଦନ୍ତ କରାଯାଉଛି। ସୋମବାର କାର୍ଯ୍ୟ ଦିବସରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ବ୍ରିଗେଡ ଡେ ମହୋତ୍ସବ

**ଖୋର୍ଦ୍ଧା ଅଫିସ,୨୭।୧**

ଖୋର୍ଦ୍ଧା ସହରର ଗୁରୁଜଙ୍ଗସ୍ଥିତ ବିଗ୍ରେଡ ସ୍କୁଲ ପରିସରରେ ରାଜ୍ୟସ୍ତରୀୟ ବିଗ୍ରେଡ ଡେ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଏସ୍‌କେ. ଜାହ୍ନୁରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସତ୍ୟବାଦୀ ବଳିଆର ସିଂହ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଇଣ୍ଡିଆନ ରିଜର୍ଭ ବାଟାଲିୟନର ସହକାରୀ କମାଣ୍ଡାଣ୍ଟ ସୁରେନ୍ଦ୍ର କୁମାର ବେହେରା, ଖୋର୍ଦ୍ଧା ବ୍ଲକ ଶିକ୍ଷାଧିକାରୀ ବୈଦ୍ୟନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଗୁଳ ଆଇଆଇଟିର ଆସୋସିଏଟ୍ ପ୍ରଫେସର ଡ. ସୌମ୍ୟ ରଞ୍ଜନ ମହାପାତ୍ର, ଖୋର୍ଦ୍ଧା ଜିଲା ନିଶା ନିବାରଣ ସମିତିର ସଭାପତି ରାମ ଶଙ୍କର ସମ୍ମାନିତ ଅତିଥି ଭାବେଯୋଗ ଦେଇଥିଲେ। ଗୁରୁଜଙ୍ଗ ବିଗ୍ରେଡ ସ୍କୁଲ ଅଧକ୍ଷା ପ୍ରଭାତି ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ନୁରୁଜାହାନ ବେଗମ ଧନ୍ୟବାଦ ଦେଇଥିଲେ। ଏଥିରେ ରାଜ୍ୟର ଗୁରୁଜଙ୍ଗ, ଭୂଷଣ୍ଡପୁର, ବାଣପୁର, ଜଟଣୀ, ଅରୁଗୁଳ, ନିମାପଡା, ହଂସପାଳ, ସୁବର୍ଣ୍ଣପୁର, କେନ୍ଦ୍ରପଡାର ଶଙ୍ଖାରିପଡା ଓ ପରକଣା ଏବଂ ନୟାଗଡର ଇଟାମାଟି ସମେତ ୨୪ଟି ସ୍କୁଲର ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ ଆସର ସ୍ଥାନ ପାଇଥିଲା।

## ଆନ୍ଦୋଳନକୁ ଓହ୍ଲାଇବ ନବନିର୍ମାଣ କୃଷକ ସଂଘ

**ଟାଙ୍ଗୀ (ଖୋର୍ଦ୍ଧା),୨୭।୧(ଡି.ଏନ.ଏ.)**

କୃଷକମାନଙ୍କ ନ୍ୟାଯ୍ୟ ଦାବିକୁ ସରକାର ଅଣଦେଖା କରୁଥିବା ହେତୁ ନବନିର୍ମାଣ କୃଷକ ସଂଗଠନ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ଗ୍ରହଣ କରିଛି । ଟାଙ୍ଗୀ ବ୍ଲକ୍‌ର ଟାଙ୍କୋଳ ମହାବୀର ମନ୍ଦିର ପରିସରର ଖୋର୍ଦ୍ଧା ଜିଲା ଆବାହକକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କୃଷକ ସମାବେଶରେ ଏପରି ନିଷ୍ପତ୍ତି ହୋଇଛି। ଏହି ସଭାରେ ଉମାକାନ୍ତ ଭରତ, ସୁରେଶ ଚନ୍ଦ୍ର ମାନସିଂହ, ପରାମନନ୍ଦ ପ୍ରଧାନ ପ୍ରମୁଖ ରାଜ୍ୟସ୍ତରୀୟ ନେତୃତ୍ୱ ଉଦ୍‌ବୋଧନ ଦେଇ ନବନିର୍ମାଣ କୃଷକ ସଂଗଠନ ଉପସ୍ଥାପିତ କରିଥିବା ଦାବି ପୂରଣ ଦିଗରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସମାଲୋଚନା କରିଥିଲେ। ଫେବୃୟାରୀ ୫ ତାରିଖ ମଧ୍ୟରେ ଦାବି ପୂରଣ କରା ନ ଗଲେ ୬ ତାରିଖରେ ଚାଷୀମାନେ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବେ। ୭ ତାରିଖଠାରୁ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ। ଏହା ସତ୍ତ୍ୱେ ସରକାର ଯଦି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ସଂଗଠନ ବାଧ୍ୟ ହୋଇ ଭୁବନେଶ୍ୱର ଚତୁଃପାର୍ଶ୍ୱର ସମସ୍ତ ରାସ୍ତା ଅବରୋଧ କରି କୌଣସି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟସାମଗ୍ରୀ ଭିତରକୁ ଛାଡିବ ନାହିଁ ବୋଲି ସଭାରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ କୁମାର ପ୍ରଧାନ, ଶ୍ୟାମସୁନ୍ଦର ଦାସ, ବାବୁଲା ବେହେରା, ଦିଲୀପ କୁମାର ସେଠୀ, ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସେମାନଙ୍କ ମତ ରଖିଥିଲେ। ଧର୍ମାନନ୍ଦ ମୁଦୁଲି ଧନ୍ୟବାଦ ଦେଇଥିଲେ।

## କାଳିଆ ମେମୋରିଆଲ ଫୁଟବଲ

**ବୋଲଗଡ,୨୭।୧(ଡି.ଏନ.ଏ.)**

**ଘାଟିକିଆ ଚାମ୍ପିୟନ**

ମା’ ଯୋଗମାୟା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ବୋଲଗଡ ବ୍ଲକ ହାଟବସ୍ତ ସ୍ଥିତ ପଞ୍ଚାୟତ ହାଇସ୍କୁଲ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ କାଳିଆ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚରେ ଘାଟିକିଆ ଚାମ୍ପୟାନ ହୋଇଛି। ଏହି ମ୍ୟାଚ ଖୋର୍ଦ୍ଧା କ୍ଲବ ଏବଂ ଘାଟିକିଆ ବଜରଙ୍ଗବାଲି ଟିମ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ଘାଟିକିଆ ୨-୦ ଗୋଲରେ ଚାମ୍ପିୟନ ହୋଇଛି। ଏମ ଏସ ବେଗ ଖେଳ ପରିଚାଳନା କରିଥିବା ବେଳେ ସୁକାନ୍ତ ପ୍ରଧାନ ଏବଂ ରବିନାରାୟଣ ରଣା ଲାଇନ୍ସରେ ସହାୟତା କରିଥିଲେ। ୪ର୍ଥ ରେଫରି ଦାୟିତ୍ୱରେ ଭଞ୍ଜ କିଶୋର ଯତି କାର୍ଯ୍ୟ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ଯୋଗଦେଇ ଘାଟିକିଆ ଟିମକୁ ଚାମ୍ପିୟନ ଟ୍ରଫି ଏବଂ ଖୋର୍ଦ୍ଧା ଟିମକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ।

## ଚିଲିକା କ୍ରିକେଟ କପ୍,ଷ୍ଟାର ଇଲେଭେନ ବିଜେତା

**କୃଷ୍ଣପ୍ରସାଦ,୨୭।୧(ଡି.ଏନ.ଏ)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପାଟପୁର ମିନି ଷ୍ଟାଡିୟମ ଠାରେ ତ୍ରିନାଥ ଦେବ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଚିଲିକା କ୍ରିକେଟ କପ୍ ପ୍ରତିଯୋଗିତାରେ ଷ୍ଟାର ଇଲେଭେନ ମୋରଡା ଦଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନ ଦିବସର ଖେଳକୁ ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ କନ୍ଦାଖାଇ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ଅଧ୍ୟାପକ ମଧୁସୁଦନ ସାହୁ,ପାଟପୁର ଗ୍ରାମ୍ୟ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ବାରିକ ଯୋଗଦେଇ ଥିଲେ। ଏହି ଦିବସର ଖେଳ ଇଣ୍ଡିଆନ ଷ୍ଟାର କ୍ରିକେଟ ଟିମ ପାଟପୁର ବନାମ ଷ୍ଟାର ଇଲେଭେନ କ୍ରିକେଟ ଟିମ ମୋରଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା।



ଅତିଥିଙ୍କଠାରୁ ବିଜେତା ଦଳ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି।

## ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା

**ଖୋର୍ଦ୍ଧା ଅଫିସ,୨୭।୧**

ଦେଶର ସ୍ୱାଧୀନତା ସଂଗ୍ରାମରେ ଅସୀମ ତ୍ୟାଗ ଓ ବଳିଦାନ ଦେଇଥିବା ମହାପୁରୁଷ ତଥା ସମ୍ବିଧାନ ପ୍ରଣେତାଙ୍କୁ ସ୍ମରଣ କରିବା ଆବଶ୍ୟକ। ବିଭିନ୍ନତା ମଧ୍ୟରେ ଏକତା ଆମ ଭାରତ ବର୍ଷର ନିଦର୍ଶନ ବୋଲି ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର କହିଛନ୍ତି। ଖୋର୍ଦ୍ଧା ବିଜେବି ହାଇସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଅନୁରୂପଭାବେ କହିଥିଲେ, ପ୍ରତ୍ୟେକ ଭାରତୀୟ ନାଗରିକ ଗଣତନ୍ତ୍ରର ସୁରକ୍ଷା, ଭାରତ ବର୍ଷର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଦିଗରେ ଉଦ୍ୟମ କରିବା ଆବଶ୍ୟକ। ଅନ୍ୟପକ୍ଷେ ଜାତୀୟ ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସ୍କୁଲ କଲେଜର ଏନ୍‌ସିସି, ସ୍କାଉଟ୍‌ଗାଇଡସ୍, ଓ ସିଭିଲିଆନଙ୍କ ପରି ୪୬ଟି ଦଳ ପରେଡରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଦୀପ୍ତିରଞ୍ଜନ ରାୟ, ପିଡି ଡିଆରଡିଏ ସରୋଜ ମିଶ୍ର, ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

**ଜଟଣୀ:** ଜଟଣୀସ୍ଥିତ ରେଲ୍‌ୱେ ଷ୍ଟାଡିୟମରେ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ପକ୍ଷରୁ ଶନିବାର ୭୦ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଡିଭିଜନର ଡିଆର୍‌ଏମ୍ ବ୍ରଜମୋହନ ଅଗ୍ରୱାଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିସହିତ ରେଲୱେ ସୁରକ୍ଷା ବଳ, ସିଭିଲ୍ ଡିଫେନ୍ସ, ସ୍କାଉଟ୍ ଗାଇଡ୍, ଏନ୍‌ସିସି କ୍ୟାଡେଟ୍, ରେଲୱେ ଓ କେନ୍ଦ୍ରୀୟ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ଡିଭିଜନର ଏଡିଆର୍‌ଏମ୍ ରାଜ କୁମାର, ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଶିଖା ଅଗ୍ରୱାଲ, ଅନେକ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବାଲୁଗାଁ:** ୭୦ତମ ସାଧାରଣତନ୍ତ୍ର ଦିବସ ସମଗ୍ର ବାଲୁଗାଁ ଅଞ୍ଚଳରେ ପାଳିତ ହୋଇଯାଇଛି। ବାଲୁଗାଁର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସକାଳୁ ଜାତୀୟ ପତାକା ଉତ୍ତୋଳନ ସହ ପ୍ରଭାତ ଫେରିରେ ବାଲୁଗାଁ ନଗର ପରିକ୍ରମା କରି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାବ୍ୟତୀତ ବାଲୁଗାଁ ଥାନା, ଏନ୍‌ଏସି କାର୍ଯ୍ୟାଳୟ, ଅଗ୍ନିଶମ ବିଭାଗ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ବ୍ୟବସାୟ ପ୍ରତିଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ବୋଲଗଡ:** ବୋଲଗଡ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ୭୦ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବୋଲଗଡସ୍ଥିତ ବାମନ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରାଜସୁନାଖଳା ପ୍ରେସ କ୍ଲବ ଠାରେ ସଂଘର ସଭାପତି ମନୋରଞ୍ଜନ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ପରାମର୍ଶଦାତା ପ୍ରଭାତ କୁମାର ରଥ,ସମ୍ପାଦକ କିଶୋର ରାଉତରାୟ ଓ ସଭ୍ୟ ଜିତେନ୍ଦ୍ର କୁମାର ସାହୁ,ରଘୁନାଥ ମଲ୍ଲିକଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ସେହିପରି ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ ସମେତ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।



ସାଧାରଣତନ୍ତ୍ର ଦିବସ ଅବସରରେ ପରେଡ ପ୍ରଦର୍ଶନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ଜାନୁୟାରୀ, ୨୦୧୯



ପିଲା ଯାହା ମାଗେ ତାକୁ ସବୁ ଦେଇଦେଲେ
ସେ କ୍ରମେ ଖରାପ ହୋଇଯିବ।
-ଓସୋ



## ସଂକ୍ଷେପରେ

### ଓଡ଼ିଆ ଭାଷା ସାହିତ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ

ପୁରୀ ଅଫିସ,୨୭।୧: ଓଡ଼ିଆ ଭାଷା ଓ ସାହିତ୍ୟକୁ ଆଦରି ଯେଉଁ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା କ୍ଷେତ୍ରକୁ ଆସୁଛନ୍ତି ସେମାନଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତ ଅପେକ୍ଷା କରିଛି। ରାଜ୍ୟ ସରକାର ସାକ୍ଷୀଗୋପାଳଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନା କରୁଥିବାରୁ ଓଡ଼ିଆ ସମ୍ମାନ ଓ ସ୍ନାତକୋତ୍ତରସ୍ତରରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆଗକୁ ଅନେକ ସୁଯୋଗ ସୃଷ୍ଟି ହେବ। ଏସ୍‌ସିଏସ୍ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ରବିବାର ଅନୁଷ୍ଠିତ ନିଖିଳ ଭାରତ ଓଡ଼ିଆ ଅଧାପକ ସମ୍ମେଳନରେ ଏହା ମତପ୍ରକାଶ ପାଇଛି। ବିଭାଗର ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମରର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏହାକୁ ସାହିତ୍ୟ ଏକାଡେମୀ ସଭାପତି କବି ହରିହର ମିଶ୍ର ଉଦ୍‌ଘାଟନ କରି ଓଡ଼ିଆ ଭାଷାର ସର୍ଜନଶୀଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଡ. ନିତ୍ୟାନନ୍ଦ ଦାସ, ସମ୍ମାନିତ ଅତିଥି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର ଓ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ନିଖିଳ ଭାରତ ଓଡ଼ିଆ ଅଧାପକ ସମ୍ମେଳନର ସଭାପତି ଡ. ଦେବେନ୍ଦ୍ର କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ସ୍ନାତକସ୍ତରରେ ଓଡ଼ିଆ ଭାଷା ଅଧାପନାରେ ସମସ୍ୟା ଓ ସଙ୍କଟ ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ସନ୍ତୋଷ ତ୍ରିପାଠୀ, ଡ. କ୍ଷୀରୋଦ ବେହେରା, ଅଧାପିକା ଡ. ବିଜୟଲକ୍ଷ୍ମୀ ଦାଶ, ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଡ. ରଞ୍ଜିତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### ୫ ଫେରାର ଅଭିଯୁକ୍ତ ଗିରଫ

ନିମାପଡ଼ା,୨୭।୧(ଡି.ଏନ୍.ଏ.)- ନିମାପଡ଼ା ଥାନା ପୋଲିସ ବିଭିନ୍ନ ଅଞ୍ଚଳରେ ଶନିବାର ଚଢ଼ାଉ କରି ୫ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଧୀନ ରଟିଲୋ ଗ୍ରାମର ଚିକୁନ ପ୍ରଧାନ, ଚାରିଛକ ଫାଣ୍ଡି ଅନ୍ତର୍ଗତ ସାନଦୁଲି ଗ୍ରାମର ତୋଫାନ ଭୋଇ, ରୀନା ଦାସ, ମିତା ଦାସ ଓ ହର୍ଷମଣୀ ଦାସ । ବିଭିନ୍ନ ଅପରାଧ ମାମଲାରେ ସମ୍ପୃକ୍ତ ଥିବା ଏହି ଅଭିଯୁକ୍ତମାନେ ଦୀର୍ଘଦିନ ହେବ ଫେରାର ଥିଲେ। ଗିରଫ ଚିକୁନଙ୍କ ବିରୋଧରେ ଜି.ଆର ୬୫/୧୭ରେ ଏକ ମାମଲା କୋର୍ଟରେ ରୁଜୁ ହୋଇଥିବାବେଳେ ତୋଫାନ, ରୀନା, ମିତା ଓ ହର୍ଷମଣୀଙ୍କ ବିରୋଧରେ ଜି.ଆର. ୨୩୭/୧୮ରେ କୋର୍ଟରେ ମାମଲା ରୁଜୁ ହୋଇଛି।

### କଣ୍ଠଶିଳ୍ପୀ ଅର୍ଜୁନ ସାମଲଙ୍କ ଶେଷକୃତ୍ୟ

ପୁରୀ ଅଫିସ, ୨୭।୧: ବର୍ଷୀୟାନ କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ଅର୍ଜୁନ ଚରଣ ସାମଲଙ୍କ ଶେଷକୃତ୍ୟ ରବିବାର ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି। ବଡ଼ପୁଅ ଦେବାଶିଷ ସାମଲ ମୁଖାଗ୍ନି ଦେଇଥିଲେ। ମରଶରୀରକୁ ସ୍ୱର୍ଗଦ୍ୱାର ନେବା ବାଟରେ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଶ୍ରୀକ୍ଷେତ୍ର କଳା ପ୍ରକାଶିକାର ସତ୍ୟନାରାୟଣ ଗୁରୁ, ଗୁରୁ କାଶୀନାଥ ପୂଜାପଣ୍ଡା ସ୍ମୃତି ସଂସଦର ହାଡ଼ିବନ୍ଧୁ ପୂଜାପଣ୍ଡା, ଓଡ଼ିଶା ସଙ୍ଗୀତ ପରିଷଦର ସମ୍ପାଦକ ପ୍ରସନ୍ନ ମିଶ୍ର, ବାଦ୍ୟଶିଳ୍ପୀ ରତ୍ନାକର ପୃଷ୍ଟି, ଉତ୍କଳ ବିକାଶ ଯୁବ ପରିଷଦର ଦେବୀପ୍ରସାଦ ପୃଷ୍ଟି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମିଛ ମାୟା ଭରା ଏ ସାରା ଦୁନିଆ, ଦୀନବନ୍ଧୁ ଏଇ ଅଳି ଶ୍ରୀଛାମୁରେ ଭଳି ଗୀତ ଗାଇଥିବା ଅର୍ଜୁନ ଅରୁଚିକର ଭଜନ ବିରୋଧୀ ଆନ୍ଦୋଳନର ଅନ୍ୟତମ ନେତୃତ୍ୱ ଥିଲେ। ସୂଚନାଥାଉ କି, ଶନିବାର ଭୁବନେଶ୍ୱରଠାରେ ଅର୍ଜୁନଙ୍କର ପରଲୋକ ହୋଇଥିଲା।

### ସାଧାରଣତନ୍ତ୍ର ଦିବସ ପାଳିତ

ପୁରୀ ଅଫିସ,୨୭।୧: ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସଂଘ, ପୁରୀ ପକ୍ଷରୁ ବଡ଼ଦାଣ୍ଡରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଭାପତି ଉଲ୍ଲାସ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅଙ୍କିତା ପାତ୍ର, ନିକିତା ମିଶ୍ର, ସ୍ମୃତି ମିଶ୍ର ଓ ଶର୍ମିଷ୍ଠା ପାତ୍ର ଜାତୀୟ ସଙ୍ଗୀତ ଗାନ କରିଥିଲେ। ସଦସ୍ୟ ଲୋକନାଥ ମହାନ୍ତି, ଜୟଦେବ ଆଚାର୍ଯ୍ୟ, ଲମ୍ବୋଦର ସାହୁ, ମୁକ୍ତିକାନ୍ତ ଦାସ, ଯୁଗଳ କିଶୋର କାନୁନଗୋ, ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।







(୧)ପୁରୀ ଶରଧାବାଲିଠାରେ ଅନୁଷ୍ଠିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ପରେଡ ନିରୀକ୍ଷଣ କରୁଛନ୍ତି। (୨)ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ମାଲଖମ୍ବ ପ୍ରଦର୍ଶନ କରାଯାଉଛି। (୩)ଛାତ୍ରୀଛାତ୍ରମାନେ ପିରାମିଡ ତିଆରି କରୁଛନ୍ତି।

■ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

## ଶ୍ରୀମନ୍ଦିର, କୋଣାର୍କ ଓଡ଼ିଶାର ଗୌରବ ବୃଦ୍ଧି କରିଛି

**ପୁରୀ ଅଫିସ, ୨୭।୧:**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ଶ୍ରୀକ୍ଷେତ୍ର ଐତିହାସିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ। ଶ୍ରୀମନ୍ଦିର, କୋଣାର୍କ ଓ ମରାଳ ମାଳିନୀ ନୀଳାମ୍ବୁ ଚିଲିକା କେବଳ ପୁରୀ ଜିଲାର ନୁହେଁ ସମଗ୍ର ଓଡ଼ିଶାର ଗୌରବ ଓ ଗୁରୁତ୍ୱ ବୃଦ୍ଧି କରିଛି ବୋଲି କହିଛନ୍ତି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା। ଶରଧାବାଲିଠାରେ ଶନିବାର ଜିଲାସ୍ତରୀୟ ୭୦ତମ ସାଧରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ବେହେରା ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଲେ ଯେ, ସ୍ୱାଧୀନତା ପରେ ଆମ ଦେଶ ଓ ରାଜ୍ୟ ପ୍ରଗତି ପଥରେ ଆଗେଇ ପାରିଛି। ଦେଶ ଅର୍ଥନୀତି, ବିଜ୍ଞାନ ଓ ପ୍ରଯୁକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିଛି। ଓଡ଼ିଶାର ମଧ୍ୟ ଉନ୍ନତି ହୋଇଛି। କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛୁ। କୃଷିର ଉନ୍ନତି ପାଇଁ ସ୍ୱତନ୍ତ୍ର କୃଷି ବଜେଟ୍ କରାଯାଇଛି। ଚାଷୀଙ୍କ ପାଇଁ କାଳିଆ ଯୋଜନା କାର୍ଯ୍ୟକାରୀ ହୋଇଛି। ସଧାରଣତନ୍ତ୍ର ଦିବସରେ ରାଜ୍ୟ ଓ ଦେଶର ଉନ୍ନତି ପାଇଁ ସମସ୍ତେ ସଂକଳ୍ପ ନେବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ପରେଡରେ ୬୫ଟି ଦଳ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ଦଳଗୁଡିକୁ ରନିଙ୍ଗ ସିଲ୍‌ଡ ପ୍ରଦାନ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପିଠା କାର୍ଯ୍ୟକ୍ରମ ପାଇଁ ଜିଲାର ବିଭିନ୍ନ ବ୍ଲକର ୧୧ଜଣ ସରପଞ୍ଚଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପରେଡ ପଡ଼ିଆରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାତଃରେ ସହରରେ ରାମଧୂନ ପରିବେଷଣ କରାଯିବା ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସ୍ଥାନୀୟ ଗାନ୍ଧୀସ୍ମୃତି ପୀଠରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଶିବ ପ୍ରସାଦ ମିଶ୍ର ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପୂର୍ବାହ୍ନରେ ଅର୍ଥମନ୍ତ୍ରୀ ବେହେରା ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ଓ ପୋଷାକ ବଣ୍ଟନ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପୌର ସଦନ ପ୍ରେକ୍ଷାଳୟରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସାଂସ୍କୃତିକ ବିଚିତ୍ରା ଅନୁଷ୍ଠିତ ହୋଇଥିଲା। ସାଧାରଣତନ୍ତ୍ର ଦିବସ ସମାରୋହରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ୩ଜଣ ଆନ୍ତଃଜିଲା ଲୁଟେରା ଗିରଫ: ୪ଲକ୍ଷର ଅଳଙ୍କାର, ବାଇକ୍ ଜବତ

**ନିମାପଡ଼ା,୨୭।୧(ଡି.ଏନ୍.ଏ.)**

ନିମାପଡା ଥାନା ପୋଲିସ ୩ଜଣ ଆନ୍ତଃଜିଲା ଲୁଟେରାଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ସୋଲୋପାଟ ଗ୍ରାମର ଶୁଭ୍ରଜିତ ପରିଡା, ଜଗତ୍‌ସିଂହପୁର ଥାନା ଅଧୀନ ବରଗୋଲାର ଗ୍ରାମର ମଧୁସୂଦନ ମହାନ୍ତି ଏବଂ ଭଦ୍ରକ ଜିଲା ଧୁସୁରି ଥାନା ଓଳଙ୍ଗ ଗ୍ରାମର ସପନା ନାୟକ। ଏଥିସହ ସେମାନଙ୍କଠାରୁ ପୋଲିସ ପ୍ରାୟ ୪ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ୨ହଜାର ଟଙ୍କା, ୨ଟି ମୋବାଇଲ, ଗୋଟିଏ ନମ୍ବରବିହୀନ ବାଇକ, ଲୁହାରଡ ଆଦି ଜବତ କରିଥିବା ଏସଡିପିଓ ଶରତଚନ୍ଦ୍ର ମିଶ୍ର, ଆଇଆଇସି ହରମୋହନ ନାୟକ କହିଛନ୍ତି। ଏହି ଲୁଟେରାମାନଙ୍କ ନାମରେ ଚୌଦ୍ୱାର ଥାନା, ଜଗତ୍‌ସିଂହପୁର ଥାନା ଅଞ୍ଚଳର ଏକାଧିକ ଅପରାଧ ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି। ଏହି ଲୁଟେରାଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ନିମାପଡ଼ା ଥାନା ଅଧୀନ ଅଣ୍ଡିଆ ସାହି ଗ୍ରାମର ଅକ୍ଷୟ କୁମାର ସାହୁଙ୍କ ପରିବାର ଘରେ ନ ଥିବାବେଳେ ଉକ୍ତ ୩ଲୁଟେରା ଏକ ବାଇକରେ ଆସି ଦିବାଲୋକେ ଘରଗ୍ରୀଲ ଭାଙ୍ଗି ୪ଲକ୍ଷର ସୁନା ଅଳଙ୍କାର, ୧୨ହଜାର ଟଙ୍କା ନେଇ ଖସିଯିବାକୁ ଉଦ୍ୟମ କରିବାବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ପୋଲିସ ପହଞ୍ଚି ଚତୁରତାର ସହ ଲୁଟେରାଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ୩୭/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ କୋଷ୍ଟାଲ ଟ୍ରେକିଂ





ବେୟାରଫୁଟ୍ ପକ୍ଷରୁ ଅନୁଷ୍ଠିତ କୋଷ୍ଟାଲ ଟ୍ରେକିଂ କାର୍ଯ୍ୟକ୍ରମ।

**ପୁରୀ ଅଫିସ,୨୭।୧:**

ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କୋଷ୍ଟାଲ ଟ୍ରେକିଂ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସାଇକେଲ ଆଡ୍‌ଭେଞ୍ଚର କ୍ଲବ (ବିସିଏସି) ଓ ପୁରୀର ବେୟାରଫୁଟ୍ ମିଳିତ ଆନୁକୂଲ୍ୟରେ ଶନିବାର ପୁରୀ ପାନ୍ଥନିବାସ ନିକଟ ବେଳାଭୂମିରୁ ଏହି ଟ୍ରେକିଂ ଆରମ୍ଭ ହୋଇଥିଲା। ଏଥିରେ ପ୍ରାୟ ୫୦ ଜଣ ସାମିଲ ହୋଇଥିଲେ। ବେଳାଭୂମିଦେଇ ଯିବା ସମୟରେ ଏମାନେ ବେଳାଭୂମି ସଫେଇ ସହିତ ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ସମ୍ପର୍କରେ ଜନସାଧାରଣ ଓ ପର୍ଯ୍ୟଟକଙ୍କୁ ସଚେତନ କରିଥିଲେ। ୩୧ କିମି ବେଳାଭୂମିରେ ଯାତ୍ରା କରି ଶନିବାର ରାତିରେ ଚିଲିକା ମୁହାଣରେ ପହଞ୍ଚିଥିଲେ। ସେଠାରେ ରାତ୍ରିଯାପନ କରି ରବିବାର ସକାଳେ ପ୍ରତ୍ୟାବର୍ତ୍ତନ କରିଥିଲେ। ବିସିଏସି ସଭାପତି ସଞ୍ଜୀବ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କୋଷ୍ଟାଲ ଟ୍ରେକିଂ ଏଥର ପଞ୍ଚମ ବର୍ଷରେ ପଦାର୍ପଣ କରିଛି। ଏ ସମ୍ପର୍କରେ ସଭାପତି ପଣ୍ଡା କହିଛନ୍ତି, ଗତବର୍ଷ ଆମେ ୩୪ କିମି ଯାଇଥିଲୁ। ଚିଲିକା ମୁହାଣ ପ୍ରାୟ ୩ କିମି ଅଧିକ ଓସାର ହୋଇଥିବାରୁ ଏଥର ୩୧ କିମି ଯାଇଥିଲୁ।

## ଚିଲିକା ଉତ୍ତରନାଶିରେ ବିଦେଶୀ ପକ୍ଷୀ ଶିକାର

**କଣାସ, ୨୭।୧(ସ୍ୱ.ପ୍ର.)**

ଉତ୍ତର ଗୋଲାର୍ଦ୍ଧରେ ଶୀତର ପ୍ରକୋପ ବୃଦ୍ଧି ପାଇବାରୁ ନିଳାମ୍ବୁଚିଲିକାକୁ ବିଦେଶାଗତ ପକ୍ଷୀ ଲମଲ ସଂଖ୍ୟାରେ ଆସି ଆସ୍ଥାନ ଜମାଇଛନ୍ତି। ଚିଲିକାର ଉତ୍ତରନାଶି ଭୂଷଣ୍ଡପୁରଠାରୁ ଜଗଦଳପୁର ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ କଇଁଫୁଲ ଓ କଳିକତିଦଳରେ ପୂର୍ଣ୍ଣହୋଇଥିବାରୁ ବିଦେଶୀ ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣରେ ଅଧିକସଂଖ୍ୟାରେ ଜମାହେଉଛନ୍ତି। ଏହାର ସୁଯୋଗ ନେଇ ଶିକାରୀମାନେ ପକ୍ଷୀମାନଙ୍କୁ ଅନାୟଶରେ ଶିକାର କରୁଛନ୍ତି। ପକ୍ଷୀମାନଙ୍କ ସୁରକ୍ଷାପାଇଁ ବନ୍ୟପ୍ରାଣୀ ବିଭାଗପକ୍ଷରୁ କଡାକଡି ପଦକ୍ଷେପ ଗ୍ରହଣକାରାଯାଇଥିବା ନେଇ ଘୋଷଣା କରାଯାଉଥିବାବେଳେ ପ୍ରକୃତ ପକ୍ଷେ ତାହା ହେଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଦେଶୀପକ୍ଷୀଙ୍କ ସୁରକ୍ଷାପାଇଁ ବନ୍ୟପ୍ରାଣୀ ବିଭାଗପକ୍ଷରୁ ବାଲୁଗାଁ, ନଳବଣ, କାଳୁପଡା, ଭୁଷଣ୍ଡପୁର ଏବଂ ଚିଲିକା ମଝିରେ ପାଟ୍ରୋଲିଂ ଚାଲିଛି। ମାତ୍ର ବିଭାଗ ପକ୍ଷରୁ ଚିଲିକାର ଉତ୍ତରନାଶି ପ୍ରତି ଧ୍ୟାନଦେଉ ନ ଥିବାରୁ ବାହର ପକ୍ଷୀ ଶିକାରୀମାନେ ସନ୍ଧ୍ୟା ସମୟରେ ଚିଲିକା ଭିତରକୁ ଛୋଟ ଡଙ୍ଗାରେ ଆସି କୂଳରେ ଫାଶ ବସାଇ ପକ୍ଷୀ ଧରୁଛନ୍ତି। ଶିକାରୀମାନେ ଉଜ୍ଜ୍ୱଳ ଅଲୋକ ପକ୍ଷୀମାନଙ୍କ ମୁହଁକୁ ପକାଇ ଠେଙ୍ଗାରେ ବାଡେଇ କରାୟତ୍ତ କରୁଛନ୍ତି। ତୁରନ୍ତ ଉତ୍ତରନାଶି ପ୍ରତି ଧ୍ୟାନଦେବାକୁ ସାଧାରଣରେ ଦାବି ହେଉଛି।



ଶ୍ରୀ ପତିତପାବନ ଖବରକାଗଜ ବିତରକ ସଂଘ ପୁରୀ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ।

## ୨୦୨୦ରେ ହେବ ଗ୍ଲୋରୀ ଫେଷ୍ଟ ରଜତ ଉତ୍ସବ

**ପୁରୀଅଫିସ,୨୭।୧:**

ଜାତୀୟ ଯୁବ ସମନ୍ୱିତ କେନ୍ଦ୍ରର ବାର୍ଷିକ କାଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କ୍ୟାପଟେନ୍ ପ୍ରଭାକର ଶତପଥୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ କେନ୍ଦ୍ରର ବିଗତ ବର୍ଷର ବାର୍ଷିକ ଆୟବ୍ୟୟ ଉପରେ ଆଲୋଚନା କରାଯାଇଥିଲା। ୨୦୨୦ରେ କେନ୍ଦ୍ର ଦ୍ୱାରା ଅନୁଷ୍ଠିତ ହେଉଥିବା ଗ୍ଲୋରୀ ଫେଷ୍ଟ ୨୫ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହି ଅବସରରେ ଏହାକୁ ଅଧିକ ଆକର୍ଷଣୀୟ କରିବା ଲାଗି ନିଷ୍ପତି ହୋଇଥିଲା। ଏହାର ସଫଳ ରୂପାୟନ ନେଇ ଏକ ନୂତନ କମିଟି ଗଠନ କରାଯାଇଛି। ଉପଦେଷ୍ଟା ଭାବେ ଭଗବାନ ଜୟସିଂ ଓ ଅଧ୍ୟାପକ ଡ.ରବିନ୍ଦ୍ର ପ୍ରଧାନ, ଅଧ୍ୟକ୍ଷ ଭାବେ କ୍ୟାପଟେନ ପ୍ରଭାକର ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ତିରୁପତି ପାଣିଗ୍ରାହୀ ଓ ଶିକ୍ଷାବିତ୍ ହରେକୃଷ୍ଣ ଶତପଥୀ, ଯୁଗ୍ମ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ହରପ୍ରସାଦ ବିଶ୍ୱାଳ, ଶ୍ରୀନିବାସ ସାହୁ, ଶିବଶଙ୍କର ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ରାଜେଶ ମହାନ୍ତି, ଯୁଗ୍ମ ସମ୍ପାଦକ ବିଦ୍ରୋହ କେଶରୀ ସିଂ, ସଂଗ୍ରାମ କାନୁନଗୋ, ଦାମୋଦର ଶତପଥି, ହରେକୃଷ୍ଣ ସ୍ୱାଇଁ, ସଙ୍ଗଠନ ସମ୍ପାଦକ ଭାବେ ନବକିଶୋର ପ୍ରଧାନ,ଅଶ୍ୱିନୀ ସ୍ୱାଇଁ ସାଂସ୍କୃତିକ ସମ୍ପାଦକ, କୋଷାଧ୍ୟକ୍ଷ ଭାବେ ନାରାୟଣ ପାତ୍ର ଓ ଜଗମୋହନ ଚୌଧୁରୀ ଓ ମୁଖପତ୍ର ଭାବେ ସୌମେନ୍ଦ୍ର ହରିଚନ୍ଦନ ପ୍ରମୁଖ ମନୋନୀତ ହୋଇଛନ୍ତି।

## ସାଧାରଣତନ୍ତ୍ର ଦିବସରେ ସାଧାରଣ ଜ୍ଞାନ ପ୍ରତିଯୋଗିତା

**ନିମାପଡ଼ା, ୨୭।୧(ଡି.ଏନ.ଏ.):**

ସାଧାରଣତନ୍ତ୍ର ଦିବସରେ ନିମାପଡ଼ା ଯୁବ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଆଇବିଏସ୍ ଅନୁଷ୍ଠାନ ପରିସରରେ ପତାକା ଉତ୍ତୋଳନ ସହ ଭାରତୀୟ ସମ୍ବିଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଧାରଣଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଶ୍ରୀନିବାସ ସ୍ୱାଇଁ, ଦେବାଶିଷ ସ୍ୱାଇଁ ଏବଂ ଲିଟୁ ମଲ୍ଲିକଙ୍କୁ ପୁରସ୍କୃତ କରାଯାଇଥିଲା। ଉନ୍ନତ ରାଷ୍ଟ୍ର ନିର୍ମାଣ ପାଇଁ ଯୁବବର୍ଗ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ପରିଷଦ ପକ୍ଷରୁ ଆହ୍ୱାନ କରାଯାଇଥିଲା। ନିମାପଡା କଲେଜର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ପଣ୍ଡା, ଅନୁଷ୍ଠାନର ମୁଖ୍ୟ ପ୍ରଭାତ କୁମାର ବେହେରା, ଯୁବ ବିକାଶ ପରିଷଦର ଆବାହକ ଆଦର୍ଶ ଦାସ, ବ୍ରହ୍ମାନନ୍ଦ ସାହୁ, ନିରଞ୍ଜନ ସାହୁ, ଅରିଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସାଧାରଣଜ୍ଞାନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଉଛି।

## ଭକ୍ତିଯୁକ୍ତ ହୋଇ କର୍ତ୍ତବ୍ୟ କଲେ ଜୀବନ ସାର୍ଥକ ହେବ

**ପୁରୀ ଅଫିସ, ୨୭।୧:**

ଓମ୍ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଗୀତାଜ୍ଞାନ ପାଠ୍ୟକ୍ରମ ସମାବର୍ତ୍ତନ ଉତ୍ସବ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟଜୀବନ ସଂଘ, ପୁରୀର ଅଧ୍ୟକ୍ଷ ସ୍ୱାମୀ ଜିତମୋହାନନ୍ଦ ସରସ୍ୱତୀ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଶ୍ରୀମଦ୍ ଭଗବତ ଗୀତା ସପ୍ତମ ଅଧ୍ୟାୟ ମୁଖପାଠ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହରିହର ହୋତା ସମାବର୍ତ୍ତନ ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକୃତ ଜ୍ଞାନ ଆହରଣପୂର୍ବକ ଭକ୍ତିଯୁକ୍ତ ହୋଇ କର୍ତ୍ତବ୍ୟ ସମ୍ପାଦନ କଲେ ମନୁଷ୍ୟ ଜୀବନ ସାର୍ଥକ ହୋଇପାରିବ ବୋଲି କହିଥିଲେ। ସାରଦା ନିକେତନର ଅଧ୍ୟକ୍ଷ ସ୍ୱାମୀ ପ୍ରାଣରୂପାନନ୍ଦ ଏବଂ ସ୍ୱାମୀ ଜିତମୋହାନନ୍ଦ ଜୀବନରେ ଗୀତା ପାଠର ଉପାଦେୟତା ବିଷୟରେ ବିଦ୍ୟାର୍ଥୀଙ୍କୁ ବୁଝାଇଥିଲେ। ଗୀତାପାଠ ତୁମର ଧ୍ୟେୟ ହେଉ, ଯାହା ପ୍ରତ୍ୟେକ ହିନ୍ଦୁର ଏକ ଜନ୍ମଗତ ଗୁଣ। ଏହାକୁ ପାଠ କରିବା ସହିତ ଜୀବନରେ ପ୍ରତିଫଳନ କଲେ ନିଜ ସହିତ ସମାଜକୁ ପରିବର୍ତ୍ତନ କରିପାରିବ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୀତାଜ୍ଞାନ ପାଠ୍ୟକ୍ରମ-୨୦୧୮ର ଶ୍ରେଷ୍ଠ ୧୧ ବିଦ୍ୟାର୍ଥୀଙ୍କୁ ସ୍ମୃତିବୃତ୍ତି ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସର୍ବଶ୍ରେଷ୍ଠ ୨୯ ବିଦ୍ୟାର୍ଥୀଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୨୧ଟି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରୁ ୧୭୯୮ ବିଦ୍ୟାର୍ଥୀ ବର୍ଷାବଧି ଅଧ୍ୟୟନରେ ସାମିଲ ଥିଲେ, ଯେଉଁମାନଙ୍କୁ ସମ୍ମାନ ଏବଂ ପୁରସ୍କାର ନିମନ୍ତେ ଏହି ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା।

**ଗୀତାଜ୍ଞାନ ସମାବର୍ତ୍ତନ ଉତ୍ସବ**



ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ଜାନୁୟାରୀ, ୨୦୧୯



ଠିକ୍ ଭାବରେ ଉଦ୍ୟମ କର। ତୁମେ ପାଇବ, ବିଶ୍ୱାସ ରଖ ଏବଂ ପରିଶେଷରେ ତୁମର ବିଶ୍ୱାସ ପ୍ରମାଣିତ ହେବ।

-ଶ୍ରୀଅରବିନ୍ଦ



## ସଂକ୍ଷେପରେ

### କପାଳେଶ୍ୱର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ କେକେଏସ୍ ପୁରୀ ଚାମ୍ପିୟନ

**ଚୌଦ୍ୱାର,୨୭।୧(ଡି.ଏନ୍.ଏ):** ଚୌଦ୍ୱାର ପୌରପାଳିକା ୯ନଂ ୱାର୍ଡ ବିଜୁ ଯୁବବାହିନୀ ଓ କପାଳେଶ୍ୱର ଯୁଥ୍ କ୍ଲବର ମିଳିତ ଆନୁକୂଲ୍ୟରେ ୨୯ତମ କପାଳେଶ୍ୱର କ୍ରିକେଟ୍ କପ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କପାଳେଶ୍ୱର ପଡିଆଠାରେ ଶନିବାର ଅନୁଷ୍ଠିତ ଫାଇନାଲରେ ସାଇରାମ କ୍ରିକେଟ୍ କ୍ଲବ ଚୌଦ୍ୱାରକୁ ପରାସ୍ତ କରି କେକେଏସ୍ ପୁରୀ ଚାମ୍ପିୟନ ହୋଇଥିଲା। ସନ୍ଧ୍ୟାରେ ବିଜୁ ଯୁବ ବାହିନୀର ସଭାପତି ଜୟଦେବ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ୱାର୍ଡର ପ୍ରାକ୍ତନ କାଉନ୍‌ସିଲର କରୁଣାକର ସାହୁ, ବାଳକୃଷ୍ଣ ମହାନ୍ତି, ଯୁବନେତା ରାଜକିଶୋର ସାମନ୍ତରାୟ, ଶୁଭେନ୍ଦୁ ସାମଲ, ସୁବ୍ରତ ସାମଲ ଓ ଅର୍ଜୁନ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଅର୍ଥରାଶି ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଚୌଦ୍ୱାର ଓ ଏହା ଆଖପାଖ ଅଞ୍ଚଳର ୧୬ଟି ଟିମ୍ ଯୋଗଦେଇଥିଲେ।

### ପାଲାଗାୟକ ପରିଷଦର ସମୀକ୍ଷା ବୈଠକ

**ସାକ୍ଷୀଗୋପାଳ, ୨୭।୧(ଡି.ଏନ୍.ଏ.):** ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ସତ୍ୟବାଦୀ ଉପଶାଖା ମଣ୍ଡଳର ସମୀକ୍ଷା ବୈଠକ ସ୍ଥାନୀୟ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ର ବୈଠକରେ ସଭାପତିତ୍ୱ କରିଥିଲେ। ପାଲା କଳାର ପ୍ରଚାର ଓ ପ୍ରସାର ସହିତ ଏହାକୁ କିପରି ଆକର୍ଷଣୀୟ କରାଯାଇପାରିବ, ସେଥିପାଇଁ ଯୁବ ପାଲା ଗାୟକମାନଙ୍କୁ ଏ ଦିଗରେ ଦିଗ୍‌ଦର୍ଶନ ଦେବାକୁ ଆଲୋଚନା କରାଯାଇଥିଲା। ବିଭିନ୍ନ ପୁରାଣ ଶାସ୍ତ୍ର ଉପରେ ପାଲା ଗାୟକମାନେ ଜ୍ଞାନ ଆହରଣ କରି ସମାଜକୁ ଠିକ୍ ମାର୍ଗଦର୍ଶନ କରିବାକୁ ଉପସ୍ଥିତ ପାଲାକାରମାନଙ୍କୁ ଅଖଣ୍ଡ ପୁରୀ ଜିଲା ସମ୍ପାଦକ ଗାୟକରତ୍ନ ପ୍ରଭାତ କୁମାର ସାହୁ ପରାମର୍ଶ ଦେଇଥିଲେ। ଶେଷ ହୋଇଥିବା ଅବିଭକ୍ତ ପୁରୀ ଜିଲା ପାଲା ଗାୟକ ପରିଷଦର ୪୩ତମ ବାର୍ଷିକ ଉତ୍ସବ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସତ୍ୟବାଦୀ ମଣ୍ଡଳ ସଭାପତି ବିଶ୍ୱନାଥ ବିଶ୍ୱାଳ, ସମ୍ପାଦକ ରମେଶ ଚନ୍ଦ୍ର ପଲେଇ, ପ୍ରତାପ କୁମାର ପ୍ରଧାନ, ବନମାଳୀ ମିଶ୍ର, ପ୍ରଭାକର ବିଶ୍ୱାଳ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଖପାଖର ଶତାଧିକ ପାଲାକାର ବୈଠକରେ ଯୋଗଦେଇଥିଲେ।

### ଫେବୃୟାରୀ ୨ରୁ ଅଭିରାମ ପରମହଂସଙ୍କ ୧୧୬ତମ ଜୟନ୍ତୀ

**କଣାସ, ୨୭।୧(ସ୍ୱ.ପ୍ର.):** ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାମ ଆଶ୍ରମରେ ୧୧୬ତମ ଜୟନ୍ତୀ ଉତ୍ସବ ଫେବୃୟାରୀ ୨ତାରିଖଠାରୁ ୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଆଶ୍ରମର ଆଚାର୍ଯ୍ୟ ବଳରାମ ଦାସ କହିଛନ୍ତି। ଦାସଙ୍କ ଅଧକ୍ଷତାରେ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ବସି କିପରି ଶାନ୍ତିଶୃଙ୍ଖଳାର ସହିତ ଜୟନ୍ତୀ ଉତ୍ସବ ପାଳନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଆଞ୍ଚଳିକ ଶାନ୍ତି କମିଟି, ଆଞ୍ଚଳିକ ଭକ୍ତ କମିଟି, ଆଞ୍ଚଳିକ ମା' ଭଗବତୀ ସଂକୀର୍ତ୍ତନ ମଣ୍ଡଳୀ, ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ଆଶ୍ରମର ସମସ୍ତ ସାଧୁସନ୍ନ୍ୟାସୀ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। ୪ ଦିନ ଧରି ଜୟନ୍ତୀ ଉତ୍ସବରେ ଶ୍ରୀମଦ୍ ଭାଗବତ ସପ୍ତାହ, ବିଶ୍ୱଶାନ୍ତି ମହାଯଜ୍ଞ, ସନାନତ ଧର୍ମ ସମ୍ମିଳନୀ, ଭଜନ ସମାରୋହ, ଗୋଟିପୁଅ ନୃତ୍ୟ, ସତ୍ୟନାରାୟଣ ପାଲା, ଶ୍ରୀ ଅଭିରାମ ଲୀଳା ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ସ୍ଥିର କରାଯାଇଛି। ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁ ମହାତ୍ମାମାନେ ଏହି ଜୟନ୍ତୀ ଉତ୍ସବରେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ସାଧୁସନ୍ଥ ଓ ଭକ୍ତମାନେ ପୁରୀ ଏବଂ ନିରାକାରପୁରଠାରୁ ଆଶ୍ରମକୁ ଆସିବା ପାଇଁ ବସ୍ ଓ ଅଟୋରିକ୍ସାର ବ୍ୟବସ୍ଥା କରାଯାଇଥିବା ବେଳେ ଲକ୍ଷାଧିକ ଭକ୍ତଙ୍କ ରହିବା ପାଇଁ ଅସ୍ଥାୟୀ ଗୃହ ନିର୍ମାଣ କରାଯାଇଛି।

## ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ

# ରାଷ୍ଟ୍ର ବିକାଶରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଗୋପ, ୨୭।୧(ଡି.ଏନ୍.ଏ.)**

ଯୁବଗୋଷ୍ଠୀମାନେ ଏକତ୍ରିତ ହୋଇ ସମୂହ ଭାବେ କାର୍ଯ୍ୟ କରି ରାଷ୍ଟ୍ରର ବିକାଶ ଦିଗରେ ଉଦ୍ୟମ ଜାରି ରଖିଲେ ଆଗାମୀ ଦିନରେ ଭାରତ ଏକ ନମ୍ବର ରାଷ୍ଟ୍ର ଭାବେ ପରିଗଣିତ ହେବ ବୋଲି ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶକ ଗୋକୁଳକ୍ରିଷ୍ଣା କହିଛନ୍ତି। ଗୋପ ମହାବିଦ୍ୟାଳୟରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କ୍ରିଷ୍ଣା ଯୋଗଦେଇଥିଲେ। ଗୋପ ମହାବିଦ୍ୟାଳୟର ଅଧାପକ ତଥା ନୋଡାଲ ଅଫିସର ପ୍ରକାଶ ଚନ୍ଦ୍ର ଖଟୋଇ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋପ ମହାବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଆତଙ୍କବାଦ ଦମନ ଦିଗରେ ସରକାର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ସେ ସମ୍ପର୍କରେ



ଅତିଥିଙ୍କ ଗହଣରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ଉପସ୍ଥିତ ଯୁବଗୋଷ୍ଠୀମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ ଯୋଗଦେଇ ଯୁବଗୋଷ୍ଠୀମାନଙ୍କୁ ନବଭାରତ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଅଧାପିକା ପ୍ରିୟମ୍ବଦା ପଣ୍ଡା, ଡ. କଲ୍ୟାଣୀ ଷଡ଼ଙ୍ଗୀ, ଶରତ କୁମାର ସାହୁ, ସାମାଜିକ କର୍ମୀ ଏନ୍.ଏ. ଶାହା ଅନ୍‌ସାରୀ, ରାମକୃଷ୍ଣ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମରେ ପୁରୀ ଓ ନୟାଗଡ଼ ଜିଲାର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ରାମଚନ୍ଦ୍ର ପ୍ରତିହାରୀ, ଅର୍ଜୁନ ସାମଲଙ୍କ ବିୟୋଗରେ ସଂସ୍କୃତି ମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ବରିଷ୍ଠ ମଞ୍ଚ କଳାକାର ତଥା ନିର୍ଦ୍ଦେଶକ ରାମଚନ୍ଦ୍ର ପ୍ରତିହାରୀ ଓ ପ୍ରସିଦ୍ଧ କଣ୍ଠଶିଳ୍ପୀ ଅର୍ଜୁନ ଚରଣ ସାମଲଙ୍କ ବିୟୋଗରେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗଭୀର ଶୋକ ପ୍ରକାଶ କରିଛନ୍ତି। ମନ୍ତ୍ରୀ ପଣ୍ଡା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ପୁରୀ ଶ୍ରୀମନ୍ଦିରର ପ୍ରତିହାରୀ ସେବାୟତ ଥାଇ ମଧ୍ୟ ରାମଚନ୍ଦ୍ର ପ୍ରତିହାରୀ ଯାତ୍ରା ଓ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଆପଣାର ଅନନ୍ୟ ସ୍ୱାକ୍ଷର ରଖି ପ୍ରସିଦ୍ଧି ଅର୍ଜନ କରିଥିଲେ। ସେ ଅନ୍ନପୂର୍ଣ୍ଣା ଥିଏଟରରୁ ଅଭିନୟ ଯାତ୍ରା ଆରମ୍ଭ କରିଥିଲେ ଏବଂ ଅଭିନୟ ପାଇଁ ଦର୍ଶକଙ୍କ ପ୍ରଶଂସାଭାଜନ ହୋଇଥିଲେ। ତାଙ୍କର ଉଲ୍ଲେଖନୀୟ ଅବଦାନ ଲାଗି ରାଜ୍ୟ ସରକାର ତାଙ୍କୁ ଜୟଦେବ ସମ୍ମାନରେ ସମ୍ମାନିତ କରିଥିଲେ। ସେହିପରି କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅର୍ଜୁନ ଚରଣ ଅନେକ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରି ଓଡ଼ିଶାର ଘରେ ଘରେ ପରିଚିତ ହୋଇପାରିଥିଲେ। ସେ ଭଜନ ଓ ଛାନ୍ଦ ଗାୟନରେ ପାରଙ୍ଗମ ଥିଲେ। ଆକାଶବାଣୀ ଏବଂ ଦୂରଦର୍ଶନର ଜଣେ ସଫଳ ଗାୟକ ଭାବରେ ମଧ ସୁନାମ ଅର୍ଜନ କରିଥିଲେ। ମନ୍ତ୍ରୀ ପଣ୍ଡା ଉଭୟଙ୍କ ପରଲୋକ ଓଡ଼ିଶାର ସାଂସ୍କୃତିକ ପରିମଣ୍ଡଳ ପାଇଁ କ୍ଷତି ପହଞ୍ଚାଇଥିବା କହିଛନ୍ତି। ଏହି ଅବସରରେ ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

# ଦାବି ପୂରଣ ନ ହେଲେ ୩୧ ତାରିଖରୁ କଳାବ୍ୟାଜ୍ ପିନ୍ଧିବେ ଅଧିକାରୀ

**କଟକ ଅଫିସ, ୨୭।୧**

ଓଡ଼ିଶା ପୋଲିସ ସଂଘ(ଓପିଏ) ପକ୍ଷରୁ ରବିବାର କଟକ ବକ୍ସିବଜାରସ୍ଥିତ ସଂଘ କାର୍ଯ୍ୟାଳୟ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ଦଫା ଦାବି ପୂରଣ ପାଇଁ ସଂଘ ସଭାପତି ସତ୍ୟଜିତ୍ ମିଶ୍ର କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ସରକାରୀ କର୍ମଚାରୀଙ୍କୁ ବର୍ଷକରେ ୯୦ ଦିନ ଛୁଟି ମିଳୁଥିବାବେଳେ ପୋଲିସ ଅଫିସରମାନଙ୍କୁ କୌଣସି ଛୁଟି ଦିଆଯାଉନାହିଁ। ତେଣୁ ପୋଲିସ ଅଫିସରମାନଙ୍କୁ ସେହି ୯୦ ଦିନରୁ ୩୦ ଦିନର ଦରମା ଦିଆଯାଉ। ଏଥିସହିତ ଗ୍ରେଡ୍ ପେ' ରେ ଥିବା ଅସଙ୍ଗତିକୁ ଦୂର କରିବା,ଏଏସ୍‌ଆଇଙ୍କ ଗ୍ରେଡ୍ ପେ' ୪୨୦୦ ଟଙ୍କା, ଏସ୍‌ଆଇଙ୍କ ଗ୍ରେଡ୍ ପେ' ୪୬୦୦ ଟଙ୍କା ଏବଂ ଇନ୍‌ସପେକ୍ଟରଙ୍କ ଗ୍ରେଡ୍ ପେ' ୪୮୦୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ପୋଲିସ ଅଫିସରମାନଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଦେବା, ତଦନ୍ତ ବେଳେ ପୋଲିସକୁ ବିଭିନ୍ନ ସମୟରେ ଅନ୍ୟ ଜିଲା ଏବଂ ରାଜ୍ୟକୁ ଯିବାକୁ ପଡୁଛି ଯେଉଁଥିପାଇଁ ତଦନ୍ତକାରୀ ଅଧିକାରୀମାନେ ନିଜ ହାତରୁ ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି। ତେଣୁ ଉକ୍ତ ଖର୍ଚ୍ଚ ରାଜ୍ୟ ସରକାର ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ପ୍ରଥମରୁ ଏସ୍‌ଆଇମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ସେ ଦାବି କହିଛନ୍ତି। ଯଦି ଏହି ଦାବିଗୁଡ଼ିକ ଉପରେ ରାଜ୍ୟ ସରକାର ଆସନ୍ତା ୩୦ ତାରିଖ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ସେମାନେ ୩୧ ତାରିଖରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ଯୋଗଦେବେ ସେ ବୋଲି କହିଛନ୍ତି। ଏହାପରେ ଯଦି ଦାବି ପୂରଣ ନ ହୁଏ ତାହେଲେ ଆଗାମୀ ପଦକ୍ଷେପ ସମ୍ପର୍କରେ ଆସନ୍ତା ଫେବ୍ରୁଆରି ୪ ତାରିଖରେ ସଂଘର ବୈଠକରେ ନିଷ୍ପତି ନିଆଯିବ ବୋଲି ସେ କହିଛନ୍ତି।

# ଫେବୃୟାରୀ ୧୫ରୁ ସତ୍ୟବାଦୀ ମହୋତ୍ସବ

**ସାକ୍ଷୀଗୋପାଳ, ୨୭।୧(ଡି.ଏନ୍.ଏ./ସ୍ୱ.ପ୍ର.)**

ଆସନ୍ତା ଫେବୃୟାରୀ ୧୫, ୧୬ ଓ ୧୭ ତାରିଖ ୩ ଦିନ ବ୍ୟାପୀ ସତ୍ୟବାଦୀ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସାକ୍ଷୀଗୋପାଳ ପାନ୍ଥଶାଳାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ମହୋତ୍ସବ କମିଟି ସଭାପତି ଜାନକୀ ବଲ୍ଲଭ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ସରସ ସୁନ୍ଦର କରିବା ସଙ୍ଗେସଙ୍ଗେ ସ୍ଥାନୀୟ ପ୍ରତିଭାମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନଙ୍କୁ ଏଥିରେ ସାମିଲ କରାଯାଇ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ସହିତ ପୂର୍ବ ବର୍ଷଗୁଡ଼ିକ ପରି ପଞ୍ଚସଖାଙ୍କ ଜନ୍ମଭୂମିରୁ ଜ୍ୟୋତି ସଂଗ୍ରହ କରାଯାଇ ଉତ୍ସବ ପ୍ରାରମ୍ଭ କରାଯିବ। ଜ୍ୟୋତି ଶୋଭାଯାତ୍ରା ସହିଯାତ ବିଭିନ୍ନ ଗ୍ରାମର କଳାକୃତି, ପାଇକ ଆଖଡ଼ା, ନାଗା କଳଘୋଡ଼ା, ଚଇତି ଘୋଡ଼ା ନାଚ, ଓଡ଼ିଶୀ ସଂକୀର୍ତ୍ତନ ଆଦି ଶୋଭାଯାତ୍ରାରେ ସ୍ଥାନ ପାଇବ। ପଞ୍ଚସଖା ପଡ଼ିଆରେ ପ୍ରଦର୍ଶନୀ ମଣ୍ଡପ ସ୍ଥାନିତ କରାଯିବ ବୋଲି ବୈଠକରେ ଉପଦେଷ୍ଟା ଦିଲୀପ କୁମାର ମହାନ୍ତି ସୂଚନା ଦେଇଥିଲେ। ପଞ୍ଚସଖା ଓ ସତ୍ୟବାଦୀର ଐତିହାସିକ ଏବଂ ଆଧ୍ୟାତ୍ମିକ ଘଟଣାବଳୀ ଉପରେ ଆଧାରିତ ପ୍ରବନ୍ଧ ଓ କବିତା ମହୋତ୍ସବ ସ୍ମରଣିକା 'ତମାଳ' ନିମନ୍ତେ ଲେଖା ଆଗାମୀ ୧୦ ତାରିଖ ମଧ୍ୟରେ ମହୋତ୍ସବ କମିଟିର ସମ୍ପାଦକ ଜାନକୀ ବଲ୍ଲଭ ବରାଳଙ୍କୁ ପଠାଇବାକୁ ଅନୁରୋଧ କରାଯାଇଥିଲା। ଦଳମତ ନିର୍ବିଶେଷରେ ଉତ୍ସବ ଆକର୍ଷଣୀୟ କରାଯିବ ବୋଲି ସଂଯୋଜକ ଦିଲୀପ କୁମାର ଶତପଥୀ କହିଥିଲେ। ସମସ୍ତଙ୍କ ସହଯୋଗ ଓ ଭାଇଚାରା ବଜାୟ ରଖିବାକୁ ସଂଯୋଜକ ଶତପଥୀ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ମିଶ୍ର, ରବୀନ୍ଦ୍ର ପ୍ରଧାନ, ସରପଞ୍ଚ ବିଶ୍ୱଜିତ ମହାପାତ୍ର, ଦୁର୍ଗେଶ ମିଶ୍ର, ଭଗବାନ ବେହେରା ପ୍ରମୁଖ ଖବରଦାତା ସମ୍ମିଳନୀରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ବୈଠକ ପ୍ରାରମ୍ଭରେ ମହୋତ୍ସବ କମିଟିର ସହଯୋଗୀ ତଥା ଖବରଦାତା ହୃଷୀକେଶ ମହାପାତ୍ରଙ୍କ ସ୍ତ୍ରୀ ସାକ୍ଷୀଗୋପାଳ ଡାକ୍ତରଖାନାର ଅବସରପ୍ରାପ୍ତ ସେବିକା ବିଳାସିନୀ ଦେବୀଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇ ଅମରାତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଶ୍ରେଷ୍ଠ ପଞ୍ଚାୟତ ଭାବେ ନାଗପୁର ପୁରସ୍କୃତ

**ଗୋପ, ୨୭।୧(ଡି.ଏନ୍.ଏ.)**

ଗୋପ ବ୍ଲକର ୩୧ଟି ପଞ୍ଚାୟତ ମଧ୍ୟରୁ ନାଗପୁର ଗ୍ରାମ ପଞ୍ଚାୟତ ବିଭିନ୍ନ କାର୍ଯ୍ୟରେ ଆଶାତୀତ ଭାବେ ସଫଳତା ହାସଲ କରିଥିବାବେଳେ ସରକାରୀ ଅନୁଦାନ ବିଭିନ୍ନ ଜନହିତକର କାର୍ଯ୍ୟରେ ବିନିଯୋଗ କରିବା କ୍ଷେତ୍ରରେ ଆଗରେ ରହିଛି। ସେହିପରି ରାଜ୍ୟ ସରକାର ଆରମ୍ଭ କରିଥିବା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଲୋକାଭିମୁଖୀ ଯୋଜନା ତୃଣମୂଳସ୍ତରରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଚର୍ଚ୍ଚାରେ ରହିଥିବାବେଳେ ନିକଟରେ ରାଜ୍ୟ ସରକାରଙ୍କ ତରଫରୁ ଆୟୋଜିତ 'ପିଠା' କାର୍ଯ୍ୟକ୍ରମରେ ପଞ୍ଚାୟତଗୁଡ଼ିକର ସମୀକ୍ଷା କରାଯାଇ ନାଗପୁର ପଞ୍ଚାୟତକୁ ବ୍ଲକରେ ଶ୍ରେଷ୍ଠ ପଞ୍ଚାୟତ ଭାବେ ଘୋଷଣା କରାଯାଇଥିଲା। ପୁରୀଠାରେ ଶନିବାର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ସରପଞ୍ଚ ଅକ୍ଷୟ କୁମାର ନିଶଙ୍କୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପଞ୍ଚାୟତର କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ଏହି ପୁରସ୍କାର ରାଶି ପଞ୍ଚାୟତ ମିଶନ ଶକ୍ତି ଗୃହ, ପାଠାଗାର, ପୋଖରୀ ତୁଠ, ମହିଳାଙ୍କ ବସ୍ତ୍ର ପରିଧାନ ଗୃହ, ଗୋଷ୍ଠୀ କେନ୍ଦ୍ର, ଗ୍ରାମ କୋଠଘର ନିମନ୍ତେ ବ୍ୟୟ କରାଯିବ ବୋଲି ସରପଞ୍ଚ ନିଶଙ୍କ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହିଭଳି ଭାବେ ଜନହିତକର କାର୍ଯ୍ୟ ବା ସରକାରୀ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇ ଜିଲାସ୍ତରରେ ଏକ ନମ୍ବର ପଞ୍ଚାୟତ ହେବା ପାଇଁ ସରପଞ୍ଚ ନିଶଙ୍କ ଲକ୍ଷ୍ୟ ରଖିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ଯୋଗ ମହୋତ୍ସବ ସମିତି ଆନୁକୂଲ୍ୟରେ ସ୍ଥାନୀୟ ବଡ଼ଗଡ଼ ବ୍ରିଟ୍ କଲୋନୀ ସରସ୍ୱତୀ ଜ୍ଞାନମନ୍ଦିର ପରିସରରେ ଚାଲିଥିବା ୨ ଦିବସୀୟ ପ୍ରାନ୍ତୀୟ ଯୋଗ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇ କହିଲେ ଯେ, ଯୋଗ ଦ୍ୱାରା ମନୁଷ୍ୟ ଶାନ୍ତ ଓ ସ୍ଥିର ହୋଇପାରିବ। ନିତ୍ୟ ଯୋଗାଭ୍ୟାସ ଫଳରେ ଶରୀର ସୁସ୍ଥ ରହିବା ସହ ମାନସିକ ଶାନ୍ତି ମିଳିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମିତିର ଅଧକ୍ଷ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଧକ୍ଷତା କରିଥିବାବେଳେ ସମ୍ପାଦକ ଦିବାକର ପ୍ରସାଦ ହରିଚନ୍ଦନ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୨୫୦ଜଣ ଯୋଗ ଶିକ୍ଷକ ୨ଦିନ ଧରି ବିଭିନ୍ନ ଯୋଗର ପ୍ରଶିକ୍ଷଣ ନେଇଥିଲେ।

# ସତ୍ୟବାଦୀ ଯୁଥ୍ କାର୍ନିଭାଲ ଉଦ୍‌ଯାପିତ



ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ବ୍ୟକ୍ତିମାନେ।

**ସାକ୍ଷୀଗୋପାଳ, ୨୭।୧(ଡି.ଏନ୍.ଏ.)**

ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ସତ୍ୟବାଦୀ ଯୁଥ୍ କାର୍ନିଭାଲ ଶନିବାର ସାଧାରଣତନ୍ତ୍ର ଦିବସରେ ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ଜାତୀୟ ପତାକା ଉତ୍ତୋଳନ ସାଙ୍ଗକୁ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସୁରତରଙ୍ଗର କଳାକାରମାନେ ସଙ୍ଗୀତ, ନୃତ୍ୟ ଓ ଦେଶାତ୍ମବୋଧ ଅଭିନୟ ପରିବେଷଣ କରିଥିଲେ। ଏହି ଅବସରରେ ସ୍ୱୟମ୍ ପାଢ଼ୀଙ୍କ ଆଧୁନିକ ସଙ୍ଗୀତର ମୂର୍ଚ୍ଛନା ଦର୍ଶକମାନଙ୍କର ବେଶ୍ ମନଛୁଆଁ ହୋଇଥିଲା। ସତ୍ୟବାଦୀ ଦାଶ, ଭ୍ରମରବର ସ୍ୱାଇଁ ଉଦ୍‌ଯାପନୀ ଉତ୍ସବର ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ସତ୍ୟବାଦୀର ସଭାପତି ନୀହାର ରଞ୍ଜନ ସ୍ୱାଇଁ, ସମ୍ପାଦକ ଜ୍ୟୋତି ଶଙ୍କର ଖୁଣ୍ଟିଆ, ସଭ୍ୟ ନିଶିକାନ୍ତ ପ୍ରଧାନ, ଦେବାଶିଷ ପତ୍ରି, ତୁଷାର ରଞ୍ଜନ ନାୟକ, ଆଶିଷ ମହାପାତ୍ର ଓ ସୂର୍ଯ୍ୟକାନ୍ତ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କ୍ରୀଡ଼ାବିତ୍, କଳାକାର, ଖବରଦାତା ଓ ଯୁବ ପ୍ରତିଭାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

# ପୂର୍ବତନ ମନ୍ତ୍ରୀଙ୍କ ପକ୍ଷରୁ ବନ୍ଧୁମିଳନ ସମାରୋହ

**ନିମାପଡ଼ା,୨୭।୧(ଡି.ଏନ୍.ଏ.)**

ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ା ପୂର୍ବତନ ବିଧାୟକ କଂଗ୍ରେସ ନେତା ରବୀନ୍ଦ୍ର କୁମାର ସେଠୀଙ୍କ ପକ୍ଷରୁ ଏକ ବନ୍ଧୁମିଳନ ସମାରୋହ ରବିବାର ନିମାପଡାରେ ଆୟୋଜିତ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର ସେଠୀ କହିଛନ୍ତି, ନିମାପଡ଼ା ବ୍ଲକ ଓ ଏନଏସି ଅଞ୍ଚଳରେ କଂଗ୍ରେସ ଦଳର ଭିତ୍ତିକୁ ଅଧିକ ମଜଭୁତ କରିବା ସହ ଲୋକାଭିମୁଖୀ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବନ୍ଧୁମିଳନରେ ଯୁବନେତା ଅଜୟ ମିଶ୍ର, ଜିଲା କଂଗ୍ରେସ କମିଟି ସମ୍ପାଦକ ସଞ୍ଜୟ ନାୟକ, ଦଳୀୟ ନେତା ନୃସିଂହଚରଣ ଜେନାଙ୍କ ସମେତ ବହୁ ପୂର୍ବତନ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ପ୍ରାୟ ୫ଶହ କର୍ମୀ ଯୋଗଦେଇଥିଲେ।

# ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**କୋଣାର୍କ, ୨୭।୧(ଡି.ଏନ୍.ଏ.)**

କୋଣାର୍କର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପ୍ରିୟଦର୍ଶୀ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ୭୦ତମ ସାଧାରଣତନ୍ତ୍ର ଦିବସ ଅବସରରେ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ସନାତନ ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କୋଣାର୍କ ସାମ୍ବାଦିକ ସଂଘର ସଭାପତି ନିରଞ୍ଜନ ବାରିକ, ମୁଖ୍ୟବକ୍ତା ଭାବେ ଯୁବ ଖବରଦାତା ଭାଗୀରଥି ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ପଣ୍ଡା, ସଂଗ୍ରାମ କେଶରୀ ମହାପାତ୍ର ଓ ରୋଜାଲିନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଗଣତନ୍ତ୍ର ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସୁରଧୁନି ମହାପାତ୍ର, ଆଚାର୍ଯ୍ୟ ବିକାଶ ଦେବ ମହାପାତ୍ରଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ବିଦ୍ୟାମନ୍ଦିରର ଆଚାର୍ଯ୍ୟାଆଚାର୍ଯ୍ୟମାନେ ପରିଚାଳନା କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ ଶ୍ରେଷ୍ଠ ବିବେଚିତ ଛାତ୍ର ଆଶୁତୋଷ ମହାପାତ୍ରଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା।

## ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ସେମିରେ ବିଡ଼ାନାସୀ କ୍ଲବ

**ବାଙ୍କୀ,୨୭।୧(ସ୍ୱ.ପ୍ର.)**

ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର କଚେରି ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡ.ବାବାଜୀ ଚରଣ ଶତପଥୀ, ସୁବାସ ଚନ୍ଦ୍ର ପାଢୀ, ଧର୍ମପ୍ରସାଦ ମଙ୍ଗରାଜ, ହରେକୃଷ୍ଣ ଦାସ ଓ ବିଭୂତି ଭୂଷଣ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନର ଖେଳ କଟକ ବିଡାନାସୀ କ୍ଲବ ଓ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ କଟକ ବିଡ଼ାନାସୀ କ୍ଲବ ଖୋର୍ଦ୍ଧା ଜୟଦୁର୍ଗା କ୍ଲବକୁ ୨-୦ଗୋଲରେ ହରାଇ ବିଜୟୀ ହେବା ସହିତ ପ୍ରଥମ ସେମିଫାଇନାଲକୁ ଉନ୍ନୀତ ହୋଇଛି। ସାଧାରଣ ସମ୍ପାଦକ ସନ୍ତୋଷ ରଣା ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଦୁର୍ଗା ଚରଣ ପାଣିଗ୍ରାହୀ ରେଫରି ଭାବେ ଖେଳ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରାଯାଉ

## 'ସ୍ୱାସ୍ଥ୍ୟସେବାର ଅବମୂଲ୍ୟାୟନ ଓ ରାଜନୀତୀକରଣ' ଶୀର୍ଷକ ଆଲୋଚନାଚକ୍ର

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ସ୍ୱାସ୍ଥ୍ୟସେବା ପାଇଁ ଭାରତରେ ଜିଡିପିର ମାତ୍ର ୧.୨୫ ପ୍ରତିଶତ ବ୍ୟୟବରାଦ ହେଉଛି। ଅନ୍ୟ ଦେଶଗୁଡ଼ିକ ତୁଳନାରେ ଏହା ମାତ୍ର ୧୦ ପ୍ରତିଶତ। ଏଥିପାଇଁ ଭାରତରେ ଆବଶ୍ୟକ ଡାକ୍ତର ନାହାନ୍ତି କି ମାନବ ସମ୍ବଳ ନାହିଁ। ବ୍ୟୟବହୁଳ କର୍କଟ ରୋଗ, ହୃଦ୍‌ରୋଗ, ବୃକକ୍ ରୋଗ ଓ ମଧୁମେହ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ପ୍ରତି ମୁହୂର୍ତ୍ତରେ ବୃଦ୍ଧି ପାଉଥିଲେ ହେଁ ସରକାରୀସ୍ତରରେ ଚିକିତ୍ସା କରିବାକୁ ଆବଶ୍ୟକ ଡାକ୍ତର କି ଡାକ୍ତରଖାନା ନାହିଁ। ତେଣୁ ଡାକ୍ତରଖାନାକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରାଯିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ ବୋଲି ଏଠାରେ ମତପ୍ରକାଶ ପାଇଛି। ଏସ୍‌ସିବି ମେଡିକାଲ କଲେଜରୁ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ, କେନ୍ଦ୍ର ଏବଂ ବିଦେଶରେ କାର୍ଯ୍ୟରତ ଡାକ୍ତରଙ୍କୁ ନେଇ ଗଠିତ ଡକ୍ଟର୍ସ ଆସୋସିଏଶନ ଫର୍ ହେଲ୍‌ଥ ଆଣ୍ଡ୍ ମେଡିକାଲ ଏଜୁକେଶନ(ଡାହ୍‌ମେ)ର ଅଧିବେଶନରେ ଏହା କୁହାଯାଇଛି।

ଡାହ୍‌ମେ ପକ୍ଷରୁ ଆଇଏମ୍‌ଏ ଭବନରେ ଅନୁଷ୍ଠିତ ବାର୍ଷିକ ଅଧିବେଶନରେ 'ସ୍ୱାସ୍ଥ୍ୟସେବାର ଅବମୂଲ୍ୟାୟନ ଓ ରାଜନୀତିକରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସରକାର ସ୍ୱାସ୍ଥ୍ୟସେବାକୁ କେବଳ ନିର୍ବାଚନୀ ଇସ୍ତାହାର କରି ମିଛ ଆଶ୍ୱସନା ଦେବା ଅପେକ୍ଷା ଯୋଜନାଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଏଠାରେ ମତପ୍ରକାଶ ପାଇଥିଲା। ଦିଲ୍ଲୀ ଏମ୍ସରେ କାର୍ଯ୍ୟରତ କର୍କଟ ବିଭାଗ ପ୍ରଫେସର ଗୌରକିଶୋର ରଥ ୯ରୁ ୨୬ ବର୍ଷିୟା କନ୍ୟାମାନଙ୍କୁ କର୍କଟ ପ୍ରତିରୋଧକ ଇଞ୍ଜେକ୍ସନ ଦେବା ବାଧ୍ୟତାମୂଳକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମୁଖଗହ୍ୱର ରୋଗରୁ ରକ୍ଷା ପାଇବା ପାଇଁ ତମାଖୁ ସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ନୟନ କୁମାର ମହାନ୍ତି, ଆମେରିକାରେ ଅବସ୍ଥାପିତ ମଧୁମେହ ଓ ଅନ୍ତଃସ୍ରାବୀ ବିଭାଗ ପ୍ରଫେସର ପ୍ରିୟଦର୍ଶିନୀ ମହାନ୍ତି, ଡା. ଇନ୍ଦ୍ରମଣି ଜେନା, ଡା. ଆଦିକନ୍ଦ ସାହୁ ପ୍ରମୁଖ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ।